# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୦/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, June 20/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 206 | ମୂଲ୍ୟ₹୭/-





**ସୋନାକ୍ଷୀଙ୍କୁ ଅନ୍‌ଫଲୋ କଲେ ମାଆ, ଭାଇ**

ବିବାହର ଠିକ୍ ପୂର୍ବରୁ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କୁ ଇନ୍‌ଷ୍ଟାଗ୍ରାମରେ ଅନ୍‌ଫଲୋ କରିଛନ୍ତି ମା' ପୁନମ ଓ ଭାଇ ଲବ୍ । **୦୨**

**୧୬** **ଫ୍ରାନସିସ୍କୋଙ୍କ ଗୋଲରେ ପର୍ତ୍ତୁଗାଲ ବିଜୟୀ**

ଫ୍ରାନସିସ୍କୋ କୋନ୍ସେଇକାଓଙ୍କ ଷ୍ଟପେଜ ଟାଇମ୍ ଗୋଲରେ ୟୁରୋ କପର ଅଷ୍ଟ୍ରିଆ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ହୋଇଛି ପର୍ତ୍ତୁଗାଲ।






ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ନିକଟରେ ରଣପୁର ବିଧାୟିକା ସୁରମା ପାଢ଼ୀ ବୁଧବାର ବାଚସ୍ପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିବା ସମୟରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ବିଧାୟିକା, ବିଧାୟକମାନେ।

# ଧାନ କୁଇଣ୍ଟାଲ ୨,୩୦୦

## ୧୧୭ ଟଙ୍କା ଏମ୍‌ଏସ୍‌ପି ବଢ଼ାଇଲା କେନ୍ଦ୍ର

**ନୂଆଦିଲ୍ଲୀ,୧୯।୬(ପି.ଟି.)**

କେନ୍ଦ୍ର ସରକାର ୨୦୨୪-୨୫ ଖରିଫ୍ ଋତୁ ପାଇଁ ବୁଧବାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୧୧୭ ଟଙ୍କା ବଢ଼ାଇଛନ୍ତି। ୫.୩୫% ବୃଦ୍ଧି ସହ କୁଇଣ୍ଟାଲ ପିଛା ଧାନର ଏମ୍‌ଏସ୍‌ପି ୨,୩୦୦ ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ପାଳି ସରକାରରେ ଏହା ହେଉଛି ପ୍ରଥମ ଏମ୍‌ଏସ୍‌ପି ବୃଦ୍ଧି। ହରିୟାଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଏହାକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ନିକଟରେ ଓଡ଼ିଶାରେ ଭାଜପା ସରକାର ଗଢ଼ିବା ପରେ ତା'ର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଧାନ କୁଇଣ୍ଟାଲ ଏମ୍‌ଏସ୍‌ପି ୩,୧୦୦ ଟଙ୍କାକୁ ବୃଦ୍ଧି କରିବାକୁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଛି। ଏହା ୧୦୦ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇଛି।

ବୁଧବାର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଖବରଦାତା ସମ୍ମିଳନୀରେ ଧାନ ଏମ୍‌ଏସ୍‌ପି ବୃଦ୍ଧି ସମ୍ପର୍କିତ ସରକାରଙ୍କ ନିଷ୍ପତ୍ତି ନେଇ ସୂଚନା ଦେଇଛନ୍ତି। ଅଶ୍ୱିନୀ କହିଛନ୍ତି, କମିଶନ ଫର୍ ଏଗ୍ରିକଲ୍‌ଚରାଲ କଷ୍ଟସ ଆଣ୍ଡ୍ ପ୍ରାଇସ୍ (ସିଏସିପିଏ)ର ସୁପାରିସ କ୍ରମେ କେନ୍ଦ୍ର କ୍ୟାବିନେଟ ୧୪ ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ କରିଛି। ସାଧାରଣ ବର୍ଗ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୧୧୭ ଟଙ୍କା ବୃଦ୍ଧି କରାଯିବା ପରେ ଏହା ୨,୩୦୦ ଟଙ୍କା ହୋଇଛି। ସେହିପରି 'ଏ' ଗ୍ରେଡ୍ ଭେରାଇଟି ଧାନର ଏମ୍‌ଏସ୍‌ପି ୨,୩୨୦ ଟଙ୍କାରେ ପହଞ୍ଚିଛି। ଅଶ୍ୱିନୀ ଆହୁରି କହିଛନ୍ତି, ଏମ୍‌ଏସ୍‌ପି ଧାନ ଉତ୍ପାଦନ ଖର୍ଚ୍ଚର ଅନ୍ୟୂନ ୧.୫ ଗୁଣା ହେବା ଉଚିତ ବୋଲି ୨୦୧୮ କେନ୍ଦ୍ରୀୟ ବଜେଟରେ ଧାର୍ଯ୍ୟ କରାଯାଇଥିଲା। ସଦ୍ୟ ଏମ୍‌ଏସ୍‌ପି ବୃଦ୍ଧି ବେଳେ ଏହି ସିଦ୍ଧାନ୍ତକୁ ଅନୁସରଣ କରାଯାଇଛି। ସେହିପରି କପା ଏମ୍‌ଏସ୍‌ପିରେ ମଧ୍ୟ ୫୦୧ ଟଙ୍କା ବୃଦ୍ଧି କରାଯାଇଛି। ରାଗି, ବାଜ୍‌ରା, ଜୋୱର, ମକା ଆଦିର ଏମ୍‌ଏସ୍‌ପି ମଧ୍ୟ ବଢ଼ାଯାଇଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ରେ ବର୍ତ୍ତମାନ ରେକର୍ଡ ୫୩.୪ ନିୟୁତ ଟନ୍ ଧାନ ମହଜୁଦ ଅଛି, ଯାହାକି ଆବଶ୍ୟକତାଠାରୁ ୪ ଗୁଣ ଅଧିକ। ଦେଶର ପ୍ରାୟ ୨୦% ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ସତ୍ତ୍ୱେ ଆଗକୁ ଚାଷ ଉପଯୋଗୀ ବର୍ଷ ☞ପୃଷ୍ଠା-୪

# ସୁରମା ବାଚସ୍ପତି

**ଭୁବନେଶ୍ୱର,୧୯।୬(ଅନିଲ ଦାସ)**

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟିକା ସୁରମା ପାଢ଼ୀ ସପ୍ତଦଶ ବିଧାନସଭାର ନୂଆ ବାଚସ୍ପତି ହେବେ। ସୁରମା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଭାଜପାର ଅନ୍ୟ ବିଧାୟକଙ୍କ ଉପସ୍ଥିତିରେ ବୁଧବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟକୌଣସି ରାଜନୈତିକ ଦଳ ପକ୍ଷରୁ ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଗୁରୁବାର ବାଚସ୍ପତି ଭାବେ ସୁରମାଙ୍କ ନାଁ ଔପଚାରିକ ଭାବେ ଘୋଷଣା ହେବ।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। କାହାକୁ ବାଚସ୍ପତି ପ୍ରାର୍ଥୀ କରାଯିବ ସେ ନେଇ ବିଚାରବିମର୍ଶ ହୋଇଥିଲା। ବିଧାୟକ ଦଳ ବୈଠକରେ ସୁରମାଙ୍କୁ ସର୍ବସମ୍ମତି କ୍ରମେ ବାଚସ୍ପତି ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ଗଠନ କରିବା ପରେ ସୁରମା ପାଢ଼ୀ ବାଚସ୍ପତି ଦୌଡ଼ରେ ଆଗରେ ଥିଲେ। ଦଳ ତାଙ୍କୁ ବାଚସ୍ପତି ପ୍ରାର୍ଥୀ ଭାବେ ମନୋନୀତ କରିଛି। ସାଧାରଣ ନିର୍ବାଚନ-୨୦୨୪ରେ ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ସୁରମା ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେ ବିଜେଡି ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନଙ୍କୁ ୧୫,୫୪୪ ଖଣ୍ଡ ଭୋଟରେ ପରାଜିତ କରିଥିଲେ। ଏଥିସହ ସୁରମା ୨୦୦୪ରୁ ୨୦୦୯ ଯାଏ ବିଧାୟିକା ଥିଲେ। ବିଜେଡି-ଭାଜପା ମେଣ୍ଟ ସରକାରରେ ସେ ସମବାୟ ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ବରିଷ୍ଠତା ଓ ଅନୁଭବ ଦୃଷ୍ଟିରୁ ସୁରମାଙ୍କୁ ଭାଜପା ବାଚସ୍ପତି ପ୍ରାର୍ଥୀ କରିଥିବା କୁହାଯାଉଛି।


# ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ହୋଇନାହିଁ: ହରିଚନ୍ଦନ

**ପୁରୀ,୧୯।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ଘୋଷ ଯାତ୍ରା ଆସନ୍ତା ଜୁଲାଇ ୭ତାରିଖରେ ହେବ। ଜୁଲାଇ ୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବୁଧବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ଗଣମାଧ୍ୟମ ଆଗରେ କହିଥିଲେ। ଗଡ଼ନାୟକଙ୍କ ଏହି ସୂଚନା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ 'ଏକ୍ସ' ଆକାଉଣ୍ଟରେ ରତ୍ନଭଣ୍ଡାର ଖୋଲାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିର ଏବଂ ରତ୍ନଭଣ୍ଡାର ସମସ୍ତ ଓଡ଼ିଆ ଏବଂ ସନାତନୀଙ୍କ ଭାବାବେଗ ସହ ଜଡ଼ିତ। ରତ୍ନଭଣ୍ଡାର ଖୋଲିବା ନେଇ ଓଡ଼ିଶାବାସୀଙ୍କ ଦାବି ରହିଥିଲା। ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଦିଆଯାଇ ଆସନ୍ତା ଜୁଲାଇ ୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପାଇଁ ଏଏସ୍‌ଆଇ ପକ୍ଷରୁ ନିଷ୍ପତ୍ତି ନିଆଯିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଧର୍ମେନ୍ଦ୍ର ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଥିଲେ। ହେଲେ ଏହାର କେଇ ଘଣ୍ଟା ପରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ନିଷ୍ପତ୍ତି ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇ ନାହିଁ। ସରକାର ସମସ୍ତ ଘଟଣାକୁ ଅନୁଧ୍ୟାନ କରିବା ପରେ ନିଷ୍ପତ୍ତି ନେବେ। ଜଣେ ଏଏସ୍‌ଆଇ ଅଧିକାରୀ ରତ୍ନଭଣ୍ଡାର ଖୋଲାଯିବା ସମ୍ପର୍କରେ କହି ଭ୍ରାନ୍ତି ସୃଷ୍ଟି କରିଛନ୍ତି। ତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହରିଚନ୍ଦନ କହିଛନ୍ତି। ଆଇନମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରୋକ୍ତ ପୋଷ୍ଟ ଡିଲିଟ ହୋଇଯାଇଥିବା ଦେଖିବାକୁ ମିଳିଛି।



ପ୍ରକାଶ ଯେ, ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ପରିସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ନାନଯାତ୍ରା ସହ ଶ୍ରୀମନ୍ଦିର ସୁରକ୍ଷା ଏବଂ ରତ୍ନଭଣ୍ଡାର ସହ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ରତ୍ନଭଣ୍ଡାର ସମ୍ପର୍କରେ ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ନାୟକ କହିଥିଲେ, ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକରେ ସ୍ନାନଯାତ୍ରା ନେଇ ଆଲୋଚନା ହେବା ସହ ରତ୍ନଭଣ୍ଡାର ସମ୍ପର୍କରେ ମଧ୍ୟ ଆଲୋଚନା ☞ପୃଷ୍ଠା-୪



Dharmendra Pradhan @dpradha... · 3h

ଶ୍ରୀମନ୍ଦିର ଏବଂ ରତ୍ନଭଣ୍ଡାର ସମସ୍ତ ଓଡ଼ିଆ ଏବଂ ସନାତନୀ ମାନଙ୍କର ଭାବାବେଗ ସହ ଜଡ଼ିତ । ରତ୍ନଭଣ୍ଡାର ଖୋଲିବା ନେଇ ଓଡ଼ିଶାବାସୀଙ୍କ ଦାବି ରହିଥିଲା । ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଦିଆଯାଇ ଆସନ୍ତା ଜୁଲାଇ ୮ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପାଇଁ ଏଏସଆଇ ପକ୍ଷରୁ ନିଷ୍ପତି ନିଆଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ।... Show more

130 187 386 9.8K

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ପୋଷ୍ଟ। ପରେ ତାହା ଡିଲିଟ୍ ହୋଇଯାଇଛି।

# ଚାବି ହଜିବା ରିପୋର୍ଟ ସାର୍ବଜନୀନ ହେବ

## ଆଗାମୀ କ୍ୟାବିନେଟ୍ ବୈଠକରେ ଉପସ୍ଥାପନ ହେବ, ହାଇକୋର୍ଟଙ୍କୁ ଜଣାଇଲେ ରାଜ୍ୟ ସରକାର

**କଟକ,୧୯।୬ (କାର୍ତ୍ତିକ ସାହୁ)**

ନୂତନ ସରକାରର ପରବର୍ତ୍ତୀ ତଥା ଦ୍ୱିତୀୟ କ୍ୟାବିନେଟ୍ ବୈଠକରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ହେବ। ଏନେଇ ରାଜ୍ୟ ସରକାର ଜବାବ ଦାଖଲ କରି ବୁଧବାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରକାଶ ଯେ, ରତ୍ନଭଣ୍ଡାର ଚାବି ହଜିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରାଯାଇଥିଲା। ଜଷ୍ଟିସ ରଘୁବୀର ଦାସ କମିଶନ୍ ତଦନ୍ତ କରିବା ପରେ ନିର୍ଦ୍ଧାରିତ ସମୟରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ। କୋର୍ଟ ଅଫ୍ ଇନକ୍ୱାରୀ ଆକ୍ଟ ଅନୁସାରେ, ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକ ରହିଛି। ଏହା ରାଜ୍ୟ ବିଧାନସଭାରେ ଉପସ୍ଥାପନ ହେବା କଥା। କିନ୍ତୁ ପୂର୍ବରୁ କ୍ଷମତାରେ ଥିବା ବିଜେଡି ସରକାର ଏହା ଉପରେ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏଥିସହ ସାମାଜିକ କର୍ମୀ ଦିଲୀପ ବରାଳ ଏନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗତ ଏପ୍ରିଲ ୫ତାରିଖ ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସତ୍ୟପାଠ ☞ପୃଷ୍ଠା-୪

# ନବୀନ ବିରୋଧୀ ଦଳ ନେତା, ପ୍ରସନ୍ନ ଉପନେତା

**ଭୁବନେଶ୍ୱର,୧୯।୬(ଅନିଲ ଦାସ)**



ନବୀନ ପଟ୍ଟନାୟକ



ପ୍ରସନ୍ନ ଆଚାର୍ଯ୍ୟ

- **ପ୍ରମିଳା ମୁଖ୍ୟ ସଚେତକ**
- **ପ୍ରତାପ ଉପମୁଖ୍ୟ ସଚେତକ**



ପ୍ରମିଳା ମଲ୍ଲିକ



ପ୍ରତାପ କେଶରୀ ଦେବ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ବୁଧବାର ଅପରାହ୍ନରେ ଶଙ୍ଖଭବନରେ ଆୟୋଜିତ ବିଧାୟକ ଦଳ ବୈଠକରେ ନବୀନଙ୍କୁ ସର୍ବସମ୍ମତିକ୍ରମେ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। ଗତ କିଛିଦିନ ଧରି ବିରୋଧୀ ଦଳ ନେତାଙ୍କୁ ନେଇ ହେଉଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେହିପରି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳର ଉପନେତା ଭାବେ ନିର୍ବାଚିତ ହୋଇଥିବାବେଳେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବିରୋଧୀ ଦଳ ମୁଖ୍ୟ ସଚେତକ ଏବଂ ଆଳି ବିଧାୟକ ପ୍ରତାପ କେଶରୀ ଦେବ ବିରୋଧୀ ଦଳ ଉପମୁଖ୍ୟ ସଚେତକ ହୋଇଛନ୍ତି। ବୈଠକରେ ଦଳର ନବ ନିର୍ବାଚିତ ୫୧ ଜଣ ବିଧାୟକ ଓ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ। ୨୪ ବର୍ଷ ଧରି ଶାସନରେ ଥିବା ବିଜେଡି କ୍ଷମତାଚ୍ୟୁତ ହେବା ପରେ ପ୍ରଥମ ଥର ପାଇଁ ବିରୋଧୀ ଦଳ ଭୂମିକା ନେବାକୁ ଯାଉଛି। ନିଜର ରାଜନୈତିକ ଜୀବନରେ ନବୀନ ମଧ୍ୟ ପ୍ରଥମଥର ପାଇଁ ବିରୋଧୀ ଦଳର ନେତା ହୋଇଛନ୍ତି। ୨୦୦୦ରୁ ୨୦୨୪ ଯାଏ ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରି ଆସିଥିଲେ। ୫ ଥର ମୁଖ୍ୟମନ୍ତ୍ରୀ ହେବା ପରେ ଏଥର ତାଙ୍କୁ ପରାଜିତ ହେବାକୁ ପଡିଛି । ବିଜେଡି ବିଧାୟକ ଦଳର ନେତା ହେବା ପରେ ନବୀନ ପଟ୍ଟନାୟକ ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

## ଦେଖିଦେବାରୁ ନାବାଳିକା ଝିଅକୁ ବି ମାରିଦେଲେ

**ଭଦ୍ରକ,୧୯।୬ (ସନାତନ ରାଉତ)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନରେ ଘଟିଛି ବଳାତ୍କାର ସାଙ୍ଗକୁ ଡବଲ ମର୍ଡର। ଗଣିଜାଙ୍ଗ ପଞ୍ଚାୟତର ବଙ୍ଗାଳିସାହି ନିକଟରେ ବୁଧବାର ଅପରାହ୍ନରେ ମା' ଝିଅଙ୍କ ମୃତଦେହ ମିଳିଛି। ୨୮ ବର୍ଷୀୟା ମା'ଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ବିଲ ମଝିରେ ପଡ଼ିଥିବାବେଳେ ତାଙ୍କ ୬ ବର୍ଷର ଝିଅଙ୍କ ମୃତଦେହ ଏକ ପୋଲ ତଳେ ପଡ଼ିଥିବା ଦେଖିବାକୁ ମିଳିଛି। ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ତାଙ୍କ ସ୍ୱାମୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏପରିକି ବଳାତ୍କାର ବେଳେ ଦେଖିଦେବାରୁ ତାଙ୍କ ନାବାଳିକା ଝିଅଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗାର ଜଣେ ବ୍ୟକ୍ତି ତାଙ୍କ ପରିବାର ସହ ଗଣିଜାଙ୍ଗ ପଞ୍ଚାୟତ ବଣିଆଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ମଧ୍ୟ ଦିନମଜୁରିଆ ଭାବେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରନ୍ତି। ପୋଲିସ କହୁଛି ଯେ, ବକେୟା ମଜୁରିକୁ ନେଇ ପାଟିତୁଣ୍ଡ ହୋଇଥିବାରୁ ମହିଳା ଓ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଛି। ପୋଲିସ ଜଣେ ନାବାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ୟୁଜିସି-ଏନ୍‌ଇଟି ରଦ୍ଦ

## ପରୀକ୍ଷାରେ ଅନିୟମିତତା ପାଇଲା ଶିକ୍ଷା ମନ୍ତ୍ରଣାଳୟ, ସିବିଆଇ ତଦନ୍ତ କରିବ

**ଭୁବନେଶ୍ୱର, ୧୯।୬ (ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପରିଚାଳିତ ଏନ୍‌ଇଇଟି-ୟୁଜି ଫଳାଫଳରେ ହୋଇଥିବା ବିଭ୍ରାଟକୁ ନେଇ ବିବାଦ ଥମି ନ ଥିବା ବେଳେ ପୁଣି ଆଉ ଏକ ଅନିୟମିତତା ଦେଖାଦେଇଛି। ଏନ୍‌ଇଇଟି ପାଇଁ ଲକ୍ଷାଧିକ ଛାତ୍ରୀଛାତ୍ର ପ୍ରଭାବିତ ହୋଇଥିବା ବେଳେ ଏବେ ୟୁଜିସି-ଏନ୍‌ଇଟି ଦେଇଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ହୋଇଛି। ଗତ ମଙ୍ଗଳବାର ଏନ୍‌ଟିଏ ପରିଚାଳିତ ୟୁଜିସି-ଏନ୍‌ଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୯,୦୮,୫୮୦ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ପରୀକ୍ଷା ସଫଳତାର ସହ ଶେଷ ହୋଇଥିବା ମଙ୍ଗଳବାର ସନ୍ଧ୍ୟାରେ ଏନ୍‌ଟିଏ ପ୍ରେସ୍ ବିଜ୍ଞପ୍ତି ଜାରି କରିଥିଲା। କିନ୍ତୁ ବୁଧବାର ସନ୍ଧ୍ୟାରେ ଶିକ୍ଷା ମନ୍ତ୍ରଣାଳୟ ଏହି ପରୀକ୍ଷାକୁ ରଦ୍ଦ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** **ସ୍ୱାସ୍ଥ୍ୟସେବାରେ ପିପିପି ମଡେଲ**

# ଆତ୍ମନିର୍ଦ୍ଧାରଣ ତିବ୍ବତୀୟଙ୍କ ଅଧିକାର

## ଦଲାଇ ଲାମାଙ୍କୁ ଭେଟିଲା ଆମେରିକୀୟ ପ୍ରତିନିଧି ଦଳ

ଧର୍ମଶାଳା(ହିମାଚଳ ପ୍ରଦେଶ),୧୯।୬

ତିବ୍ବତୀୟମାନଙ୍କ ଆତ୍ମନିର୍ଦ୍ଧାରଣ ଅଧିକାର ରହିଛି। ସେମାନଙ୍କୁ ମୁକ୍ତ ଭାବେ ନିଜ ଧର୍ମ ଅନୁସରଣ କରିବାକୁ ଦିଆଯିବା ଉଚିତ ବୋଲି ବୁଧବାର ଆମେରିକା ହାଉସ୍ ଫରେନ୍ ଆଫାୟର୍ସ କମିଟି ମୁଖ୍ୟ ମିଖାଏଲ ମ୍ୟାକ୍‌କଉଲ କହିଛନ୍ତି। ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ଭେଟିବା ପରେ ସେ ଏହି ମନ୍ତବ୍ୟ ଦେଇଛନ୍ତି।

ତିବ୍ବତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆମେରିକା କଂଗ୍ରେସ 'ରିଜଲ୍‌ଭ ତିବ୍ବତ ବିଲ୍'କୁ ଗୃହୀତ କରିବାର କିଛିଦିନ ପରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ପୂର୍ବତନ ସ୍ପିକର ନାନ୍ସି ପେଲୋସି ସାମିଲ ଥିବା ଏହି ପ୍ରତିନିଧି ଦଳ ହିମାଚଳ ପ୍ରଦେଶ ଗସ୍ତକରି ଧର୍ମଗୁରୁ ଦଲାଇ ଲାମାଙ୍କୁ ସାକ୍ଷାତ୍ କରିଛି। ଅନ୍ୟପକ୍ଷେ ଉକ୍ତ ବିଲ୍‌କୁ ଆଇନରେ ପରିଣତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହା ଉପରେ ସ୍ୱାକ୍ଷର କଲେ ଚାଇନା ଦୃଢ଼ ଜବାବ ଦେବ ବୋଲି ଚେତାବନୀ ଦେଇଛି।

ଚାଇନା କମ୍ୟୁନିଷ୍ଟ ପାର୍ଟି (ସିସିପି)ର ଚେତାବନୀକୁ ବେଖାତିରକରି ୟୁଏସ୍ କଂଗ୍ରେସର ୭ ଜଣିଆ ପ୍ରତିନିଧି ଦଳ ତିବ୍ବତୀୟ ନେତାଙ୍କୁ ଭେଟିବା ପରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମିଖାଏଲ କହିଛନ୍ତି, ତିବ୍ବତୀୟମାନେ ଏକ ଧର୍ମ, ସଂସ୍କୃତି ଓ ଇତିହାସ ସହ ଜଡ଼ିତ। ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବା ଅଧିକାର ସେମାନଙ୍କୁ ଦିଆଯିବା ଉଚିତ। ତିବ୍ବତୀୟମାନେ ମୁକ୍ତ ଭାବେ ନିଜ ଧର୍ମ ଅବଲମ୍ବନ କରିବା ଆବଶ୍ୟକ। ଏଥିପାଇଁ ସିସିପି ଚେତାବନୀକୁ ଅଣଦେଖା କରି ଆମେ ଏଠାକୁ ଆସିଛୁ। ମିଖାଏଲ୍ ଆହୁରି କହିଛନ୍ତି, ଏଠାକୁ ନ ଆସିବା ପାଇଁ ସିସିପି ଆମକୁ ଏକ ଧମକପୂର୍ଣ୍ଣ ଚିଠି ଦେଇଥିଲା। ତିବ୍ବତ ତ୍ରୟୋଦଶ ଶତାବ୍ଦୀରୁ ଚାଇନାର ବୋଲି ଏଥିରେ ଉଲ୍ଲେଖ କରିଥିଲା। କିନ୍ତୁ ଆମେ ଉକ୍ତ ଚିଠିକୁ ଖାତିର କରୁନାହୁଁ। ତିବ୍ବତ ଚାଇନାର ଅଂଶ ନୁହେଁ। ଏକଥା ଦଲାଇ ଲାମା, ତିବ୍ବତବାସୀ ଓ ଆମେରିକା ଭଲଭାବେ ଜାଣନ୍ତି ବୋଲି ଧର୍ମଶାଳାର କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ (ସିଟିଏ) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି। ପ୍ରତିନିଧି ଦଳରେ ମାରିଆନେଟ୍ଟେ ମିଲର୍, ଗ୍ରେଗୋରି ମିକ୍ସ, ନିକୋଲେ ମାଲ୍ଲିଓକାଟିସ୍, ଜିମ୍ ମ୍ୟାକ୍‌ଗଭର୍ନ ଏବଂ ଆମି ବେରା ସାମିଲ ଥିଲେ। ନିଜ ବାସଭବନରେ ଦଲାଇ ଲାମା କହିଥିଲେ, ବିଶ୍ୱବାସୀ ସୁଖ ଶାନ୍ତିରେ ରୁହନ୍ତୁ ବୋଲି ସେ ଚାହାନ୍ତି।

ପ୍ରକାଶ ଯେ, ହିମାଚଳ ପ୍ରଦେଶକୁ ଦକ୍ଷିଣ ଚାଇନାର ଏକ ଅଂଶ ବୋଲି ଦାବି କରୁଥିବା ବେଜିଂ ୮୮ ବର୍ଷୀୟ ଦଲାଇ ଲାମାଙ୍କୁ ଜଣେ ବିଚ୍ଛିନ୍ନତାବାଦୀ ଆଖ୍ୟା ଦେଇଛି। ୧୯୫୯ରେ ତିବ୍ବତରେ ଚାଇନା ଶାସନ ବିରୋଧରେ ବିଫଳ ବିଦ୍ରୋହ କରି ଦଲାଇ ଲାମା ଭାରତକୁ ଚାଲିଆସିଥିଲେ। ସେବେଠୁ ସେ ଧର୍ମଶାଳାରେ ଅବସ୍ଥାନ କରୁଛନ୍ତି। ତାଙ୍କ ଉତ୍ତରାଧିକାରୀ ଚୟନରେ ମଧ୍ୟ ଚାଇନା ଅଯଥା ହସ୍ତକ୍ଷେପ କରୁଛି। ତିବ୍ବତ ପ୍ରସଙ୍ଗରେ ତିବ୍ବତୀୟ ନେତାମାନଙ୍କ ସହ ଆଲୋଚନା କରିବାକୁ ଚାଇନା ଉପରେ ଚାପସୃଷ୍ଟି କରିବା ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ ବୋଲି କୁହାଯାଉଛି।


ଧର୍ମଶାଳାରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ସହ ଆମେରିକା କଂଗ୍ରେସ ପ୍ରତିନିଧି ଦଳ।

## ଗାନ୍ଧୀ, ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ମୂଳସ୍ଥାନରେ ପୁନଃ ଅବସ୍ଥାପିତ କରାଯାଉ: ଖାର୍ଗେ

ନୂଆଦିଲ୍ଲୀ,୧୯।୬

ପାର୍ଲାମେଣ୍ଟ ପରିସରରେ ସ୍ଥାନାନ୍ତର କରାଯାଇଥିବା ମହାତ୍ମା ଗାନ୍ଧୀ, ବି.ଆର୍. ଆମ୍ବେଡକର ଓ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ମୂଳସ୍ଥାନକୁ ଫେରାଇ ଆଣିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦାବି କରିଛନ୍ତି। ଖାର୍ଗେ ଏନେଇ ଲୋକ ସଭା ବାଚସ୍ପତି ଓ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଜାତୀୟ ନେତାମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଏକତରଫା ଭାବେ ବିନା କୌଣସି ବିଚାରବିମର୍ଶରେ ଏକ ପୃଥକ୍ କୋଣକୁ ସ୍ଥାନାନ୍ତର କରାଯାଇଛି। ଏହା ଗଣତନ୍ତ୍ରର ଉଲ୍ଲଂଘନ। ସସମ୍ମାନେ ଉପଯୁକ୍ତ ଭାବେ ସେମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ମୂଳସ୍ଥାନକୁ ଫେରାଇ ଅଣାଯାଉ ବୋଲି ଖାର୍ଗେ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଭୀଷଣ ଗରମରେ ୫୫୦ ହଜ୍‌ଯାତ୍ରୀଙ୍କ ମୃତ୍ୟୁ

ମକ୍କା, ୧୯।୬

ଚଳିତ ବର୍ଷ ହଜ୍‌ଯାତ୍ରା ପାଇଁ ସାଉଦି ଆରବର ମକ୍କା ଓ ମଦିନା ସହରରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ସମାଗମ ଘଟିଥିଲା। ତେବେ ଭୀଷଣ ଗରମ, ଗୁଳୁଗୁଳି ଓ ୫୦ ଡିଗ୍ରୀ ସେଲ୍‌ସିଅସରୁ ଅଧିକ ତାପମାତ୍ରା କାରଣରୁ ସାଉଦି ଆରବରେ ୫୫୦ ଜଣ ହଜ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମକ୍କାସ୍ଥିତ ଅଲ୍ ସଲାମ ହସ୍ପିଟାଲର ଶବଗୃହରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ମୃତକଙ୍କ ମଧ୍ୟରୁ ଇଜିପ୍ଟର ସର୍ବାଧିକ ୩୨୩ ଜଣ, ଜୋର୍ଡାନର ୩୫ ଓ ଟ୍ୟୁନିସିଆର ୩୫ ଜଣ ରହିଛନ୍ତି। ଚଳିତ ସପ୍ତାହରେ ମକ୍କାର ମୁଖ୍ୟ ମସ୍‌ଜିଦ ଥିବା ସ୍ଥାନର ତାପମାତ୍ରା ରେକର୍ଡ ୫୧ ଡିଗ୍ରୀରେ ପହଞ୍ଚିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସାଉଦି ଆରବରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଗତବର୍ଷ ମଧ୍ୟ ୨୪୦ ଜଣ ହଜ୍‌ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା।

## ଏନ୍‌ଇଇଟି: ୨୪ରେ ପାର୍ଲାମେଣ୍ଟ ଘେରାଉ

ନୂଆଦିଲ୍ଲୀ,୧୯।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ କରାଯାଉ। କେନ୍ଦ୍ର ସରକାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ବ୍ୟାନ୍ କରନ୍ତୁ। ନଚେତ ଆସନ୍ତା ୨୪ରେ ଅଧିବେଶନ ଆରମ୍ଭ ହେବା ମାତ୍ରେ ପାର୍ଲାମେଣ୍ଟ ଘେରାଉ କରାଯିବ ବୋଲି ବାମପନ୍ଥୀ ଛାତ୍ର ସଙ୍ଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ପକ୍ଷରୁ ବୁଧବାର ଚେତାବନୀ ଦିଆଯାଇଛି। ଏନ୍‌ଏସ୍‌ୟୁଆଇ ସଭାପତି ବରୁଣ ଚୌଧୁରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସରକାର ଆମ ଦାବିଗୁଡ଼ିକୁ ନ ମାନିଲେ ଜୁନ୍ ୨୪ରେ ଛାତ୍ର ସଂଘ ପାର୍ଲାମେଣ୍ଟ ଘେରାଉ କରିବ। ଏନ୍‌ଇଇଟି ପରୀକ୍ଷାରେ ହୋଇଥିବା ଅନିୟମିତତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିବା ପାଇଁ ଇଣ୍ଡିଆ ବ୍ଲକ୍ ନେତାମାନଙ୍କୁ ଅନୁରୋଧ କରିବୁ। ଏହା ପୂର୍ବରୁ ଦାବି ମାନିନେବା ପାଇଁ କେନ୍ଦ୍ରକୁ ମହଲତ ଦେଉଛୁ ବୋଲି ସେ କହିଛନ୍ତି।

## କେନ୍ଦ୍ରମନ୍ତ୍ରୀ ଲେଖିଲେ, ବେଢ଼ି ପଡାଓ ବଛାଓ୍ୱ


ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ହ୍ୱାଇଟ୍ ବୋର୍ଡରେ ଲେଖୁଛନ୍ତି।

ଭୋପାଳ,୧୯।୬

କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଠାକୁର ହିନ୍ଦୀରେ 'ବେଟି ପଢ଼ାଓ, ବେଟି ବଚାଓ' ସ୍ଲୋଗାନ ଲେଖିବା ଜାଣିନାହାନ୍ତି। ମଧ୍ୟପ୍ରଦେଶର ଏକ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଏହି ସ୍ଲୋଗାନକୁ ଭୁଲ୍ ଭାବେ ଉଲ୍ଲେଖ କରିଛନ୍ତି। ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ବିରୋଧୀ କଂଗ୍ରେସ କେନ୍ଦ୍ରମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ ଉଠାଇଛି।

ମଧ୍ୟପ୍ରଦେଶର ଧରସ୍ଥିତ ବ୍ରହ୍ମା କୁଣ୍ଡିର ଏକ ସରକାରୀ ସ୍କୁଲରେ ମଙ୍ଗଳବାର 'ସ୍କୁଲ ଚଲୋ ଅଭିଯାନ' ଅଧୀନରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଧର୍ ଲୋକ ସଭାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ସାବିତ୍ରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ସେ ହ୍ୱାଇଟ୍ ବୋର୍ଡରେ 'ବେଟି ପଢ଼ାଓ, ବେଟି ବଚାଓ' ଲେଖିବାକୁ ଚାହୁଁଥିଲେ। କିନ୍ତୁ ସେ ଭୁଲ୍‌ରେ ଲେଖିଥିଲେ, ବେଢ଼ି ପଡାଓ ବଛାଓ୍ୱ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କଂଗ୍ରେସ ନେତା କେ.କେ. ମିଶ୍ରା କହିଛନ୍ତି, ସାମ୍ବିଧାନିକ ପଦବୀରେ ଥିବା ଏବଂ ବଡ଼ ବିଭାଗ ଦାୟିତ୍ୱରେ ଥିବା ଲୋକେ ନିଜ ମାତୃଭାଷାରେ ଲେଖି ନ ପାରିବା ଗଣତନ୍ତ୍ରର ଦୁର୍ଭାଗ୍ୟ। ଏଭଳି ବ୍ୟକ୍ତି ନିଜ ମନ୍ତ୍ରଣାଳୟ କିପରି ଚଳାଇବେ? ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ଥିର କରିବା ଲାଗି ସମ୍ବିଧାନରେ ସଂଶୋଧନ ଅଣାଯିବା ଉଚିତ ବୋଲି ମଧ୍ୟପ୍ରଦେଶ କଂଗ୍ରେସ ସଭାପତି ଜିତୁ ପଟଓ୍ୱାରୀଙ୍କ ଗଣମାଧ୍ୟମ ପରାମର୍ଶଦାତା ମିଶ୍ରା କହିଛନ୍ତି। ବିଧାନସଭାର ବିରୋଧୀ ଦଳ ନେତା ଉମଙ୍ଗ ସିଂହାର ଏକ୍ସ'ରେ ଲେଖିଛନ୍ତି, ଏହା କିପରି ନେତୃତ୍ୱ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ କ୍ୟାବିନେଟ୍‌ରେ କେବଳ ରବର ଷ୍ଟାମ୍ପ୍ ମନ୍ତ୍ରୀଙ୍କୁ ରଖିବାକୁ ଚାହାନ୍ତି କି? ଜଣେ ଜନ ପ୍ରତିନିଧି ଅନ୍ୟୂନ ସାକ୍ଷର ହୋଇଥିବା ଆବଶ୍ୟକ।


ବ୍ରିଟେନ୍‌ର ଆସ୍କୋଟରେ ଆୟୋଜିତ ରୟାଲ ଆସ୍କୋଟ ବେଳେ ରେସ୍‌ରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୧୯।୬

ଜମ୍ମୁ-କଶ୍ମୀରର ବାରାମୂଲାରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟର ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ତଲାସି ଅଭିଯାନ ଚଳାଇବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ଏଥିରେ ଜଣେ ପୋଲିସ କର୍ମଚାରୀ ଓ ସେନାର ଜଣେ ଯବାନ ଆହତ ହୋଇଛନ୍ତି।

## ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ପାଟନା, ୧୯।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିହାରର ରାଜଗୀରସ୍ଥିତ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ତାଙ୍କ ସହ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ୧୭ଟି ଦେଶର ରାଷ୍ଟ୍ରଦୂତ ସାମିଲ ଥିଲେ। ଏହି ଅବସରରେ ମୋଦି ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଧ୍ୱଂସାବଶେଷ ଦେଖିବା ସହ ଏହାର ଇତିହାସ ସମ୍ପର୍କରେ ସୂଚନା ନେଇଥିଲେ। ଶିକ୍ଷା ଏବଂ ଏହାର ସମୃଦ୍ଧତା ପ୍ରତି ଭାରତର ଆଭିମୁଖ୍ୟକୁ ନାଳନ୍ଦା ବିଶ୍ୱବିଦ୍ୟାଳୟ ସର୍ବଦା ଦର୍ଶାଉଥିବା ଏହି ଅବସରରେ ମୋଦି କହିଛନ୍ତି। ସେହିପରି ଏହି ବିଶ୍ୱବିଦ୍ୟାଳୟ ପ୍ରାଚୀନ ଭାରତର ପ୍ରମୁଖ ଓ ଐତିହାସିକ ଶିକ୍ଷାକେନ୍ଦ୍ର ହୋଇଥିବା ମୋଦି କହିଛନ୍ତି।

# ଗ୍ରୀଷ୍ମ ପ୍ରବାହ: ୨୦ ଛୁଇଁଲା ମୃତ୍ୟୁସଂଖ୍ୟା

## ଅସୁସ୍ଥଙ୍କ ତ୍ୱରିତ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୯।୬

ଦିଲ୍ଲୀ-ଏନ୍‌ସିଆର ସମେତ ଉତ୍ତର ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ହାହାକାର ସ୍ଥିତି ସୃଷ୍ଟି ହେବା ସହ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଦିଲ୍ଲୀର ୩ ମୁଖ୍ୟ ହସ୍ପିଟାଲରେ ସପ୍ତାହେ ମଧ୍ୟରେ ହିଟ୍‌ଓ୍ୱେଭଜନିତ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ଦିଲ୍ଲୀ ସରକାରଙ୍କ ଦ୍ୱାରା ପରିଚାଳିତ ରାମମନୋହର ଲୋହିଆ ହସ୍ପିଟାଲରେ ୯ ବ୍ୟକ୍ତିଙ୍କର ହିଟ୍‌ଓ୍ୱେଭଜନିତ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୨ ଦିନ ମଧ୍ୟରେ ୭ ଜଣ ପ୍ରାଣ ହରାଇଛନ୍ତି। ସଫ୍‌ଦର୍‌ଜଙ୍ଗ୍ ହସ୍ପିଟାଲରେ ୯ ଜଣଙ୍କ ମୃତ୍ୟୁ ରେକର୍ଡ ହୋଇଥିବାବେଳେ କେବଳ ବୁଧବାର ୫ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଲୋକନାୟକ ହସ୍ପିଟାଲରେ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଦେଇଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ବୁଧବାର ସ୍ଥିତି ସମୀକ୍ଷା କରିବା ସହ ସମସ୍ତ କେନ୍ଦ୍ରୀୟ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜ ପାଇଁ ଆଡ୍‌ଭାଇଜରି ଜାରି କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ଲହର ପ୍ରଭାବରେ ହସ୍ପିଟାଲରେ ଭର୍ତ୍ତି ହେଉଥିବା ସମସ୍ତ ରୋଗୀଙ୍କୁ ପ୍ରାଥମିକତା ଆଧାରରେ ଚିକିତ୍ସା ସେବା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କେନ୍ଦ୍ରୀୟ ସରକାରୀ ହସ୍ପିଟାଲଗୁଡ଼ିକରେ ସ୍ୱତନ୍ତ୍ର ହିଟ୍ ଓ୍ୱେଭ ୟୁନିଟ୍ ଆରମ୍ଭ କରିବାକୁ ନଡ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ବୁଧବାର କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ପ୍ରମୁଖ ମେଡିକାଲର ମୁଖ୍ୟଙ୍କ ସହ ଜରୁରୀ ବୈଠକ କରିଛନ୍ତି। ଗ୍ରୀଷ୍ମପ୍ରବାହ ଯୋଗୁ ମେଡିକାଲରେ ଭର୍ତ୍ତି ହେଉଥିବା ରୋଗୀଙ୍କ ନିମନ୍ତେ ଶଯ୍ୟା ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତିର ମୁକାବିଲା ପାଇଁ 'ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ' ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବୁଧବାର ନିର୍ଦ୍ଦେଶାବଳୀ ଜାରି କରିଛି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ଯିବାକୁ ଜନସାଧାରଣଙ୍କ ବାରଣ କରାଯାଇଛି। ସେହିପରି ବାହାରକୁ ବାହାରିବା ସମୟରେ ଛତା ଓ ଚଷମା ବ୍ୟବହାର କରିବା ସହ ପାଣି ବୋତଲ ନେବାକୁ ପରାମର୍ଶ ଦିଆଯାଇଛି।

### ୨୧ରୁ ଆତିଶୀଙ୍କ ଅନଶନ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଦିଲ୍ଲୀରେ ଗତ କିଛିଦିନ ଧରି ଜଳସଙ୍କଟ ଦେଖାଦେଇଛି। ଏନେଇ ଦିଲ୍ଲୀ ଜଳ ସମ୍ପଦ ମନ୍ତ୍ରୀ ଆତିଶୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଦିଲ୍ଲୀକୁ ପର୍ଯ୍ୟାପ୍ତ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଆସନ୍ତା ୨୧ ସୁଦ୍ଧା ଦିଲ୍ଲୀବାସୀଙ୍କୁ ଜଳଯୋଗାଣ କରା ନ ଗଲେ ସେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଆତିଶୀ ଚେତାବନୀ ଦେଇଛନ୍ତି।

### ଦିଲ୍ଲୀ ଏୟାରପୋର୍ଟରେ ବିମାନ ଉଡ଼ାଣ ବିଳମ୍ବ

ଦିଲ୍ଲୀରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ପ୍ରଭାବ ବିମାନ ଉଡ଼ାଣ ଉପରେ ମଧ୍ୟ ପଡ଼ିଛି। ବୁଧବାର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଅନେକ ବିମାନ ଉଡ଼ାଣରେ ବିଳମ୍ବ ହୋଇଛି। ଦିଲ୍ଲୀରେ ତାପମାତ୍ରା ବେଶି ରହୁଥିବାରୁ ବାୟୁର ଘନତ୍ୱ କମ୍ ରହୁଛି, ଫଳରେ ପ୍ରୋଟୋକଲ୍ ଅନୁଯାୟୀ ରହିଥିବା ସୁରକ୍ଷା ନିର୍ଦ୍ଦେଶାବଳୀର ପାଳନ ହେତୁ ବିମାନ ଉଡ଼ାଣରେ ବିଳମ୍ବ ହୋଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଫୁର୍‌ସତ୍

## ଶରଣାର୍ଥୀଙ୍କୁ ସ୍ୱୀକୃତି ଦେବାକୁ ପ୍ରୟାସ



ବିଶ୍ୱରେ ଶରଣାର୍ଥୀଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ପ୍ରତି ସମବେଦନା ଓ ସମର୍ଥନ ଜଣାଇବା ଲକ୍ଷ୍ୟରେ 'ବିଶ୍ୱ ଶରଣାର୍ଥୀ ଦିବସ' ପ୍ରତିବର୍ଷ ଜୁନ ୨୦ରେ ପାଳନ କରାଯାଏ। ଶରଣାର୍ଥୀଙ୍କ ସମସ୍ୟା ଏକ ବିଶ୍ୱସ୍ତରୀୟ ସମସ୍ୟା। ଏହାର ମୁକାବିଲା ପାଇଁ ପ୍ରୟାସ ମଧ୍ୟ ବିଶ୍ୱବ୍ୟାପୀ ଚାଲିଛି। ଯୁଦ୍ଧ, ଦାରିଦ୍ର ତଥା ଅନ୍ୟାନ୍ୟ କାରଣରୁ ଶରଣାର୍ଥୀ ହୋଇଥିବା ଲୋକଙ୍କୁ ନିଜ ଘରକୁ ଫେରାଇ ଆଣିବା ସମସ୍ତଙ୍କ ପ୍ରୟାସ ହେବା ଆବଶ୍ୟକ ବୋଲି ମିଳିତ ଜାତିସଂଘ ପକ୍ଷରୁ କୁହାଯାଇଛି।

ମିଳିତ ଜାତିସଂଘ ଡିସେମ୍ବର ୨୦୦୦ରେ ଜୁନ ୨୦କୁ 'ବିଶ୍ୱ ଶରଣାର୍ଥୀ ଦିବସ' ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସେବେଠାରୁ ବିଶ୍ୱ ଶରଣାର୍ଥୀ ଦିବସ ପ୍ରତିବର୍ଷ ଏହି ଦିନ ପାଳନ କରାଯାଏ। ମିଳିତ ଜାତିସଂଘରେ ଏଥିପାଇଁ ଏକ ସଂଗଠନ ମଧ୍ୟ ସୃଷ୍ଟି କରାଯାଇଛି। ଏହାର ନାମ ହେଉଛି ୟୁନାଇଟେଡ୍ ନେସନ୍ସ ହାଇ କମିଶନ୍‌ର ଫର୍ ରିଫ୍ୟୁଜି(ୟୁଏନ୍‌ଏଚ୍‌ସିଆର୍), ଯାହା ସମଗ୍ର ବିଶ୍ୱରେ ଶରଣାର୍ଥୀଙ୍କୁ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରେ।

### 'ବିଶ୍ୱ ଶରଣାର୍ଥୀ ଦିବସ'

ପ୍ରତିବର୍ଷ ବିଶ୍ୱ ଶରଣାର୍ଥୀ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ବିଶ୍ୱରେ ଶରଣାର୍ଥୀଙ୍କୁ ସ୍ୱୀକୃତି ଦେବା। ଏଥି ସହିତ ସେମାନଙ୍କୁ ସାହାଯ୍ୟ କରିବାକୁ ରାଜନୈତିକ ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ଉତ୍ସାହିତ କରିବା। ରାଜନୈତିକ ଇଚ୍ଛାଶକ୍ତି ଜାଗ୍ରତ କରିବା ଅତ୍ୟନ୍ତ ଜରୁରୀ ଅଟେ। ଏହାଦ୍ୱାରା ଶରଣାର୍ଥୀମାନେ ଅନ୍ୟ ଦେଶକୁ ଯାଇ ସେମାନଙ୍କ ଜୀବନକୁ ପୁଣି ଆରମ୍ଭ କରିପାରିବେ।

## ଆମାଜନ ପ୍ୟାକେଟ୍‌ରେ ନାଗ




**ବେଙ୍ଗାଲୁରୁ:** ବେଙ୍ଗାଲୁରୁର ଏକ ଦମ୍ପତି ଇ-କମର୍ସ ପ୍ଲାଟଫର୍ମ ଆମାଜନରୁ 'ଏକ୍ସ ବକ୍ସ କଣ୍ଟ୍ରୋଲର' ମଗାଇଥିଲେ। ବୁଧବାର ସେମାନଙ୍କ ଘରେ ଏହାର ପାର୍ସଲ ଆସି ପହଞ୍ଚିଥିଲା। ଉକ୍ତ ପାର୍ସଲ ଖୋଲିବା ପରେ ଏହାମଧ୍ୟରୁ ଏକ ଜିଅନ୍ତା ନାଗ ସାପ ବାହାରିଥିଲା। ପୂରା ଘଟଣାକୁ ଏହି ଦମ୍ପତି ନିଜ କ୍ୟାମେରାରେ କଏଦ କରିଥିଲେ। ଘଟଣାକୁ ନେଇ ଅଭିଯୋଗ କରିବାରୁ ଏହି ଦମ୍ପତି ସେମାନଙ୍କ ଅର୍ଡରର ସମ୍ପୂର୍ଣ୍ଣ ଫେରସ୍ତ ପାଇଛନ୍ତି। ତେବେ କମ୍ପାନୀର ଅବହେଳା ଯୋଗୁ କିଛି ସମୟ ପାଇଁ ସେମାନଙ୍କ ଜୀବନ ବିପଦରେ ପଡ଼ିଥିବା ଏହି ଦମ୍ପତି ଅଭିଯୋଗ ଆଣିଛନ୍ତି।

## ସୋନାକ୍ଷୀଙ୍କୁ ଅନ୍‌ଫଲୋ କଲେ ମାଆ, ଭାଇ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ତାଙ୍କ ଦୀର୍ଘ ଦିନର ପ୍ରେମିକ ଜାହିର ଇକ୍‌ବାଲଙ୍କୁ ଆସନ୍ତା ୨୩ରେ ବିବାହ କରିବାକୁ ଯାଉଛନ୍ତି। ଏଥିପାଇଁ ସୋନାକ୍ଷୀଙ୍କୁ ନେଇ ଏବେ ଖୁବ୍ ଚର୍ଚ୍ଚା ଲାଗିରହୁଛି। ଜୀବନର ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଥିବାରୁ ଉଭୟ ସୋନାକ୍ଷୀ ଓ ଜାହିର ଖୁବ୍ ଖୁସିଥିବା ଦେଖିବାକୁ ମିଳିଛି। ତେବେ ଏହି ବିବାହରେ ସୋନାକ୍ଷୀଙ୍କ ପରିବାର ଖୁସି ନ ଥିବା ନେଇ ଆଲୋଚନା ଲାଗିରହିଛି। ନିକଟରେ ସୋନାକ୍ଷୀଙ୍କ ବିବାହ ନେଇ ତାଙ୍କ ପିତା ଶତ୍ରୁଘ୍ନ ସିହ୍ନା ଏବଂ ଭାଇ ଲବ୍ ସିହ୍ନାଙ୍କୁ ପ୍ରତିକ୍ରିୟା ରଖିବାକୁ ଅନୁରୋଧ କରାଯାଇଥିବା ବେଳେ ଉଭୟେ ଚୁପ୍ ରହିଥିଲେ। ତେବେ ବର୍ତ୍ତମାନ ସୋସିଆଲ ମିଡିଆରେ ମଧ୍ୟ ଏହି ପରିବାରର କାର୍ଯ୍ୟକଳାପରେ ପରିବର୍ତ୍ତନ ଆସିଥିବା ଅନୁମାନ କରଯାଉଛି।

ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ସୋନାକ୍ଷୀଙ୍କ ପରିବାରରେ କିଏ କାହାକୁ ଫଲୋ କରୁଛନ୍ତି, ସେନେଇ ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ କୁହାଯାଇଛି ସୋନାକ୍ଷୀଙ୍କ ମା' ପୁନମ ସିହ୍ନା ଇନ୍‌ଷ୍ଟାଗ୍ରାମରେ ମାତ୍ର ୬ ଜଣଙ୍କୁ ଫଲୋ କରୁଛନ୍ତି। ତେବେ ପୁନମ୍ ନିଜ ଝିଅ ସୋନାକ୍ଷୀଙ୍କୁ ଫଲୋ କରୁନାହାଁନ୍ତି। ସୋନାକ୍ଷୀ ଏବଂ ତାଙ୍କ ମା' ପୁନମଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ରହି ଆସିଥିବା ବେଳେ ଏହି ରିପୋର୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ସୋନାକ୍ଷୀଙ୍କ ଭାଇ ଲବ୍ ସିହ୍ନା ମଧ୍ୟ ଇନ୍‌ଷ୍ଟାଗ୍ରାମରେ ସୋନାକ୍ଷୀଙ୍କୁ ଫଲୋ କରୁ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ସୋନାକ୍ଷୀ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ୪୮୮ ଜଣଙ୍କୁ ଫଲୋ କରିଛନ୍ତି, ଯେଉଁଥିରେ ତାଙ୍କ ବାପା ଶତ୍ରୁଘ୍ନ ସିହ୍ନା ଓ ଦ୍ୱିତୀୟ ଭାଇ କୁଶ୍ ସିହ୍ନା ରହିଛନ୍ତି। ତେବେ ସୋନାକ୍ଷୀ ତାଙ୍କ ମା' ପୁନମ ଓ ଭାଇ ଲବ୍‌ଙ୍କୁ ଫଲୋ କରୁ ନ ଥିବା ଜଣାପଡ଼ିଛି।




# ବାଲେଶ୍ୱରରେ ସକାଳ ୭ରୁ ୧୧ କର୍ଫ୍ୟୁ କୋହଳ

- ପ୍ରଥମ ପର୍ଯ୍ୟାୟରେ ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନକୁ ଇଣ୍ଟରନେଟ ସେବା
- ଆସନ୍ତା ୨ ଦିନ ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ବାଲେଶ୍ୱର,୧୯।୬(ମାନସ ବିଶ୍ୱାଳ)

ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା ପରେ ବାଲେଶ୍ୱର ସହରର ଅଣାୟତ୍ତ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ସୋମବାର ବିଳମ୍ବିତ ରାତିରୁ କର୍ଫ୍ୟୁ ଜାରି କରାଯାଇଥିଲା। ଗୁରୁବାରଠାରୁ ଏହି କଟକଣାରେ ସାମାନ୍ୟ କୋହଳ କରାଯିବ। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ରହିବ। ଲୋକେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ଶେଷ କରି ଘରକୁ ଫେରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। କେବଳ ଲିଜ୍ ଲାଇନରେ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ବ୍ୟାଙ୍କ ସମେତ ବ୍ୟବସାୟିକ ପ୍ରତିଷ୍ଠାନକୁ ପ୍ରଥମ ପର୍ଯ୍ୟାୟରେ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ସର୍ବସାଧାରଣଙ୍କ ପାଇଁ ଇଣ୍ଟରନେଟ୍ ସେବା ବିଷୟରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ଆସନ୍ତା ୨ଦିନ ପର୍ଯ୍ୟନ୍ତ ସ୍କୁଲ, କଲେଜ, ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ବାଲେଶ୍ୱରରେ ୧ କମ୍ପାନୀ ବିଏସ୍ଏଫ୍ ଫୋର୍ସ ପହଞ୍ଚିଛନ୍ତି। ରାତି ସୁଦ୍ଧା ଅଧିକ ୫ କମ୍ପାନୀ ବିଏସ୍ଏଫ୍ ଯବାନ ପହଞ୍ଚିବେ ବୋଲି ଏସ୍ପି ସାଗରିକା ନାଥ ସୂଚନା ଦେଇଛନ୍ତି।

କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଛାଡ଼ିଦେଲେ ସହରରେ ଇଣ୍ଟରନେଟ ସେବା ଗୁରୁବାରଠାରୁ ମିଳିବ। ଆବଶ୍ୟକ ଜିନିଷପତ୍ର ପାଇଁ ସହରର କେତେକାଞ୍ଚଳରେ ଦୋକାନ ବଜାର ଖୋଲା କରାଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନେଇ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଦୀର୍ଘ ୪ଘଣ୍ଟା ଧରି ଅନୁଷ୍ଠିତ ହୋଇଥିଲା। ବୈଠକରେ ଏଡିଜି(ଲ ଆଣ୍ଡ ଅର୍ଡର) ସଞ୍ଜୟ କୁମାର, ରାଜ୍ୟ ପୋଲିସ ମୁଖ୍ୟାଳୟ ଏସ୍ପି ବାଟୁଲା ଗଙ୍ଗାଧର, ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ଜିଲାପାଳ ଆଶିଷ ଠାକ୍ରେ, ଏସ୍ପି ସାଗରିକା ନାଥ ଓ ଏମ୍ପି ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତେଜନା ସୃଷ୍ଟିକାରୀଙ୍କ ଉପରେ ନଜର ରଖିବା ଓ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେଭଳି ସୃଷ୍ଟି ନ ହୁଏ, ସେଥିପାଇଁ ଆସନ୍ତା ୨୦ତାରିଖ ପୂର୍ବାହ୍ନ ୧୦ଟା ଯାଏ ମୋବାଇଲ ଓ ସମସ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମାଇକ୍ ଯୋଗେ ବାଲେଶ୍ୱର ସହରର ପ୍ରତିଟି ଅଞ୍ଚଳରେ ଏହି କର୍ଫ୍ୟୁ ସମ୍ପର୍କରେ ପ୍ରଚାର କରାଯାଇଛି। ସହରର ଉତ୍ତେଜନାପ୍ରବଣ ଅଞ୍ଚଳରେ ୪୦ ପ୍ଲାଟୁନରୁ ଅଧିକ ପୋଲିସ ଓ ୬ ପ୍ଲାଟୁନ ସୁରକ୍ଷାବଳ ମୁତୟନ ହୋଇଛନ୍ତି। ଅପରାହ୍ନରେ ସହରର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଇଜି ଦୀପକ କୁମାର ଓ ବାଲେଶ୍ୱର ଏସ୍ପି ସାଗରିକା ନାଥଙ୍କ ସମେତ ଜିଲାସ୍ତରୀୟ ପୋଲିସ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏକାଧିକ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତରା ମାରୁଛି। ବିବାଦର ସମାଧାନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ବିଭିନ୍ନ ସ୍ତରର ଲୋକପ୍ରତିନିଧି ଏବଂ ଶାନ୍ତି କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରାଯାଉଛି। ଗୋଷ୍ଠୀ ବିବାଦଜନିତ ହିଂସାକାଣ୍ଡ ଓ ଭଙ୍ଗାରୁଜାକୁ ନେଇ ରୁଜୁ ହୋଇଥିବା ୧୫ ମାମଲାରେ ମୋଟ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୋଲିସ ଗିରଫ କରିଛି। ଗିରଫଦାରିଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଏସ୍ପି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୬ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ଆସିବାର ନିର୍ଦ୍ଦେଶ ରହିଛି।



କର୍ଫ୍ୟୁ ସମୟରେ ବାଲେଶ୍ୱର ଓଟି ରୋଡ୍ ଶୂନଶାନ।

# ଡିପ୍‌ଥେରିଆ: ଜିନୋମ ସିକ୍ୱେନ୍ସିଂ ହେବ

- ରାଜ୍ୟରେ ସ୍ଥିତି ନିୟନ୍ତ୍ରଣରେ ଅଛି: ସ୍ୱାସ୍ଥ୍ୟ ବିଭାଗ
- ରାୟଗଡ଼ାରେ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ

ଭୁବନେଶ୍ୱର, ୧୯।୬(ଅସମାପିକା ସାହୁ)

ଡିପ୍‌ଥେରିଆ ସଂକ୍ରମଣ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଦେଇଛି। ସଂକ୍ରମଣ ପଛର କାରଣ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ। ଟିକାର ପ୍ରଭାବ ହ୍ରାସ ନା ଷ୍ଟ୍ରେନ୍‌ରେ ପରିବର୍ତ୍ତନ ହୋଇଛି, ସେନେଇ ପରୀକ୍ଷା ନିରୀକ୍ଷା ହେବ। ରୋଗୀଙ୍କ ଆଣ୍ଟିବଡି ପରୀକ୍ଷା ସହ ଡିପ୍‌ଥେରିଆ ବ୍ୟାକ୍ଟେରିଆର ଜିନୋମ ସିକ୍ୱେନ୍ସିଂ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି। ଆଣ୍ଟି ବଡି ପରୀକ୍ଷା ପାଇଁ ରୋଗୀଙ୍କ ନମୁନା ପଠାଯାଇଥିବା ବେଳେ ଜିନୋମ ସିକ୍ୱେନ୍ସିଂ ପାଇଁ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) କିମ୍ବା ଆର୍ଏମ୍ଆର୍‌ସିକୁ ନମୁନା ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

ଟିକାକରଣ ଯୋଗୁ ୨୦ବର୍ଷ ହେଲା ରାଜ୍ୟରୁ ଡିପ୍‌ଥେରିଆ ଗାଏବ ହୋଇଯାଇଥିଲା। ଏବେ କାହିଁକି ପୁଣି ଏହା ସଂକ୍ରାମକ ହେଉଛି। ଶିଶୁ ନେଉଥିବା ଟିକାର ପ୍ରଭାବ ହ୍ରାସ ହେଉଛି ନା ଅନ୍ୟ କିଛି କାରଣ ରହିଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରୋଗୀଙ୍କ ନମୁନା ଆଣ୍ଟିବଡି ଟେଷ୍ଟ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଟିକାର ପ୍ରଭାବ ଜଣାପଡ଼ିବ। ଷ୍ଟ୍ରେନ୍ ବଦଳିଥିବା ଯୋଗୁ ଟିକାର ପ୍ରଭାବ କମିଥାଇପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ଆଶଙ୍କା କରିଛି।


ଅପରପକ୍ଷେ ରାଜ୍ୟରେ ଏବେ ଡିପଥେରିଆ ସ୍ଥିତି ନିୟନ୍ତ୍ରଣରେ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର କହିଛନ୍ତି। ସେ କହିଛନ୍ତି, ନୂଆ କେସ୍ ଆସିନି। ସେହି ୨୧ଜଣ ଏବେ ଯାଏ ସଂକ୍ରମିତ ହୋଇଛନ୍ତି। ରାୟଗଡ଼ା ହସ୍ପିଟାଲରେ କେହି ରୋଗୀ ନାହାନ୍ତି। ସମସ୍ତେ ଡିସ୍‌ଚାର୍ଜ ହେଲେଣି। ଭବାନୀପାଟଣାରେ ଯେଉଁ ୫ରୋଗୀ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୪ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଜଣେ କାଶୀପୁର ଯାଇଛନ୍ତି। ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଖୋଜୁଛନ୍ତି। ତାଙ୍କର ଟେଷ୍ଟ ହେବ। ଆବଶ୍ୟକ ପଡ଼ିଲେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବ। ଡାକ୍ତରଖାନାରେ ଭର୍ତ୍ତି ୪ ଜଣଙ୍କ ମଧ୍ୟରୁ ଦୁଇଜଣ ଡିପ୍‌ଥେରିଆ ରୋଗୀ। ବାକି ୨ ଜଣ ଅଣ୍ଡା ଜ୍ୱରରେ ପୀଡ଼ିତ। ସଂକ୍ରମିତ ଜିଲାର ଆଖପାଖ ଜିଲାରେ ମଧ୍ୟ ଅଣ୍ଡା, ଜ୍ୱର ନେଇ ସର୍ଭେଲାନ୍ସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ବନ୍ଧୁଗାଁର ରୋଗୀ ଏମ୍‌କେଜିସି ମେଡିକାଲରେ ଭେଣ୍ଟିଲେଟରରେ ଅଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ୩ ସଂକ୍ରମିତ ଜିଲାରେ ସ୍ୱାସ୍ଥ୍ୟ ବିଭାଗ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଟିମ୍ ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ବୋଲି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଏପଟେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ କହିଛନ୍ତି, ଡିପ୍‌ଥେରିଆ ସଂକ୍ରମଣରେ ତତ୍କାଳ ବ୍ରେକ୍ ଲଗାଇବାକୁ ବୁଧବାରଠାରୁ ରାୟଗଡ଼ା କାଶୀପୁର ବ୍ଲକରେ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ଆଗକୁ କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ଗଜପତି ଜିଲାରେ ମଧ୍ୟ ଏନେଇ ସର୍ଭେ କରିବାକୁ ବିଭାଗ ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି।

# ଓଏସ୍ଏସ୍‌ଟିଇଟି ପରୀକ୍ଷାଫଳ ପ୍ରକାଶିତ

କଟକ,୧୯।୬ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍ଏସ୍‌ଟିଇଟି) ୨୦୨୩ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ନିଜ ରୋଲ୍ ନମ୍ବର ଓ ଜନ୍ମ ତାରିଖ କିମ୍ବା ପଞ୍ଜୀକୃତ ମୋବାଇଲ ନମ୍ବର ପ୍ରଦାନ କରି ପରୀକ୍ଷା ଫଳ ଜାଣିପାରିବେ। ଏଥିସହ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ବୋର୍ଡ ୱେବ୍‌ସାଇଟ୍‌ରେ ବୁଧବାରଠାରୁ ୧ ମାସ ପର୍ଯ୍ୟନ୍ତ ଉପଲବ୍ଧ ହୋଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍‌ରେ ନିର୍ଦ୍ଧାରିତ ଦେୟ ପ୍ରଦାନ କରି ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିପିଆଇ(ଏମ-ଏଲ୍) ଲିବରେଶନ ପକ୍ଷରୁ ପ୍ରତିବାଦ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆସର, ସ୍ଥାନ: ସମିତି ପରିସର, ଅଶୋକ ନଗର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାଭିନୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଅଙ୍କୁରା ହସ୍ପିଟାଲ ଭୁବନେଶ୍ୱର ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାପୁଜୀ ନଗର, ସମୟ: ପୂର୍ବାହ୍ନ ୧୧ଟା ।

## କଟକ
- ତୁସି ମୋଟର୍ସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତୁସି ମୋଟର ସମ୍ମିଳନୀ କକ୍ଷ, ମଙ୍ଗଳାବାଗ, ସମୟ: ପୂର୍ବାହ୍ନ ୯ଟା ୩୦।

## ଖୋର୍ଦ୍ଧା
- ଭାରତୀୟ ଜନତା ପାର୍ଟି ପକ୍ଷରୁ ଧନ୍ୟବାଦ ସଭା, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜଙ୍କ ୯ମ ପୁଣ୍ୟତିଥି ଅବସରରେ 'ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସ୍ମାରକୀ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଉଦ୍ୟାନ' ଲୋକାର୍ପଣ ଉତ୍ସବ, ସ୍ଥାନ: ନନ୍ଦପୁର ଖେଳପଡ଼ିଆ, ପଞ୍ଚାୟତ କାର୍ଯ୍ୟାଳୟ ପଛପାଖ, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।
- ପାନୀୟଜଳ ସମସ୍ୟା ସମାଧାନ ପାଇଁ ଗ୍ରାମସଭା, ସ୍ଥାନ: ଅମୃତେଶ୍ୱର ମନ୍ଦିର ପରିସର, ଖଙ୍ଗୁରିଆ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ଜିଲାପାଳଙ୍କ ଅଫିସ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଓଡ଼ିଶା ଶାସନ ଉପଭୋକ୍ତା ବୈଠକ, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ରୂପ୍‌ସା, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ
- ଶିଶୁ ଶ୍ରମିକ ନିରାକରଣ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପ୍ରସ୍ତୁତି, ସ୍ଥାନ: ନେହେରୁ ଷ୍ଟାଡିୟମ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଲକ୍ଷ୍ମୀଙ୍କ ମନ୍ଦିରରେ ଅଷ୍ଟଲକ୍ଷ୍ମୀ ସ୍ତୁତି, ଶ୍ଳୋକ, ଶ୍ରୀସୂକ୍ତ ପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ମନୋହରପୁର, ହାଟଡିହୀ, ସମୟ: ସକାଳ ୬ ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ସରଳା, ହାଟଡିହୀ, ସମୟ: ସକାଳ ୭ ଟା।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଡିଟ୍, ସ୍ଥାନ: ହାଟଡିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ନିଶୁଳ୍କ ଯୋଗାଭ୍ୟାସ ଶିବିର, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ସମୟ: ପ୍ରାତଃ ୫ଟା୧୫।
- କୈବଲ୍ୟ ଚୈତନ୍ୟ ଶ୍ରୀପାଦୁକାଙ୍କ ଅଗ୍ନି ଅଧିବାସ ଯଜ୍ଞାନୁଷ୍ଠାନ, ସ୍ଥାନ: ଶ୍ରୀପାଦୁକା ମନ୍ଦିର, ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।

## ବ୍ରହ୍ମପୁର
- ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ମାନସ ଭବନ, ସମୟ:ଅପରାହ୍ନ ୫ଟା।

## ଗଞ୍ଜାମ
- ସାତ ଦିନିଆ ଠାକୁରାଣୀ ଯାତ୍ରା ଆରମ୍ଭ, ସ୍ଥାନ: ପାତ୍ରପୁର ବ୍ଲକ ଜରଡ଼ାଗଡ଼, ସମୟ: ପ୍ରାତଃ ୫ଟା।

## କନ୍ଧମାଳ
ଫୁଲବାଣୀ ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

## ରାୟଗଡ଼ା
- ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବୈଠକ, ସ୍ଥାନ: ଜିଲା ପରିଷଦ ସଦ୍‌ଭାବନା ହଲ୍, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ବୁର୍ଦ୍ଦଲା ପୋଲୋମା ମା'ଙ୍କର ବାର୍ଷିକ ଚୈତ୍ର ପର୍ବର ଘଟ ପରିକ୍ରମା, ସ୍ଥାନ: ନିୟୁ କଲୋନୀ, କୁମ୍ଭାର ସାହି, କସ୍ତୁରୀ ନଗର, ସମୟ: ଅପରାହ୍ନ ୫ରୁ ଆରମ୍ଭ।
- ଶିରିଡି ସାଇ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାୟାଗୁଡା, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଦିନଦୟାଲ କନ୍ୟାଶ୍ରମ ଓ ବାଳାଶ୍ରମ ପରିଦର୍ଶନ, ସ୍ଥାନ: ମାଝୀଗୁଡା ଓ ସିନ୍ଧିଗୁଡ଼ା ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା ଓ ୧୧ଟା।
- ମା' ପେଣ୍ଡ୍ରାଣୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଗୁଲିପାଟଣା, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ପଟ୍ଟାଙ୍ଗି ବ୍ଲକର କୋଟିଆରେ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଓଡିଶା ସ୍କ୍ରିନିଂ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି
- ଶିଶୁ ଶ୍ରମିକ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ବାବା ବଳିଆଙ୍କ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନ: ମାଲକାନଗିରି ସଂସ୍କୃତି ଭବନ
- ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତିର ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ପ୍ରାତଃ ୫ଟା ।
- ସିକଲ ସେଲ୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଭୀମସାର ସିକଲ ସେଲ ପ୍ରତିଷ୍ଠାନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ୍, ସମୟ : ଅପରାହ୍ନ ୫ଟା ୩୦ ।

## ବଲାଙ୍ଗୀର
- ଭଗବାନ ମହାବୀର ସ୍ୱାମୀ ରଥରେ ଆରତୀ କାର୍ଯ୍ୟକ୍ରମ, ସ୍ଥାନ: ତେରାପନ୍ଥ ଭବନ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର
- ତରଭା ଆଞ୍ଚଳିକ କଳାକେନ୍ଦ୍ର ସଙ୍ଗୀତ ଅନୁଷ୍ଠାନର ବାର୍ଷିକ ବୈଠକ, ସ୍ଥାନ: ତରଭା ବ୍ଲକ ପାର୍ଶ୍ୱ କ୍ଳବ ଘର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୂଳ ଆଶ୍ରମରେ ସିକଲ୍‌ସେଲ ନିରାକରଣ ଶିବିର,ସ୍ଥାନ--ବେଦବ୍ୟାସ,ସମୟ:ସକାଳ ୮ଟା।
- ରାଉରକେଲା ସ୍ୱୟଂଶାସିତ କଲେଜରେ ସିକଲ୍‌ସେଲ ନିରାକରଣ ନେଇ ବିବିଧ କାର୍ଯ୍ୟକ୍ରମ, ସ୍ଥାନ:ପାନପୋଷ,ସମୟ:ପୂର୍ବାହ୍ନ ୧୦ଟା।
- ଏଡିଏମଙ୍କୁ ଭେଟିବ ବିୟୁଟିପାର୍ଲର ସଂଘ,ସ୍ଥାନ:ଏଡିଏମ୍ କାର୍ଯ୍ୟାଳୟ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଯୋଗ ଦିବସକୁ ନେଇ ବୈଠକ, ସ୍ଥାନ: ଆର୍‌ଏମ୍‌ସି, ସମୟ: ପୂର୍ବାହ୍ନ୧୧ଟା ।

## ବରଗଡ଼
- ତ୍ରିଦିବସୀୟ ଅଭିମୁଖିକରଣ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ପଦ୍ମପୁର, ସମୟ: ସକାଳ ୯ଟା।

## କଳାହାଣ୍ଡି
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବିକାଶ କଲେଜ ଭବାନୀପାଟଣା, ସମୟ: ସକାଳ ୭ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ,ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ
- ଘଣ୍ଟାପଡା ଗ୍ରାମ୍ୟ କମିଟି ପକ୍ଷରୁ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଘଣ୍ଟାପଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳନ, ସ୍ଥାନ: ପୁରୁଣାଗଡ ଶିବ ମନ୍ଦିର ପଡ଼ିଆ, ସମୟ: ସକାଳ ୬ଟା ୩୦।
- ସ୍କୁଲ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ ଏବଂ ରିଆମାଳ ବ୍ଲକ ରେଙ୍ଗାଲବେଡ଼ା ହାଇସ୍କୁଲ, ସମୟ: ସକାଳ ୯ଟା।
- ଶିଶୁ ଶ୍ରମ ବିରୋଧରେ ବିଶ୍ୱ ଦିବସ ପାଳନ, ସ୍ଥାନ: ରୋନକ ପ୍ଲାଜା, ସମୟ: ପୂର୍ବାହ୍ନ ୧୦ଟା।
- ଦେବଗଡ଼ ପୋଲିସ ପକ୍ଷରୁ ପ୍ରେସ ମିଟ, ସ୍ଥାନ: କୁଣ୍ଡେଇଗଲା ଥାନା, ସମୟ: ପୂର୍ବାହ୍ନ ୧୧ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ଝାରସୁଗୁଡ଼ା
- ସାମୂହିକ ହନୁମାନ ଚାଳିଶା ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହର ବେହେରାମାଲସ୍ଥିତ ମା' ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ହୋମଯଜ୍ଞ ସହ ଆଳତି, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୯ଟା।
- ଜଳାଭିଷେକ ସହ କଳସ ଯାତ୍ରା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା୧୫।

## ଢେଙ୍କାନାଳ
- ପିଜି ଶେଷ ବର୍ଷ ପରୀକ୍ଷା ଫଳ ପ୍ରକାଶନ, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ସନ୍ଧ୍ୟାତାରା ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ସନ୍ଧ୍ୟାତାରା ଭବନ କାଠଗଡା ଢେଙ୍କାନାଳ, ସମୟ: ସନ୍ଧ୍ୟା ୫ଟା ୩୦।

## ଜଗତ୍‌ସିଂହପୁର
- ଜୁନ୍ ୨୧ରେ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ସମୀକ୍ଷା ବୈଠକ, ସ୍ଥାନ: ପାରାଦୀପ ବନ୍ଦର, ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ଡିଏଫସି ବ୍ୟାଙ୍କ ନୂତନ ଶାଖା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ବାଲିକୁଦା ବଜାର, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱବ୍ୟାଙ୍କର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ଭିତ୍ତିଭୂମି ପରିଦର୍ଶନ, ସ୍ଥାନ: ପାରାଦୀପ ବନ୍ଦର, ନିଷିଦ୍ଧାଞ୍ଚଳ, ସମୟ: ସକାଳ ୧୧ଟା।

## ନୟାଗଡ଼
- ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କୁଦାନଗରୀ, ଗରଦପୁର,ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ରସୁଲପୁର ବ୍ଲକ ଭଟକା ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ,ସ୍ଥାନ : ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- କୋରେଇ ନିର୍ବାଚନମଣ୍ଡଳୀର ରସୁଲପୁର ବ୍ଲକ ୯ ପଞ୍ଚାୟତରେ ବିଜେଡିର ସମୀକ୍ଷା ବୈଠକ,ସ୍ଥାନ : କୁଆଖିଆ ବଜାର ଏସ.କେ. ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେଉଁ କାମରେ ହାତ ଦେଇଛନ୍ତି, ସେଥିରେ ସଫଳତା ହାସଲ କରିବେ। ଅଶ୍ୱିନୀ ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଅଫିସ୍ ଯିବା ରାସ୍ତାରେ ଅଜଣା ବ୍ୟକ୍ତିଙ୍କ ସହ ମିତ୍ରତା ସୃଷ୍ଟି କରିପାରନ୍ତି। ଖର୍ଚ୍ଚର ସୀମା ଲଙ୍ଘନ କରିଥିବାରୁ ଅର୍ଥାଭାବ ଓ ପରିଶୋଧ ଚିନ୍ତାରେ ବିଚଳିତ ହେବେ।

**ବୃଷ** ପରିବାରରେ ବ୍ୟତିକ୍ରମ କାରଣରୁ ଆଶା କରୁଥିବା ଜିନିଷଟି ପାଇପାରିବେ ନାହିଁ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିବାରୁ ସୁଯୋଗ ହାତଛଡ଼ା ହେବ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। କୃତ୍ତିକା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ।

**ମିଥୁନ** ମନର ଅସ୍ଥିରତା ହେତୁ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଆରଦ୍ରା ନକ୍ଷତ୍ର ସ୍ୱାସ୍ଥ୍ୟରେ ଅବହେଳାଜନିତ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଲେ ମଧ୍ୟ ବିଶେଷ କ୍ଷତିଗ୍ରସ୍ତ ହେବେନାହିଁ। ପରିବାରରେ ମନକଥା ମନରେ ରଖି ଚଳିବାକୁ ବାଧହେବେ।

**କର୍କଟ** କୌଣସି ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ବିଷାଦଗ୍ରସ୍ତ ରହିବେ। ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଭୁଲ୍ ବୁଝାମଣା କାରଣରୁ ପ୍ରକୃତ ଘଟଣା ନ ବୁଝି ବନ୍ଧୁ କ୍ରୋଧ ପ୍ରକାଶ କରିପାରନ୍ତି। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହେବାକୁ ପଡ଼ିପାରେ।

**ସିଂହ** ପରସ୍ପର ବାକ୍ୟ ବିନିମୟ ସାଙ୍ଗକୁ ବ୍ୟୟାଧିକ୍ୟ କାରଣରୁ ଘରେ ତର୍କ ବିତର୍କର ସୂଚନା ରହିଛି। କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିବେ। ଆଲୋଚନା ଅସମାପ୍ତ ରହିବା ସାଙ୍ଗକୁ ପିଲାଙ୍କ କାମକୁ ନାପସନ୍ଦ କରିପାରନ୍ତି। ମଘା ନକ୍ଷତ୍ର ଧର୍ମକାମରେ ବ୍ୟସ୍ତ ରହି ଘରର ଆବଶ୍ୟକତାକୁ ଅଣଦେଖା କରିପାରନ୍ତି।

**କନ୍ୟା** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ ପାରିବାରିକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିପାରିବେ ନାହିଁ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଚିତ୍ରା ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ଘଟଣାକୁ ସୁଧାରି ନେବେ। ସାମାଜିକ ସ୍ତରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ତୁଳା** ସ୍ୱାତୀ ନକ୍ଷତ୍ରର ଅର୍ଥନୈତିକ ଅଭିବୃଦ୍ଧି ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ। ପରିସ୍ଥିତି ବଦଳିଯିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ପ୍ରଶାସନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଭ୍ରମଣ ଓ କଠିନ ଶ୍ରମ ହେତୁକ ସ୍ୱାସ୍ଥ୍ୟହାନି ଘଟିପାରେ।

**ବିଛା** ପାରିବାରିକ କ୍ଷେତ୍ରରେ ଅପୂରଣୀୟ ଆଶା ସାଙ୍ଗକୁ ବିଭିନ୍ନ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କ କାର୍ଯ୍ୟର ବାରମ୍ବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ନିର୍ମାଣ, ଚୁକ୍ତିପତ୍ର, ସାମ୍ବାଦିକତା, ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଅଦାଲତ ମାମଲା ଅନୁକୂଳ ହେବ।

**ଧନୁ** ବିଭିନ୍ନ ପ୍ରତିବନ୍ଧକଜନିତ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସଦାବେଳେ ପ୍ରିୟ ବ୍ୟକ୍ତିଙ୍କ ଉପରେ ଅଯଥା ବିରକ୍ତ ହେଲେ ନିଜେ କ୍ଷତିରେ ପଡ଼ିବେ। ପୂର୍ବାଷାଢ଼ା ନକ୍ଷତ୍ରର ଖର୍ଚ୍ଚଭାର ବଢ଼ିବା ଯୋଗୁ ଚିନ୍ତାପ୍ରକଟ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ଦିଗକୁ ମୁହାଁଇପାରନ୍ତି।

**ମକର** ସାମର୍ଥ୍ୟ ଅନୁଯାୟୀ କାମ କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଥିବା ଅନୁଭବ କରିବେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବଢ଼ିବ। କିନ୍ତୁ ଭଲ ସମ୍ପର୍କ ନଥିବା ସହକର୍ମୀଙ୍କ ଦୌରାତ୍ମ୍ୟ କର୍ମକ୍ଷେତ୍ରରେ ଅସହ୍ୟ ହୋଇପାରେ। ଶ୍ରବଣା ନକ୍ଷତ୍ରର ହୃତ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାରୁ ଟେନ୍‌ସନ୍ କିଛି ମାତ୍ରାରେ କମିଯିବ।

**କୁମ୍ଭ** ସାଧାରଣ ଘଟଣାକୁ କେନ୍ଦ୍ରକରି ମାନସିକ ସ୍ତରରେ କଷ୍ଟ ଅନୁଭବ କରିପାରନ୍ତି। ଅସୁସ୍ଥତା ଲାଗି ରହିଲେ ମଧ୍ୟ ଅନ୍ୟମାନଙ୍କ ସାହାଯ୍ୟରେ କାମ ସମ୍ପାଦନ କରିପାରିବେ। ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ଫେରିବାରେ ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ।

**ମୀନ** ପରିସ୍ଥିତି ପ୍ରତି ଲକ୍ଷ୍ୟ ରଖି କାମ କରି ଚାଲିଲେ କୌଣସି ଅସୁବିଧା ରହିବ ନାହିଁ। ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରି ମାନସିକ ଅସନ୍ତୋଷ ବୃଦ୍ଧିର କାରଣ ହେବ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

ଆଜି ଜୁନ୍ ୨୦ ତାରିଖ, ବିଶ୍ୱ ଶରଣାର୍ଥୀ ଦିବସ, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର, ଶ୍ରୀମନ୍ଦିରରେ ବିଶ୍ୱାବସୁବଂଶୀୟ ଦଇତାପତିମାନଙ୍କର ସାର୍ବଭୌମାଧିକାର ତଥା ସେବା ପ୍ରବେଶ, ବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୨ମି. ଗତେ ଘ.୦୬।୦୫ମି. ମଧ୍ୟେ, ଘ.୦୯।୩୬ ଗତେ ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୭ମି. ଗତେ ଘ.୦୩।୦୬ମି. ମଧ୍ୟେ ରାହୁକାଳ।

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ତଥ୍ୟ ମାଗିଲେ ରାଜ୍ୟ ସରକାର

**କଟକ,୧୯।୬ (କାର୍ତ୍ତିକ ସାହୁ)**

ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଟଙ୍କା ଫେରସ୍ତ କରିବା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏନେଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସମ୍ପୂର୍ଣ୍ଣ ତଥ୍ୟ ମାଗିଲେ ରାଜ୍ୟ ସରକାର। ପ୍ରଶାସନିକ ସ୍ତରରେ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକ ଓଡ଼ିଶା ପ୍ରୋଟେକସନ୍ ଅଫ୍ ଇଣ୍ଟେରେଷ୍ଟ ଅଫ୍ ଡିପୋଜିଟର୍ସ (ଓପିଆଇଡି) କ୍ଷମତାପନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଓ ଅନ୍ୟ ଅଧିକାରୀ ପହଞ୍ଚିଥିଲେ। ଏହିକ୍ରମ୍ କଟକ (ଓପିଆଇଡି) କ୍ଷମତାପନ୍ନ ଅଧିକାରୀଙ୍କ ନିକଟରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ତଥ୍ୟ ସଂଗ୍ରହ କରୁଛି। କଟକ ଓପିଆଇଡି କ୍ଷମତାପନ୍ନ ଅଧିକାରୀଙ୍କ ନିକଟରେ ୨୬ଟି ଚିଟ୍‌ଫଣ୍ଡ କମ୍ପାନୀର ମାମଲା ଥିବାବେଳେ ବର୍ତ୍ତମାନ ଦୁଇଟି ଚିଟ୍‌ଫଣ୍ଡ କମ୍ପାନୀ ଗୋଲ୍ଡେନ ଲ୍ୟାଣ୍ଡ ଡେଭଲପର୍ସ ଓ ହାଇଟେକ୍ ଚିଟ୍‌ଫଣ୍ଡ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି ହୋଇ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଯାଉଛି। ଗୋଲ୍ଡେନ ଲ୍ୟାଣ୍ଡ ଡେଭଲପର୍ସରେ ୪ ଲକ୍ଷ ୭୨ ହଜାର ହିତାଧିକାରୀ ଥିବାବେଳେ ହାଇଟେକ୍‌ରେ ୧୦ ହଜାର ହିତାଧିକାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଉଭୟ କମ୍ପାନୀର ୮ ହଜାର ହିତାଧିକାରୀ ଟଙ୍କା ଫେରି ପାଇଛନ୍ତି। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବା ପ୍ରକ୍ରିୟାକୁ ଆହୁରି ଅଧିକ ସରଳୀକରଣ କରାଯିବ। ନିଜ ନିଜ ଜିଲାରେ କ୍ଷତିଗ୍ରସ୍ତ ଜମାକାରୀ କିପରି ଟଙ୍କା ଫେରିପାଇବେ ସେ ନେଇ ଅଧିକ ମାନବ ସମ୍ବଳ ବୃଦ୍ଧି ପାଇଁ ଅର୍ଥ ବିଭାଗକୁ ପ୍ରସ୍ତାବ ଦିଆଯାଇଛି ବୋଲି କଟକ ଓପିଆଇଡି ପ୍ରାଧିକୃତ ଅଧିକାରୀ ଉମାକାନ୍ତ ରାଜ କହିଛନ୍ତି।

# ବିକଶିତ ଓଡ଼ିଶାର ରୂପରେଖ ସଶକ୍ତ କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୧୯।୬ (ଅସମାପିକା ସାହୁ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ରାଜ୍ୟ ଅତିଥି ଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ରୂପରେଖକୁ ସଶକ୍ତ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ପ୍ରମୁଖ ଶାସନ ସଚିବଙ୍କ ସହିତ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦିଲୀପ କୁମାର ରାୟ, ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ, ସୋନିଆ ବେହେରା ଓ ଦୀପକ ରାଉତରାୟଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୧ରେ ନିଲାମ ହେବ ଓଡ଼ିଶାର ୧୬ କୋଇଲା ଖଣି

**ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା)**

ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି ତଥା ଦେଶ ପାଇଁ ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୧୦ମ ରାଉଣ୍ଡ ବାଣିଜ୍ୟିକ କୋଇଲା ଖଣି ନିଲାମ ଆରମ୍ଭ ହେବାକୁ ଯାଉଛି। କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି.କିଷନ ରେଡ୍ଡୀ ଜୁନ୍ ୨୧ରେ ହାଇଦ୍ରାବାଦରେ ଏହି ନିଲାମ କାର୍ଯ୍ୟକ୍ରମ ଆରମ୍ଭ କରିବେ। ନିଲାମରେ ସାମିଲ ହେବାକୁ ଥିବା ମୋଟ ୬୦ଟି କୋଇଲା ଖଣି ମଧ୍ୟରୁ ୨୪ଟି କୋଇଲା ଖଣି ସମ୍ପୂର୍ଣ୍ଣ ଭାବେ ଅନୁସନ୍ଧାନ କରାଯାଇଥିବାବେଳେ ୩୬ଟି ଆଂଶିକ ଅନୁସନ୍ଧାନ କରାଯାଇଛି। ଏହି ନିଲାମରେ ଓଡ଼ିଶାରୁ ସର୍ବାଧିକ ୧୬ ଖଣି ରହିଛି। ଏହି ସମସ୍ତ ୧୬ ଖଣି ନନ୍‌କୋକିଂ ବର୍ଗର ହୋଇଥିବାବେଳେ ୭ଟି ସମ୍ପୂର୍ଣ୍ଣ ଉତ୍ପାଦନଯୋଗ୍ୟ ହୋଇଥିବାବେଳେ ୯ଟି ଆଂଶିକ ଉତ୍ପାଦନଯୋଗ୍ୟ।

## ପ୍ରଥମ ପୃଷ୍ଠାରୁ...

### ରତ୍ନଭଣ୍ଡାର ଖୋଲିବା...

କରାଯାଇଛି। ତେବେ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୮ତାରିଖରେ ରତ୍ନଭଣ୍ଡାର ଖୋଲାଯିବ। ଏନେଇ ଏଏସ୍‌ଆଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯାଇ ନିଷ୍ପତ୍ତି ନିଆଯିବ। ରତ୍ନଭଣ୍ଡାରର ଯେଉଁ କୋର୍ କମିଟି ରହିବା ବା ବୈଷୟିକ କମିଟି ରହିଛି ସମସ୍ତଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ ଖୋଲାଯାଇ ଅନୁଧ୍ୟାନ କରାଯିବ। ରତ୍ନଭଣ୍ଡାର କମିଟି ଉପସ୍ଥିତିରେ ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି ପାଇଁ ଆବଶ୍ୟକ ଯାଞ୍ଚ କରିବ। ୨୦୧୮ରେ ଏଏସ୍‌ଆଇର ରିପୋର୍ଟ ଅନୁସାରେ ରତ୍ନଭଣ୍ଡାରର ଛାତ ଦୁର୍ବଳ ଅବସ୍ଥାରେ ରହିଛି। ଅନେକ କ୍ରାକ୍ ରହିଛି, ପାଣି ଗଳୁଥିବାର ତଥ୍ୟ ରହିଥିଲା। ସେହିପରି ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥରେ ଯେଉଁ ଲେଜର ସ୍କାନିଂ କରାଯାଇଥିଲା ସେଥିରୁ ଜଣାପଡ଼ିଥିଲା ଅନେକ ସ୍ଥାନରେ କ୍ରାକ୍ ରହିଛି। ଜଏଣ୍ଟଗୁଡ଼ିକରେ ମଧ୍ୟ କ୍ରାକ୍ ରହିଛି। ତେଣୁ ସେହି କ୍ରାକ ବା ଫାଟ ଦେଇ ପାଣି ରତ୍ନଭଣ୍ଡାରକୁ ପ୍ରବେଶ କରୁଥିବ। ଆଗକୁ ମୌସୁମୀ ଥିବାରୁ ବର୍ଷା ପାଣି ପଶିବାର ସମ୍ଭାବନା ରହିଛି ତେଣୁ ଯେତେ ଶୀଘ୍ର ରତ୍ନଭଣ୍ଡାର କାର୍ଯ୍ୟ କରାଯିବା ଆବଶ୍ୟକ ରହିଛି। ଯେତେଶୀଘ୍ର କାର୍ଯ୍ୟକରାଯିବ ତାହା ଶ୍ରୀମନ୍ଦିର ଏବଂ ରତ୍ନଭଣ୍ଡାର ପାଇଁ ଭଲ ହେବ। ଅପରପକ୍ଷରେ ୮ ତାରିଖରେ ଖୋଲିବା ପରେ ଯଦି ଆବଶ୍ୟକ ହେବ ତେବେ ଭିତରର ଲେଜର ସ୍କାନିଂ କରାଯିବ। ତେବେ ପୂର୍ବରୁ ଯାହା ଦେଖିବାକୁ ମିଳିଥିଲା ଲୁହା ରଡ ବିମ୍ ମିସିଙ୍ଗ ରହିବା ସହ ପଥର ଖଣ୍ଡ ପଡିଛି। ତାହାକୁ କିପରି ସ୍ଥାନାନ୍ତର କରାଯାଇ ପାରିବ ସେ କାର୍ଯ୍ୟ କରାଯିବ। ତେବେ ୮ ତାରିଖରେ ରତ୍ନଭଣ୍ଡାର ଖୋଲିବା ପରେ ସ୍ଥିତି ଅନୁଧ୍ୟାନ କରାଯାଇ ଯାହା ପଦକ୍ଷପ ଗ୍ରହଣ କରାଯିବ। ରତ୍ନଭଣ୍ଡାରର ସ୍ଥିତି ଅନୁଧ୍ୟାନ କଲାପରେ ଜଣାପଡ଼ିବ କେତେ ଦିନ କାର୍ଯ୍ୟ ଲାଗିବ। ଯେଉଁ ୭ ରୁ ୮ ଦିନ ମିଳିବ ସେତିକି ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟ ସରିପାରିବ କି ନା ତାହା ଭିତରର ସ୍ଥିତି ଅନୁଧ୍ୟାନ କରିବା ପରେ ଜଣାପଡ଼ିବ। ତେବେ ମରାମତି ହେବା ନିହାତି ଆବଶ୍ୟକ ରହିଛି ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ନାୟକ କହିଛନ୍ତି। ଅପରପକ୍ଷରେ ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ୨୦୧୮ ମସିହାରୁ ରତ୍ନଭଣ୍ଡାରର ସ୍ଥିତି ଦୁର୍ବଳ ଥିବା ଏବଂ ଏହାର ମରାମତି ନିହାତି ଆବଶ୍ୟକ ଥିବା ଏଏସ୍‌ଆଇ ପକ୍ଷରୁ ରିପୋର୍ଟ ଦିଆ ସରିଥିବା ବେଳେ ଦୀର୍ଘ ୬ବର୍ଷ ହେବ କାହିଁକି ଏହାର ମରାମତି କରାଯାଇ ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଯଦି ୬ ବର୍ଷ ରିପୋର୍ଟରେ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା ଦର୍ଶାଯାଇଥିଲା ତେବେ ବର୍ତ୍ତମାନ ସ୍ଥିତି ଅଧିକ ଖରାପ ହେବା ଆଶଙ୍କାକୁ ଏଡାଇ ଦେଇ ହେବନାହିଁ। ତେଣୁ ଶୀଘ୍ର ରତ୍ନଭଣ୍ଡାର ମରାମତି କରାଯାଉ। ଓଡିଆ ଜାତିର ଅସ୍ମିତାର ପ୍ରତୀକ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ସୁରକ୍ଷାକୁ ଅବହେଳା କରିବା ଦୁଃଖଦାୟକ । ତେବେ ଯେଉଁ ଅଧିକାରୀ ରତ୍ନଭଣ୍ଡାର ସୁରକ୍ଷା ଦିଗରେ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସୁଦର୍ଶନ ଦାବି କରିଛନ୍ତି। କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ରତ୍ନଭଣ୍ଡାରର ମରାମତି ତୁରନ୍ତ ଆରମ୍ଭ କରନ୍ତୁ। ରତ୍ନଭଣ୍ଡାର ମଧ୍ୟରେ ଥିବା ରତ୍ନଅଳଙ୍କାରର ଗଣନ୍ତି ମଣନ୍ତି କରିବା ପୂର୍ବରୁ ରତ୍ନଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଏହାର ମରାମତି ଯଥାଶୀଘ୍ର କରାଯାଉ। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି ଅରଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ରତ୍ନଭଣ୍ଡାର କମିଟିର ବୈଠକ ଖୁବ୍‌ଶୀଘ୍ର ବସିବ। ବୈଠକର ନିଷ୍ପତ୍ତିକୁ ସରକାରଙ୍କୁ ଜଣାଯିବ। ପରେ ସରକାରଙ୍କ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାଦବ ସୂଚନା ଦେଇଛନ୍ତି।

### ଚାବି ହଜିବା ...

ଦାଖଲ କରି ଜଣାଇଥିଲା ଯେ ଖୁବ୍‌ଶୀଘ୍ର ନିର୍ବାଚନ ହେବାକୁ ଯାଉଛି ଓ ଜୁନ୍ ମାସରେ ନୂଆ ସରକାର ଗଠନ ହେବ। ଏହାପରେ ନୂଆ ସରକାରର ପ୍ରଥମ କ୍ୟାବିନେଟ ବୈଠକରେ ରିପୋର୍ଟକୁ ଉପସ୍ଥାପନ କରି ସାର୍ବଜନୀନ କରାଯିବ। ଏହା ପରଠାରୁ ମାମଲାର ଶୁଣାଣି ହୋଇ ନ ଥିଲା। ତେବେ ବୁଧବାର ମାମଲାର ଶୁଣାଣିବେଳେ ଆବେଦନକାରୀଙ୍କ ଓକିଲ ହାଇକୋର୍ଟଙ୍କୁ ଜଣାଇଥିଲେ ଯେ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକ ଶେଷ ହୋଇଥିଲେ ବି ରାଜ୍ୟ ସରକାରଙ୍କ ସତ୍ୟପାଠ ଅନୁସାରେ ତଦନ୍ତ କମିଶନ୍ ରିପୋର୍ଟ ସାର୍ବଜନୀନ କରାଯାଇ ନାହିଁ। ଏହାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଓକିଲଙ୍କୁ ଏନେଇ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସରକାରୀ ଓକିଲ ଆଗାମୀ କ୍ୟାବିନେଟ ବୈଠକରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର କମିଶନ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି ହାଇକୋର୍ଟଙ୍କୁ ଜଣାଇଥିଲେ।

### ଧାନ କୁଇଣ୍ଟାଲ ...

ହୋଇପାରେ ବୋଲି ଭାରତର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାବାଦ୍ କେନ୍ଦ୍ର କ୍ୟାବିନେଟ୍ ମହାରାଷ୍ଟ୍ରର ୱାଧବନରେ ଏକ ବୃହତ୍ ବନ୍ଦର ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛି। ଏଥିପାଇଁ ୭୬,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ବନ୍ଦର ବିଶ୍ୱର ଶୀର୍ଷ ୧୦ ବନ୍ଦର ମଧ୍ୟରେ ସ୍ଥାନ ପାଇବ ବୋଲି ଅଶ୍ୱିନୀ ସୂଚନା ଦେଇଛନ୍ତି।

### ୟୁଜିସି-ଏନ୍‌ଇଟି ...

କରିଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେଶନ ସେଣ୍ଟରର ନ୍ୟାଶନାଲ ସାଇବର କ୍ରାଇମ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)କୁ ଏକ ରିପୋର୍ଟ ଦିଆଯାଇଥିଲା। ୟୁଜିସି-ଏନ୍‌ଇଟିରେ ଅନିୟମିତତା ହୋଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିବା ବିଷୟ ଶିକ୍ଷା ମନ୍ତ୍ରଣାଳୟ କହିଛି। ଅନିୟମିତତା ଯୋଗୁ ପରୀକ୍ଷା ଦିନକ ପରେ ଏହାକୁ ରଦ୍ଦ କରିଦିଆଯାଇଥିବା ମନ୍ତ୍ରଣାଳୟର ଏକ ବିବୃତିରେ ଉଲ୍ଲେଖ କରାଯାଇଛି। ପରୀକ୍ଷାର ସ୍ୱଚ୍ଛତା ଓ ପବିତ୍ରତାକୁ ଦୃଷ୍ଟିରେ ରଖି ଏହି ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ଦିଆଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି। ପରୀକ୍ଷା କେବେ ହେବ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି ମନ୍ତ୍ରଣାଳୟ କହିଛି। ପ୍ରକାଶ ଯେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନ୍‌ଇଟି-ୟୁଜି ପରୀକ୍ଷା ଗତ ମେ' ୫ରେ ଅନୁଷ୍ଠିତ ହୋଇଥିଲା। ଜୁନ୍ ୪ରେ ଲୋକ ସଭା ନିର୍ବାଚନ ଭୋଟ ଗଣତି ଦିନ ଏନ୍‌ଇଟି-ୟୁଜି ରେଜଲ୍ଟ ପ୍ରକାଶ ପାଇଥିଲା। ଏହି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ରମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରୀକ୍ଷା ଆୟୋଜକ ଏନ୍‌ଟିଏ ପ୍ରଶ୍ନପତ୍ର ପ୍ରଘଟକୁ ଅସ୍ୱୀକାର କରୁଥିଲେ ମଧ୍ୟ ବିହାରର ପାଟନା ଓ ଗୁଜରାଟର ଗୋଧ୍ରାରେ ୨୦ରୁ ଊର୍ଦ୍ଧ୍ୱ ପ୍ରଘଟକାରୀ ଗିରଫ ହୋଇ ଦୋଷ ସ୍ୱୀକାର କରିବା ଟେଷ୍ଟିଂ ଏଜେନ୍ସିର ବିଫଳତାକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ସୁରକ୍ଷା ଦୃଷ୍ଟିରୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରଣାଳୟ ବିବୃତିରେ ଉଲ୍ଲେଖ କରିଛି।

# ରଥଯାତ୍ରାରେ ଶୃଙ୍ଖଳିତ ଯାତ୍ରୀ ପରିବହନକୁ ଗୁରୁତ୍ୱ

- ଅନ୍ୟ ରୁଟ୍‌ର ବସ୍‌କୁ ପୁରୀକୁ ମିଳିବ ପରମିଟ୍
- ସ୍ପେଶାଲ ପରମିଟ୍ ପାଇଥିବା ବସ୍‌ଗୁଡ଼ିକୁ ଟୋଲ୍ ଫି' ଛାଡ଼

## କମିଶନରଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ


ସମନ୍ୱୟ ବୈଠକରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ।

ଭୁବନେଶ୍ୱର,୧୯।୬
(ସୂର୍ଯ୍ୟକାନ୍ତ ବେହେରା)

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଏହି ପରିପ୍ରେକ୍ଷୀରେ ବୁଧବାର ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ସମନ୍ୱୟ ବୈଠକ ପ୍ରାଧିକରଣର ମୁଖ୍ୟାଳୟଠାରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ, ପୁରୀ, କଟକ ଓ ଭୁବନେଶ୍ୱରର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ବସ୍ ମାଲିକ ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରଥଯାତ୍ରାରେ ଶୃଙ୍ଖଳିତ ଯାତ୍ରୀ ପରିବହନ ଉପରେ ବୈଠକରେ ଗୁରୁତ୍ୱ ଦିଆଯିବା ସହ ଏନେଇ ସର୍ବସମ୍ମତିକ୍ରମେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ ପ୍ରଦାନ କରାଯିବ। ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ ଆବେଦନ କରିବେ ଏବଂ ଏସଟିଏ ମୁଖ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଏହାକୁ ଅନୁମୋଦନ ମିଳିବ। ବିଶେଷକରି କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ବସ୍‌ଗୁଡ଼ିକରେ ଫାଷ୍ଟଏଡ୍ କିଟ ଓ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ମହଜୁଦ ରହିବ ଓ ତାହା ଏସ୍‌ଟିଏ ପକ୍ଷରୁ ଯୋଗାଇ ଦିଆଯିବ। ଏହାସହ ରଥଯାତ୍ରା ସମୟରେ ସ୍ପେଶାଲ ପରମିଟ ପାଇଥିବା ବସ୍‌ଗୁଡ଼ିକୁ ଟୋଲଗେଟ୍‌ରେ ଫି' ଛାଡ଼ ନେଇ ବସ୍ ମାଲିକଙ୍କ ଦୀର୍ଘଦିନର ଦାବିକୁ ମଧ୍ୟ ଏସଟିଏ ଗ୍ରହଣ କରିଛି। ଏସଂକ୍ରାନ୍ତରେ ପଦକ୍ଷେପ ନେବାକୁ ବୈଠକରେ ଉପସ୍ଥିତ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀ ସହଯୋଗ କରିବା ସହ କ୍ରେନ ଓ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେବା ନେଇ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ଏହି ସମନ୍ୱୟ ବୈଠକକୁ ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ ପରିଚାଳନା କରିଥିବାବେଳେ ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ

ନିର୍ଦ୍ଧାରିତ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ୍ ମାଲିକ ସଂଘ ଧ୍ୟାନ ଦେବାକୁ ପରିବହନ ଆୟୁକ୍ତ ଅମିତାଭ କହିଛନ୍ତି। ଅଧିକ ଭଡ଼ା ଆଦାୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ମାଳତୀପାଟପୁର କିମ୍ବା ତାଳବଣିଆରୁ ବଡ଼ଦାଣ୍ଡକୁ ଯାଉଥିବା ଅଟୋ କିମ୍ବା ଅନ୍ୟ ଗାଡ଼ି ଯେପରି ମନଇଚ୍ଛା ଭଡ଼ା ଦାବି ନ କରିବେ, ସେ ଦିଗରେ ପୁରୀ ପୋଲିସ ଓ ଆର୍‌ଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ବସ୍ ରହଣି ସ୍ଥାନରେ ଅସ୍ଥାୟୀ ବିଶ୍ରାମାଗାର ସହ ପ୍ରଶାସନ ତରଫରୁ ଖାଦ୍ୟ, ପାନୀୟ ବଣ୍ଟନର ବ୍ୟବସ୍ଥା କରାଯିବ। ରାସ୍ତାଘାଟ ଆଲୋକୀକରଣକୁ ସୁନିଶ୍ଚିତ କରାଯିବାକୁ ସେ କହିଛନ୍ତି।

### ଅସାମାଜିକଙ୍କ ଉପରେ କଡ଼ା ନଜର ରହିବ

ବସ୍ ଷ୍ଟପ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ ଯେଉଁ ଭଳି କେହି ହଇରାଣ ନ କରନ୍ତି ସେ ଦିଗରେ ପୋଲିସର ସହାୟତା ଲୋଡ଼ାଯାଇଛି। ଅସାମାଜିକଙ୍କ ଉପରେ କଡ଼ା ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରି ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସ୍‌ଷ୍ଟାଣ୍ଡରେ ଯାତ୍ରୀ ସୁବିଧାର ତଦାରଖ କରାଯିବ। ଏହା ସହ ପୁରୀ ତାଳବଣିଆରେ ସିସିଟିଭି ଲଗାଇବାକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ବାହାର ଯାତ୍ରୀବାହୀ ଗାଡ଼ିଗୁଡ଼ିକ ମାଳତୀପାଟପୁରରେ ରହିବେ। ସେହିପରି ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁବିଧା ନିମନ୍ତେ ପୁରୀରେ ଆର୍‌ଟିଓ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ।

### ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସ ସିଷ୍ଟମ କାର୍ଯ୍ୟକାରୀ ହେବ

ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ। ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନ ବିଶେଷକରି ପଳାଶୁଣି, ହଂସପାଳ ଭଳି ପଏଣ୍ଟଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ ଦାୟିତ୍ୱରେ ରହିବେ। ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ରଥଯାତ୍ରା ସମୟରେ ବେପରୁଆ ଗାଡ଼ି ଚାଳନା ରୋକିବାକୁ ଭୁବନେଶ୍ୱରରୁ ପୁରୀ ମଧ୍ୟରେ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସ ସିଷ୍ଟମ କାର୍ଯ୍ୟକାରୀ ହେବ ବୋଲି ବୋଲି ପରିବହନ ଆୟୁକ୍ତ କହିଛନ୍ତି।


ଟାଟା ଷ୍ଟିଲ୍ ସିଇଓ ତଥା ଏମ୍‌ଡି ଟି.ଭି. ନରେନ୍ଦ୍ରନ୍ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ସାକ୍ଷାତ କରୁଛନ୍ତି।

# ବଜେଟ: ମତାମତ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୬(ଅନିଲ ଦାସ)

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ିଛନ୍ତି। ସେ କହିଛନ୍ତି ଯେ ଅର୍ଥ ବିଭାଗ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିମାନଙ୍କ ମତାମତ ନେଇ ପୂର୍ବରୁ ବଜେଟ ପ୍ରସ୍ତୁତି କରିଆସୁଛି। ବର୍ତ୍ତମାନର ସରକାର ଲୋକଙ୍କ ସରକାର। ତେଣୁ ବଜେଟ ପ୍ରସ୍ତୁତିରେ ସାଧାରଣ ଲୋକଙ୍କ ମତାମତ ତଥା ପ୍ରସ୍ତାବ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ। ବଜେଟ ପ୍ରସ୍ତୁତିକୁ ସୂଚନା ଓ ପ୍ରସାରଣ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅଧିକ ଉନ୍ମୁକ୍ତ ଓ ସହଭାଗିତା ଭିତ୍ତିରେ କରାଯିବାକୁ ଯୋଜନା ହୋଇଛି। ଏଥିପାଇଁ ଅର୍ଥ ବିଭାଗର ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ଜରିଆରେ, ଇ-ମେଲ, ହ୍ୱାଟ୍ସଆପ୍ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମତାମତ ସଂଗ୍ରହ କରାଯିବ। ୨୦୨୪-୨୫ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ପରାମର୍ଶମାନ ଗ୍ରହଣ କରିବା ବ୍ୟବସ୍ଥା କରିଛି, ଯାହାକି ୱେବ୍‌ପୋର୍ଟାଲ https://budget.odisha.gov.in/ରେ ଉପଲବ୍ଧ ରହିଛି। ପରାମର୍ଶଗୁଡ଼ିକ e-mail ଦ୍ୱାରା odisha.budget@gov.in ଠିକଣାରେ ପଠାଇବାକୁ କୁହାଯାଇଛି। ଏହାଛଡ଼ା ଜନସାଧାରଣ WhatsApp ମାଧ୍ୟମରେ (+୯୧)୯୪୩୮୧୬୧୧୧୧ ମୋବାଇଲ ନମ୍ବରକୁ ଏବଂ ସାମାଜିକ ଗଣମାଧ୍ୟମ X (@FdOdisha), Facebook (@FinanceOdisha) ଓ Instagram (@fdodisha) ଦ୍ୱାରା ମଧ୍ୟ ପଠାଇପାରିବେ। ଏହି ସୁବିଧା ଜୁନ୍ ୨୦ ତାରିଖଠାରୁ ଜୁଲାଇ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ।

ଜନସାଧାରଣ, ନାଗରିକ ସମାଜ, ବିଭିନ୍ନ ଅଧିବାଚକ ସଂଘ (ସିଭିଲ ସୋସାଇଟି ଅର୍ଗାନାଇଜେଶନ) ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍ୱତନ୍ତ୍ର ବ୍ୟବସ୍ଥାକୁ ବ୍ୟବହାର କରି ରାଜ୍ୟ ସରକାରଙ୍କ ବଜେଟ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଏମ୍‌କେସିଜିରେ ପୁଣି ଜଣେ ଡିପ୍‌ଥେରିଆ ରୋଗୀ ମୃତ

ବ୍ରହ୍ମପୁର/ରାୟଗଡ଼ା,୧୯।୬
(ସୁବାସ ଚନ୍ଦ୍ର ପାଢ଼ୀ/ଆଶିଷ ରଞ୍ଜନ ପଣ୍ଡା)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଡିପ୍‌ଥେରିଆ ରୋଗୀଙ୍କ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଥିବା ଶିଶୁରୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ଅଞ୍ଚଳର ୧୦ ବର୍ଷର ଏହି ନାବାଳକ ଜଣଙ୍କ ଗତ ୧୬ ତାରିଖରେ ଏମ୍‌କେସିଜିକୁ ଆସିଥିଲେ। ତାଙ୍କୁ ଶିଶୁ ବିଭାଗ ଅଧୀନରେ ଚିକିତ୍ସା କରାଯିବା ସହ ସଂଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଶିଶୁ ବିଭାଗର ଏଚ୍‌ଡିୟୁ(ହାଇ ଡିପେଡେନ୍ସି ୟୁନିଟ୍)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକର ୫ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଏମ୍‌କେସିଜିରେ ଡିପ୍‌ଥେରିଆରେ ଆକ୍ରାନ୍ତ ଅନ୍ୟ ୩ ଶିଶୁଙ୍କ ଚିକିତ୍ସା ଜାରି ରହିଛି।

# ଶୃଙ୍ଖଳିତ ରଥଯାତ୍ରା ପାଇଁ ବ୍ୟାପକ ହେବ ସଚେତନତା

## ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

ଜଗନ୍ନାଥ ଓଡ଼ିଆଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ଏବଂ ଅସ୍ମିତାର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପୁରୀଠାରେ ଅନୁଷ୍ଠିତ ହେଉଥିବା ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ଅଗଣିତ ଭକ୍ତ ଛୁଟି ଆସନ୍ତି। ଏହି ମର୍ମରେ ଚଳିତ ବର୍ଷ ରଥଯାତ୍ରାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ସୁବ୍ୟବସ୍ଥିତ ଏବଂ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି। ବୁଧବାର ଅପରାହ୍ନରେ ଲୋକ ସମ୍ପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସଞ୍ଜୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରାରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଗତବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ପୂର୍ବ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ କରାଯିବାକୁ ଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସଂଖ୍ୟା ବଢ଼ାଇବାକୁ ସଞ୍ଜୟ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ସହରର ପ୍ରମୁଖ ସ୍ଥାନ ଯଥା: ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତିପାଟପୁର, ସୁଭାଷ ବୋଷ ଛକ, ପାନ୍ଥଭବନ, ତାଳବଣିଆ, ସମଙ୍ଗ ପାର୍କିଂ ସ୍ଥଳ, ଶ୍ରୀଦାଣ୍ଡ ଏବଂ ରେଳଷ୍ଟେଶନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ କମନ ଫିଡ୍, ରଥଯାତ୍ରା ଦିନ ସିଂହଦ୍ୱାରଠାରେ ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପୁରୀର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅସ୍ଥାୟୀ ସୂଚନା କେନ୍ଦ୍ରଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ପ୍ରକାଶନ କରାଯାଇ ବିକ୍ରୟ କରାଯିବ। ଟେଲିଭିଜନ ଓ ଫଟୋ କଭରେଜ, ରେଡିଓ ଜିଙ୍ଗଲ ଏବଂ ବିଜ୍ଞାପନ ପ୍ରସାରଣ ବ୍ୟବସ୍ଥା ସହ କଟକରୁ ପୁରୀ ଜାତୀୟ ରାଜପଥରେ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ହୋର୍ଡିଂ ମାଧ୍ୟମରେ ବ୍ୟାପକ ପ୍ରଚାରପ୍ରସାର ପାଇଁ ବ୍ୟବସ୍ଥା କରାଯିବ। ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାରପ୍ରସାର ପାଇଁ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ଅବସରରେ ପୁରୀ ପଲ୍ଲିଶ୍ରୀ ମେଳାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଏବଂ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଧାରିତ ଯେଉଁ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥାଏ ତାହାକୁ ଆହୁରି ଆକର୍ଷଣୀୟ କରିବାକୁ ପ୍ରମୁଖ ଶାସନ ସଚିବ ସିଂହ ପରାମର୍ଶ ଦେଇଥିଲେ। ଓଡ଼ିଶାର ୩୦ ଜିଲାରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନଗୁଡ଼ିକରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ।

# ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ



ବିଶ୍ୱ ରକ୍ତ ଶିକୁଳି ଦିବସରେ ଏସ୍‌ସିଏସ୍‌ଟିଆର୍‌ଟିଆଇଠାରେ ଅନୁଷ୍ଠିତ ସଚେତନତା କର୍ମଶାଳା।

ଭୁବନେଶ୍ୱର, ୧୯।୬(ଅସମାପିକା ସାହୁ)

ବିଶ୍ୱ ରକ୍ତ ଶିକୁଳି ଦିବସ ଅବସରରେ ବୁଧବାର ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ବୁଧବାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଏସ୍‌ସିଏସ୍‌ଟିଆର୍‌ଟିଆଇ)ରେ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମ ୧୫ ଦିନ ଧରି ଅର୍ଥାତ୍ ଜୁଲାଇ ୩ ଯାଏ ଆୟୋଜିତ ହେବ। ଏନେଇ ପ୍ରତିଷ୍ଠାନରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠାନ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଶିକୁଳି ରୋଗର କାରଣ, ରକ୍ତହୀନତାର ନିରାକରଣ ତଥା ରୋଗ ସମ୍ପର୍କିତ ସର୍ବସାଧାରଣରେ ସଚେତନତା ସୃଷ୍ଟି କରିବା ବିଷୟରେ କହିଥିଲେ। ଅନୁଷ୍ଠାନର ସ୍ୱତନ୍ତ୍ର ଅଧିକାରୀ ସମରେନ୍ଦ୍ର ଭୂତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସଂଘମିତ୍ରା ସେଠୀ, ଶ୍ରୀଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ଜନଜାତି ବିଭାଗର ବିଭିନ୍ନ ଜିଲାରେ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଅନୁଷ୍ଠାନର କର୍ମଚାରୀ ଏବଂ ରାଜ୍ୟ ଜନଜାତି ସଂଗ୍ରହାଳୟର ପରିଦର୍ଶକମାନେ ଅଂଶଗ୍ରହଣ କରିଥିଲେ।

# ଦନ୍ତା ଆକ୍ରମଣରେ ଜଣେ ମୃତ

ହେମଗିର,୧୯।୬(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ରେଞ୍ଜ ଅନ୍ତର୍ଗତ କୋଡ଼ବାହାଲ ଫରେଷ୍ଟସ୍ଥିତ ରାମଲତା ଗ୍ରାମରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ପ୍ରେମଲାଲ ଖଟା(୫୩)। ଘଟଣାସ୍ଥଳରେ ବନ ବିଭାଗ ଓ ପୋଲିସ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ପ୍ରେମଲାଲ ଘର ବାହାରେ ଶୋଇଥିବା ବେଳେ ଏକ ଦନ୍ତା ତାଙ୍କୁ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ମୁକୁଳା ଡ୍ରେନ୍‌ରେ ନାବାଳକଙ୍କ ମୃତ୍ୟୁ ଘଟଣା

# ଦୋଷୀଙ୍କ ବିରୋଧରେ ୭ ଦିନରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର,୧୯।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ମୁକୁଳା ଡ୍ରେନ୍‌ରେ ଭାସିଯାଇ ୟୁନିଟ-୩ ଖାରବେଳନଗର ଥାନା ଅଧୀନ ମସ୍‌ଜିଦ୍ କଲୋନୀର ୧୦ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟଣାକୁ ନେଇ ତ୍ରୁଟି ଓ ଦୋଷୀ ଖୋଜାଚାଲିଛି। ଏହି ଘଟଣା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଦାୟୀ କରାଯାଉଥିବାରୁ ବିଭାଗୀୟ ଅଧିକାରୀ ଅଡୁଆରେ ପଡିଛନ୍ତି। ଏଭଳି ସ୍ଥିତିରେ ବୁଧବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମସଜିଦ୍ କଲୋନୀସ୍ଥିତ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ପୁଅକୁ ହରାଇ ଶୋକାକୁଳ ଅବସ୍ଥାରେ ଥିବା ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତେବେ ସ୍ଥାନୀୟ ନେତା ଓ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ପରେ ବିଏମ୍‌ସିକୁ ଦୋଷ ଦେଇଛନ୍ତି। ଉକ୍ତ ଡ୍ରେନ୍‌ରେ ବାରିକେଡ୍ ହୋଇଥିଲେ ଏଭଳି ଅଭାବନୀୟ ଘଟଣା ଘଟି ନ ଥାନ୍ତା ବୋଲି ମନ୍ତ୍ରୀ କହିଛନ୍ତି। ଏହି ଘଟଣା ସଂକ୍ରାନ୍ତରେ ବିଏମ୍‌ସି କମିଶନରଙ୍କୁ ମନ୍ତ୍ରୀ ରିପୋର୍ଟ ମାଗିଛନ୍ତି। ଘଟଣା ପାଇଁ ଦାୟୀ କିଏ, ଡ୍ରେନ୍‌ରେ ପାଚେରି କାହିଁକି ହୋଇ ନ ଥିଲା ଏବଂ କେଉଁ ପରିସ୍ଥିତିରେ ଅଧାରୁ କାମ ବନ୍ଦ ହୋଇଥିଲା, ସେନେଇ ଜାଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ବୁଧବାର ସନ୍ଧ୍ୟା ସୁଦ୍ଧା ଦେବାକୁ ନିର୍ଦ୍ଦେଶ ହୋଇଥିବା ବେଳେ ସମୀକ୍ଷା ପରେ ଘଟଣା ପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ ୭ ଦିନ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ରାଜଧାନୀରେ କେତେ ଡ୍ରେନ୍ ମୁକୁଳା ପଡିଛି, କେଉଁଠି ବାରିକେଡିଂ ହୋଇନାହିଁ, କେଉଁ ଡ୍ରେନ୍‌ର କାମ ଅଧାରେ ଅଟକିଛି ତାହା ଜାଣିବାକୁ ମଧ୍ୟ ମନ୍ତ୍ରୀ ବିଏମ୍‌ସି କମିଶନରଙ୍କୁ ରିପୋର୍ଟ ମାଗିଛନ୍ତି।

# ବଡ଼ଭାଇଙ୍କ ଟାଙ୍ଗିଆ ଚୋଟରେ ସାନ ମୃତ

ଅନୁଗୋଳ,୧୯।୬

ଅନୁଗୋଳ ଜିଲା ସଦର ଥାନା ଅନ୍ତର୍ଗତ ଜରାସିଂହା ଗ୍ରାମର ପୁରୁଣା ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇ ବିରଞ୍ଚି ନାଏକଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ଗଦା ନାଏକଙ୍କ ପ୍ରାଣ ଯାଇଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି।

ପୋଲିସ କହିଛି, ଜରାସିଂହା ଗ୍ରାମ ପୁରୁଣାସାହିର ବଳେହି ନାଏକଙ୍କ ସାନ ପୁଅ ଗଦା ଗାଁ ପାଖ ଏକ ରାଇସ ମିଲ୍‌ରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ପାରିବାରିକ ସମସ୍ୟାକୁ ନେଇ ବଡ଼ଭାଇ ବିରଞ୍ଚିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଦୁହେଁ ଘରକୁ ପଳାଇ ଯାଇଥିଲେ। ଗୁଳୁଗୁଳି ଯୋଗୁ ରାତିରେ ଗଦା ଘର ବାହାରେ ଶୋଇଥିବା ବେଳେ ସକାଳୁ ତାଙ୍କର ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ସ୍ତ୍ରୀ ଚିତ୍କାର କରିଥିଲେ। ଖବରପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ତଦନ୍ତ ଆରମ୍ଭ କରିଛି। ଗଦାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରି ବିରଞ୍ଚି ଫେରାର ହୋଇଯାଇଥିବା ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ସଦର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


କ୍ରନ୍ଦନରତ ମୃତକଙ୍କ ପରିବାର ଲୋକେ।


କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ବୁଲୁଥିବା ୨୭ ଟିକିଆ ହାତୀପଲ ଜଙ୍ଗଲ ମଧ୍ୟରେ ଥିବା ଝୁଣ୍ଟାପିଙ୍ଗୁ ପୋଖରୀରୁ ପାଣି ପିଉଛନ୍ତି।

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! –ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ ଉପବାସ



# ସ୍ୱାସ୍ଥ୍ୟସେବାରେ ପିପିପି ମଡେଲ




ତିତିର ଭଟ୍ଟାଚାର୍ଯ୍ୟ
ରିସର୍ଚ୍ଚ ଫେଲୋ, ୟୁନିଭର୍ସିଟି ଅଫ୍ ୱାରୱିକ୍ (ୟୁକେ)

ତନିକା ଚକ୍ରବର୍ତ୍ତୀ
ଆସୋସିଏଟ୍ ପ୍ରଫେସର, ଆଇଆଇଏମ୍ (କୋଲକାତା)

ବର୍ଷେ କିମ୍ବା ୨ ବର୍ଷ ମଧ୍ୟରେ ନିମ୍ନ ଓ ମଧ୍ୟମ ଆୟ ବର୍ଗ ଦେଶଗୁଡ଼ିକର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଇନ୍ସ୍ୟୁରାନ୍ସ କମ୍ପାନୀ ବହନ କରୁ ନ ଥିବା ରୋଗୀଙ୍କ ଖର୍ଚ୍ଚ କମ୍ କରିବା ଉପାୟ ଲାଗୁ କରୁଛନ୍ତି। ବୈଶ୍ୱିକ ସ୍ତରରେ ସ୍ୱାସ୍ଥ୍ୟସେବା ଉପଲବ୍ଧ ନିଶ୍ଚିତ କରିବା ପାଇଁ ସେମାନେ ଧୀରେ ଧୀରେ ସରକାରଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ବୀମାକୁ ଆପଣାଉଛନ୍ତି ଯାହା ଘରୋଇ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇବାରେ ସାହାଯ୍ୟ କରୁଛନ୍ତି। ଭାରତ ଏହାର ଏକ ବଡ଼ ଉଦାହରଣ। ୨୦୦୦ ଦଶକ ମଧ୍ୟଭାଗରୁ କେନ୍ଦ୍ର ସରକାର ଏବଂ ବିଭିନ୍ନ ରାଜ୍ୟ ସ୍ୱଳ୍ପ ଆୟକାରୀ ବର୍ଗଙ୍କ ନିକଟରେ ସ୍ୱାସ୍ଥ୍ୟସେବା ସୁବିଧା ପହଞ୍ଚାଇବା ପାଇଁ ଏହିପରି ବୀମା କାର୍ଯ୍ୟକ୍ରମ ଲାଗୁ କରିଛନ୍ତି।

ଏହି ପ୍ରକାରର ସରକାରୀ–ବେସରକାରୀ( ଘରୋଇ) ସହଭାଗିତା (ପିପିପି) ମଡେଲ ବିକାଶଶୀଳ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟନୀତି ଆଲୋଚନାରେ ପ୍ରମୁଖ ଅଂଶ ହୋଇଛି। ବ୍ୟୟବହୁଳ ଭିତ୍ତିଭୂମି ନିର୍ମାଣ ଏବଂ ଅମଲାତାନ୍ତ୍ରିକ ବିଳମ୍ବ, ରାଜନୈତିକ ପକ୍ଷପାତିତା ଏବଂ ଆୟବ୍ୟୟ ପ୍ରତିବନ୍ଧକ ଦ୍ୱାରା ସୃଷ୍ଟ ସମସ୍ୟାକୁ ଦେଖିଲେ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାରେ ଜାତୀୟ ତଥା ରାଜ୍ୟ ସରକାରଗୁଡ଼ିକ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ସ୍ୱଳ୍ପ ଆୟ କରୁଥିବା ପରିବାରଗୁଡ଼ିକୁ ଅଧିକ କିମ୍ବା ସମ୍ପୂର୍ଣ୍ଣ ରିହାତିରେ ଘରୋଇ ସେବା ପାଇବାକୁ ସକ୍ଷମ କରିଛି।

ଏହିସବୁ କାର୍ଯ୍ୟକ୍ରମର ସଫଳତା ବିଭିନ୍ନ ଦେଶରେ ଭିନ୍ନ ହୋଇଥାଏ ଏବଂ ତାହା ସେମାନଙ୍କ ସ୍ଥାନୀୟ ପରିବେଶ ଓ ଢାଞ୍ଚା ଉପରେ ନିର୍ଭରକରେ। ଉଦାହରଣ ସ୍ୱରୂପ, ଚାଇନା ଓ ଭିଏତ୍ନାମ ବହୁ ସମୟରେ ସେମାନଙ୍କ ସଫଳତା ଦର୍ଶାଇଛନ୍ତି। ୨୦୧୬ ସୁଦ୍ଧା କେତୋଟି ସ୍ୱାସ୍ଥ୍ୟ ବୀମା ଦ୍ୱାରା ସେମାନଙ୍କ ଜନସଂଖ୍ୟାର ଯଥାକ୍ରମେ ୧୦୦% ଓ ୮୦%କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇପାରିଛନ୍ତି। କିନ୍ତୁ ଚାଇନାରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତ ତଥା ଅତ୍ୟାଧୁନିକ ଚିକିତ୍ସା ସେବା ପାଇଁ ଇନ୍ସୁରାନ୍ସ ବହନ କରୁ ନ ଥିବା ରୋଗୀଙ୍କ ଖର୍ଚ୍ଚ ବୃଦ୍ଧି ପାଇଥିବାବେଳେ ଭିଏତ୍ନାମରେ ପିପିପି ମୋଡ୍ କାର୍ଯ୍ୟକ୍ରମର ବିସ୍ତାର ପରେ ତାହା ହ୍ରାସ ପାଇଛି। ଗରିବ ଲୋକଙ୍କୁ ସରକାରୀ ଅନୁଦାନପ୍ରାପ୍ତ ବୀମା ଦ୍ୱାରା ମାଗଣା ଚିକିତ୍ସା ସୁବିଧା ଯୋଗାଇବା ଉପରେ ଧ୍ୟାନଦେଇ ଭାରତ ମଧ୍ୟ ଭିଏତ୍ନାମ ଆଭିମୁଖ୍ୟ ଗ୍ରହଣ କରିଛି। ଘରୋଇ ହସ୍ପିଟାଲ ଓ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଦେଲେ ସମ୍ପୂର୍ଣ୍ଣ ସବ୍‌ସିଡ଼ିଯୁକ୍ତ ବୀମା ଉନ୍ନତ ସ୍ୱାସ୍ଥ୍ୟ ଫଳାଫଳ ଦେଇପାରିବ। କିନ୍ତୁ ଅନେକ ମାଗଣା ବୀମା କାର୍ଯ୍ୟକ୍ରମ ଚାଲିବା ସତ୍ତ୍ୱେ ଏହାର ଗ୍ରହଣୀୟତା ଭାରତରେ



କମ୍ ରହିଛି। ଭାରତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେର ତଥ୍ୟକୁ ଆଧାରକରି କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ, ଭାରତରେ ମାତ୍ର ୪୧% ପରିବାରରେ ସ୍ୱାସ୍ଥ୍ୟ ବୀମା ରହିଛି। ଏପରିକି ଯେଉଁମାନଙ୍କ ପାଖରେ ଏହା ଅଛି ସେମାନେ ଏହାକୁ କିଭଳି କାର୍ଯ୍ୟକାରୀ କରିବେ ତାହା ମଧ୍ୟ ଜାଣିନାହାନ୍ତି। ଏହି ବିଷୟ ଉପରେ ବିକାଶଶୀଳ ଦେଶଗୁଡିକର ଗୁରୁତ୍ୱ ଦେବା ଦରକାର। ଗ୍ରାମାଞ୍ଚଳରେ ପରିବାରଗୁଡ଼ିକ ପ୍ରାୟତଃ ସେମାନଙ୍କର ସ୍ଥାନୀୟ ଗୋଷ୍ଠୀଗୁଡ଼ିକ ଉପରେ ନିର୍ଭର କରନ୍ତି ଏବଂ ଏପରିକି ଗୋଷ୍ଠୀରେ ଯୋଗଦିଅନ୍ତି ଯାହାର ସଦସ୍ୟମାନେ ଜରୁରୀ ସ୍ୱାସ୍ଥ୍ୟ ପରିସ୍ଥିତି ପାଇଁ ଟଙ୍କା ଜମା କରି ରଖିଥାନ୍ତି। କେତେକ ଅଧ୍ୟୟନ ଦର୍ଶାଏ ଯେ, ଏହି ଅନୌପଚାରିକ ଗୋଷ୍ଠୀର ଉପସ୍ଥିତି ଔପଚାରିକ ବୀମା ପାଇଁ ଦେୟ ଦେବାର ଇଚ୍ଛାକୁ କମ୍ କରିପାରେ। ଅନୌପଚାରିକ ବୀମା ଔପଚାରିକ ଯୋଜନାଗୁଡ଼ିକୁ ଆଗକୁ ବଢ଼ିବାକୁ ସୁଯୋଗ ଦେଉ ନ ଥିବା ଏଥିରୁ ବୁଝାପଡୁଥିବାବେଳେ ଆମର ଅନୁସନ୍ଧାନ ଦର୍ଶାଏ ଯେ ଅନୌପଚାରିକ ନେଟ୍‌ୱର୍କଗୁଡ଼ିକ ପ୍ରକୃତରେ ସରକାରୀ ପ୍ରଦତ୍ତ ଯୋଜନାଗୁଡିକର ବ୍ୟାପକ ଗ୍ରହଣୀୟତାକୁ ସହଜ କରିପାରେ। ଉଦାହରଣ ସ୍ୱରୂପ, ଏଭଳି ନେଟ୍‌ୱର୍କଗୁଡ଼ିକର ସହଯୋଗ ଲୋକମାନଙ୍କୁ ଦୁର୍ଗମ ଅଞ୍ଚଳର ଡାକ୍ତରଖାନାକୁ ଯିବା ସହଜ କରିପାରେ।

ଆମ ଗବେଷଣା କହିଛି ଯେ, ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପିପିପି ମଡେଲ ସର୍ବୋତ୍ତମ ଉପାୟ କି ନୁହେଁ ତାହା ସରକାରମାନେ ସ୍ଥିର କରିବେ। କୋଭିଡ୍–୧୯ ମହାମାରୀ ଦର୍ଶାଇଛି ଯେ ଅନେକ ସେବା ପ୍ରଦାନକାରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ସମସ୍ତଙ୍କୁ ଉପଲବ୍ଧ ହୋଇଛି। କେତେକ କ୍ଷେତ୍ରରେ ପ୍ରତ୍ୟକ୍ଷ ସରକାରୀ ଯୋଗାଣ ଏକମାତ୍ର ସମ୍ଭବ ବିକଳ୍ପ ହୋଇଥାଇପାରେ। ଏବେ ଜାରି ରହିଥିବା ଅନ୍ୟ ଏକ ଅଧ୍ୟୟନରେ ଆମେ ସ୍ୱାସ୍ଥ୍ୟସେବା ଉପଲବ୍ଧ ପାଇଁ ପିପିପି ମଡେଲର ଜଟିଳ ପ୍ରଭାବଗୁଡିକ ଉପରେ ଅନୁଧ୍ୟାନ କରିଛୁ। ସିଦ୍ଧାନ୍ତରେ ପହଞ୍ଚିଛୁ ଯେ, ଯଦି ବେସରକାରୀ ବ୍ୟବସ୍ଥା ସରକାରୀ ଅପେକ୍ଷା ଭଲ, ତେବେ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ହୋଇପାରେ। କିନ୍ତୁ ଯଦି ସରକାରୀ ବ୍ୟବସ୍ଥା ଘରୋଇ ବ୍ୟବସ୍ଥାଠାରୁ ଉନ୍ନତ, ତେବେ ସାମଗ୍ରିକ ସ୍ୱାସ୍ଥ୍ୟ ପରିଣାମ ନକାରାତ୍ମକ ଭାବେ ପ୍ରଭାବିତ ହୋଇପାରେ। ଉଦାହରଣ ସ୍ୱରୂପ, ଗୋଟିଏ କ୍ଷେତ୍ର ଯେଉଁଥିରେ ଭାରତ ତାହାର ପଡ଼ୋଶୀଙ୍କ ଠାରୁ ପଛରେ ପଡ଼ିଛି, ତାହା ହେଉଛି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ। ହସ୍ପିଟାଲରେ ପ୍ରସବ ହାର କମ୍ ହେଉଛି। ଅପରପକ୍ଷରେ ଘରୋଇ ସେବାର ଅଧିକ ମୂଲ୍ୟ ଏବଂ ସରକାରୀ ଡାକ୍ତରଖାନାଗୁଡ଼ିକରେ ଦୀର୍ଘ ସମୟ ଅପେକ୍ଷାକୁ ମଧ୍ୟ ଏଥିପାଇଁ ଦାୟୀ କରାଯାଇପାରେ। ଘରୋଇ ସେବା ପାଇଁ ଆର୍ଥିକ ସହାୟତା ଦିଆଗଲେ ଅଧିକ ମହିଳା ସେମାନଙ୍କ ଘର ଭଳି ଅନ୍ୟ ଅଗ୍ରହଣୀୟ ବ୍ୟବସ୍ଥା ପରିବର୍ତ୍ତେ ସେମାନଙ୍କର ଶିଶୁକୁ ଘରୋଇ ଡାକ୍ତରଖାନା ଜନ୍ମଦେବାକୁ ପସନ୍ଦ କରିବେ।

ଆମେ ମଧ୍ୟ ଜାଣିବାକୁ ପାଇଛୁ ଯେ, ଔପଚାରିକ ସ୍ୱାସ୍ଥ୍ୟବୀମା କାର୍ଯ୍ୟକ୍ରମ ଆରମ୍ଭ କରାଯିବା ପରେ ମହିଳାମାନେ ବହୁ ସମୟରେ ସରକାରୀ ଡାକ୍ତରଖାନା ବଦଳରେ ଘରୋଇ ହସ୍ପିଟାଲକୁ ଯାଉଛନ୍ତି। ତେବେ ଏହିସବୁ କାର୍ଯ୍ୟକ୍ରମ ରୋଗୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ନିଜେ ବହନ କରୁଥିବା ଖର୍ଚ୍ଚ ହ୍ରାସ କରୁଛି। ଏଥିରୁ ବୁଝାପଡୁଛି , ପୂର୍ବରୁ ଘରୋଇ ହସ୍ପିଟାଲରେ ଚିକିତ୍ସା ଲାଗି ଦେଉଥିବା ଦେୟ ଏବେ ସରକାରଙ୍କ ଦ୍ୱାରା କମ୍ ହୋଇପାରୁଛି। ଭାରତର ଜାତୀୟ ସ୍ୱାସ୍ଥ୍ୟ ଆକାଉଣ୍ଟର ଏବକାର ଏକ ଆକଳନ ଦୁଇଟି ଦିଗକୁ ସୂଚିତ କରିଛି। ଜଟିଳ ତଥା ଅତ୍ୟାଧୁନିକ ଚିକିତ୍ସା ଉପରେ ସରକାରୀ ଖର୍ଚ୍ଚ ବହୁତ କମିଛି ଏବଂ ସାମାଜିକ ସ୍ୱାସ୍ଥ୍ୟବୀମା ସମେତ ସରକାରଙ୍କ ସାମାଜିକ ସୁରକ୍ଷା ଖର୍ଚ୍ଚ ଅତ୍ୟଧିକ ବୃଦ୍ଧି ପାଇଛି। ଏହା ସୂଚିତ କରୁଛି ଯେ, ଜଟିଳ ଓ ଅତ୍ୟାଧୁନିକ ଚିକିତ୍ସା ପାଇଁ ସରକାର ସିଧାସଳଖ ସରକାରୀ ବ୍ୟବସ୍ଥା ବଦଳରେ ପିପିପି ମଡେଲକୁ ଗ୍ରହଣ କରିଛନ୍ତି।

କିନ୍ତୁ ଯଦି ବହୁତ କମ୍ ବେସରକାରୀ ହସ୍ପିଟାଲ ଅଛି, ତେବେ ସରକାରୀ ଖର୍ଚ୍ଚ ହ୍ରାସ କଲେ ତାହା ଲୋକଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ଦୂର ଯିବାକୁ ବାଧ୍ୟ କରିପାରେ। ଆମ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଆନ୍ଧ୍ରପ୍ରଦେଶରେ ଯେଉଁଠାରେ ଭାରତର ସବୁଠୁ ବେଶି ଡାକ୍ତରଖାନା ଅଛି, ସେଠାରେ ଡାକ୍ତରଖାନାରେ ପହଞ୍ଚିବା କଷ୍ଟକର। ବୀମା ସମ୍ପୂର୍ଣ୍ଣ ସବ୍‌ସିଡି ହୋଇଥିଲେ ମଧ୍ୟ ଏହାର ଗ୍ରହଣୀୟତା ହାର ପ୍ରଭାବିତ ହେଉଛି। ଅପରପକ୍ଷେ ସାମଗ୍ରିକ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଭିଏତ୍ନାମ ହାସଲ କରିଥିବା ସଫଳତା ପାଇଁ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିପୁଳ ସରକାରୀ ନିବେଶକୁ ଶ୍ରେୟ ଦିଆଯାଇପାରେ। ଯଦି ଭାରତର ନୂତନ ସାମାଜିକ ବୀମା ନୀତି ଘରୋଇ ଡାକ୍ତରଖାନାକୁ ନିୟନ୍ତ୍ରଣ କରେ, ତେବେ ଏହା ଜଟିଳ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ବଢ଼ାଇପାରେ ଏବଂ ଏ କ୍ଷେତ୍ରରେ ସରକାରୀ ଖର୍ଚ୍ଚ ହ୍ରାସ କରିପାରେ। ତେବେ ଏହି ଘରୋଇ ହସ୍ପିଟାଲଗୁଡ଼ିକର ଅଭିବୃଦ୍ଧି ସହରାଞ୍ଚଳରେ ଯଦି କେନ୍ଦ୍ରୀଭୂତ ହୁଏ, ତେବେ ବହୁ କମ୍ ଲୋକ ଉପକୃତ ହେବେ। ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ପିପିପି ମୋଡ୍‌କୁ ପ୍ରୋତ୍ସାହିତ କରିବା ପର୍ଯ୍ୟାପ୍ତ ନୁହେଁ। ଦେଶର ସମସ୍ତ ଅଞ୍ଚଳରେ ବେସରକାରୀ ହସ୍ପିଟାଲଗୁଡ଼ିକ ଉପଲବ୍ଧତା ନିଶ୍ଚିତ କରିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଗୁଣିଗାରେଡ଼ି ନୁହେଁ, ଚିକିତ୍ସା ଦରକାର



ଡା. ସମ୍ରାଟ କର

ଅନେକ ଦିନ ପରେ ବନ୍ଧୁ ସତ୍ୟଦୀପ ଦେଖାହୋଇଗଲେ ଓ ତାଙ୍କର ଜଣେ ପରିଚିତ ମହିଳାଙ୍କ ଶାରୀରିକ ସମସ୍ୟା କଥାରୁ ହିଁ ମୋ ପରାମର୍ଶ ଚାହିଁଲେ। ତାଙ୍କ କହିବା ମୁତାବକ ମହିଳାଙ୍କର ସେପରି କୌଣସି ମାନସିକ ସମସ୍ୟା ନାହିଁ। ନିକଟରେ ସେ ଏକ କନ୍ୟାସନ୍ତାନର ଜନନୀ ହୋଇଛନ୍ତି। ତାଙ୍କ ମାନସିକ କ୍ଷେତ୍ର ଅନେକ ଭାବରେ ବିଗିଡ଼ି ଯିବାପରି ଲାଗୁଛି। ମୁଁ ତାଙ୍କୁ କହିଲି ମା’ ହେବା ପରେ ମହିଳାଙ୍କ ଭିତରେ ଅନେକ କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ଶାରୀରିକ ପରିବର୍ତ୍ତନ ହେବା ସାଧାରଣ କଥା। କିନ୍ତୁ ମାନସିକ ପରିବର୍ତ୍ତନ ନୂଆ କରି ମା’ ହୋଇଥିବା ମହିଳାଙ୍କଠାରେ ସମସ୍ୟା ସୃଷ୍ଟି କରିଥାଏ। ମା’ ହେବାପରେ ଅଧିକାଂଶ ମହିଳାଙ୍କଠାରେ ଚିଡ଼ା ଲାଗିବା, ନିଦ ନ ହେବା, ଭୋକ ନ ଲାଗିବା ପରି ଲକ୍ଷଣ ଦେଖାଯାଏ। ଅର୍ଥାତ୍ ଏକ ପ୍ରକାର ଅବସାଦକୁ ମଧ୍ୟ ଚାଲିଯାଆନ୍ତି। ଏହାକୁ କୁହାଯାଏ ବେବି ବ୍ଲୁଜ୍। ପିଲା ଜନ୍ମ ହେବା ପରେ ୧୦–୧୫ ପ୍ରତିଶତ ମହିଳା ବେବି ବ୍ଲୁଜ୍‌ର ଶିକାର ହୋଇଥାନ୍ତି। ମହିଳାମାନଙ୍କୁ ଗର୍ଭ ଧାରଣ କରିବା ଆରମ୍ଭରୁ ଏବଂ ପ୍ରସବ ପରେ ବେବି ବ୍ଲୁଜ୍ ହୋଇଥାଏ। କେତେଜଣ ମହିଳାଙ୍କଠାରେ ଏହା ଅତି ଭୟଙ୍କର ରୂପ ନିଏ। ଯେଉଁ ମହିଳାଙ୍କୁ ବାଇପୋଲାର ଡିଜ୍‌ଅର୍ଡର ସମସ୍ୟା ଥାଏ ସେମାନଙ୍କଠାରେ ବେବି ବ୍ଲୁଜ୍ ସମସ୍ୟା ୪୦ ପ୍ରତିଶତ ଅଧିକ ଥାଏ। ଏଥିରେ ୧୦ ପ୍ରତିଶତ ଆତ୍ମହତ୍ୟା ଏବଂ ଶିଶୁ ମୃତ୍ୟୁ ସମ୍ଭାବନା ଦେଖା ଦେଇଥାଏ। ଏ କ୍ଷେତ୍ରରେ ଗ୍ରାମୀଣ ମହିଳାମାନେ ଅଧିକ ସମସ୍ୟାକୁ ସାମ୍ନା କରିଥାନ୍ତି। କାରଣ ସେମାନଙ୍କୁ ପରାମର୍ଶ ଦେବା ପାଇଁ ନିଜ ପରିଜନ ଲୋକଙ୍କ ଭିତରେ ସେପରି ଠିକ୍ ଜ୍ଞାନ ନ ଥାଏ। ଏକ ଅଭାବୀ ପରିବାର ଭିତରେ ବିଶେଷକରି ସେପରି ସତ୍‌ଶିକ୍ଷା ନ ଥିବାରୁ ଝିଅଟିଏ ଜନ୍ମ ହେଲେ ସେମାନେ ତାହାର ଭବିଷ୍ୟତ ଓ ଅନେକ ଦାୟିତ୍ୱ ତଥା ଖର୍ଚ୍ଚକୁ ଚିନ୍ତାକରି ଘର ଭିତରର ହେଉଥିବା ସାଧାରଣ ଆଲୋଚନାଟି ଯେତେବେଳେ ଜନ୍ମ ଦେଉଥିବା ମା’ଟି କାନରେ ପଡ଼େ ସେ ସମୟରେ ସେ ଏକ ପ୍ରକାର ବିଚଳିତ ହୋଇପଡ଼ି ମନସ୍ତାତ୍ତ୍ୱିକ ଅସନ୍ତୁଳନ ଭିତରକୁ ଚାଲିଯାଇଥାନ୍ତି। ସେହିପରି କେତେକ ପରିବାରରେ ଝିଅ ଜନ୍ମକୁ ଏକ ବୋଝ ଭାବିଥାନ୍ତି ଏବଂ ଆଉ କେତେକ ପରିବାରରେ ଯଦି ଆସନ୍ନ ପ୍ରସବାଟି ମୃତ ଶିଶୁକୁ ଜନ୍ମ ଦେଇଥାନ୍ତି ତାଙ୍କ ଉପରେ ଯେଉଁ ମାନସିକ ଓ ଶାରୀରିକ ଉଭୟ ଚାପ ଓ ଯନ୍ତ୍ରଣା ପଡ଼ିଥାଏ ତାହା କିଭଳି ମନସ୍ତାତ୍ତ୍ୱିକ ପରିବେଶ ସୃଷ୍ଟି କରୁଥିବ ଆପଣ ଚିନ୍ତା କରନ୍ତୁ?

ଡାକ୍ତରୀ ବିଜ୍ଞାନରେ ବେବି ବ୍ଲୁଜ୍‌କୁ ପୋଷ୍ଟପାର୍ଟମ ଡିପ୍ରେଶନ କୁହାଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ପ୍ରସବ ପରେ ନୂଆକରି ମା’ ହୋଇଥିବା ମହିଳାଙ୍କଠାରେ ବେବି ବ୍ଲୁଜ୍ ହେବାର ଆଶଙ୍କା ୬୫ ପ୍ରତିଶତରୁ ଅଧିକ ଥାଏ। ୭୦–୮୦ ପ୍ରତିଶତ ନୂଆ ମା’ଙ୍କୁ ଶିଶୁ ଜନ୍ମର ଚାରି ପାଞ୍ଚ ଦିନ ପରେ ମନରେ ନକାରାତ୍ମକ ଭାବନାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପିଲା ଜନ୍ମ ହେବାର ପ୍ରଥମ ସପ୍ତାହରେ ୮୦ ପ୍ରତିଶତ ମହିଳାଙ୍କଠାରେ ବେବି ବ୍ଲୁଜ୍ ସମସ୍ୟା ଦେଖିବାକୁ ମିଳିଥାଏ। ତେବେ ଏହି ମାନସିକ ରୋଗରୁ ତୁରନ୍ତ ବାହାରିବା ନିହାତି ଦରକାର। ନ ହେଲେ ଏହା ଭୟଙ୍କର ରୂପ ନେଇପାରେ। କାଉନସେଲିଂ ଏବଂ ଔଷଧର ସାହାଯ୍ୟ ନେଇପାରିବେ। ପରିବାର ଲୋକଙ୍କ ସହଯୋଗ ମଧ୍ୟ ମା’ମାନଙ୍କୁ ଅନେକାଂଶରେ ଅବସାଦରୁ ଦୂରେଇ ରଖିଥାଏ। ଏହା ସେପରି ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ କିନ୍ତୁ ମାତୃତ୍ୱ ଲାଭ କରିଥିବା ମା’ମାନଙ୍କୁ ଏ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ସହାୟତା, ସହଯୋଗ ଓ ପରାମର୍ଶ ଜରୁରୀ। ତାଙ୍କୁ ଘରେ ବ୍ୟସ୍ତବହୁଳ କାର୍ଯ୍ୟ ନ ଦେଇ କିଛି ବିଶ୍ରାମ ଦେବା ଜରୁରୀ। କେବଳ ଭଲ ଖାଇବା ବା ଔଷଧ ଯୋଗାଇ ଦେଲେ ଜଣଙ୍କର ସ୍ୱାସ୍ଥ୍ୟ ନୀରୋଗ ରହିବ ତାହା ନୁହେଁ। ଅଧିକ ସମସ୍ୟା ଅନୁଭବ କଲେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବ। ତେବେ ଆଉ ଗୋଟିଏ କଥା ଭଲ ଭାବେ ମନେରଖିଥିବେ ଆପଣମାନେ ଏ କ୍ଷେତ୍ରରେ କୌଣସି ଗୁଣିଗାରେଡିର ସାହାଯ୍ୟ ବା କାହାଙ୍କ କଥାରେ ଶୁଣି ଟୁଣୁକା ଟୁଣୁକି ଚିକିତ୍ସା ଆଦୌ ଗ୍ରହଣ କରିବେ ନାହିଁ। କାରଣ ଏହା ରୋଗୀଟିର ସମସ୍ୟାକୁ ଆହୁରି ବଢ଼ାଇ ଦେଇପାରିବାର ସମ୍ଭାବନା ଅଛି।

ମାନସିକ ରୋଗ ବିଶେଷଜ୍ଞ, ଦି’ ବ୍ରେନ୍,
ପୁରୀଘାଟ ରୋଡ୍, କଟକ,
ମୋ: ୯୧୩୨୪୩୩୩୩୩

## ଏଇ ଭାରତରେ

କର୍ଣ୍ଣାଟକର ଶିବମୋଗାରେ ଦେଖିବାକୁ ମିଳିଛି ଏକ ଅଜବ ବାହାଘର। ଏହି ବାହାଘର ପୁରବୀ ଭଟ୍ଟ ଓ ସମାନ୍ଥଙ୍କ ମଧ୍ୟରେ ଏକ ଫାର୍ମରେ ହୋଇଛି। ଡ. ପୁରବୀ ଜଣେ ନ୍ୟୁଟ୍ରିନିଷ୍ଟ ଓ ନେଚରପାଥି ହୋଇଥିବାବେଳେ ସମନ୍ଥ ହେଉଛନ୍ତି ଜୈବିକ ଚାଷୀ। ଫାର୍ମର ସବୁଜ ପରିବେଶରେ ଓ ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ ବାହାଘର ହୋଇଥିଲା। ଏଥିର ପ୍ଲାଷ୍ଟିକ, ପେପର ମଧ୍ୟ ବ୍ୟବହାର କରାଯାଇ ନ ଥିଲା। ଏହି ବାହାଘରରେ ଆଖୁରେ ବେଦି ତିଆରି ହୋଇଥିଲା, ଯାହାକୁ ବାହାଘର ପରେ ଗୋରୁଙ୍କୁ ଖାଇବାକୁ ଦିଆଯାଇଥିଲା। ମଣ୍ଡପ ନଡ଼ିଆ ଓ ଆମ୍ବପତ୍ରରେ ସଜା ଯାଇଥିଲା। ଦୁଇଦିନ ଧରି ଚାଲିଥିବା ବାହାଘରରେ ସମସ୍ତଙ୍କୁ କଦଳୀ ପତ୍ରରେ ଖାଇବାକୁ ଦିଆଯାଇଥିବା ବେଳେ ଅନ୍ୟ କାର୍ଯ୍ୟରେ ଷ୍ଟିଲ୍ ବାସନ ବ୍ୟବହାର କରାଯାଇଥିଲା। ପାଣି ପାଇଁ ବଡ଼ ଜାର ବ୍ୟବହାର କରାଯିବା ସହ ଖାଦ୍ୟ ନଷ୍ଟ ରୋକିବା ଲାଗି ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏପରିକି ସେଠାରେ ବ୍ୟବହାର ହୋଇଥିବା ପାଣିକୁ ଫାର୍ମର ଗଛଗୁଡ଼ିକରେ ଦିଆଯାଇଥିଲା। ବଡ଼ କଥା ହେଉଛି, ଫାର୍ମରେ ସାଜସଜା ପୁରୁଣା ଶାଢିରେ କରାଯାଇଥିଲା। ପୁରବୀ ତାଙ୍କ ଆଇମା’ଙ୍କୁ ୫୦ ବର୍ଷ ପୂର୍ବେ ଉପହାର ସ୍ୱରୂପ ମିଳିଥିବା ଏକ ଶାଢିକୁ ପିନ୍ଧି ବାହା ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୭୫

- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡିରେକ୍ଟର ତଥା ଆନ୍ଧ୍ର ମେଡିକାଲ କଲେଜର ପୂର୍ବତନ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସତ୍ୟନାରାୟଣ ଗନ୍ତାୟତଙ୍କ ୭୫ ବର୍ଷ ବୟସରେ ପରଲୋକ।
- ଗୁଜରାଟର ପ୍ରଥମ ଜନତା ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ୧୭ ସଦସ୍ୟଙ୍କ ଶପଥ ଗ୍ରହଣ।
- ଯୁକ୍ତରାଷ୍ଟ୍ର ଆମେରିକା ବିମାନ ବାହିନୀ ପକ୍ଷରୁ ଏକ ବିରାଟ ଗୁଇନ୍ଦା ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 7 | | 3 |
| | 3 | | | 4 | | | | |
| | | | | | 1 | 8 | | |
| | | 6 | 3 | 8 | | | | |
| 2 | | | | | | 1 | | 4 |
| | | 3 | | 7 | | | | 9 |
| | | 4 | | | | | | 6 |
| | | | | | 6 | 5 | 1 | |
| | | | 9 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 7 | 2 | 6 | 3 | 4 | 9 | 8 |
| 8 | 2 | 9 | 1 | 5 | 4 | 6 | 7 | 3 |
| 4 | 3 | 6 | 7 | 9 | 8 | 5 | 1 | 2 |
| 3 | 6 | 5 | 9 | 8 | 1 | 7 | 2 | 4 |
| 2 | 4 | 1 | 5 | 7 | 6 | 8 | 3 | 9 |
| 9 | 7 | 8 | 4 | 3 | 2 | 1 | 5 | 6 |
| 1 | 9 | 3 | 8 | 4 | 5 | 2 | 6 | 7 |
| 6 | 8 | 2 | 3 | 1 | 7 | 9 | 4 | 5 |
| 7 | 5 | 4 | 6 | 2 | 9 | 3 | 8 | 1 |

ଗତକାଲିର ଉତ୍ତର

# ଜଳବାୟୁଭିତ୍ତିକ ଶିକ୍ଷା ପ୍ରଣାଳୀ



ଇପ୍ସିତା ମହାନ୍ତି

ଜୀବନଧାରଣ ପାଇଁ ପ୍ରକୃତି ଆମକୁ ସବୁକିଛି ଦେଇଛି। ପ୍ରକୃତି ସହ ଆମର ଏହି ନିବିଡ଼ତା ପରିପ୍ରେକ୍ଷୀରେ ଏକ ଅଧା ଅଧୁରା ବିକାଶର ଅବଧାରଣାକୁ ଆପଣାଇବା ପରିବର୍ତ୍ତେ ଭାରତ ପୃଥିବୀ ଗ୍ରହ ଏବଂ ଏହା ଉପରେ ବସବାସ କରୁଥିବା ଲୋକଙ୍କ ପାଇଁ ଉତ୍ତମ ଦୃଷ୍ଟିରେ ଆଗକୁ ବଢିପାରିବ। ସଶକ୍ତ ଜଳବାୟୁଭିତ୍ତିକ ଶିକ୍ଷା ବ୍ୟବସ୍ଥା ଏହି ସୁଯୋଗକୁ ଯଥାର୍ଥ ରୂପ ଦେଇପାରିବ। ଯାହା ଭାରତୀୟଙ୍କୁ ଅତିସମ୍ବେଦନଶୀଳତା ପରିହାର କରିବା, ପ୍ରତିନିଧି ଦିଗରେ ଅଗ୍ରସର ହେବା, ପ୍ରକୃତିଭିତ୍ତିକ ଅର୍ଥନୀତିରେ ଯୁବ ଉଦ୍ୟୋଗୀ ହେବା, ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟ ଦ୍ୱାରା ବିସ୍ଥାପିତ ପିଲାମାନଙ୍କୁ ପରିବର୍ତ୍ତନଶୀଳ ଶିକ୍ଷା ପ୍ରଦାନ କରିବା ଏବଂ ଗ୍ରୀନ୍ ଇନ୍‌କମ(ସବୁଜିମା ରୋଜଗାର) ଦିଗରେ ଅଗ୍ରସର ହେବା ପାଇଁ ସୁଯୋଗ ଆଣିଦେବ।

ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କୋପ୍–୨୭ରେ ଭାରତ ନିଜ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱଳ୍ପ କାର୍ବନ ଉତ୍ସର୍ଜନ ଏବଂ ବିକାଶ କୌଶଳ ବିଷୟ ଉତ୍ଥାପନ କରିଥିଲା। ଏଥିରେ ବିଦ୍ୟୁତ୍ ଉଦ୍ୟୋଗ ଏବଂ ପରିବହନ ଭଳି କାର୍ବନ ନିର୍ଗମନ ସମ୍ବନ୍ଧୀୟ କ୍ଷେତ୍ରକୁ ପ୍ରାଥମିକତା ସ୍ୱରୂପ ଦର୍ଶାଇଥିଲା। ଦୀର୍ଘକାଳୀନ ଉପଭୋଗ ଏବଂ ଉତ୍ପାଦନ ପାଇଁ ଜନ ଆନ୍ଦୋଳନ ସ୍ୱରୂପ ‘ଲାଇଫ୍ ଷ୍ଟାଇଲ ଫର୍ ଏନ୍‌ଭାଇରନମେଣ୍ଟ’ (ପରିବେଶ ପାଇଁ ଜୀବନଶୈଳୀ) ଅର୍ଥାତ୍ ଲାଇଫ୍(ଜୀବନ)ର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲା। ଯେଉଁଥିରେ ପୃଥିବୀକୁ ଉତ୍ତପ୍ତ କରୁଥିବା ବାୟୁ ହ୍ରାସର ସମ୍ଭାବନା ରହିଛି। ଦୁବାଇରେ ଅନୁଷ୍ଠିତ କୋପ୍–୨୮ରେ ଭାରତ ନିଜ ଦୃଷ୍ଟିକୋଣ ସ୍ପଷ୍ଟ କରିବା ସହିତ କାର୍ବନ ଏବଂ ମିଥେନ ନିର୍ଗମନ ହ୍ରାସ ଦିଗରେ ସମସ୍ତଙ୍କର ସମାନ ସହଭାଗିତା ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାରରେ ନ୍ୟାୟପୂର୍ଣ୍ଣ ସର୍ତ୍ତ ଧାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲା।

ଆନ୍ତଃ–ସରକାରୀ ପେନାଲ(ଆଇପିସିସି) ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଓ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ୨୦୫୦ ସୁଦ୍ଧା ଗ୍ରୀନ ହାଉସ ଗ୍ୟାସ ନିର୍ଗମନକୁ ୪୦ରୁ ୭୦ ପ୍ରତିଶତ ହ୍ରାସ କରିହେବ। ତଥାପି ଏଥିଯୋଗୁ ଶିକ୍ଷା କ୍ଷେତ୍ର ଏବଂ ଶିକ୍ଷାର୍ଥୀଙ୍କ ସମ୍ମୁଖରେ ନୂତନ ସମସ୍ୟାମାନ ଉଭା ହେଉଛି। ପ୍ରଥମତଃ କରୋନା ମହାମାରୀ ହେତୁ ବିଦ୍ୟାଳୟ ବନ୍ଦ କାରଣରୁ ପିଲାଙ୍କ ଶିକ୍ଷଣ ଦକ୍ଷତା ହ୍ରାସ ପାଇଛି। ଯାହା ଦୀର୍ଘ ସମୟ ଧରି ଉତ୍ପାଦନ ଏବଂ ମୁଣ୍ଡପିଛା ଆୟ ସ୍ତରକୁ ପ୍ରଭାବିତ କରିବ। ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନର ଗବେଷଣାତ୍ମକ ତଥ୍ୟର ଆକଳନ ଅନୁଯାୟୀ ଦୀର୍ଘ ଏକ ବର୍ଷ ଧରି ବିଦ୍ୟାଳୟ ବନ୍ଦ ରହିବାରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ଯାଏ ଜିଡିପି ସ୍ତର ୧.୧ରୁ ୪.୭ ପ୍ରତିଶତ ହ୍ରାସ ପାଇବ। କୋଭିଡ୍–୧୯ର ଦୁଷ୍ପ୍ରଭାବ ହେତୁ ଗୋଟିଏ ପିଢ଼ିର ଭାରତୀୟଙ୍କ ଆର୍ଥିକ ପ୍ରଗତି ପ୍ରଭାବିତ ହେବ। ଦ୍ୱିତୀୟତଃ ଜଳବାୟୁ ପରିବର୍ତ୍ତନ ହେତୁ ପିଲାଙ୍କ ଶିକ୍ଷଣ ଦକ୍ଷତା ଏବଂ ସ୍ୱାସ୍ଥ୍ୟ ପୂର୍ବରୁ ପ୍ରଭାବିତ ହୋଇଛି। ଅତ୍ୟଧିକ ତାପମାତ୍ରା ଶିକ୍ଷାର୍ଥୀଙ୍କ ଶିଖିବା କ୍ଷମତାକୁ ହ୍ରାସ କରିବା ସହ ସେମାନଙ୍କ ଶାରୀରିକ କ୍ଷତି



ଘଟାଉଛି। ଗମ୍ଭୀର ବନ୍ୟା ପରିସ୍ଥିତି ଯୋଗୁ ଅନେକ ପରିବାର ସ୍ଥାୟୀ ଭାବେ ବିସ୍ଥାପିତ ହେଉଛନ୍ତି। ଏହା ପିଲାମାନଙ୍କୁ ବିଶେଷକରି ବାଳିକାମାନଙ୍କୁ ବିଦ୍ୟାଳୟଠାରୁ ଦୂରେଇ ରହିବାକୁ ବାଧ୍ୟ କରୁଛି। ଯେହେତୁ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଘଟୁଛି, ଦିନକୁଦିନ ଏହାର ସଂଖ୍ୟା ମଧ୍ୟ ବଢୁଛି; ତେଣୁ ଭିତ୍ତିଭୂମି, ସାମଗ୍ରୀ ଏବଂ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ପଡିବ। ତା’ହେଲେ ସମାଜର ସବୁଠାରୁ ଅସୁରକ୍ଷିତ ନାଗରିକଙ୍କୁ ସୁରକ୍ଷା ଦେଇପାରିବା। ଏହି ଶ୍ରେଣୀରେ ଅଧିକାଂଶ ଜଳବାୟୁ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ଶରଣାର୍ଥୀ ରହିବେ। ତୃତୀୟରେ ଜଳବାୟୁ କାରଣରୁ ମାଡି ଆସୁଥିବା ବିପର୍ଯ୍ୟୟ, ନିଜ ଭବିଷ୍ୟତକୁ ନେଇ ଚିନ୍ତିତ ଥିବା ଯୁବକମାନଙ୍କ ମନରେ ନିରାଶ ଓ ଭୟର ବାତାବରଣ ସୃଷ୍ଟି କରୁଛି। ଏପରିସ୍ଥଳେ ଅକ୍ଷୟ ଶକ୍ତିର ବ୍ୟବହାର ଦିଗରେ ଉଲ୍ଲେଖନୀୟ ବୃଦ୍ଧି ଆବଶ୍ୟକ।

ମିଶନ ‘ଲାଇଫ୍’ରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥା ଏପରି ହେବା ଉଚିତ ଯାହା ବିପର୍ଯ୍ୟୟକୁ ଏଡାଇ ସୃଜନ ପାଇଁ ସୁଯୋଗ ସୃଷ୍ଟି କରିବ। ଜାତୀୟ ସ୍ତରରେ ଜଳବାୟୁଭିତ୍ତିକ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଜରୁରୀ ଏକ ସୁଦୃଢ଼ ନିୟମାବଳୀ। ଏଥିରେ ଜଳବାୟୁ ପରିବର୍ତ୍ତିତ ବିଶ୍ୱର ପାଠ୍ୟକ୍ରମ, ପୋଷଣ ଏବଂ ବିଦ୍ୟାଳୟ ନିର୍ମାଣ ଆଦି ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇପାରେ। ୟୁନିସେଫର ତଥ୍ୟ ଅନୁଯାୟୀ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ଶିକ୍ଷକ, ଅଧ୍ୟାପକ, ଶିକ୍ଷାର୍ଥୀ, ନୃତତ୍ତ୍ୱବିତ୍, ବିଜ୍ଞାନ ବିଶେଷଜ୍ଞ ତଥା ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ବିଭାଗର ପରାମର୍ଶ କ୍ରମେ ଭାରତ ପାଇଁ ଏକ ଉତ୍ତମ ଖସଡ଼ା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ଏଥିରେ ଭିତ୍ତିଭୂମି ବିନିଯୋଗକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରିବା। ଯଦ୍ୱାରା ବାତ୍ୟା ପ୍ରବଣ ଅଞ୍ଚଳର ବିଦ୍ୟାଳୟ କୋଠରିଗୁଡ଼ିକ ଜରୁରିକାଳୀନ ଆଶ୍ରୟସ୍ଥଳ ଭାବରେ ବ୍ୟବହୃତ ହୋଇପାରିବ। ସେହିଭଳି ଜଳବାୟୁ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ପ୍ରବାସୀଙ୍କ ଗନ୍ତବ୍ୟସ୍ଥଳ ଭାବରେ ତଥା ବ୍ୟବହାର ପାଇଁ ବଡବଡ ସହରର ସରକାରୀ ବିଦ୍ୟାଳୟଗୁଡ଼ିକର କ୍ଷମତାକୁ ବୃଦ୍ଧି କରାଯାଇ ପାରିବ। ଯେଉଁଠାରେ ପିଲାମାନଙ୍କର ଏକୀକରଣ ସହିତ ସଶକ୍ତୀକରଣ ମଧ୍ୟ ସମ୍ଭବ ହୋଇପାରିବ।

ଏଥିପାଇଁ ଜରୁରୀ ବୈଜ୍ଞାନିକ ଜ୍ଞାନକୌଶଳ ସହ ସ୍ୱଦେଶୀ ଏବଂ ସ୍ଥାନୀୟ ସୂଚନାର ଏକ ସମ୍ମିଳିତ ପାଠ୍ୟକ୍ରମ। ପୂର୍ବରୁ ଅନେକ ଅଭିନବ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ଜନସାଧାରଣ, ବେସରକାରୀ ସଂଗଠନ ଏବଂ କାର୍ଯ୍ୟକର୍ତ୍ତାଙ୍କ ମିଳିତ ପ୍ରୟାସରେ ଏ ଦିଗରେ ଅନେକ ଭଲ କାମ ମଧ୍ୟ ହେଉଛି। କାହ୍ନା ଜାତୀୟ ଉଦ୍ୟାନ (ଯେଉଁଠାରେ ଛାତ୍ରମାନେ କୃଷି ଉତ୍ପାଦନ ସହିତ ଜୈବ ବିବିଧତାର ସଂରକ୍ଷଣ ବିଷୟ ଶିଖୁଛନ୍ତି) ଠାରୁ ଆରମ୍ଭ କରି ବେଙ୍ଗାଲୁରୁ (ଯେଉଁଠାରେ ଯୁବକମାନେ ବର୍ଜ୍ୟବସ୍ତୁ ପରିଚାଳନାଠାରୁ ଆରମ୍ଭ କରି ହ୍ରଦର ପୁନରୁଦ୍ଧାର ପର୍ଯ୍ୟନ୍ତ ନିଜ ସହରକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସ କରୁଛନ୍ତି) ଯାଏ ଏଭଳି ପ୍ରୟାସ ଜାରି ରହିଛି। ବଡକଥା ହେଉଛି ପ୍ରଶିକ୍ଷଣ ପଦ୍ଧତିକୁ ଅବଲମ୍ବନ କରିବା ସହିତ ସମାଲୋଚିତ ଚିନ୍ତାଧାରାକୁ ମଧ୍ୟ ପ୍ରତିପୋଷଣ କରିବା। ଏହାଦ୍ୱାରା ପରବର୍ତ୍ତୀ ପିଢି ଏକ ସ୍ପଷ୍ଟ ବିକଳ୍ପ ପାଇପାରିବେ।

ବୈପାରୀଗୁଡ଼ା, କୋରାପୁଟ
ମୋ:୬୩୭୦୬୭୯୪୦୫

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚବାର୍ଷିକ ଯୋଜନାର ପୁନଃ ପ୍ରଚଳନ ହେଉ

ମହାଶୟ,
ଅଷ୍ଟାଦଶ ଲୋକ ସଭା ନିର୍ବାଚନ ସହିତ ଓଡ଼ିଶାର ନିର୍ବାଚନ ଶେଷ ହୋଇ ଭୋଟ ଗଣତି ପରେ ନୂତନ ମନ୍ତ୍ରିମଣ୍ଡଳ ଶପଥ ନେଲେଣି। ଦେଶ ସ୍ୱାଧୀନତା ଲାଭ ପରେ ଦେଶରେ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ହୋଇ ବୃହତ୍ ନଦୀବନ୍ଧ ଯୋଜନା, ବୃହତ୍ ଶିଳ୍ପ, ରାସ୍ତାଘାଟ, ବନ୍ଦର, ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠା ହେଲା । ଦେଶରେ ସବୁଜ ବିପ୍ଳବ ହେବାରୁ ଖାଦ୍ୟାଭାବ ଦୂର ହୋଇଛି। ଏବେ ମଧ୍ୟ ଦେଶରେ ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଆଦି ସମସ୍ୟା ରହିଛି। ତୁଷ୍ଟୀକରଣ ଯୋଜନାରେ ଗରିବଙ୍କୁ ବଞ୍ଚାଇ ରଖାଯାଇଛି ସିନା ଦାରିଦ୍ର୍ୟ ଦୂର ହୋଇ ପାରୁନାହିଁ। ବିକାଶ ଓ ଦାରିଦ୍ର୍ୟ ଦୂରୀକରଣରେ ପ୍ରମୁଖ ଭୂମିକା ନେଉଥିବା ପଞ୍ଚବାର୍ଷିକ ଯୋଜନା ଭଳି ବଡ଼ ଯୋଜନା ହୋଇପାରିବ ନାହିଁ। ଏଣୁ ପଞ୍ଚବାର୍ଷିକ ଯୋଜନାର ପୁନଃ ପ୍ରଚଳ ହେଉ । ଏଥିପାଇଁ ଜନତା ସ୍ୱର ଉଠାନ୍ତୁ।

–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା ଆସେ ପଡ଼ି
ଦୂର ଗ୍ରାମୁଁ ବହି ଆସେ ପକ୍ଷୀର କାକଳି
ଦିଗନ୍ତ–ବିସ୍ତାରୀ ପକ୍ୱ ଧାନ୍ୟକ୍ଷେତ୍ର ପରେ
ପଉଷ–କାକର ରାଶି ଝରେ
ବିଜନ ପଥଟି ମୋର ମିଶିଅଛି ଦିଗନ୍ତ ଅନ୍ଧାରେ
ଆଜି ଏହି ଉଦାସ ସନ୍ଧ୍ୟାରେ!
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ତାତିକୁ ନେଇ ତେଜିଲା ଦାବି



ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନ ନେଲେ ଅଭିନବ ପ୍ରତିବାଦ ଚେତାବନୀ

ବାରିପଦା,୧୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଚଣ୍ଡ ତାତିକୁ ନେଇ ମୟୂରଭଞ୍ଜ ଜିଲା ବାରିପଦା ବିଶ୍ୱର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ହରାଇବା କାରଣରୁ ଜିଲାରେ ଅଗ୍ନିବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଉଭୟବହ ପରିସ୍ଥିତିକୁ ସାମନା କରିବା ପାଇଁ ଭଞ୍ଜସେନା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ପରିବେଶକୁ ସୁରକ୍ଷା ଯୋଗାଇବା ନିମନ୍ତେ ଚାରାରୋପଣ ଭଳି କାର୍ଯ୍ୟ ସହିତ ଆବଶ୍ୟକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ୧୫ଦିନ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମଗ୍ର ଜିଲାରେ ଥିବା ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଚାରା ପୋତି ଅଭିନବ ପ୍ରତିବାଦ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ଦେଇ ପ୍ରବାହିତ ନଦୀଗୁଡ଼ିକର ଉଭୟ ପାର୍ଶ୍ୱ ଓ ଜଳାଶୟ ଚାରିପାଖରେ ବର, ଅଶ୍ୱତ୍ଥ ଓ ତାଳ ଗଛ ରୋପଣ କରିବା, ଜିଲାର ସମସ୍ତ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ବଉଳ, ନିମ୍ବ, ଜାମୁକୋଳି, କରଞ୍ଜ, କୁସୁମ, ଆମ୍ବ, ପଣସ ପରି ଅନ୍ୟାନ୍ୟ ଔଷଧୀୟ ଗଛ ସହିତ ପକ୍ଷୀମାନଙ୍କ ପାଇଁ ଫଳନ୍ତି ଗଛ ଲଗାଇବା, ଧର୍ମକୁ ଆଖିଠାର ଭଳି ବନ ବିଭାଗ ସହିତ ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ବିଭିନ୍ନ ଏନ୍‌ଜିଓମାନଙ୍କ ଦ୍ୱାରା ପ୍ରତିବର୍ଷ ହେଉଥିବା ଚାରାରୋପଣ କାର୍ଯ୍ୟକ୍ରମକୁ ତଦାରଖ କରିବା, ବିଭିନ୍ନ ବିଭାଗ ପକ୍ଷରୁ ହେଉଥିବା ଡ୍ରେନେଜ କାର୍ଯ୍ୟଗୁଡ଼ିକରେ 'ୟୁ' ସଦୃଶ କରା ନ ଯାଇ ରାଜା ରାଜୁଡ଼ା ଅମଳରେ ହେଉଥିବା 'ଭି' ଆକାରରେ କରିବା, ବାୟୁ ମଣ୍ଡଳକୁ ପ୍ରଦୂଷଣ କରୁଥିବା ପ୍ରତ୍ୟେକ ବ୍ୟବସାୟୀ ସଂସ୍ଥା ସହିତ ଜଡ଼ିତ ବଡ଼ ବଡ଼ ବ୍ୟବସାୟ ସଂସ୍ଥାଗୁଡ଼ିକୁ ଚାରାରୋପଣ କରିବାକୁ ନିର୍ଦ୍ଦେଶ ଦେବା, ବିକାଶ ଆଳରେ ଆବଶ୍ୟକ ନ ଥାଇ ଗଛ କାଟିବା ବନ୍ଦ କରାଯିବା, ଚାରାରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ମାଟି ଓ ଭୂତଳ ଜଳର ସମାନତା ମାପକୁ ଉଚିତ ଦୃଷ୍ଟି ଦେବା, ପୋଖରୀ ଓ ନଦୀ ତୁଠରେ ସିମେଣ୍ଟ ଦ୍ୱାରା ହେଉଥିବା ପଥର ପ୍ୟାକିଂ କାର୍ଯ୍ୟ ଉପରେ ତୁରନ୍ତ ଅଙ୍କୁଶ ଲଗାଇବା, ମୌସୁମୀ ଋତୁରେ ଶିମିଳିପାଳ ଅଭୟାରଣ୍ୟରେ ଖାଲି ପଡ଼ିଥିବା ସ୍ଥାନଗୁଡ଼ିକରେ ବାୟୁ ଯାନ ମାଧ୍ୟମରେ ଏରିଏଲ ସିଡ଼ିଂ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯଥାଶୀଘ୍ର ସରକାରୀସ୍ତରରେ ଏନେଇ ବିଜ୍ଞପ୍ତି ପ୍ରକାଶ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରାଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିମାଇଁ ତ୍ରିପାଠୀ, ଜିଲା ସଭାପତି ପିଣ୍ଟୁ ମାଇତି, ରାକେଶ ବେହେରା, ଏସ୍‌କେ ରାଜାଖାନ, ଜ୍ୟୋତିରଞ୍ଜନ ପୁଷ୍ଟି, ସଙ୍ଗରାୟ ହେମ୍ବ୍ରମ, ଦୀପକ ସୋ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ସିକଲସେଲ୍ ନିରାକରଣ ଅଭିଯାନ

# ସଚେତନତା ଉପରେ ଗୁରୁତ୍ୱ

ବାରିପଦା,୧୯।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ରକ୍ତ ଶିକୁଳି ବା ସିକଲସେଲ୍ ସଚେତନତା ଦିବସ ପାଳନ ଉପଲକ୍ଷେ ମୟୂରଭଞ୍ଜ ଜିଲାସ୍ତରୀୟ ସିକଲସେଲ ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଉପସ୍ଥିତ ରହି ସମଗ୍ର ଜିଲାରେ ସିକଲସେଲ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସିକଲସେଲ ରୋଗର ପ୍ରଭାବୀ ସମାଧାନ ପାଇଁ ସରକାର, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମୁଦାୟକୁ ସାମିଲ କରି ଏକ ବହୁ-ଅଂଶଧାରୀ ଅଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭା ପ୍ରାରମ୍ଭରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାଶ ରୋଗୀମାନଙ୍କ ପାଇଁ ଶୀଘ୍ର ନିଦାନ ଏବଂ ବ୍ୟାପକ ଯତ୍ନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସିକଲସେଲ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ବିକଳ୍ପ ସମ୍ପର୍କରେ ସୂଚନାତ୍ମକ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏଥିସହିତ ସିକଲ ସେଲ ପରୀକ୍ଷାରେ ନେଗେଟିଭ ରିପୋର୍ଟ ହାସଲ କରିଥିବା ୧୦ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଡିପିଏମ ଅନିଲ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ଲେପ୍ରୋସି ବିଭାଗ) ଡା. ଶାନ୍ତନୁ କୁମାର ଦାଶ, ଡା. ପ୍ରଣବ ଶଙ୍କର ଦାଶ, ଡା. ଘାସିରାମ ମୁର୍ମୁ, ଡିପିଏଚଓ (ଡିଏମ୍), ପ୍ରକଳ୍ପ ସଂଯୋଜକ (ଡିଏମ୍), ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରଭୁ ପ୍ରସନ୍ନ ପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଗର୍ଭବତୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଓଲଟିଲା

ବାରିପଦା,୧୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦା ସଦରଥାନା ଅନ୍ତର୍ଗତ ଶଙ୍ଖାଭଙ୍ଗାଈସ୍ଥିତ ସାରୁଝରଣ ନିକଟରେ ଗର୍ଭବତୀଙ୍କୁ ନେଇ ଆସୁଥିବା ୧୦୮ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯିବା ପରେ ଗାଡ଼ିର କାଚଭାଙ୍ଗି ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ତେବେ ଗର୍ଭବତୀ ଜଣକ ଗୁରୁତର ଥିବା ବେଳେ ତାଙ୍କ ସହ ଥିବା ୨ ସମ୍ପର୍କୀୟ ମହିଳା ମଧ୍ୟ ଆହତ ହୋଇ ବାରିପଦା ପିଆର୍‌ଏମ୍ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଅନ୍ଧାରୀ ଗାଁର କାନ୍ତ ହେମ୍ବ୍ରମଙ୍କ ସ୍ତ୍ରୀ ସୋମବାରୀଙ୍କ ପ୍ରସବ ବେଦନାରୁ ମଙ୍ଗଳବାର ସନ୍ଧ୍ୟାରେ ନିକଟସ୍ଥ ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ରାତିରେ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗ ହେବାରୁ ତାଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନାରୁ ବାରିପଦା ପିଆର୍‌ଏମ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗର୍ଭବତୀଙ୍କ ସହ ଦିଦି କୁଇଲି ହେମ୍ବ୍ରମ, ଖୁଡ଼ି ସିନଗୋ ହେମ୍ବ୍ରମ ଏବଂ ସ୍ୱାମୀ କାନ୍ତ ହେମ୍ବ୍ରମ ମଧ୍ୟ ଉକ୍ତ ୧୦୮ ଆମ୍ବୁଲାନ୍ସରେ ବାରିପଦା ଆସୁଥିଲେ। ଆସୁଥିବା ସମୟରେ ରାତି ପାଖାପାଖି ୩ଟା ସମୟରେ ସାରୁଝରଣ ନିକଟରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯିବା ପରେ କୌଣସି ପ୍ରକାରରେ ସ୍ୱାମୀ କାନ୍ତ ଗାଡିର କାଚଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରିଥିଲେ। କାଚ ଭାଙ୍ଗିବାର ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ ବାରିପଦା ହସ୍ପିଟାଲକୁ ପଠାଇଥିଲେ। ସୋମବାରୀଙ୍କ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କ ସହ ଆସୁଥିବା ୨ ସମ୍ପର୍କୀୟ ମହିଳାଙ୍କୁ ମଧ୍ୟ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, KEONJHAR (R&B) CIRCLE, KEONJHAR**

No. 2442 **ORDER** Date: 19.06.2024

No. B-30: The tender for the work "Integrated Public Health Laboratory at DHH, Keonjhar" invited vide Bid Identification No. C.C.E.K.C., Keonjhar No. 44/2023-24 is hereby cancelled due to Administrative reason.

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0008/2425

**COLLECTORATE, GANJAM, CHATRAPUR**
(D.S.W.O. SECTION)
E-Mail:dswoganjam@nic.in
No.2039/ Dt.13.6.2024

**SHORT TENDER CALL NOTICE FOR ENGAGEMENT OF TRANSPORTING AGENT UNDER SNP FEEDING PROGRAMME IN GANJAM DISTRICT FOR 2024-25**

**No.g-26:** Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST registration & clearance certificate for undertaking transportation of food stuff (rice & wheat) under SNP feeding programme in Ganjam district for the year 2024-25. The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam.nic.in . The cost of tender paper is Rs.10,000/- which is to be deposited in shape of D.D in favour of District Social Welfare Officer, Ganjam and enclosed in the technical bid of the tender. Last date and time for receipt of tender paper is 28.06.2024 at 05.00 PM and will be opened On 29.06.2024 at 11.30 AM in the Collectorate, Ganjam, Chatrapur. The quotations must be sent through Registered Post / Speed Post only addressed to District Social Welfare Officer, Ganiam, Chatrapur, PIN-761020, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super-scribing as "TENDER FOR UNDERTAKING TRANSPORTATION WORK UNDER SNP FEEDING PROGRAMME IN GANJAM DISTRICT-2024-25.
The Authority reserves the right to reject any or all the tenders without assigning any reason thereof.

By Order of Collector, Ganjam
**Sd./- Dist. Social Welfare Officer**
**Ganjam, Chatrapur**
OIPR-24124/11/0002/2425

**OFFICE OF THE ADDITIONAL CHIEF ENGINEER**
PUBLIC HEALTH CIRCLE, UNIT - V, BHUBANESWAR
Office: 0674-2390145, E-mail: sephbbsr@gmail.com

**NOTICE**

No. C-62: The following contractor, who were registered as "C" Class Contractor under S.E.P.H. Circle, Bhubaneswar. (Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regn. No. & Class | This Office Order No. & Date |
|---|---|---|---|
| 1) | Sri Bishnu Prasad Mohanty S/o. Rama Prasad Mohanty At: Kotapalla, P.O.: Tangisahi, P.S.: Bolagarh, Dist.: Khurdha | Regd. No. 1399 of 2015-16 'C' Class | S.E.P.H. Circle, BBSR No. 5510 Dt.31.10.2015 |
| 2) | Smt. Sarmistha Malla D/o. Nabaghana Malla At: Plot No. 2636/4609 Cenal Road, Word No. 45 P.O.: Budheswari Colony P.S.: Laxmisagar, Dist.: Khurdha | CDMS Regd. No. 485BH863 'C' Class (Up-Graded to "B" Class) | Addl. C.E.P.H. Circle, BBSR Dt.23.03.2023 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.
In case no report from any office/Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released/refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

Sd./- Additional Chief Engineer
P.H. Circle, Bhubaneswar
OIPR-13039/11/0001/2425

**ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠଙ୍କ ଇଜିଲାସରେ**
**୨୦୨୩ର ସି.ଏ. (ସିଏଏ) ନଂ.୧୧/ସିବି**
**ସହିତ ସମ୍ପର୍କିତ**
**୨୦୨୪ର ସି.ପି. (ସିଏଏ) ନଂ.୬/ସିବି**

ମାମଲାରେ: କମ୍ପାନୀ ଅଧିନିୟମ, ୨୦୧୩; ଏବଂ
ମାମଲାରେ: କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦-୨୩୨ ସହିତ ପଠନପୂର୍ବକ ବୁଝାମଣା (ବୁଝାମଣା, ବ୍ୟବସ୍ଥା ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ର ନିୟମ ୧୫ ଅଧୀନରେ ଏକ ଦରଖାସ୍ତ।
ଏବଂ
ମାମଲାରେ: ବାମବାସୁକୀ ବିନିମୟ ପ୍ରାଇଭେଟ୍ ଲିମିଟେଡ୍।
ସିଆଇଏନ୍: ୟୁ୫୧୧୦୯ଡବ୍ଲ୍ୟୁବି୨୦୦୮ପିଟିସି୧୨୧୮୧୧
କମ୍ପାନୀ ଅଧିନିୟମ, ୧୯୫୬ର ପ୍ରାବଧାନରେ ଗଠିତ ଏକ କମ୍ପାନୀ ଏବଂ କମ୍ପାନୀ ଅଧିନିୟମ, ୨୦୧୩ର ଅର୍ଥ ମଧ୍ୟରେ ରହିଥିବା ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ହେଉଛି ସ୍ଥାନ- ୧୫୬/ବି/୪, ବି.ଟି. ରୋଡ୍, ରୁମ୍ ନଂ.ସି-୨, 'ମ୍ରିଗାୟନୀ କମ୍ପ୍ଲେକ୍ସ', କୋଲକାତା-୭୦୦ ୦୩୫, ରାଜ୍ୟ- ପଶ୍ଚିମବଙ୍ଗ, ଯାହା ଉପରୋକ୍ତ କ୍ଷେତ୍ରାଧିକାର ବାହାରେ ଅଛି। (ହସ୍ତାନ୍ତରକାରୀ କମ୍ପାନୀ ନଂ.୧)
ଏବଂ
ମାମଲାରେ: ବୀଣାପାଣି ଗୁଡ୍‌ସ ପ୍ରାଇଭେଟ୍, ଲିମିଟେଡ୍।
ସିଆଇଏନ୍: ୟୁ୫୧୧୦୯ଡବ୍ଲ୍ୟୁବି୨୦୦୯ପିଟିସି୧୩୫୮୪୯
କମ୍ପାନୀ ଅଧିନିୟମ, ୧୯୫୬ର ପ୍ରାବଧାନରେ ଗଠିତ ଏକ କମ୍ପାନୀ ଏବଂ କମ୍ପାନୀ ଅଧିନିୟମ, ୨୦୧୩ର ଅର୍ଥ ମଧ୍ୟରେ ରହିଥିବା ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ହେଉଛି ସ୍ଥାନ- ୧୫, ସାର୍ ହରିରାମ ଗୋଏଙ୍କା ଷ୍ଟ୍ରିଟ୍, ତଳମହଲା, କୋଲକାତା-୭୦୦୦୦୭, ରାଜ୍ୟ- ପଶ୍ଚିମବଙ୍ଗ, ଯାହା ଉପରୋକ୍ତ କ୍ଷେତ୍ରାଧିକାର ବାହାରେ ଅଛି। (ହସ୍ତାନ୍ତରକାରୀ କମ୍ପାନୀ ନଂ.୨)
ଏବଂ
ମାମଲାରେ: ତେଜସ୍ୱିନୀ କମ୍ପୋସେଲ୍‌ସ ପ୍ରାଇଭେଟ୍ ଲିମିଟେଡ୍।
ସିଆଇଏନ୍: ୟୁ୫୧୧୦୯ଡବ୍ଲ୍ୟୁବି୨୦୦୯ପିଟିସି୧୩୨୩୪୯
କମ୍ପାନୀ ଅଧିନିୟମ, ୧୯୫୬ର ପ୍ରାବଧାନରେ ଗଠିତ ଏକ କମ୍ପାନୀ ଏବଂ କମ୍ପାନୀ ଅଧିନିୟମ, ୨୦୧୩ର ଅର୍ଥ ମଧ୍ୟରେ ରହିଥିବା ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ହେଉଛି ସ୍ଥାନ- ୨୧୬, ଓଲ୍ଡ ଚାଇନା ବଜାର ଷ୍ଟ୍ରିଟ୍, ୫ମ ମହଲା, କୋଲକାତା - ୭୦୦ ୦୦୧, ରାଜ୍ୟ- ପଶ୍ଚିମବଙ୍ଗ, ଯାହା ଉପରୋକ୍ତ କ୍ଷେତ୍ରାଧିକାର ବାହାରେ ଅଛି। (ହସ୍ତାନ୍ତରକାରୀ କମ୍ପାନୀ ନଂ.୩)
ଏବଂ
ମାମଲାରେ: ଅରୁନ୍ଧତୀ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍।
ସିଆଇଏନ୍: ୟୁ୩୬୯୧୧ଓଆର୍୨୦୦୫ପିଟିସି୦୦୮୨୧୭
କମ୍ପାନୀ ଅଧିନିୟମ, ୧୯୫୬ର ପ୍ରାବଧାନରେ ଗଠିତ ଏକ କମ୍ପାନୀ ଏବଂ କମ୍ପାନୀ ଅଧିନିୟମ, ୨୦୧୩ର ଅର୍ଥ ମଧ୍ୟରେ ରହିଥିବା ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ହେଉଛି ସ୍ଥାନ- ସମ୍ବଲପୁର ରୋଡ୍, ପୋ.ଅ.- ବଲାଙ୍ଗୀର, ଓଡ଼ିଶା - ୭୬୭୦୦୧, ରାଜ୍ୟ- ଓଡ଼ିଶା, ଯାହା ଉପରୋକ୍ତ କ୍ଷେତ୍ରାଧିକାର ମଧ୍ୟରେ ଅଛି। (ହସ୍ତାନ୍ତରଗ୍ରାହୀ କମ୍ପାନୀ)
ଏବଂ
ମାମଲାରେ:
ଅରୁନ୍ଧତୀ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍ ...... ଆବେଦନକାରୀ

**ପିଟିସନ ନୋଟିସ**

ଉପରନାମିତ ଆବେଦନକାରୀ କମ୍ପାନୀ ଦ୍ୱାରା ୫ ଜୁନ୍, ୨୦୨୪ରେ ମିଶ୍ରଣ ଯୋଜନାର ନିଶ୍ଚିତକରଣ ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୨ ଅଧୀନରେ ଏକ ଆବେଦନ (ପିଟିସନ) ଉପସ୍ଥାପିତ କରାଯାଇଥିଲା ଏବଂ ତାହାକୁ ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠଙ୍କ ଇଜିଲାସରେ ତା୨୪।୦୭।୨୦୨୪ରିଖ ଦିନ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।
କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସ୍‌କୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଏବଂ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ, ଯାହା ଆବେଦନକାରୀଙ୍କ ଓକିଲଙ୍କ ନିକଟକୁ ଆବେଦନ (ପିଟିସନ) ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ୭ (ସାତ) ଦିନ ପୂର୍ବରୁ ପହଞ୍ଚିବ। ଯଦି ସେ ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ଆବେଦନ (ପିଟିସନ)ର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ତାହା ଯୋଗାଇଦିଆଯିବ।
ତାରିଖ: ୧୮।୦୬।୨୦୨୪
**ପଲ୍ଲବ ସମାଜଦାର**
ଆବେଦନକାରୀଙ୍କ ଓକିଲ
ଠିକଣା: ୭ସି, କିରଣ ଶଙ୍କର ରାୟ ରୋଡ୍, 'ହେଷ୍ଟିଂସ୍ ଚାମ୍ବର୍ସ',
ବେସ୍‌ମେଣ୍ଟ, କୋଲକାତା-୭୦୦୦୦୧

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-274 Email-hpschiplima@yahoo.in, Fax No. (0663) 2460505

No.-CHEP/TW-324/2452 Date: 18.06.2024

**TENDER CALL NOTICE NO.-CHEP-02/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Agencies for the following work;

| Description | Cost of Tender Paper (Non-refundable) | Estimated Cost / EMD |
|---|---|---|
| Supply & Installation of Sign Boards at different locations of CHEP, Chiplima | Rs.4,720/- (Rs.4,000/- + GST @18%) | Rs.5,96,345.00 / EMD = Rs.5,970.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com from dtd.21.06.2024 up to 12:30 PM of dtd.04.07.2024**.

OIPR-04006/11/0003/2425 Sd/- C & P Head, CHEP, Chiplima

**ZILLA SWASTHYA SAMITI, MAYURBHANJ**
Office of the CDM & PHO-cum-District Mission Director, NHM, Mayurbhanj, Odisha, 757001

Advt. No. 2063/ NHM /2024-25 Dt. 18/06/24

**SHORT TENDER CALL NOTICE**

No.E-48: Sealed short tenders are invited from the interested eligible bidders for providing accommodation, conference hall facility & food for trainees of CPCH training in Baripada Municipality area. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before 11.00 AM of 05.07.2024 through Regd./ Speed Post/Courier and the same will be opened on 05.07.2024 at 04.00 PM. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical &
Public Health Officer, Mayurbhanj
OIPR-10020/11/0001/2425


See Career Appointment on every Wednesday & Saturday


**BHUBANESWAR DEVELOPMENT AUTHORITY**
AKASH SHOVA BUILDING, SACHIVALAYA MARG, BHUBANESWAR-751001
Visit us at:http://www.bda.gov.in

Bid Identification No.750 **INVITATIONS FOR BIDS (IFB)** Dated 19.06.2024

**No.CAD-280:** 1.Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in double cover system conforming to the Detailed Tender Call Notice (DTCN) from **Manufacturer/ Authorized System Integrator having authorization from OEM of Intercom system,** having PAN and valid EPF & ESI registration No., GST Certificate for the Item of work mentioned in the table below.

| Sl. No. | Name of Work | Estimated Cost (in Rs.) | EMD (in Rs.) | Cost of Tender Paper (in Rs.) | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Providing Intercom facilities for Housing Project over 7.00 Acres land at Subud-hipur,Bhubaneswar | 24,15,580.00 | 1 % of the estimated cost put to tender. (Through online transfer by the last date & time for receipt of bids) | 6,000/-+ GST @18% (Through online Transfer by the last date & time for receipt of bids) | 21 (Twenty One) days |

2.The Bid documents will be available in the website:https://tendersodisha.gov.in from 21.06.2024 to 01.07.2024 upto 17.00 hours. 3. Bids along with cost of tender paper and EMD (Bid Security) shall be received only "Online" on or before 01.07.2024 upto 17.00 hours. The bidder must possess compatible Digital Signature Certificate (DSC) of Class-III. 4. Other details can be seen in the bidding documents. 5. The authority reserves the right to cancel any or all bids at any moment without assigning any reason thereof. 6. Any addendum/corrigendum/ cancellation shall only be uploaded in the website: https://tendersodisha.gov.in.

OIPR-13033/11/0026/2425 Sd./- Executive Engineer, Division-IV, BDA

**STATE SELECTION BOARD**
Higher Education Department,
Unit - II, Ashok Nagar, Bhubaneswar - 9 No.N-29

Programme for
Common P.G. Entrance Test (CPET) - 2024

| Date & Day | Ist Sitting: 10.00 A.M - 11.00 A.M (10.00-11.20 A.M. for PwD candidates) — Subjects | IInd Sitting: 12.30 P.M - 1.30 P.M (12.30-1.50 P.M. for PwD candidates) — Subjects | IIIrd Sitting: 3.00 P.M.-4.00 P.M. (3.00-4.20 P.M for PwD candidates) — Subjects |
|---|---|---|---|
| 03.07.2024 (Wednesday) | Anthropology (Arts) Anthropology (Science) Statistics | Geography Hindi | MBA (Business Administration) |
| 04.07.2024 (Thursday) | Commerce | Law Population Studies | Physics Microbiology |
| 05.07.2024 (Friday) | English Geology | Psychology | Zoology |
| 06.07.2024 (Saturday) | Environmental Science Education | Odia Public Health | Philosophy Food Science & Nutrition |
| 08.07.2024 (Monday) | Home Science Electronic Science | History | Rural Development Marine Science-Mariene Biology |
| 09.07.2024 (Tuesday) | Public Administration | Computer Science Sociology | Political Science |
| 10.07.2024 (Wednesday) | Marine Science - Oceanography Women Studies | Chemistry Wildlife & Biodiversity Conservation | Atmospheric Science Library & Information Science |
| 11.07.2024 (Thursday) | Biotechnology Economics | Mathematics | Journalism and Mass Communication |
| 12.07.2024 (Friday) | MBA (Tourism and Travel Studies) | PMIR/IRPM | Botany |
| 13.07.2024 (Saturday) | Social Work Linguistics | Yoga & Naturopathy | Santali Sanskrit Urdu |

1. State Selection Board, Odisha reserves every right to change the dates without mentioning any reasons thereof. Any change in the dates will be published in the newspapers as well as in the official website of State Selection Board : www.ssbodisha.ac.in
2. Candidates can download their Hall Tickets (Admit Cards) from the official website of State Selection Board, Odisha : www.ssbodisha.ac.in w.e.f.21.06.2024 (11.00 A.M. onwards) by entering their Roll No and Date of Birth.

OIPR-11015/11/0007/2425 **Sd./- Secretary**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 8846 IND-II-PH-1202 ତା.19.06.24
No. CAD-276

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଏନ୍‌ଟିପିସି ଲିମିଟେଡ୍ ସୁନ୍ଦରଗଡ ଜିଲ୍ଲାର ଲେଫ୍ରିପଡା ତହସିଲ ଅନ୍ତର୍ଗତ ଦର୍ଲିପଲ୍ଲୀ ଗ୍ରାମରେ ଅବସ୍ଥିତ ଦର୍ଲିପଲ୍ଲୀ ସୁପର କୋଇଲା ଆଧାରିତ ଥର୍ମାଲ ପାୱାର ପ୍ଲାଣ୍ଟର ୨x୮୦୦ ମେଗାୱାଟ ପ୍ରକଳ୍ପରେ ଅତିରିକ୍ତ ୧x୮୦୦ ମେଗାୱାଟ (ଦ୍ୱିତୀୟ ପର୍ଯ୍ୟାୟ) ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମିତ୍ତ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୩.୦୭.୨୦୨୪ ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲାର ରାଇଡିହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡ ନିକଟସ୍ଥ ଖେଳପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OSPCB-PH-MISC-0096-2023/4/2024 OIPR-08012/11/0012/2425

# ଗୌରାଙ୍ଗପୁର ଏସ୍କେପ୍‌କୁ ନେଇ ବଢ଼ିଲା ଚିନ୍ତା

## ସାମାନ୍ୟ ବନ୍ୟାରେ ଧାମନଗର ଭାସିବା ଆଶଙ୍କା

ଧାମନଗର,୧୯।୬ (ଦେବେନ୍ଦ୍ର ଆଦ୍ଦିଆ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଲାଣି। ବର୍ଷା ହେଲେ ବୈତରଣୀ ନଦୀରେ ବନ୍ୟା ଆଶଙ୍କା ଉପୁଜିବ। ବୈତରଣୀ ନଦୀରେ ପ୍ରାୟତଃ ଜୁଲାଇ ଶେଷ ସପ୍ତାହ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ବନ୍ୟା ଆସିଥାଏ। ଏହି ବନ୍ୟା ସମ୍ଭାବନାକୁ ନେଇ ଧାମନଗର ବ୍ଲକର ସୋହଡ଼ା, କରଦା, ପଧାନୀ, ଦଳାଙ୍ଗ, ଅର୍ଜ୍ଜୁନପୁର, ଆନନ୍ଦପୁର ପଞ୍ଚାୟତବାସୀଙ୍କ ଚିନ୍ତା ବଢ଼ିଯାଇଛି। ବୈତରଣୀରେ ବନ୍ୟା ଆସିବା ମାତ୍ରେ ସୋହଡା ପଞ୍ଚାୟତର ଗୌରାଙ୍ଗପୁର ଏସ୍କେପ୍ ଓ ଆନନ୍ଦପୁର ପଞ୍ଚାୟତର ମଲ୍ଲୀମାହାରା ଏସ୍କେପ୍ ଦେଇ ବନ୍ୟା ଜଳ ଗ୍ରାମ ଭିତରକୁ ପ୍ରବେଶ କରି ବହୁ ରାସ୍ତା ଘାଟ ଓ ଚାଷ ଜମି ବୁଡ଼ି ଜଳମଗ୍ନ ହୋଇଥାଏ। ପୂର୍ବରୁ ଏସ୍କେପ୍‌ଗୁଡ଼ିକ ଉଚ୍ଚା ଥିଲା। ବଡ଼ ଧରଣର ବନ୍ୟା ହେଲେ ଏସ୍କେପ୍ ଦେଇ ପାଣି ବାହାରୁଥିଲା। ଏମିତିକି ଆଖୁଆପଦା ଆନିକଟଠାରେ ବୈତରଣୀ ନଦୀ ବିପଦ ସଂକେତ ୧୭.୮୩ ମିଟର ରହିଛି। ଆନିକଟଠାରେ ୧୮.୬୦ ମିଟର ବନ୍ୟା ଜଳ ପ୍ରବାହିତ ହେଲେ ଏସ୍କେପ୍‌ରେ ବନ୍ୟା ପାଣି ବାହାରୁଥିଲା। ବର୍ତ୍ତମାନ ୧୭.୮୫ ମିଟର ହେଲେ ଏସ୍କେପ୍‌ରେ ବନ୍ୟା ଜଳ ବାହାରୁଛି। ସରକାର ବନ୍ୟା ସମୟରେ ଯାତାୟାତ ପାଇଁ ଗୌରାଙ୍ଗପୁର ଓ ମଲ୍ଲୀମାହରା ଏସ୍କେପ୍ ଉପରେ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କରୁଛନ୍ତି। ହେଲେ ଏସ୍କେପ୍‌ର ପଥର ଉଠାଯାଇ କଂକ୍ରିଟ ଚାଲିଛି। ବର୍ତ୍ତମାନ ବୈତରଣୀରେ ସାମାନ୍ୟ ବନ୍ୟା ଆସିଲେ ଏସ୍କେପ୍ ଦେଇ ବନ୍ୟା ଜଳ ପ୍ରବାହିତ ହୋଇ ବହୁ ଗ୍ରାମ ରାସ୍ତା ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହେବା ଆଶଙ୍କା କରାଯାଉଛି।

୨ ପଞ୍ଚାୟତର ଗ୍ରାମବାସୀ ବନ୍ୟା ସମୟରେ ଯାତାୟାତ କରିପାରୁ ନ ଥିବାରୁ ଏସ୍କେପ ଉପରେ ଫୁଟ୍‌ଓଭର ବ୍ରିଜ କରିବା ପାଇଁ ସରକାର ପଦକ୍ଷେପ ନେଇଥିଲେ। ସୋହଡ଼ା ପଞ୍ଚାୟତର ଜୟନ୍ତିରା ଓ ପିତେଇପୁର ଏବଂ ଆନନ୍ଦପୁର ପଞ୍ଚାୟତର ସୋହଡ଼ା ଓ ଆନନ୍ଦପୁର ମଧ୍ୟରେ ବନ୍ୟା ସମୟରେ ସବୁଦିନିଆ ଯାତାୟାତ ସୁବିଧା ଲାଗି ଏହି ଏସ୍କେପ ଉପରେ ପୋଲ କରିବାକୁ ଦାବି ହୋଇଆସୁଥିଲା। ହେଲେ ୨ ବର୍ଷ ତଳେ ରାଜ୍ୟ ସରକାର ଏନେଇ ପଦକ୍ଷେପ ନେଇଥିଲେ। ଟେଣ୍ଡର ପ୍ରକ୍ରିୟା ସରିବା ପରେ ଏବେ କାମ ହେଉଛି। ଗତ ଫେବ୍ରୁଆରୀ ମାସରୁ କାମ ଆରମ୍ଭ ହୋଇଥିଲା। ହେଲେ ଭିନ୍ନ ଏକ ବିବାଦ କାରଣରୁ ଫୁଟ୍ ଓଭରବ୍ରିଜ୍ କାମ ବିଳମ୍ବ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଅଗଷ୍ଟ ପ୍ରଥମ ସପ୍ତାହରେ ଆସିଥିବା ବନ୍ୟାରେ ଗୌରାଙ୍ଗପୁର ଏସଖକେପ୍‌ର ପ୍ରୋଟେକସନ ୱାଲ ଭୁଶୁଡ଼ି ପଡ଼ିଥିଲା। ଉଭୟ ପାର୍ଶ୍ୱରେ ଥିବା ଆବଟମେଣ୍ଟ ୱାଲ ଗଳି ପଡ଼ିବାରୁ ଘାଇ ହୋଇଥିଲା। ବନ୍ୟା ଛାଡ଼ିବା ପରେ ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଫ୍ଲଡ ଡ୍ୟାମେଜ ରିପ୍ୟାରିଂ ବାବଦରେ ଜରୁରୀ ପାଣ୍ଠିରେ ଏହି ଏସ୍କେପ୍‌ର ଉପର ପାର୍ଶ୍ୱରେ ଗୋଟିଏ ମାଟିବନ୍ଧ କରାଗଲା। ଏସ୍କେପ୍‌ର ଚଟାଣରେ ପଥର ପିଚିଂ କରିଦିଆଗଲା। ଏ ବାବଦରେ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପରିସ୍ଥିତି ମୁକାବିଲା ଲାଗି କାମ ହୋଇଗଲା। ହେଲେ ଏଫଡିଆର ପାଣ୍ଠିରୁ ଏତେ ପରିମାଣର ଟଙ୍କା ଦେବା ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ଏହି କାର୍ଯ୍ୟର ବ୍ୟୟ ଅଟକଳ କିମ୍ବା ବିଲ ପ୍ରସ୍ତୁତ ହୋଇ ପାରିଲାନାହିଁ। ଅନ୍ୟପକ୍ଷରେ ପୂର୍ବ ଯୋଜନା ଅନୁଯାୟୀ ଗୌରାଙ୍ଗପୁର ଏସ୍କେପ୍ ଉପରେ ପ୍ରାୟ ସାଢ଼େ ୩କୋଟି ଟଙ୍କାର ଫୁଟଖ ଓଭର ବ୍ରିଜ୍ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ସରିଗଲା। ଫୁଟ୍ ଓଭର ବ୍ରିଜର ପ୍ଲାନ, ଡିଜାଇନ ଓ ଏଷ୍ଟିମେଣ୍ଟ ଅନୁଯାୟୀ ଏସ୍କେପ୍‌ର ପଥର ପିଚିଂକୁ ହଟାଯିବ। ସେହି ଅନୁସାରେ ଏହି ପଥର ପିଚିଂକୁ ହଟାଇବା ଲାଗି ପୋଲ କାମର ଠିକା ନେଇଥିବା ଠିକାଦାର କାମ ଆରମ୍ଭ କରିଥିଲେ। ଏହିଠାରେ ହିଁ ସମସ୍ୟା ଦେଖାଦେଲା। ପୂର୍ବରୁ ଯିଏ ଏଫଡିଆର କାମ କରିଥିଲେ, ସେ ପଥର ପିଚିଂକୁ ହଟାଇବାକୁ ବିରୋଧ କଲେ। କାରଣ ଏଫଡିଆର ବିଲ ହୋଇ ନ ଥିବାରୁ ପଥର ପିଚିଂ ହଟାଇଦେଲେ ସେ ଆଉ ଟଙ୍କା ପାଇ ନ ଥାନ୍ତେ। ଏଣୁ ଯାଜପୁର ଜଳ ସମ୍ପଦ କାର୍ଯ୍ୟାଳୟର ଅଧିକାରୀଙ୍କ ମଧ୍ୟସ୍ଥତାରେ ପୋଲ ନିର୍ମାଣ ପାଇଁ ଠିକା ପାଇଥିବା ଓ ଏଫ୍‌ଡିଆର କାମ କରିଥିବା ଠିକାଦାରଙ୍କ ମଧ୍ୟରେ ଏକ ବୁଝାମଣା ହେଲା। ଯିଏ ଏଫ୍‌ଡିଆର କାମ କରିଥିଲେ ସେ ହିଁ ଏହି କାମ କରିବ ବୋଲି ଅଲିଖିତ ଚୁକ୍ତି ହୋଇଗଲା। ଏଣୁ ଏହି ବିବାଦ ଯୋଗୁ ପୋଲ ନିର୍ମାଣ କାମ ବିଳମ୍ବ ହୋଇଥିବା ଅନୁମାନ କରାଯାଉଛି। ସମ୍ପୃକ୍ତ ଠିକାଦାର କାମ ଏବେ ଆରମ୍ଭ କରିଛନ୍ତି। ଏବେ ଏସ୍କେପ୍ ମଝି ଭାଗରେ ପାଇଲିଂ କାମ କରାଯାଇଛି। ବେସ ଓ ପିଲର ଆରମ୍ଭ ହେଲା ବେଳକୁ ଆହୁରି ଅନେକ ସମୟ ଲାଗିଯିବ ବୋଲି ଅନୁମାନ କରାଯାଉଛି। ଏହି ସମୟ ମଧ୍ୟରେ ବନ୍ୟା ଆସିଲେ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ଏନେଇ ଧାମନଗର ଜଳସମ୍ପଦ ଏସ୍‌ଡିଓ ବିଜୟ ସେଠୀଙ୍କୁ ପଚାରିବାରୁ ଖୁବଶୀଘ୍ର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ତେବେ ଯଦି ନିକଟରେ ବନ୍ୟା ଆସିବ ତେବେ ଏସ୍କେପ୍ ମୁହଁ ମୁକୁଳା ଥିବାରୁ ହଜାର ହଜାର ଚାଷ ଜମି ସହ ଘର ଦ୍ୱାର ଓ ରାସ୍ତା ଘାଟ ନଷ୍ଟ ହେବ। ଏ ଦିଗରେ ତୁରନ୍ତ ସମାଧାନ କରିବାକୁ ନଦୀକୂଳିଆ ବାସୀ ଦାବି କରିଛନ୍ତି।



ଗୌରାଙ୍ଗପୁର ଏସ୍କେପ୍।

## ଓଭରବ୍ରିଜ୍ ତଳକୁ ଖସିଲା ଟ୍ରକ୍, ଚାଳକ ଗୁରୁତର

ଭଣ୍ଡାରିପୋଖରୀ,୧୯।୬ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ପାଳଦାବାଙ୍କ ଓଭରବ୍ରିଜ୍ ଉପରୁ ୨୦ ଫୁଟ ତଳକୁ ଏକ ଚଳନ୍ତା ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଖସି ପଡ଼ିଛି। ଟ୍ରକ୍‌ଟି ଅଣ୍ଡରପାସ୍ ରାସ୍ତାକୁ ଖସିପଡ଼ିବା ଫଳରେ ଚାଳକ ଗୁରୁତର ହୋଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ କଟକ ଜଗତପୁରସ୍ଥିତ ଥଣ୍ଡାପାନୀୟ କାରଖାନାରୁ ପାନୀୟ ବୋତଲ ବୋଝେଇ (ନଂ.ଓଡି୦୫ବିଏସ-୫୫୨୧) ଆଇଚର ଟ୍ରକ ଭଦ୍ରକ ଅଭିମୁଖେ ଆସୁଥିଲା।

ଅସାବଧାନତା ବଶତଃ ଚାଳକ ଟ୍ରକ ଉପରୁ ନିୟନ୍ତ୍ରଣ ହରାଇବା ଫଳରେ ଉକ୍ତ ସ୍ଥାନରେ ଓଭରବ୍ରିଜ୍‌ର ଲୁହା ବାଡ଼କୁ ଭାଙ୍ଗି ଅଣ୍ଡରପାସ ରାସ୍ତାର କଂକ୍ରିଟ ବାଡ଼ ଉପରେ ଖସିପଡ଼ିଥିଲା। ଫଳରେ ଟ୍ରକଟି ଭାଙ୍ଗି ଚୁରମାର ହୋଇଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ଓ ଦମକଳବାହିନୀ ଚାଳକଙ୍କୁ ଉଦ୍ଧାର କରି ପ୍ରଥମେ ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ପଠାଇ ଦିଆଯାଇଛି। ଚାଳକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ଅଣ୍ଡରପାସ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଦୋଷୀଙ୍କୁ ଆଜୀବନ ଜେଲ

### ଛୁରି ଭୁସି ହତ୍ୟା ମାମଲା

ଭଦ୍ରକ,୧୯।୬(ସନାତନ ରାଉତ)

ଭଦ୍ରକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଆଶିଷ କୁମାର ତ୍ରିପାଠୀ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦୦୦ ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ନାୟକାଣିଡିହୀ ଥାନା ଅଧୀନ ତମ୍ବାଖଣ୍ଡି ଗ୍ରାମର ମହେନ୍ଦ୍ର କୁଅଁର(୩୩)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ମାର୍ଚ୍ଚ ୧୯ ତାରିଖରେ ତମ୍ବାଖଣ୍ଡି ଗ୍ରାମର ସତ୍ୟସୁନ୍ଦର କୁଅଁର ନିଜ ଘରେ ବସି ପଖାଳ ଖାଉଥିଲେ। ଏହି ସମୟରେ ସେହି ଗ୍ରାମର ମହେନ୍ଦ୍ର କୁଅଁର ଘରେ ପଶି ଛୁରି ଭୁସି ତାଙ୍କୁ ହତ୍ୟା କରିଥିଲେ। ସତ୍ୟସୁନ୍ଦରଙ୍କ ମାମୁ ହରେକୃଷ୍ଣ ଦତ୍ତଙ୍କ ଅଭିଯୋଗକୁ ଭିତ୍ତିକରି ନାୟକାଣିଡିହୀ ପୋଲିସ ଏକ ମାମଲା (ନଂ. ୪୫/୧୭) ରୁଜୁ କରି ଅଭିଯୁକ୍ତ ମହେନ୍ଦ୍ରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସେବେଠାରୁ ବିଚାରାଧୀନ ବନ୍ଦୀ ଭାବେ ଅଭିଯୁକ୍ତ ଜେଲରେ ଥିଲେ। ଅଭିଯୋଗକାରୀଙ୍କ ପାଇଁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ସାମଲ, ଅରୁଣ କୁମାର ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅଁର ମାମଲା ପରିଚାଳନା କରୁଥିଲେ।

## ବିପର୍ଯ୍ୟୟରୁ ରକ୍ଷା ପାଇଁ କୌଶଳ ପ୍ରଦର୍ଶନ



ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲିଭାଇବା କୌଶଳ ଶିକ୍ଷା ଦିଆଯାଉଛି।

### ତିହିଡ଼ିର ୬ ବନ୍ୟା ଆଶ୍ରୟସ୍ଥଳୀରେ ସାମୂହିକ ଅଭ୍ୟାସ

ତିହିଡ଼ି,୧୯।୬ (ସଞ୍ଜିତ ବଳ)

ପ୍ରତ୍ୟେକ ମଣିଷ ଜୀବନ ମୂଲ୍ୟବାନ। ତେଣୁ ବିପର୍ଯ୍ୟୟ ସମୟରେ ଏହି ଜୀବନକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ମିଳିତ ସଂଯୋଜନାରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୬ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଏହି କୌଶଳ ପ୍ରଦର୍ଶନ ପୂର୍ବକ ସାମୂହିକ ଅଭ୍ୟାସ କରାଯାଇଥିଲା। ଏହି ଅବସରରେ ସୟା ସ୍ଥିତ ବହୁମୁଖୀ ବନ୍ୟା ଅଶ୍ରୟସ୍ଥଳୀରେ ତ୍ରିବେଣୀ ଟ୍ରଷ୍ଟର ଅଧକ୍ଷା ରଞ୍ଜୁଲତା ଗାହାଣଙ୍କ ସଞ୍ଚାଳନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଯୋଗଦେଇ ବିପର୍ଯ୍ୟରୁ ରକ୍ଷା ପାଇବାର କୌଶଳ ନିଜେ ଜାଣି ଅନ୍ୟକୁ ଶିକ୍ଷା ଦେଲେ ସମସ୍ତଙ୍କର ମଙ୍ଗଳ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ବିଡିଓ ଜ୍ୟୋତିର୍ମୟ କର, ଅନ୍ୟତମ ଅତିଥି ଆଗ୍ନିକ ଆଲୋକଦେବ ଗୋସ୍ୱାମୀ, ଆଶ୍ରୟସ୍ଥଳ ସଭାପତିଙ୍କ ପ୍ରତିନିଧି ରବିନ୍ଦ୍ର ଶତପଥୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାସୁଦେବ ବେହେରା, ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ଲାବନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ରାଜସ୍ୱ ନିରୀକ୍ଷକ ଗୋଲକ ମୁର୍ମୁ, ଆଶ୍ରୟସ୍ଥଳ ସମ୍ପାଦକ ଲଲାଟେନ୍ଦୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଗ୍ନିକ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗର କର୍ମଚାରୀ ଓ ଆପଦମିତ୍ରମାନେ ବିପର୍ଯ୍ୟୟରୁ ରକ୍ଷା ପାଇବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବନ୍ୟା ବିପନ୍ନଙ୍କୁ ଉଦ୍ଧାର, ସାପ କାମୁଡ଼ା, ଦୁର୍ଘଟଣାରେ ଗୁରୁତରଙ୍କୁ ଉଦ୍ଧାର, ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ ରକ୍ଷା ପାଇବାର ଉପାୟ, ଅଗ୍ନିକାଣ୍ଡ ସମୟରେ ଉପରତାଲାରୁ ବିପନ୍ନଙ୍କୁ ଉଦ୍ଧାର ଇତ୍ୟାଦି ସାମୂହିକ ଅଭ୍ୟାସ ମାଧ୍ୟମରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହ ବ୍ୟତୀତ ବ୍ଲକର ତିଆଡ଼ିସାହି, ଦହପାଣିଆ, ବାହାବଳପୁର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ମଧ ସାମୂହିକ ଅଭ୍ୟାସ କରାଯାଇଥିବା ଜଣାପଡ଼ିଛି।

## ଜିଲାସ୍ତରୀୟ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ,୧୯।୬ (ସନାତନ ରାଉତ)

ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସକୁ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରରେ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ (ସାଧାରଣ) ସମ୍ବିତ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଯୋଗଦିବସ ପାଳନ ପାଇଁ ଆଲୋଚନା କରାଯାଇଥିଲା। ନେହେରୁ ଷ୍ଟାଡିୟମ ପଡ଼ିଆରେ ଏହି ଦିବସ ପାଳନ ଅବସରରେ ଯୋଗାଭ୍ୟାସ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଲେଜ, ସ୍କୁଲର ପିଲାମାନଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ସରକାରୀ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ସକାଳ ୭ ଘଣ୍ଟିକା ପୂର୍ବରୁ ନାମ ପଞ୍ଜୀକରଣ କରାଯିବ। ଯୋଗଗୁରୁମାନଙ୍କ ଦ୍ୱାରା ଯୋଗକ୍ରିୟା ପ୍ରଦର୍ଶନ, ପ୍ରାଣାୟମ, ଧ୍ୟାନ, ସଙ୍କଳ୍ପ ଆଦି କାର୍ଯ୍ୟକ୍ରମ ପରେ ଶାନ୍ତି ମନ୍ତ୍ର ପାଠ ପୂର୍ବକ ଶପଥ ଗ୍ରହଣ ମଧ୍ୟ କରାଯିବ। ଜିଲା କ୍ରୀଡ଼ାଧିକାରୀ ତନ୍ମିତା କର, ପୂର୍ବତନ କ୍ରୀଡ଼ାଧିକାରୀ ପଦ୍ମନ ରାୟ, ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ, ଭଦ୍ରକ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

## ପୁସ୍ତକ 'ପ୍ରଜ୍ଞା ଜ୍ୟୋତି' ଲୋକାର୍ପିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭଦ୍ରକ,୧୯।୬ (ସନାତନ ରାଉତ)

ଭଦ୍ରକ ସହରର ମୋଟେଲ ଛକସ୍ଥିତ କଳ୍ପନା ଦେବୀ ଆବାସିକ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶାରଦା ପ୍ରସାଦ ରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. ଅଭୟ ଦାସଙ୍କ ସଭାପତିତ୍ୱରେ ମଙ୍ଗଳବାର ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଓ ମୁଖ୍ୟବକ୍ତା ଭାବେ ଉର୍ଦ୍ଦୁ କବି ତଥା ଅବସରପ୍ରାପ୍ତ ଅଧ୍ୟାପକ ନାସିର ବକ୍ସ ଯୋଗ ଦେଇ ସ୍ୱର୍ଗତ ରାୟଙ୍କର ଜୀବନୀ ଉପରେ ଆଲୋକପାତ କରିବା ସହ ବିଦ୍ୟାର୍ଥୀମାନଙ୍କୁ ପିତାମାତା ଏବଂ ଗୁରୁଙ୍କୁ ସର୍ବଦା ପୂଜା କଲେ ଜଣେ ଉଚ୍ଚ ମାନର ମଣିଷ ରୂପେ ଉଭା ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ରାୟଙ୍କ ପୁତ୍ର ତଥା କଳ୍ପନା ଦେବୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ରାୟଙ୍କର ସ୍ୱରଚିତ ପୁସ୍ତକ 'ପ୍ରଜ୍ଞା ଜ୍ୟୋତି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଓ ଶିକ୍ଷାବିତ୍ ଭାଗୀରଥି ଦାସଙ୍କୁ ଶାରଦା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଇଂ. ମାହେଶ୍ୱରୀ ରାୟ ଧନ୍ୟବାଦ ଦେଇଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

ଭଣ୍ଡାରିପୋଖରୀ,୧୯।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଏକକାଳୀନ ମକଡ୍ରିଲ କରାଯାଇଛି। ବ୍ଲକର ଷୋଳମପୁର ପଞ୍ଚାୟତ ମଣିନାଥପୁରସ୍ଥିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀଠାରେ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ମନୋଜ ମିଶ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତରାୟ, ସାମାଜିକକର୍ମୀ ନରେନ୍ଦ୍ର ମହାନ୍ତି, ସୁରଥ ଦାସ, ବିଦ୍ୟାଧର ଜେନା, ନରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରୟସ୍ଥଳୀରେ ଥିବା ବିଭିନ୍ନ ଯନ୍ତ୍ରାଂଶକୁ ବ୍ୟବହାର କରି ଉଦ୍ଧାରକାରୀ ଦଳ ସଦସ୍ୟମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଯୁବକ ସଂଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଜଳହରି ବାତ୍ୟା ଆଶ୍ରୟସ୍ଥଳୀଠାରେ ସମ୍ପାଦକ ମୋହନ ରାୟଙ୍କ ତତ୍ତ୍ୱାବଧାନରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ମିନତୀ ପରିଡାଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଚନ୍ଦ୍ର ପଣ୍ଡା, ସଦସ୍ୟ ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ନିଖୋଜ ନାବାଳିକା ପରିବାରକୁ ହସ୍ତାନ୍ତର

ଭଦ୍ରକ,୧୯।୬(ସନାତନ ରାଉତ)

ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମିସିଂ ଚିଲ୍‌ଡ୍ରେନ୍ ଉପରେ କାର୍ଯ୍ୟରତ ପିଏଲ୍‌ଭି ଶକୁନ୍ତଳା ପାତ୍ର ଓ ସନ୍ତୋଷ କୁମାର ସ୍ୱାଇଁ ଭଦ୍ରକ ଟାଉନ ଥାନାର କାର୍ଯ୍ୟରତ ଅଧିକାରୀ ଶକାନୁ ପତିଙ୍କ ଉପସ୍ଥିତିରେ ଜଣେ ନିଖୋଜ ନାବାଳିକାଙ୍କୁ ତାଙ୍କ ମାତାପିତାଙ୍କୁ ହସ୍ତାନ୍ତର କରିଛନ୍ତି। ଭଦ୍ରକ ଅପର୍ତ୍ତିବିନ୍ଧାର ଉକ୍ତ ନାବାଳିକା ଗତ ୨୦୨୩ ଅଗଷ୍ଟ ୧୦ ତାରିଖରୁ ଘରୁ ନିଖୋଜ ଥିଲେ। ବେଙ୍ଗାଲୁରରୁ ତାଙ୍କୁ ଉଦ୍ଧାର କରାଯାଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣରେ ଅନିୟମିତତା

ଆଗରପଡ଼ା,୧୯।୬ (ସୁଶାନ୍ତ ଦାଶ)



ନିର୍ମାଣାଧିନ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ।

ଭଦ୍ରକ ଜିଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ବୁଧବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଗରପଡ଼ା ସମେତ କେନ୍ଦୁଝର, ବାଲେଶ୍ୱର ଜିଲାର ସୀମାବର୍ତ୍ତୀ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଏଠାକୁ ଶହ ଶହ ସଂଖ୍ୟାରେ ରୋଗୀ ସ୍ୱାସ୍ଥ୍ୟସେବା ପାଇଁ ଆସିଥାନ୍ତି। ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୧୦କୋଟି ଟଙ୍କାର ଅଟକଳ ମୂଲ୍ୟରେ ପୁରୁଣା ଘରଗୁଡ଼ିକ ଭାଙ୍ଗିବା, ଜମି ଅଧିଗ୍ରହଣ ସହ ନୂତନ ଗୃହ ନିର୍ମାଣ ଟେଣ୍ଡର ହୋଇଥିଲା। ବିନା ସୂଚନା ଫଳକରେ ପୁରୁଣା ଗୃହ ଗୁଡ଼ିକୁ ଭାଙ୍ଗି ଏଠାରେ ନୂତନ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ପୁରୁଣା ଗୃହଗୁଡ଼ିକରୁ ବାହାରିଥିବା ରଡ଼, କାଠ, ଆଜବେଷ୍ଟ ଆଦି କୁଆଡ଼େ ଗଲା ତାହା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ ପ୍ରକାଶ କରିଛି। ଅପରପକ୍ଷେ ନୂତନ ଗୃହର ବର୍ତ୍ତମାନ ବେସମେଣ୍ଟରେ କାମ ଚାଲିଥିବା ବେଳେ ନିମ୍ନମାନର ରଡ଼, ବାଲିରେ କାର୍ଯ୍ୟ କରାଯାଉଛି। କୌଣସି ଅଧିକାରୀ ତଦାରଖରେ ଆସୁନାହାନ୍ତି। ରାତିରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ମଧ୍ୟ କାର୍ଯ୍ୟ ହେଉଛି। ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ବଡ଼ ମଇଁଷଗୋଠ ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ବିଟିପୁରର ପୂର୍ବତନ ସରପଞ୍ଚ ସତ୍ୟବାନ ଦାଶ, ଭାଜପା ନେତା ଗୋପାଳକୃଷ୍ଣ ଦାଶ, ଅଶୋକ ପରିଡ଼ା, ଚିନ୍ମୟ ସିଂହ, ତନ୍ମୟ ରଞ୍ଜନ ରାମ, ମହେଶ୍ୱର ଦାଶଙ୍କ ସମେତ ସାଧାରଣ ଜନତା ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## ଭଡ଼ାଘରେ ଚାଲିଛି ଆଗରପଡ଼ା ଉପଡାକଘର

ଆଗରପଡ଼ା,୧୯।୬ (ସୁଶାନ୍ତ ଦାଶ)



ବାରଣ୍ଡାରେ ଗ୍ରାହକ ଠିଆ ହୋଇଛନ୍ତି।

ଆଗରପଡ଼ା ଥାନା ଅର୍ନ୍ତଗତ ବିଟିପୁର ଉପଡାକଘରଟି ୧୯୬୦ ମସିହାରେ ବିଟିପୁର ଗ୍ରାମରେ ପ୍ରତିଷ୍ଠା ହୋଇ ଭଡ଼ାଘରେ ଚାଲିଥିଲା। ସେତେବେଳେ ତାହା ବ୍ରାଞ୍ଚ ଅଫିସ ଥିବା ବେଳେ ପରେ ତାହା ଉପଡାକଘରକୁ ରୂପାନ୍ତରିତ ହୋଇଥିଲା। ଏହି ଉପଡାକଘର ଅଧୀନରେ ୮ଟି ବ୍ରାଞ୍ଚ ଅଫିସ, ପ୍ରାୟ ୧୦ ହଜାରରୁ ଅଧିକ ଗ୍ରାହକ ଏବଂ ମାସିକ ପ୍ରାୟ ୧କୋଟିରୁ ଅଧିକ ବ୍ୟବସାୟ କରୁଥିବା ବେଳେ ଡାକଘରଟି ଅଦ୍ୟାବଧି ନିଜସ୍ୱ ଘରଟିଏ ପାଇପାରିନାହିଁ। ସମୟକ୍ରମେ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନର ଭଡ଼ାଘରକୁ ସ୍ଥାନାନ୍ତରିତ ହୋଇଛି। ୬୪ବର୍ଷ ଭିତରେ ଅନେକ ସରକାର ଆସିଛି ଯାଇଛି କିନ୍ତୁ ଆନ୍ତରିକତା ଅଭାବରୁ ଏକ ସ୍ଥାୟୀ ଜାଗାରେ ପ୍ରତିଷ୍ଠା ହୋଇପାରିନାହିଁ। ଏଠାରେ କେବଳ ପରସ୍ପର ଉପରେ ଦୋଷ ଲଦି କାଦୁଅ ଫିଙ୍ଗା ଫିଙ୍ଗି ହେଉଥିଲେ ମଧ୍ୟ କାର୍ଯ୍ୟରେ ରୂପାନ୍ତରଣ କରିବା କେବଳ ସ୍ୱପ୍ନ ପାଲଟିଛି। ବିଭିନ୍ନ ଯୋଜନାରେ ଅନେକ ଗୃହ ନିର୍ମାଣ ହୋଇ କୌଣସି କାର୍ଯ୍ୟରେ ଲାଗୁ ନ ଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କୁ ସେବା ଯୋଗାଇବା ପାଇଁ ସ୍ଥାୟୀ ଘରଟିଏ ସ୍ୱପ୍ନ ପାଲଟିଛି। ଗ୍ରାହକମାନେ ଟଙ୍କା ନେଣଦେଣ ତଥା ଅନ୍ୟାନ୍ୟ କାର୍ଯ୍ୟରେ ଆସୁଥିବା ବେଳେ ସେମାନଙ୍କୁ ବାରଣ୍ଡାରେ ଠିଆହୋଇ କାରବାର କରିବାକୁ ପଡୁଛି। ଭୀଷଣ ଗରମରେ ସେଠାରେ ପଙ୍ଖାର ବ୍ୟବସ୍ଥା ହୋଇ ନ ଥିବା ବେଳେ ସିସି କ୍ୟାମେରା ମଧ୍ୟ ଲଗାଯାଇନାହିଁ। ଏଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଦାୟୀ କିଏ ହେବ ବୋଲି ପ୍ରଶ୍ନ ଉଠୁଛି।

### ୬୪ ବର୍ଷ ବିତିଲା

ପ୍ରକାଶଯୋଗ୍ୟ ଏହି ସମାସ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ୨୦୨୨ ସେପ୍ଟେମ୍ବର ମାସରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ଉକ୍ତ ଉପଡାକଘରର ଏକ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଚିଠି ନଂ. ୭୧୪/୨୦୨୨ରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅବଗତ କରାଇଥିଲେ। ଇତି ମଧ୍ୟରେ ପାଖାପାଖି ୧୮ ମାସ ବିତିଯାଇଥିଲେ ମଧ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଉପଡାକଘରଟିରେ କୋର ବ୍ୟାଙ୍କିଙ୍ଗ ସୁବିଧା ଥିବା ବେଳେ କୌଣସି ଅତ୍ୟାଧୁନିକ ସରଞ୍ଜାମ ମାନ ନ ଥିବାରୁ ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକଶ ପାଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଆଗରପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବୋହୂ ଆତ୍ମହତ୍ୟା ଘଟଣା: ଶାଶୁ, ଶ୍ୱଶୁର ଗିରଫ

ପାଟଣା,୧୯।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅଧୀନ ସାହାରପଡ଼ା ବ୍ଲକ୍ ତେଣ୍ଡେରା ପଞ୍ଚାୟତ ରସପଡ଼ା ଗ୍ରାମରେ କୀଟନାଶକ ପିଇ ବୋହୂ ଲୀଳାବତୀ(୨୩) ଆତ୍ମହତ୍ୟା ଘଟଣାରେ ପୋଲିସ ବୁଧବାର ଶାଶୁ, ଶ୍ୱଶୁରଙ୍କୁ ଗିରିଫ କରିଛି। ଗିରଫ ଅଭିଯୁକ୍ତ ହେଲେ କମଳା ମହାନ୍ତ (୫୫) ଓ ଦାମଦୋର ମହାନ୍ତ (୬୨)। ବୋହୂଙ୍କୁ ଯୌତୁକ ନିର୍ଯାତନା ଦେବା ଓ ଆତ୍ମହତ୍ୟା ପାଇଁ ପ୍ରବର୍ତାଇବା ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଲୀଳାବତୀଙ୍କ ସ୍ୱାମୀ ବୀର କିଶୋର ମହାନ୍ତ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ଘରେ ଲୀଳାବତୀଙ୍କ ଶାଶୁ, ଶ୍ୱଶୁର ପ୍ରତିଦିନ ନିର୍ଯାତନା ଦେଉଥିଲେ। ଏନେଇ ମଙ୍ଗଳବାର ଲୀଳାବତୀ କୀଟନାଶ ପିଇ ଆତ୍ମହତ୍ୟା କରିଥିଲେ। ସଦର ଥାନା ଧୋଗୋଠ ଗାଁର ଲୀଳାବତୀଙ୍କ ମା' ମନ୍ଦୋଦରୀ ପାଟଣା ଥାନାରେ ଲୀଳାବତୀଙ୍କୁ ତାଙ୍କ ଶାଶୁ କମଳା ଓ ଶ୍ୱଶୁର ଦାମୋଦର ବିଭିନ୍ନ ସମୟରେ ଯୌତୁକ ଦାବି କରିବା ସହ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୨୪୭/୨୪)ରୁଜୁ କରି ଉଭୟ ଶାଶୁ, ଶ୍ୱଶୁରଙ୍କୁ କୋର୍ଟଚାଲାଣ କରିଥିବା ଏସ୍ଆଇ ଲକ୍ଷ୍ମଣ ମାଝୀ କହିଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

କେନ୍ଦୁଝର,୧୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ନିକଟ ଧୃପଦା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ବୁଧବାର ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ହେଲେ କାଳସୁଇ ଗ୍ରାମର ନରେନ୍ଦ୍ର ମହାନ୍ତ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଲୋକଙ୍କ ଭିଡ଼ ଜମିଥିଲା। ଉତ୍ତ୍ୟକ୍ତ ଲୋକେ ୩ ଘଣ୍ଟା ଧରି କ୍ଷତିପୂରଣ ଓ ହମ୍ପସ ନିର୍ମାଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପ୍ରକାଶ ଯେ, ସକାଳ ପ୍ରାୟ ୯ ଟା ସମୟରେ ନରେନ୍ଦ୍ର କେନ୍ଦୁଝରରୁ କାମସାରି ବାଇକ (ଓଡ଼ି ୦୯ ଟି/ ୫୯୨୧ ) ଯୋଗେ ଜାତୀୟ ରାଜପଥ ୨୦ରେ ଘରକୁ ଫେରୁଥିଲେ। ଧୃପଦା ଓଭର ବ୍ରିଜ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଛକ ନିକଟରେ ସିସିଟିଭି କ୍ୟାମେରା ଲଗାଇବା ସହ ଟ୍ରାଫିକ୍ ପୋଲିସ ମୃତୟନ କରାଯିବା ଦାବିରେ ସ୍ଥାନୀୟ ଲୋକେ ମୃତଦେହ ଛାଡ଼ି ନ ଥିଲେ। ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ୩ ଘଣ୍ଟା ଧରି ଶତାଧିକ ଗାଡି ଅଟକି ରହିଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀ ତୁରନ୍ତ ଦାବିପୂରଣ ପ୍ରତିଶ୍ରୁତି ଦେବା ପରେ ମଧାହ୍ନ ୧୨ ଟା ସମୟରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ମହିଳା ମୃତ

ଏସ୍ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ

କଟକ,୧୯।୬ (କାର୍ତ୍ତିକ ସାହୁ)

କଟକ ଏସ୍ସିବି ମେଡିକାଲର ରାଣୀହାଟ ପାର୍ଶ୍ୱ ଗେଟ୍ ନିକଟରେ ବୁଧବାର ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ନନ୍ଦିସାହି ଅଞ୍ଚଳର ସୁଷମା ସି(୪୧)। ଦୁର୍ଘଟଣା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୁଷମା ଚିକିତ୍ସା ପାଇଁ ଏସ୍ସିବି ମେଡିକାଲ ଆସିଥିଲେ। ସେ ତାଙ୍କ ଭାଇ ବିଷ୍ଣୁଚନ୍ଦ୍ରଙ୍କ ସହିତ ମେଡିକାଲ ବାହାରେ ରକ୍ତ ନମୁନା ଦେଇ ମୋ ବସ୍ଷ୍ଟାଣ୍ଡକୁ ଫେରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ହାଇୱା(ଓଡ଼ି୦୨ବିଏସ୍-୦୫୦୩) ସୁଷମାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବିଷ୍ଣୁଚନ୍ଦ୍ର ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପରେ ପୋଲିସ ମୃତଦେହକୁ ଏସ୍ସିବି ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ବିଭାଗୀୟ ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

କେନ୍ଦୁଝର,୧୯।୬
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହ ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ବାସ୍ତବିକତାର ଦୃଷ୍ଟିକୋଣରୁ କାର୍ଯ୍ୟକାରୀ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଯେଉଁ ମାନକ ସ୍ଥିର କରିଛି, ତାହା ସବୁ ପରିସ୍ଥିତିରେ ବଜାୟ ରଖିବା ଜରୁରୀ ବୋଲି କହିଥିଲେ।

ଏଥିସହ ଜନପ୍ରତିନିଧୀମାନେ ନିଜ ଅଞ୍ଚଳର ବିପର୍ଯ୍ୟୟଜନିତ ଅଭାବ ଅସୁବିଧା ବାବଦରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଭାବ ବିନିମୟ କରିବା ସହ ତାହାର ସମାଧାନ ଦିଗରେ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଜିଲାସ୍ତର ଏବଂ ବ୍ଲକ୍ କାର୍ଯ୍ୟାଳୟସ୍ତରରେ କଂଟ୍ରୋଲରୁମ୍‌ର କାର୍ଯ୍ୟକାରିତା, ବିଭିନ୍ନ



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ନଦୀବନ୍ଧ ମରାମତି, ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା, ସହରାଞ୍ଚଳର ଡ୍ରେନେଜ୍ ସଫେଇ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ, ଔଷଧ, ପାନୀୟଜଳ ଆଦି ମହଜୁଦ ରଖିବା ଏବଂ ପହଞ୍ଚାଇବାର ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ପିଆରଆଇମାନଙ୍କୁ ଠିକ ଭାବେ ଉପଯୋଗ କରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଥିଲା। କେନ୍ଦୁଝର ଲୋକ ସଭା ସଦସ୍ୟ ଅନନ୍ତ ନାୟକ ଯୋଗଦେଇ କଂଟ୍ରୋଲ ରୁମ୍‌ର ଟେଲିଫୋନ ନମ୍ବର ସାମାଜିକ ଗଣମାଧ୍ୟମରେ ସାର୍ବଜନୀନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ, ସାଧାରଣ ଯୋଗାଣ ବିଭାଗ, ଟିପିଏନ୍ଓଡିଏଲ୍, ବିଏସ୍ଏନଏଲ୍, ସ୍ୱାସ୍ଥ୍ୟ ବିଭାଗ ତଥା ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜର ବିପର୍ଯ୍ୟୟ ପ୍ରସ୍ତୁତିର ବିବରଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଆନନ୍ଦପୁର ପୌରପାଳିକା ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଜିଲା ପରିଷଦ ଉପାଧ୍ୟକ୍ଷ ଶୁଭନାଥ ଦାସ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି, ଆଇଏଏସ୍ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ଯୋଗଦେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବାବଦରେ ବିସ୍ତୃତ ଆଲୋଚନା କରିଥିଲେ।

# କେନ୍ଦୁଝର ସହରରୁ ବେଆଇନ ନିର୍ମାଣ ଉଚ୍ଛେଦ

କେନ୍ଦୁଝର,୧୭।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୌରପ୍ରଶାସନ ପକ୍ଷରୁ ସହରରୁ ବେଆଇନ ନିର୍ମାଣ ଉଚ୍ଛେଦ ବୁଧବାରଠାରୁ ଆରମ୍ଭ ହୋଇଛି। ଜିଲା ପରିଷଦ ଅଫିସ ଗଳି ବରାଳ ଲଜ ଛକ ନିକଟରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଏକ ସେଡ୍‌କୁ ଭାଙ୍ଗି ଦିଆଯାଇଥିବା ବେଳେ ଉଠା ଦୋକାନକୁ ଉଠାଇ ଦିଆଯାଇଛି। ଉକ୍ତ ସ୍ଥାନରେ ବିଜେଡି କର୍ମୀ ତଥା ଅନ୍ୟ ସାଧାରଣ ଲୋକ ବସାଉଠା କରୁଥିଲେ। ତେଣୁ ରାଜନୈତିକ ଆକ୍ରୋଶ ରଖି ଏଭଳି ଉଚ୍ଛେଦ କରାଯାଇଥିବା ବିରୋଧୀ ମତବ୍ୟକ୍ତ କରୁଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ହୋଇ ବ୍ୟବସାୟିକ ତଥା ଆବାସିକ କାମରେ ବ୍ୟବହାର ହେଉଛି। ବାରମ୍ବାର ଅଭିଯୋଗ କଲେ ମଧ ଉଚ୍ଛେଦ କରାଯାଉ ନ ଥିବାରୁ ସରକାରଙ୍କ ଅନେକ କୋଟି ଟଙ୍କା କ୍ଷତିହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମୁଖ୍ୟରାସ୍ତା କଡରେ ବିଶେଷ କରି ଗାନ୍ଧୀ ଛକ, ଲାବଣ୍ୟ ଛକ, କଲେଜ ରୋଡ, ମାଇନିଂ ରୋଡ, ପୁରୁଣା ସହର ରାସ୍ତା, ମେନ୍ ରୋଡ, ପାର୍କ ଲାଇନ ଆଦି ରାସ୍ତାରେ ବହୁ ଜମି ଜବରଦଖଲରେ ରହିଛି। ସେହିପରି ବିନା ପାର୍କିଂରେ ଓ ପ୍ଲାନ୍ ବାହାରେ ମାର୍କେଟ କମ୍ପ୍ଲେକ୍ସ ଆଦି ଚାଲିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ପରେ ଗତ ବର୍ଷ ମାପଚୁପ କରି ଚିହ୍ନଟ କରି ବହୁ ଲୋକଙ୍କ ନୋଟିସ୍ କରାଯାଇଥିଲା। ତେବେ ଉଚ୍ଛେଦ ହୋଇ ନ ଥିଲା। କେନ୍ଦୁଝରର ବିଧାୟକ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କର ଗ୍ରସ୍ତ କାର୍ଯ୍ୟକ୍ରମ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସବୁସ୍ତରରେ ସ୍ୱାଗତ କରାଯାଇଛି। ଜବରଦଖଲ ଉଚ୍ଛେଦ ଦାୟିତ୍ୱରେ ଥିବା ପୌରପାଳିକାର ଅଧିକାରୀ ଦୀପକ ବେହେରା କହିଛନ୍ତି, ନିର୍ବାଚନ ପରେ ଉଚ୍ଛେଦ କାମ ହେବାରଥିଲା। ବୁଧବାରଠାରୁ ଆରମ୍ଭ ହୋଇଛି, ଏହା ଆଗକୁ ଜାରି ରହିବ। ଉତ୍ତରପ୍ରଦେଶ ପରେ ଓଡିଶାର ନିଜ ଜିଲାରେ ମୋହନଙ୍କ ଶାସନରେ ବୁଲଡଜର ଚାଲିବା ଆରମ୍ଭ ହେଲା। ଏହା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲା ଓ ନିର୍ବାଚନ ମଣ୍ଡଳୀରୁ ଆରମ୍ଭ ହେଲା ବୋଲି ତାଙ୍କ ସମର୍ଥକମାନେ ମତବ୍ୟକ୍ତ କରିଛନ୍ତି।

# ବିଶ୍ୱ ସିକଲସେଲ୍ ଦିବସରେ ସଚେତନତା

କେନ୍ଦୁଝର,୧୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଜିଲାସ୍ତରୀୟ ବିଶ୍ୱ ସିକଲସେଲ୍ ସଚେତନତା ଦିବସ-୨୦୨୪ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କିଠାରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ଚରଣ ନାୟକ ଯୋଗଦେଇ ସିକଲ୍‌ସେଲ୍ ରୋଗର ନିରାକରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। କାହାର ଯଦି ସିକଲସେଲ ରୋଗ ଚିହ୍ନଟ ହୁଏ ତେବେ ତାହାର ପ୍ରତିକାର ପାଇଁ ବିନା ମୂଲ୍ୟରେ ଡାକ୍ତରଖାନାରେ ଉପଲବ୍ଧ ବୋଲି କହିଥିଲେ। ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱନ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ଯୋଗଦେଇ ପରିବାରର ସମସ୍ତ ସଦସ୍ୟ ଏ ବିଷୟରେ ସଚେତନ ହୋଇ ଏ ରୋଗର ପରୀକ୍ଷା କରି ନିର୍ଭୟରେ ରହିଲେ ପରିବାର ଭଲରେ ରହିବ



କେନ୍ଦୁଝର ଲୋକ ସଭା ସଦସ୍ୟ ଅନନ୍ତ ଚରଣ ନାୟକ ଅଭିଭାଷଣ ଦେଉଛନ୍ତି।

ବୋଲି କହିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର କୁମାର ପୃଷ୍ଟି ସିକଲସେଲ୍ ରୋଗ ବିଷୟରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, କେନ୍ଦୁଝର ସଦର ବିଡିଓ ତିଲୋତମା ପୃଷ୍ଟି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌର ପ୍ରସାଦ ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ନିଳମ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଦୀପ କୁମାର ମିଶ୍ର, ଜିଲା ପ୍ରକଳ୍ପ ମ୍ୟାନେଜର ନିତ୍ୟରଞ୍ଜନ ବରାଳ, କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱରର ଡା. ପୂର୍ଣ୍ଣେନ୍ଦୁ ପଣ୍ଡା, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ୍ ଡା. ଶିବ ଚରଣ ବାଗ ପ୍ରମୁଖ ଯୋଗଦେଇଥିଲେ। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରଶାନ୍ତ ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସିକଲ୍‌ସେଲ ଚିହ୍ନଟ ହୋଇଥିବା ଲୋକଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ମାଇକ୍ରବାଇଲଜିଷ୍ଟ ରାଜଶ୍ରୀ ସାହୁ, ବିପିଏମ୍ ଭୁବନେଶ୍ୱରୀ କର, ସୁପରଭାଇଜର ନିରଞ୍ଜନ ବେକ୍, ଏଲ୍‌ଟି ପ୍ରମୋଦ ଦାସ, ଏସ୍ଏ ଅମ୍ଳାନ କିଶୋର ପରିଡ଼ା, ଆକାଉଟାଣ୍ଟ ଦିଲ୍ଲିପ କୁମାର ମହାନ୍ତ, ବିଡିଏମ୍ ସୋନାଲୀ ମୁଦୁଲି, ଫାର୍ମାସିଷ୍ଟ ପ୍ରୀତିମୟୀ ଶ୍ରୀଚନ୍ଦନ ଓ ବିଜୟ ବେହେରା, ଡା. ଅଜୟ ମୁର୍ମୁ, ଡା. ସମ୍ପିତ୍ ସାହୁ, ଡା. ଶ୍ରାବଣୀ, ସିଏଚ୍ଓ, ଆଶାକର୍ମୀ ସହଯୋଗ କରିଥିଲେ।

## ପ୍ରେସ୍ ଫୋରମର ପଞ୍ଚାୟତସ୍ତରୀୟ ବୈଠକ

ଆନନ୍ଦପୁର,୧୯।୬ (ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ଆନନ୍ଦପୁର, ହାଟଡ଼ିହୀ, ଘସିପୁରା ଏବଂ ଆନନ୍ଦପୁର ପୌର ପାଳିକାର ସମସ୍ତ ଖବରଦାତା ଯୋଗଦେଇଥିଲେ। ପ୍ରଥମେ ରିଂରୋଡ଼ସ୍ଥିତ ଫୋରମ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଆନନ୍ଦପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ତପନ କୁମାର ପ୍ରଧାନଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ମାଧ୍ୟମରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପ୍ରେସ୍ ଫୋରମର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଅତ୍ୟାଧୁନିକ ଚିକିତ୍ସାଳୟରେ ପରିଣତ କରିବା ସହିତ ଖାଲି ପଡ଼ିଥିବା ପଦବୀକୁ ଡାକ୍ତର ନିଯୁକ୍ତି, ୨୦ ନଂ. ଜାତୀୟ ରାଜପଥକୁ ସମ୍ପୂର୍ଣ୍ଣ କରିବା, ଆନନ୍ଦପୁରକୁ ରେଳ ଲାଇନ ସଂଯୋଗ ଆଦି ଉଲ୍ଲେଖ ରହିଛି। ଅନୁଷ୍ଠିତ ବୈଠକରେ ଫୋରମର ସମ୍ପାଦକ ନିର୍ମଳ ରାଉଳଙ୍କ ସଂଯୋଜନାରେ ସଭାପତିଙ୍କ ସମେତ ଉପଦେଷ୍ଟା କମଳାକାନ୍ତ ଦାସ, ଉପ ସଭାପତି ପଦ୍ମନାଭ ସାହୁ, ପୂର୍ବତନ ସମ୍ପାଦକ ଲାଲଟେନ୍ଦୁ ଧିର ଉପସ୍ଥିତ ରହି ପଞ୍ଚାୟତସ୍ତରରୁ ଆସିଥିବା ସମସ୍ତ ଖବରଦାତାଙ୍କୁ ଫୋରମର କାର୍ଯ୍ୟକ୍ରମ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡର ସମସ୍ତ ଜୋନ୍ ପ୍ରମୁଖ, ପଞ୍ଚାୟତ ପ୍ରତିନିଧି ଓ ଫୋରମର ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ଫୋରମର ପୂର୍ବତନ ସମ୍ପାଦକ ଲଲାଟେନ୍ଦୁ ଧିର ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପାଇଁ ହାତୀ କଳବଳ

ପାଟଣା,୧୯।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୨୭ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ହାତୀପଲ ପାଟଣା ଓ ମୟୂରଭଞ୍ଜ ବନଖଣ୍ଡ ଅଧୀନ କରଞ୍ଜିଆ ରେଞ୍ଜରେ ବୁଲି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବୁଧବାର ପାଟଣା ରେଞ୍ଜ ସାହାରପଡା ସେକ୍ସନ ଉଦୟପୁର ବିଟ୍ ଅନ୍ତର୍ଗତ ହରିଚନ୍ଦନପୁର ଗାଁ ନିକଟ ଜଙ୍ଗଲରେ ଡେରା ପକାଇଥିଲେ। ଅସହ୍ୟ ଗୁଳୁଗୁଳି ଯୋଗୁ ଖୁଣ୍ଟାପିଙ୍ଗୁ ଗାଁ ନିକଟରେ ଥିବା ଏକ ପୋଖରୀରେ ଜଳକ୍ରୀଡ଼ା କରିବା ସହ ପାଣି ପିଇଥିଲେ। ମାତ୍ର ପୋଖରୀରେ ଆବଶ୍ୟକ ମୁତାବକ ପିଇବା ଓ ଗାଧୋଇବା ପାଇଁ ପାଣି ନ ଥିବା ଯୋଗୁ ହାତୀ କାଦୁଅ ପାଣି ପିଇବା ସହ କେତେକ ହାତୀ ରୁଦ୍ର ତାପରୁ ଉପଶମ ପାଇଁ ପଙ୍କରେ ଗଡ଼ିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପାଟଣା ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି, ଲୋକଙ୍କ ଭିଡ଼ ଯୋଗୁ ହାତୀଙ୍କୁଘଉଡ଼ାଇବାରେବିଫଳହେଉଛନ୍ତି।

## ଯୋଡ଼ା ସହରରେ ଟ୍ରାଫିକ୍ ଜାମ

ଯୋଡ଼ା,୧୯।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ସହରର ବସ୍ଷ୍ଟାଣ୍ଡ, ବଜାର, ପରିବା ମାର୍କେଟ, ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ବୁଧବାର ଟ୍ରାଫିକ ସମସ୍ୟା ଉପୁଜିଥିଲା। ଯୋଡ଼ା ସହର ଦେଇ ଯାଇଥିବା ଫ୍ଲାଏ ଓଭର ତଳେ ଥିବା ସର୍ଭିସ ରୋଡ ଅସମ୍ପୂର୍ଣ୍ଣ ରହିଛି। ଏହାର କାମ ବିନା କୌଣସି ବାଇପାସ ଏବଂ ଅନ୍ୟ କୌଣସି ପଥର ବ୍ୟବସ୍ଥା କରା ନ ଯାଇ ଚେବରୋକ୍ସ କମ୍ପାନୀ ବସ୍ଷ୍ଟାଣ୍ଡର ସମ୍ମୁଖ ଭାଗକୁ ଖୋଲି ଦେଇଛି। ଏଣୁ ଗୋଟିଏ ମାତ୍ର ପଥ ଥିବାରୁ ପ୍ରବଳ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଏତଦ୍‌ବ୍ୟତୀତ କୋ ଅପରେଟିଭ ବ୍ୟାଙ୍କ ସମ୍ମୁଖରେ ବେଆଇନ ପାର୍କିଂ, ପୁରୁଣା ଥାନା ସମ୍ମୁଖରେ ଥିବା ଜଳଖିଆ ଦୋକାନ ଗୁଡ଼ିକରେ ବାଇକ ରଖି ଭିଡ କରିବା ପ୍ରଭୃତି ସହ ରାସ୍ତା ବ୍ୟବସାୟୀଙ୍କ କବଜାରେ ଥିବାରୁ ଟ୍ରାଫିକ୍ ଜାମ ଦ୍ୱିଗୁଣିତ ହେଉଛି। ଏହାକୁ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଥିବା ବେଳେ ସାଧାରଣ ନାଗରିକ ହନ୍ତସନ୍ତ ହେଉଛନ୍ତି। ଏ ଦିଗରେ ପୌରପାଳିକା ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ନିର୍ବାଚନକୁ ଆଖି ଆଗରେ ରଖି ଯୋଡା ସହର ଭିତରେ ଥିବା ସର୍ଭିସ ରୋଡ୍ କାମ ନ କରି ସୁଦୀର୍ଘ ଫ୍ଲାଏ ଓଭର ଲୋକାର୍ପଣ କରି ଦିଆଗଲା। ନିର୍ବାଚନ ଶେଷ ହେଲା ପରେ ଏହା ଆହୁରି ବିଳମ୍ବ ହେଉଛି । ଏ ସମ୍ପର୍କରେ ସର୍ଭିସ ରୋଡ ନିର୍ମାଣକାରୀ ଠିକାସଂସ୍ଥା ଚେଭରୋକ୍ସ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡା କହିଛନ୍ତି, ସୁନା ନଦୀ ପୋଲ ଭିତରେ ୨ ପ୍ରୋଟେକ୍ସନ ୱାଲ ନିର୍ମାଣ କରାଯାଉଛି। ଯୋଡ଼ା ମୁସଲିମ ମାର୍କେଟ ନିକଟସ୍ଥ ପେଟ୍ରୋଲ ପମ୍ପରୁ ସୁନା ନଦୀ ପର୍ଯ୍ୟନ୍ତ ପ୍ରାୟ ୫୦ମିଟର ଦୂରତା ଜମି ଅଧିଗ୍ରହଣ ହୋଇନାହିଁ। ଓବିସିସି ତାହା କ୍ଲିୟର୍ କଲେ ତାହା ସମ୍ପୂର୍ଣ୍ଣ କରାଯିବ। ତେବେ ବର୍ଷା ଦିନ ପୂର୍ବରୁ ସର୍ଭିସ ରୋଡ ସମ୍ପୂର୍ଣ୍ଣ କରାଯିବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

## 'ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ'

### ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି

କେନ୍ଦୁଝର,୧୯।୬(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତା କରି ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ବିଗତ ବର୍ଷ ପରି ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରାରେ ବହୁ ଜନସମାଗମ ସମ୍ଭାବନା ରହିଛି। ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ଠିକ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରି ସହଯୋଗ କାମନା କରିଥିଲେ। କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ ବୈଠକରେ ଯୋଗଦେଇ ପରମ୍ପରା ରକ୍ଷା କରି ସମସ୍ତ ନିତିକାନ୍ତି ପରିଚାଳନା କରିବାକୁପରାମର୍ଶ ଦେଇଥିଲେ। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଉଦ୍‌ବୋଧନ ଦେଇ ଆରାଧ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲାବାସୀଙ୍କର ଏକ ପ୍ରମୁଖ ପର୍ବ। ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ, ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଏବଂ ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ ବୈଠକରେ ଉପସ୍ଥିତ ଥିଲେ। କେନ୍ଦୁଝର ଉପ ଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ସୌମ୍ୟସାର୍ଥକ ମିଶ୍ର ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏ ବର୍ଷ ମଧ ମହିଳା ଭକ୍ତମାନଙ୍କୁ ରଥଟଣା କାର୍ଯ୍ୟକ୍ରମରେ ସାମିଲ କରାଯିବା ପ୍ରସ୍ତାବ ବୈଠକରେ ସର୍ବ ସମ୍ମତିକ୍ରମେ ଗୃହିତ ହୋଇଥିଲା। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ ନିମନ୍ତେ ଭୂମି ଚିହ୍ନଟ ଓ ଆବଣ୍ଟନ, ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଣ୍ଟନ, ରାସ୍ତାର ମରାମତି ଓ ଉନ୍ନତୀକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ପାସ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା।

# ମାମଲା ରୁଜୁ କରୁନି ପୋଲିସ, ଏସ୍‌ପିଙ୍କୁ ଭେଟିଲେ ମହିଳା

### ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣା

ହାଟଡ଼ିହୀ,୧୯।୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ବଉଳା ଲହରସାହିର ସିଲାଇ ପୂର୍ତ୍ତିଙ୍କ ଘର ଆଗରେ ଗତ ଜୁନ ୧୨ ତାରିଖ ରାତି ସମୟରେ ଏକାଧିକ ବ୍ୟକ୍ତି ବାଣ ଫୁଟାଉଥିଲେ । ସିଲାଇ ବାଣ ଫୁଟାଇବାକୁ ବାରଣ କରିଥିଲେ। କିନ୍ତୁ ବାଣ ଫୁଟାଉଥିବା ବ୍ୟକ୍ତିମାନେ ଶୁଣି ନ ଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ପୃଥକ୍ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଗୋଟିଏ ପକ୍ଷର ଅଭିଯୋଗ ଆଧାରରେ ମାମଲା ରୁଜୁ କରି ସିଲାଇ ଏବଂ ତାଙ୍କ ପୁଅ ନଟବରଙ୍କୁ ଗିରଫ କରିଛି। ମାତ୍ର ସିଲାଇଙ୍କ ସ୍ତ୍ରୀ ସୁନ୍ଧୁଙ୍କ ଅଭିଯୋଗରେ ମାମଲା ରୁଜୁ କରି ନ ଥିବା ସେ କହିଛନ୍ତି। ଏ ନେଇ ସୁନ୍ଧୁ ମଙ୍ଗଳବାର କେନ୍ଦୁଝର ଏସ୍‌ପିଙ୍କୁ ଭେଟି ସମସ୍ତ ଘଟଣା ବାବଦରେ କହି ଲିଖିତ ଅଭିଯୋଗ କରିଛନ୍ତି।

ସୁନ୍ଧୁଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଆମ ଜିଲାର, ଆମ ଜାତିଭାଇ ଅଟନ୍ତି। ଗଣ୍ଡଗୋଳରେ ଉଭୟ ପକ୍ଷରୁ ଆହତ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମଧ ଆହତ ହୋଇଛନ୍ତି। ଅପରପକ୍ଷଙ୍କ ଅଭିଯୋଗ ଅନୁସାରେ ପୋଲିସ ମାମଲା ରୁଜୁ କରି ତାଙ୍କ ସ୍ୱାମୀ ଏବଂ ପୁଅଙ୍କୁ ଗିରଫ କରିଛି। କିନ୍ତୁ ଗତ ଜୁନ ୧୩ ତାରିଖରେ ସୋସୋ ଥାନାରେ ସେ ଅଭିଯୋଗ କରିଥିଲେ ହେଁ ପୋଲିସ କୌଣସି ସ୍ୱାର୍ଥ ଏବଂ ଚାପରେ ମାମଲା ରୁଜୁ କରୁନି। ଅପରପକ୍ଷେ ଲଳିତା କୁମାରୀ ଏବଂ ୟୁପି ସରକାରଙ୍କ ମାମଲାରେ ବିଚାର କରି ଏଫ୍ଆଇଆର୍ ରେଜିଷ୍ଟ୍ରେଶନ ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ ଏକ ଗାଇଡ୍‌ଲାଇନ ଜାରି କରିଥିଲେ। ସୋସୋ ପୋଲିସ ତାହା ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଜଣେ ଆଦିବାସୀ ମହିଳାଙ୍କୁ ହଇରାଣ କରିବା ଅତି ଦୁଃଖ ଏବଂ ଲଜ୍ଜାର ବିଷୟ ବୋଲି ଆଇନଜୀବୀ ପର୍ଶୁରାମ ପଣ୍ଡା କହିଛନ୍ତି। ସୋସୋର ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଜଣେ ଆଦିବାସୀ ମହିଳା ନ୍ୟାୟ ପାଇଁ ବାରଦୁଆର ହେବା ଲଜ୍ଜାର ବିଷୟ। ଥାନା ଅଧିକାରୀ ବିଜୟ କୁମାର ବିହାରୀ କହିଛନ୍ତି, ଉପରୁ ଯାହା ନିର୍ଦ୍ଦେଶ ଆସିବ, ସେହି ଅନୁସାରେ ପଦକ୍ଷେପ ନିଆଯିବ।

# ଜଳକଷ୍ଟ ଭୋଗୁଛନ୍ତି ପର୍ଶଳାବାସୀ

### ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଚମ୍ପୁଆ,୧୯।୬(ମହେଶ୍ୱର ଦାସ)

ପାନୀୟଜଳ ମାନବ ସମାଜ ପାଇଁ ମୌଳିକ ଅବଶ୍ୟକତା ଭାବେ ପରିଗଣିତ ହୋଇଥାଏ। ମାତ୍ର ଅନେକ ସମୟରେ ଲୋକେ ପାନୀୟଜଳରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ୍‌ର ପର୍ଶଳା ପଞ୍ଚାୟତ। ଏଠାରେ ଦୀର୍ଘ ଦିନରୁ ପାନୀୟ ଜଳର ସମସ୍ୟା ଲାଗି ରହିଥିଲେ ମଧ ଅଭିଯୋଗ ପରେ ବି ସମାଧାନ ହୋଇପାରି ନ ଥିବା ସ୍ଥାନୀୟ ସରପଞ୍ଚ ଲିଳାବତୀ ମୁଣ୍ଡା ସୂଚନା ଦେଇଛନ୍ତି।

ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ବଜାର ମଧ୍ୟରେ ଥିବା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସୋଲାର ମାଧ୍ୟମରେ ବୋରିଂ ପାଣି ପୂର୍ବରୁ ଯୋଗାଇ ଦିଆଯାଉଥିଲା। ମାତ୍ର ସୋଲାର ପ୍ଲେଟ୍ ଚୋରି ହୋଇଯିବା, ଟ୍ରାନ୍ସଫର୍ମର ଖରାପ ଫଳରେ ଉକ୍ତ ପ୍ରକଳ୍ପଟି ଅଚଳ ହୋଇପଡ଼ିଛି। ପାନୀୟଜଳ ଅଭାବ ପୂରଣ କରିବା ପାଇଁ ବସୁଧା ଜଳ ପ୍ରଦାନ କରାଯାଇଥିଲେ ହେଁ ଅନିୟମିତତା ପାଇଁ ଆବଶ୍ୟକ ଜଳ ପ୍ରଦାନ କରାଯାଇ ପାରୁନାହିଁ। ଫଳରେ ପାନୀୟଜଳ ସଙ୍କଟ ଦେଖିବାକୁ ମିଳିଛି। ପଞ୍ଚାୟତବାସୀ




ଅଚଳ ହୋଇପଡ଼ିଥିବା ଜଳଯୋଗାଣ ପ୍ରକଳ୍ପ।

ପାନୀୟଜଳ ପାଇଁ ବାରମ୍ବାର ଅଭିଯୋଗ କରୁଛନ୍ତି, ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କଲେ ମଧ ସମସ୍ୟାର ସମାଧାନ ହୋଇପାରୁନାହିଁ। ଆଜି ହେବ କାଲି ହେବ କହି ସମୟ ଗଡ଼ାଇ ଚାଲିଛନ୍ତି ବୋଲି ସରପଞ୍ଚ କହିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ କରନ ସୋରେନ କହିଛନ୍ତି, ଏ ବିଷୟରେ ଅବଗତ ଅଛନ୍ତି। ବସୁଧା ଦ୍ୱିତୀୟ ପର୍ଯ୍ୟାୟ ଯୋଜନାରେ ସମସ୍ତ ଘରକୁ ପାନୀୟଜଳ ଯୋଗାଣ ପାଇଁ ଆବଶ୍ୟକ ପାଇପ ସଂଯୋଗ କରାଯାଇଛି। କେତେକ ସ୍ଥାନରେ ମୁଖ୍ୟ ପାଇପ ସଂଯୋଗ କାର୍ଯ୍ୟ ବାକି ଅଛି। ରଜ ଛୁଟି ପାଇଁ କାର୍ଯ୍ୟରେ ବିଳମ୍ବ ହୋଇଥିଲା, ୨୦ ଦିନ ମଧ୍ୟରେ ରିମୁଲି ଜାମୁନାଳିଆଠାରେ ଥିବା ପ୍ରକଳ୍ପରୁ ନିୟମିତ ଜଳ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ବ୍ଲକ୍ ପରିସରରେ ମହିଳାଙ୍କ ଆନ୍ଦୋଳନ

## ସରକାରୀ ଯୋଜନାରେ ସାମିଲ ଦାବି

ବାସୁଦେବପୁର, ୧୯।୬
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍‌ରେ ହେଉଥିବା ବିଭିନ୍ନ ଦୁର୍ନୀତିକୁ ବିରୋଧ କରି ଶତାଧିକ ମହିଳା ଓ ବିଭିନ୍ନ ଯୋଜନାରେ ବଞ୍ଚିତ ହିତାଧିକାରୀ ବୁଧବାର ବ୍ଲକ ପରିସରରେ ଆନ୍ଦୋଳନ କରିଛନ୍ତି। ଏଥିସହ ଧାରଣାରେ ବସି ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଭାଜପା ନେତା ମାନସ ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିବା ବେଳେ ରାଜ୍ୟରେ ଭାଜପା ସରକାର ଆସିଥିବାରୁ ଆଉ ବ୍ଲକ୍‌ରେ ମନମାନି ଚଳିବ ନାହିଁ। ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରେ ସାମିଲ ହୋଇ ଏହାର ଲାଭ ଉଠାଇବେ। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ, ରାଶନ କାର୍ଡ଼ ସମେତ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବାକୁ ଧାରଣାରେ ବସିଥିବା ବ୍ୟକ୍ତି ଓ ମହିଳାମାନେ ମତ ରଖିଥିଲେ। ଏଥିସହ ବ୍ଲକ୍‌ରେ ପିସି କାରବାର ବନ୍ଦ କରିବାକୁ ଦାବି କରିବାକୁ ବ୍ଲକ୍ ପ୍ରଶାସନକୁ ଚେତାବନୀ ଦେଇଥିଲେ। ବିଡିଓ ସଞ୍ଜୀବ କୁମାର ସାହୁଙ୍କୁ ସମସ୍ତ ସମସ୍ୟା ବାବଦରେ ଅବଗତ କରାଯାଇ ଏ ଦିଗରେ ଧ୍ୟାନ ଦେବାକୁ ନିବେଦନ କରାଯାଇଥିଲା। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ସାହୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।



ଧାରଣାରେ ବସିଥିବା ମହିଳା ଓ ଯୋଜନାରୁ ବଞ୍ଚିତ ହିତାଧିକାରୀ।

# ଭଦ୍ରକ ମହାବିଦ୍ୟାଳୟରେ ସିକଲ୍‌ସେଲ ଦିବସ




ଅନୁଷ୍ଠିତ ଦିବସରେ ଉପସ୍ଥିତ ଅତିଥି।

ଭଦ୍ରକ, ୧୯।୬ (ସନାତନ ରାଉତ)

ଭାରତ ସରକାରଙ୍କର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ପାଳନ ହେଉଥିବା ବିଶ୍ୱ ରକ୍ତ ଶିକୁଳି ଦିବସ 'ସିକଲସେଲ' ବୁଧବାର ଭଦ୍ରକ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ଯୁବ ରେଡ୍‌କ୍ରସର ଜିଲା କନ୍‌ଭନେର ସେକ୍ରେଟାରୀ ଡ. କମଳାକାନ୍ତ ଜେନା ଯୋଗଦେଇ ଶରୀରରେ ରକ୍ତର ଆବଶ୍ୟକତା, ରକ୍ତ ଶିକୁଳି ରୋଗର ଲକ୍ଷଣ, କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଡ. ସୁଦର୍ଶନ ଦାସ, ଡ. ପଦ୍ମନାଭ ମହାନ୍ତି ଓ ଅନନ୍ତ କିଶୋର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରକ୍ତ ଶିକୁଳି ଜନିତ ରକ୍ତହୀନତା ଦୂରୀକରଣ ସମ୍ପର୍କରେ ସଚେତନତା ବିଷୟରେ ବକ୍ତବ୍ୟ ଦେଇଥିଲେ। ଏ ଦିଗରେ ସଚେତନତା ସୃଷ୍ଟି କରିବା ସକାଶେ ଛାତ୍ରୀଛାତ୍ରମାନେ ସଂକଳ୍ପ ନେଇଥିଲେ। ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ଗିରିଶ ଚନ୍ଦ୍ର ପ୍ରଧାନ ଓ ଶୁଭେନ୍ଦୁ ବରାଳ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ଖଗେନ୍ଦ୍ର ପ୍ରସାଦ ବାରିକଙ୍କ ସ୍ମୃତିଚାରଣ ସଭା

ବାସୁଦେବପୁର, ୧୯।୬
(ନାରାୟଣ ପ୍ରସାଦ ବାରିକ୍)

ଓଡ଼ିଶାର ଯାତ୍ରା ଜଗତର ସଫଳ ମଞ୍ଚ ଅଭିନେତା ଖଗେନ୍ଦ୍ର ପ୍ରସାଦ ବାରିକଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଖଗେନ୍ଦ୍ର ପ୍ରସାଦ ସ୍ମୃତି ସଂସଦ ଆନୁକୂଲ୍ୟରେ ଏହି ସଭା ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ମଞ୍ଚ ଅଭିନେତା ଖୋଲାମଞ୍ଚର ସଫଳ କଳାକାର ଖଗାଭାଇ ସ୍ମରଣିକା ଏହି ଅବସରରେ ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ବାରିକ ଯାତ୍ରା ଜଗତର ଜଣେ ଶ୍ରେଷ୍ଠ କଳାକାର ଥିଲେ। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ରାଜ୍ୟର ବିଭିନ୍ନ ଯାତ୍ରା ଦଳରେ ଜଣେ ସଫଳ କଳାକାର ଭାବେ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରି ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇପାରିଥିଲେ ବୋଲି ଅତିଥିମାନେ ମତ ରଖିଥିଲେ। କବି ବିକାଶ ଚନ୍ଦ୍ର ଶତପଥିଙ୍କ ସଂଯୋଜନାରେ ସ୍ମୃତିସଭାରେ ଯାତ୍ରା ଅଭିନେତା ଦୈତାରୀ ପଣ୍ଡା, ଲତା ମଣ୍ଡଳ, କରୁଣାକର ମଲିକ, ପଞ୍ଚସଖା ଯାତ୍ରା ଏକାଡେମୀ ସମ୍ପାଦକ ଅନିରୁଦ୍ଧ ବାରିକ, ଶଙ୍କର୍ଷଣ ଜେନା, ଅଭୟ ସାମଲ, କାଳନ୍ଦୀ ମଲିକ, ସୁବାସ ମଲିକ, କାର୍ତ୍ତିକ ବିଶ୍ୱାଳ, ଦୀନବନ୍ଧୁ ଦାସ ପ୍ରମୁଖ କଳାକାରଙ୍କ ସମେତ ଡ. ବସନ୍ତ ଦାସ, ଭାଗୀରଥି ପଲେଇ, ରତ୍ନାକର ବାରିକ, ସୁଧାଂଶୁ ମିଶ୍ର, ଲକ୍ଷ୍ମଣ ବାରିକ, ବିଷ୍ଣୁମୋହନ ନାୟକ, ପ୍ରଦୀପ୍ତ ମହାନ୍ତି, ଭାଗୀରଥି ମହନୀ, ଯାମିନୀକାନ୍ତ ପାଢ଼ୀ, ଗଜେନ୍ଦ୍ର ମିଶ୍ର, ପ୍ରତାପ ଚନ୍ଦ୍ର ଡାଙ୍ଗୁଆ ଯୋଗଦେଇଥିଲେ। ସ୍ମୃତି ସଂସଦ ସଭାପତି ଭଗବାନ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। କରିଥିଲେ। ଦିଲୀପ ବାରିକ ଧନ୍ୟବାଦ ଦେଇଥିଲେ।


**PARADIP PORT AUTHORITY**

No.CE/PRD/ACCTS-54/23 /217
dtd.11.06.2024

**e -TENDER CALL NOTICE**

Name of the work : Cleaning of Roads and berms including disposal of debris of Zone-III location of Port probihited area for 2024-25. Estimated Cost :Rs.1,59,40,868.90. Last Date & time of submission : 01.07.2024 upto 17:00 Hrs.

Refer our website for details: eprocure.gov.in/eprocure/app .

Executive Engineer, PRD, PPA
PPA/PR/17/2024-2025,Dt.18/06/2024

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/HS/O/SU/011
**RC for Supply of Electrical Insulated Hand Gloves up to 33 KV at TPWODL, Odisha.**

The technical specification is revised and the time period is hereby extended for Submission of Tender Participation Fee and Authorization Letter through e-mail till **21st June 2024**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores

**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमंडल, देवघर**

**शुद्धि-पत्र**

इस कार्यालय के ई–अल्पकालीन निविदा संख्या–**01/ 2024-25/RWD/EE/DEOGHAR** के द्वारा ऑन लाईन पद्धति **(PR NO-326796 Rural Development (24-25)#D Date 18.06.2024)** के द्वारा आमंत्रित निविदा के क्रमांक–5 में वर्णित पथ "आर0ई0ओ0 रोड गोन्दलबाड़ी से भुरकुण्डा तक पथ निर्माण कार्य लं0–1.620 कि0मी0)" [RWD/EE/ DEO GHAR/ 05/ 2024-25] को अपरिहार्य कारणवश स्थगित किया जाता है।

निविदा की अन्य सभी शर्तें यथावत रहेगी।

कार्यपालक अभियन्ता
ग्रा0 कार्य विभाग, कार्य प्रमंडल, देवघर।

PR.NO.326882 Rural Development(24-25):D

**कार्यपालक अभियंता का कार्यालय,**
**पथ निर्माण विभाग,पथ प्रमण्डल, धनबाद**

पत्रांक– दिनांक–

**शुद्धि पत्र**

एतद् द्वारा सूचित किया जाता है कि दैनिक समाचार पत्रों में दिनांक–09.06.2024 को प्रकाशित निविदा आमंत्रण सूचना सं0– RCD/DHANBAD/**913/2024-25 (1st Call)**, पी0आर0 नं0 325524 Road (24-25) :D में क्रमांक–03 में प्रकाशित कार्य पूर्ण करने की अवधि को 18 (अठ्ठराह) माह के स्थान पर 12 (बारह) माह पढ़ा जाय।

शेष अन्य नियम एवं शर्तें यथावत् रहेगी। विशेश जानकारी हेतु पथ प्रमण्डल, धनबाद से सम्पर्क किया जा सकता है।

कार्यपालक अभियंता,
प0नि0वि0, पथ प्रमंडल, धनबाद।

PR.NO.326886 Road(24-25):D

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 512 of 2023**

**BANK OF INDIA, BHUBANESWAR BRANCH** .....Applicant
Versus
**PABITRA MOHAN BISWAL** .....Defendant

To,
**PABITRA MOHAN BISWAL,** S/o- Chakradhar Biswal, resident of Plot No. 1798, Padmakeshartpur, PO: Kalarahanga, Via: Patia, PS: Infocity, Dist.: Khurda, PIN-751024.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 512 of 2023** in the Court of the Debts Recovery Tribunal, Cuttack for recovery of **Rs.23,35,553/-** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **18.07.2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this **22nd day of May, 2024.**

Sd/- (NIKHILA RANJAN PATI)
REGISTRAR

**झारखण्ड सरकार**
**ग्रामीण कार्य विभाग,कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा**

अति अल्पकालीन ई0 पुर्न निविदा आमंत्रण सूचना

ई0–निविदा संख्या:–**11/RII/2023-24/RWD/EE/CHAIBASA** दिनांक : 19.06.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 11/2023-24 | 1. देशावली से अरगुण्डी तक पथ का सुदृढ़ीकरण कार्य (ल0–1.700कि0मी0)। 2. बिंगबुरूसाई से कोटसन तक पथ का सुदृढ़ीकरण कार्य (ल0–3.800कि0मी) 3. डुमबीसाई से बारामोदी तक पथ का सुदृढ़ीकरण कार्य (ल0–2.500कि0मी) 4. तुबासा से पत्तागुरिया तक पथ का सुदृढ़ीकरण कार्य (ल0–1.950कि0मी) 5. बारिपी मुख्य पथ से चिरिया ग्राम तक पथ का सुदृढ़ीकरण कार्य (ल0–3. 100कि0मी) 6. सेसोहातु से कुईदबासा तक पथ का सुदृढ़ीकरण कार्य (ल0–3.100कि0मी)। 7. मटकमहातु से कुदापी तक पथ का सुदृढ़ीकरण कार्य (ल0–3.00कि0मी0) 8. कोचड़ा से पाउपी तक पथ का सुदृढ़ीकरण कार्य (ल0–2.80कि0मी0) | 124746900 | बारह करोड़ सैंतालीस लाख छियालीस हजार नौ सौ रू0 मात्र। | 15 (पन्दह) माह |

1. वेबसाईट में निविदा प्रकाशन की तिथि :– 22.06.2024
2. ई–निविदा प्राप्ति की अंतिम तिथि एवं समय :– 03.07.2024 अपराह्न 05:00 बजे तक।
3. निविदा खोलने की तिथि एवं समय :– 04.07..2024 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 326853 West Singhbhum(24-25).D

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN : 751012, Tel No. (0674) 2562020,
e-Mail : theoccltd@odishaconstruction.com
**GSTIN-21AAACO2571K2ZM**

**"e-Procurement Notice No-06/OCCL/2024-25 (on-line)**

No.CAD-231: On-line percentage rate tenders are invited for the following works ;

| Sl No | Name of Work | Name of Division | Bid Identification No | Approx value of work | Bid Security (through on-line transfer/ as per DTCN) (in Rs.) | Period of Completion | Availability & Submission of tender of Tender (on-line) |
|---|---|---|---|---|---|---|---|
| 1 | Improvement to Malaguni right embankment from Brahmanpatna to Ostapuri | Khurda Irrigation Division | OCCL. HQP/2I/24-25 | Rs.4.43 Crore | Rs. 4,43,000/- | 6 (Six) calender months | From 29/06/2024, 03.30 PM to 15/07/2024, 5.30 PM |
| 2 | Improvement to road on Makara right embankment from Bhatapada to Adal | | OCCL. HQP/22/24-25 | Rs. 0.92 Crore | Rs. 92,000/- | | |
| 3 | Improvement to road on Mahanadi right embankment from RD 4.60 Km to 7.10 Km | | OCCL - HQP/23/24-25 | Rs. 0.92 Crore | Rs. 92,000/- | | |
| 4 | Improvement to left bank on Banapur Main Canal between RD 0.00 M to 4950 M | | OCCL - HQP/24/24-25 | Rs. 1.37 Crore | Rs. 1,37,000/- | | |
| 5 | Improvement to service road of Banapur Main Canal between RD 17.00 km to RD 18.80 Km & Sahaspur Distributary between RD 0.00 Km to 4.00 Km of Salia Irrigation Project | | OCCL - HQP/25/24-25 | Rs. 1.16 Crore | Rs. 1,16,000/- | | |
| 6 | Improvement to service road of Left Main Canal from RD 0 M to 3000 M & 4000 M to 4300 M & Similipatana Distributary from RD 750 M to 3720 M & Badaput Minor from RD 0 M to 320 M of Rajua Diversion Weir Project | | OCCL - HQP/26/24-25 | Rs. 1.39 Crore | Rs. 1,39,000/- | | |
| 7 | Restoration to OAE No.94 B on Kathajodi right from RD 00 to RD 7.00 Km | Mahanadi South Division | OCCL - CGP/13/24-25 | Rs. 2.29 Crore | Rs. 2,29,000/- | | |
| 8 | Improvement to right service embankment from RD 7.640 Km to RD 9.074 Km & left service embankment from 9.074 Km to RD 10,350 Km of Sukapaika North Channel in Taladanda Canal System | | OCCL - CGP/14/24-25 | Rs. 2.30 Crore | Rs. 2,30,000/- | | |
| 9 | Improvement to right bank service road from RD 11600 M to 15400 M of Disty. No.12 Main of Taladanda Main Canal | | OCCL - CGP/15/24-25 | Rs. 1.58 Crore | Rs. 1,58,000/- | | |
| 10 | Improvement to right bank service road of Disty. No.12 (G1) from RD 3200 M to 6700 M" | | OCCL - CGP/16/24-25 | Rs. 1.42 Crore | Rs. 1,42,000/- | | |
| 11 | Improvement to Paika left embankment from RD 8.40 Km to 11.40 Km | | OCCL - CGP/17/24-25 | Rs. 2.28 Crore | Rs. 2,28,000/- | | |
| 12 | Improvement to road on CE No. 78 (A) on Mahanadi right embankment from RD 69.500 Km to RD 73.500 Km | | OCCL - CGP/18/ 2024-25 | Rs. 2.30 Crore | Rs. 2,30,000/- | | |
| 13 | Re-sectioning & Cement Concrete Lining of Left main Canal; from RD 3715 M to 4800 M under Salki Irrigation Project | Boudh Irrigation Division | OCCL - LSSP/01/ 2024-25 | Rs. 2.30 Crore | Rs. 2,30,000/- | | |
| 14 | Re-sectioning & Cement Concrete Lining of Left main Canal from RD 728 M to 1700 M under Bagh Irrigation Project | | OCCL - LSSP/02/ 2024-25 | Rs. 2.30 Crore | Rs. 2,30,000/- | | |
| 15 | Re-sectioning & Cement Concrete Lining of Right main Canal from RD 19073 M to 20500 M under Salki Irrigation Project | | OCCL- LSSP/03/ 2024-25 | Rs. 2.30 Crore | Rs. 2,23,000/- | | |

Procurement Officer : Managing Director, OCCL
Date of Opening of the Tender : **16.07.2024, 12.00 Noon onwards**
Further details can be seen from the e-procurement portal : https://www.tendersodisha.gov.in

OIPR-34120/11/0009/2425 **Sd./- Managing Director**

Your classified advertisement published in Dharitri will be listed free in Dharitri online edition : **www.dharitri.com**


**ଓଡ଼ିଶା ସରକାର**
**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

ନଥି ସଂ–IX(C)–10/2024–237 ତା.13.06.2024

**No.V-10:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.–ଆର.ବି.କେ.୬୦) ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ବଡବିଲ ୟୁ ନଂ.୭, ଥାନା–ବଡବିଲ, ତହସିଲ–ବଡବିଲ, ଜିଲ୍ଲା–କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୨୩୯ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.–ଆର.ବି.କେ ୬୦) ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, (ଆର ଏଣ୍ଡ ବି) ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି. ନଂ.–ଆର.ବି.କେ.୬୦) ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡିକ ନକାରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏ) | ଅଧିସୂଚିତ ଜମିର ରକବା (ଏ) | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡବିଲ | ବଡବିଲ ୟୁ.ନଂ.୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨.୮୬୫ | ୧.୨୩୯ | ସଂଲଗ୍ନ |
| | | | | | ମୋଟ | **୨.୮୬୫** | **୧.୨୩୯** | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା./– ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ:– ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.– ଆର.ବି.କେ.୬୦) ନିର୍ମାଣ**
**ମୌଜା–ବଡବିଲ ୟୁ.ନଂ.୭, ଥାନା–ବଡବିଲ, ତହସିଲ–ବଡବିଲ, ଜିଲ୍ଲା–କେନ୍ଦୁଝର**

| କ୍ରମିକ ନଂ. | ଖତିୟାନ ନଂ. | ପ୍ରକାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୬୪ | ଦୁର୍ଗା ଦାସ କର୍ମକାର, ପି:ପରେଶ କର୍ମକାର, ସୁଭାସ କର୍ମକାର, ପି:ରହିପଦ କର୍ମକାର, ଜା:ଲୋହାର, ବା:ନିଜଗାଁ | ୨୮୫ | ଘରବାରି ଏକ | ୦.୧୦୦ | ୦.୦୩୯ |
| ୨ | ୨୦୦ | ପରମଜିତ ସିଂହ, ପି:କୁନ୍ଦର ସିଂହ, ଜା:ଶିଖ୍, ବା:ନିଜଗାଁ | ୨୮୫/୧୪୩୦ | ଘରବାରି ଏକ | ୦.୦୮୦ | ୦.୦୦୩ |
| | | | ୨୯୧/୧୪୩୪ | ଘରବାରି ଏକ | ୦.୦୮୦ | ୦.୦୧୬ |
| | | | ୨୯୧/୧୪୩୫ | ଘରବାରି ଏକ | ୦.୧୦୦ | ୦.୦୧୫ |
| | | | ୨୯୧/୧୪୩୬ | ଘରବାରି ଏକ | ୦.୧୦୦ | ୦.୦୧୭ |
| | | | ୨୯୧/୧୪୩୮ | ଘରବାରି ଏକ | ୦.୦୬୦ | ୦.୦୧୯ |
| ୩ | ୨୦୮ | ବିମଳା ଦେବୀ ବିଗ, ସ୍ୱା: ପ୍ରକାଶ ନାଥ ବିଗ, ରେନୁ ମାକିନ, ଅନିତା ବିଗ, ମୀନା ସାହୁ, ନରେଶ ପ୍ରତାପ ବିଗ, ପି:ପ୍ରକାଶ ନାଥ ବିଗ, ଜା:ଛତ୍ରୀ, ବା:ନିଜଗାଁ | ୨୭୯/୧୪୨୪ | ଘରବାରି ଏକ | ୦.୧୩୦ | ୦.୧୨୪ |
| ୪ | ୩୩୯ | ରାଜ କୁମାର କଲରା, ପି:ତପନ ଦାସ କଲରା, ଜା:କ୍ଷତ୍ରିୟ, ବା:ନିଜଗାଁ | ୨୯୧/୧୪୩୭ | ଘରବାରି ଏକ | ୦.୧୦ | ୦.୦୨୪ |
| ୫ | ୩୭ | ଏରିଆନ ମାଇନିଂ ଏଣ୍ଡ ଟ୍ରେଡିଂ କର୍ପୋରେସନ ପ୍ରାଇଭେଟ ଲିମିଟେଡ, ବଡବିଲ | ୨୮୦ | ଘରବାରି ଏକ | ୦.୩୨୫ | ୦.୨୪୩ |
| ୬ | ୪୦ | ଓଁକାର ଦାସ ୟୁଗ, ପି:ବିଶୁନ୍ ଦାସ ୟୁଗ, ବିମଳା ଦେବୀ ୟୁଗ, ସ୍ୱା: ପ୍ରକାଶ ନାଥ ୟୁଗ, ରେଣୁ ମାକିନ, ଅନିତା ୟୁଗ, ମିନା ସାହୁ, ନରେଶ ପ୍ରସାଦ ୟୁଗ, ପି:ପ୍ରକାଶ ନାଥ ୟୁଗ, ଜା:ଛତ୍ରୀ, ବା:ନିଜଗାଁ | ୨୭୯ | ଘରବାରି ଏକ | ୦.୨୬୫ | ୦.୨୧୨ |
| ୭ | ୪୧ | ଓଁମ ପ୍ରକାଶ କାନୋଡିଆ, ରତନ ଲାଲ କାନୋଡିଆ, ପି:ଶ୍ରୀଲାଲ କାନୋଡିଆ, ଜା:ମାରବାଡି, ବା:ନିଜଗାଁ | ୨୮୩ | ଘରବାରି ଏକ | ୦.୧୧ | ୦.୦୩୧ |
| | | | ୨୮୩/୧୪୨୯ | କାରଖାନା | ୦.୦୨ | ୦.୦୧୯ |
| | | | ୨୮୪ | ଘରବାରି ଏକ | ୦.୫୦୦ | ୦.୧୦୭ |
| ୮ | ୪୩୬ | ସୁଶିଲ କୁମାର କେଛା, ପି:ସୋହନ ଲାଲ କେଛା, ଜା:ଛତ୍ରୀ, ବା:ନିଜଗାଁ | ୨୮୧ | ଘରବାରି ଏକ | ୦.୩୯ | ୦.୨୧୭ |
| ୯ | ୪୪୬ | ହରଦୟାଲ ସିଂହ, ପି:କୁନ୍ଦନ ସିଂହ, ଜା:ଶିଖ୍ ବା:ନିଜଗାଁ | ୨୯୧ | ଘରବାରି ଏକ | ୦.୧୦୦ | ୦.୦୨୪ |
| ୧୦ | ୪୫୮/ ୧୫୨ | ଶ୍ରୀ ହରଜିତ ସିଂହ, ପି:କୁନ୍ଦନ ସିଂହ, ବା: ନିଜଗାଁ, ଥାନା–ବଡବିଲ, ଜିଲ୍ଲା–କେନ୍ଦୁଝର | ୨୯୧/୨୨୦୨ | ଘରବାରି ଏକ | ୦.୧୦୦ | ୦.୦୨୩ |
| ୧୧ | ୪୫୮/ ୨୩୨ | ଚନ୍ଦ୍ର ପ୍ରକାଶ କୋହଲି, ପି:ଜାଗରୀ ଲାଲ କୋହଲି, ବା:ବଡବିଲ | ୨୭୯/୨୨୭୨ | ଘରବାରି ଏକ | ୦.୧୩୦ | ୦.୦୮୧ |
| ୧୨ | ୭୫ | ମେସର୍ସ ଖଟାଉ ନର୍ଭେରାମ ବଡବିଲ | ୧୭୧ | ଘରବାରି ଏକ | ୦.୨୩୫ | ୦.୦୨୫ |
| | | | | ମୋଟ | **୨.୮୬୫** | **୧.୨୩୯** |

**Sd./- AMIN**
**L.A. (Gen.) Section**
**Collectorate, Keonjhar**

**Sd./- Land Acquisition Inspector**
**L.A. (Gen.) Section**
**Collectorate, Keonjhar**

**Sd./-**
**Land Acquisition Officer, Keonjhar**

**OIPR-24045/14/0010/2425**

## ସଂକ୍ଷେପରେ

### ଦିଗଧର ଟିମ୍ ଚାମ୍ପିୟନ
#### କ୍ରିକେଟ ଟୁର୍ନାମେଣ୍ଟ

ଠାକୁରମୁଣ୍ଡା,୧୯।୬ (ତାରାକାନ୍ତ ପଟ୍ଟନାୟକ)

ରଜ ସଂକ୍ରାନ୍ତି ଉପଲକ୍ଷେ ଠାକୁରମୁଣ୍ଡା ବ୍ଲକ ଗମ୍ଭାରୀଆ ଗ୍ରାମରେ ଆୟୋଜିତ ୧୭ ତମ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନାଉଗୁଣା (ଆନନ୍ଦପୁର) ଟିମ୍‌କୁ ହରାଇ ଦିଗଧର କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଗତ ୧୫ ତାରିଖଠାରୁ ଗମ୍ଭାରୀଆ ଗ୍ରାମର ନବ ଯବାନ କ୍ଲବ ଦ୍ୱାରା ଅୟୋଜିତ ଏହି ଟୁର୍ନାମେଣ୍ଟରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରୁ ମୋଟ ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମଛାଗଡ ଟିମ ସହିତ ଗାୟଲ ମୁଣ୍ଡା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଛାଗଡ କ୍ରିକେଟ ଟିମ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଚାମ୍ପିୟନ ଦିଗଧର ଟିମ୍‌କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ , ଭରାଣ୍ଡିହା ସରପଞ୍ଚ ଅନିତା ଗୁମୁଲିଆ ଯୋଗଦେଇ ପୁରସ୍କାର ପ୍ରଦାନ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଚିତ୍ତରଞ୍ଜନ ମହାନ୍ତ ଓ ଜ୍ଞାନରଞ୍ଜନ ମହାନ୍ତ ପରିଚାଳନା କରିଥିଲେ। ରଞ୍ଜନ ମହାନ୍ତ ଓ ସୁଧୀର ମହାନ୍ତ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇ ଥିଲେ।

# ମିଶନ ଶକ୍ତି ମହିଳାଙ୍କ ବିକ୍ଷୋଭ



ମିଶନଶକ୍ତି କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରୁଥିବା ମହିଳାମାନେ।

ବୈଶିଙ୍ଗା,୧୯।୬(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଁଳା ପଞ୍ଚାୟତ ଅଧୀନରେ ଥିବା ଖଡ଼ିକାପଦା ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଅସନ୍ତୁଷ୍ଟ ମହିଳାମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଁଳା ପଞ୍ଚାୟତ ମିଶନଶକ୍ତି ପକ୍ଷରୁ ଆସିଥିବା ଅର୍ଥ ରାଶିକୁ ଚଞ୍ଚକତା ପୂର୍ବକ ସେହି ପଞ୍ଚାୟତର ବିଏଲ୍‌ଏଫ୍‌ର ସଭାପତି ଭାରତୀ ଦାଶଙ୍କ ସମେତ କିଛି ଇସି ସଦସ୍ୟା ହଡ଼ପ କରିବା ସହ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ନେଇ ମିଶନଶକ୍ତି ମହିଳାମାନେ ଅଭିଯୋଗ କରିଛନ୍ତି। ନେଇ ମିଶନଶକ୍ତି ମହିଳାମାନେ ଭାରତୀଙ୍କୁ ବୈଠକକୁ ଡାକିଥିଲେ ସୁଦ୍ଧା ସେ ଆସିପାରିବେ ନାହିଁ ବୋଲି ମନା କରିଥିଲେ। ପରେ ଗୋଷ୍ଠୀର ମହିଳାମାନେ ମିଶନଶକ୍ତି କାର୍ଯ୍ୟାଳୟର ଚାବି ମାଗିଥିଲେ ମଧ ଭାରତୀ ଚାବି ଦେଇ ନ ଥିଲେ। ଏନେଇ ବୁଧବାର ଅଁଳା ପଞ୍ଚାୟତର ଇସି ସଦସ୍ୟା ହୀରାମଣି ଗିରି, ପାର୍ବତୀ ପ୍ରଧାନ, ନମିତା ସାହୁଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଜୟନ୍ତୀ ଦାସ, କବିତା ଦାସ, ସରସ୍ୱତୀ ସାମଲ, ବାସନ୍ତୀ ସାହୁ, ସସ୍ମିତା ଦାସ, କବିତାରାଣୀ ଦାସ ପ୍ରମୁଖ ମହିଳାମାନେ ତୁରନ୍ତ ଭାରତୀଙ୍କୁ ବହିଷ୍କାର କରିବା ପାଇଁ ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। ଏ ସଂକ୍ରାନ୍ତରେ ବିଡ଼ିଓ ଗୋପୀନାଥ ଖାଖାଙ୍କୁ ଯୋଗାଯୋଗ କରିବାରୁ ଏ ବାବଦରେ ବ୍ଲକ ପ୍ରୋଗ୍ରାମ କୋ ଅର୍ଡିନେଟର ତଦନ୍ତ କରୁଥିବା କହିଛନ୍ତି । ଏ ବାବଦରେ ଭାରତୀ ଦାସଙ୍କୁ ପଚାରିବାରୁ ସେ ହେରଫେର ଘଟଣାକୁ ଖଣ୍ଡନ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତଦନ୍ତରେ ସହଯୋଗ କରିବେ ବୋଲି କହିଛନ୍ତି।

# ସୋନ ନଦୀରୁ ଅବାଧ ବାଲି ଚାଲାଣ

ଗୋପବନ୍ଧୁ ନଗର,୧୯।୬ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ବେଆଇନ ଭାବେ ବର୍ଷ ତମାମ ବାଲି ଚୋରାରେ ବାହାର ରାଜ୍ୟକୁ ଚାଲାଣ ହେଉଛି। ଏପରିକି ଜୟପୁର ଓ ସାଇଁକୁଲା ପଞ୍ଚାୟତର ପ୍ରାୟ ୬ରୁ ୭ଟି ଘାଟରୁ ଦିନ ରାତି ବାଲି ଉଠାଣ ହେଉଥିବା ପ୍ରଶାସନ ନିକଟରେ ଖବର ଥାଇ ମଧ୍ୟ ଚାଉ କରାଯାଉ ନାହିଁ। କେତେବେଳେ ଯଦି ଚଢାଉ ହେଉଛି ତାହା ନାମକୁ ମାତ୍ର ଓ ଲୋକ ଦେଖାଣିଆ ବୋଲି ଅଭିଯୋଗ ହେଉଛି। ଚଢ଼ାଉ ପୂର୍ବରୁ ଚୋରା ଚାଲାଣକାରୀଙ୍କ ନିକଟରେ ଖବର ପହଞ୍ଚି ଯାଉଛି। ଫଳରେ ସେମାନେ ସତର୍କ ହୋଇ ଯାଉଛନ୍ତି। ବୁଧବାର ସକାଳେ ସାଇଁକୁଲା ପଞ୍ଚାୟତର କଣ୍ଟିସାହିଠାରେ ତିନୋଟି ଟ୍ରାକ୍ଟରରେ ଜେସିବି ମାଧ୍ୟମରେ ବାଲି ବୋଝେଇ କରା ଯାଉଥିଲା। ତେବେ ଗୋଟିଏ ଗୋଷ୍ଠୀ ମାଇନିଂ ଅଫିସରଙ୍କୁ ଏ ସମ୍ପର୍କରେ ଜଣାଇଥିବା ବେଳେ ମାଇନିଂ ଅଫିସର ସ୍ଥାନୀୟ ପୋଲିସ ସାହାଯ୍ୟରେ ଚଢ଼ାଉ କରିବାକୁ ଯାଇଥିବା ବେଳେ ଚୋରାଚାଲାଣକାରୀ ଟ୍ରାକ୍ଟରଗୁଡିକ ନେଇ ପଳାଇ ଯାଇଥିଲେ। ଜେସିବିକୁ ଜବତ କରି ଥାନାରେ ଅଟକ ରଖାଯାଇଛି। ତେବେ ପ୍ରତ୍ୟହ ବେଧଡକ ଭାବେ ବାଲି ଉଠିବା ଯୋଗୁ ଦୁଇଟି ପଞ୍ଚାୟତର ୬ଟିଗ୍ରାମ ପ୍ରତିବିପଦ ସୃଷ୍ଟି ହୋଇଛି। ଅଧିକାଂଶ ସ୍ଥାନରେ ଦୁଇ ତିନି ବର୍ଷ ଧରି ନଦୀ କୂଳ ଖାଇବାରେ ଲାଗିଛି। ୨୦୨୩ରେ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଓ ଗଣ୍ଡଗୋଳ ହୋଇଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ରୋକ ନ ଲଗାଇବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଏ ସମ୍ପର୍କରେ ମାଇନିଂ ଅଫିସରଙ୍କ ମତାମତ ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ମିଶନ ଅଲଚିକିର ବାର୍ଷିକୋତ୍ସବ



ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜଣେ ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ମୋରଡ଼ା,୧୯।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଘୋଳମୁଁହା ପଞ୍ଚାୟତ ଆଣୁଆଁ ଗ୍ରାମର ଫୁଟବଲ ପଡ଼ିଆରେ ଚଳିତବର୍ଷ ମିଶନ ଅଲଚିକିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ରଷିକା ଟୀର୍ଲା ଗାଓଁତା କ୍ଲବ ତରଫରୁ ଆଦିବାସୀ ଭାଷା ଅଲଚିକି ପରୀକ୍ଷା ଦେଇଥିବା ୨୫ ଜଣ ଛାତ୍ରୀଙ୍କୁ ସବୁ ବର୍ଷ ଭଳି ଚଳିତବର୍ଷ ମଧ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବର ସଭାପତି ଅର୍ଜୁନ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋରଡ଼ା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ର ଯୋଗ ଦେଇଥିଲେ। ଆଦିବାସୀଙ୍କ ପାରମ୍ପରିକ ନୃତ୍ୟର ତାଳେ ତାଳେ ମହିଳାମାନେ ମହାପାତ୍ରଙ୍କୁ ମଞ୍ଚକୁ ପାଛୋଟି ଆଣିବା ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶାଙ୍ଗ କିସ୍କୁ,ରତିକାନ୍ତ ମାର୍ଣ୍ଡି, ଡୁଗୁ ମାର୍ଣ୍ଡି, ରଘୁନାଥ ଟୁଡୁ, ସରୋଜ ବିନ୍ଧାଣି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଆଦିବାସୀ ଭାଷା ଓ ମେଲୋଡି ର ହୋଇଥିଲା। କାର୍ଯ୍ୟକ୍ରମ ଦେଖିବା ପାଇଁ ଆଦିବାସୀ ଲୋକ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେବେ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଅଞ୍ଚଳର ମହିଳାମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା କମିଟି ତରଫରୁ ଦିନରେ ଆୟୋଜନ କରାଯାଇଥିଲା। ସମସ୍ତ ଖେଳ ମଧ୍ୟରେ ଆକର୍ଷଣୀୟ ଖେଳ ଥିଲା ମହିଳାମାନଙ୍କ ଦ୍ୱାରା ଲାଖବିନ୍ଧା। ଉକ୍ତ ଖେଳରେ ପ୍ରଥମସ୍ଥାନ ଅଧିକାର କରିଥିବା ଭାରତୀ ହେମ୍ବ୍ରମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସବିତା ମାର୍ଣ୍ଡିଙ୍କୁ ମୁଖ୍ୟ ଅତିଥି ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ମନମୋହନ ମୁର୍ମୁ ଏବଂ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**PARADIP PORT AUTHORITY**

No.CE/PRD/ACCTS-54/23 /217
dtd.11.06.2024

**e -TENDER CALL NOTICE**

Name of the work : Cleaning of Roads and berms including disposal of debris of Zone-III location of Port probihited area for 2024-25. Estimated Cost :Rs.1,59,40,868.90. Last Date & time of submission : 01.07.2024 upto 17:00 Hrs.
Refer our website for details: eprocure.gov.in/eprocure/app .

Executive Engineer, PRD, PPA
PPA/PR/17/2024-2025,Dt.18/06/2024

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/HS/O/SU/011
**RC for Supply of Electrical Insulated Hand Gloves up to 33 KV at TPWODL, Odisha.**

The technical specification is revised and the time period is hereby extended for Submission of Tender Participation Fee and Authorization Letter through e-mail till **21st June 2024**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores

**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमंडल, देवघर**

**शुद्धि-पत्र**

इस कार्यालय के ई–अल्पकालीन निविदा संख्या–**01/ 2024-25/RWD/EE/DEOGHAR** के द्वारा ऑन लाईन पद्धति **(PR NO-326796 Rural Development (24-25)#D Date 18.06.2024)** के द्वारा आमंत्रित निविदा के क्रमांक–5 में वर्णित पथ ''आर0ई0ओ0 रोड गोन्दलबाड़ी से भुरकुण्डा तक पथ निर्माण कार्य लं0–1.620 कि0मी0)'' [RWD/EE/ DEO GHAR/ 05/ 2024-25] को अपरिहार्य कारणवश स्थगित किया जाता है।
निविदा की अन्य सभी शर्ते यथावत रहेगी।

कार्यपालक अभियन्ता
ग्रा0 कार्य विभाग, कार्य प्रमंडल, देवघर।

PR.NO.326882 Rural Development(24-25):D

**कार्यपालक अभियंता का कार्यालय,**
**पथ निर्माण विभाग,पथ प्रमण्डल, धनबाद**

पत्रांक– दिनांक–

**शुद्धि पत्र**

एतद् द्वारा सूचित किया जाता है कि दैनिक समाचार पत्रों में दिनांक–09.06.2024 को प्रकाशित निविदा आमंत्रण सूचना सं0– RCD/DHANBAD/**913/2024-25 (1st Call)**, पी0आर0 नं0 325524 Road (24-25) :D में क्रमांक–03 में प्रकाशित कार्य पूर्ण करने की अवधि को 18 (अठ्ठराह) माह के स्थान पर 12 (बारह) माह पढ़ा जाय।
शेष अन्य नियम एवं शर्ते यथावत् रहेगी। विशेश जानकारी हेतु पथ प्रमण्डल, धनबाद से सम्पर्क किया जा सकता है।

कार्यपालक अभियंता,
प0नि0वि0, पथ प्रमंडल, धनबाद।

PR.NO.326886 Road(24-25):D

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 512 of 2023**

**BANK OF INDIA, BHUBANESWAR BRANCH** .....Applicant
Versus
**PABITRA MOHAN BISWAL** .....Defendant

To,
**PABITRA MOHAN BISWAL,** S/o- Chakradhar Biswal, resident of Plot No. 1798, Padmakeshafunction, PO: Kalarahanga, Via: Patia, PS: Infocity, Dist.: Khurda, PIN-751024.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 512 of 2023** in the Court of the Debts Recovery Tribunal, Cuttack for recovery of **Rs.23,35,553/-** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **18.07.2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this **22nd day of May, 2024.**

Sd/- (NIKHILA RANJAN PATI)
REGISTRAR

**झारखण्ड सरकार**
**ग्रामीण कार्य विभाग,कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा**

अति अल्पकालीन ई0 पुर्न निविदा आमंत्रण सूचना

ई0–निविदा संख्या:–**11/RII/2023-24/RWD/EE/CHAIBASA** दिनांक : 19.06.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 11/2023-24 | 1. देशावली से अरगुण्डी तक पथ का सुदृढ़ीकरण कार्य (ल0–1.700कि0मी0)।<br>2. बिंगबुरूसाई से कोटसन तक पथ का सुदृढ़ीकरण कार्य (ल0–3.800कि0मी)<br>3. डुमबीसाई से बारामोदी तक पथ का सुदृढ़ीकरण कार्य (ल0–2.500कि0मी)<br>4. तुबासा से पत्तागुरिया तक पथ का सुदृढ़ीकरण कार्य (ल0–1.950कि0मी)<br>5. बारिपी मुख्य पथ से चिरिया ग्राम तक पथ का सुदृढ़ीकरण कार्य (ल0–3. 100कि0मी)<br>6. सेसोहातु से कुईदबासा तक पथ का सुदृढ़ीकरण कार्य (ल0–3.100कि0मी)।<br>7. मटकमहातु से कुदापी तक पथ का सुदृढ़ीकरण कार्य (ल0–3.00कि0मी0)<br>8. कोचड़ा से पाउपी तक पथ का सुदृढ़ीकरण कार्य (ल0–2.80कि0मी0) | 124746900 | बारह करोड़ सैंतालीस लाख छियालीस हजार नौ सौ रू0 मात्र। | 15 (पन्दह) माह |

1. वेबसाईट में निविदा प्रकाशन की तिथि :– 22.06.2024
2. ई–निविदा प्राप्ति की अंतिम तिथि एवं समय :– 03.07.2024 अपराह्न 05:00 बजे तक।
3. निविदा खोलने की तिथि एवं समय :– 04.07..2024 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 326853 West Singhbhum(24-25).D

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**

PIN : 751012, Tel No. (0674) 2562020,
e-Mail : theoccltd@odishaconstruction.com
**GSTIN-21AAACO2571K2ZM**

**"e-Procurement Notice No-06/OCCL/2024-25 (on-line)**

No.CAD-231: On-line percentage rate tenders are invited for the following works ;

| Sl No | Name of Work | Name of Division | Bid Identification No | Approx value of work | Bid Security (through on-line transfer/ as per DTCN) (in Rs.) | Period of Completion | Availability & Submission of tender of Tender (on-line) |
|---|---|---|---|---|---|---|---|
| 1 | Improvement to Malaguni right embankment from Brahmanpatna to Ostapuri | Khurda Irrigation Division | OCCL. HQP/2l/24-25 | Rs.4.43 Crore | Rs. 4,43,000/- | 6 (Six) calender months | From 29/06/2024, 03.30 PM to 15/07/2024, 5.30 PM |
| 2 | Improvement to road on Makara right embankment from Bhatapada to Adal | | OCCL. HQP/22/24-25 | Rs. 0.92 Crore | Rs. 92,000/- | | |
| 3 | Improvement to road on Mahanadi right embankment from RD 4.60 Km to 7.10 Km | | OCCL - HQP/23/24-25 | Rs. 0.92 Crore | Rs. 92,000/- | | |
| 4 | Improvement to left bank on Banapur Main Canal between RD 0.00 M to 4950 M | | OCCL - HQP/24/24-25 | Rs. 1.37 Crore | Rs. 1,37,000/- | | |
| 5 | Improvement to service road of Banapur Main Canal between RD 17.00 km to RD 18.80 Km & Sahaspur Distributary between RD 0.00 Km to 4.00 Km of Salia Irrigation Project | | OCCL - HQP/25/24-25 | Rs. 1.16 Crore | Rs. 1,16,000/- | | |
| 6 | Improvement to service road of Left Main Canal from RD 0 M to 3000 M & 4000 M to 4300 M & Similipatana Distributary from RD 750 M to 3720 M & Badaput Minor from RD 0 M to 320 M of Rajua Diversion Weir Proiect | | OCCL - HQP/26/24-25 | Rs. 1.39 Crore | Rs. 1,39,000/- | | |
| 7 | Restoration to OAE No.94 B on Kathajodi right from RD 00 to RD 7.00 Km | Mahanadi South Division | OCCL - CGP/13/24-25 | Rs. 2.29 Crore | Rs. 2,29,000/- | | |
| 8 | Improvement to right service embankment from RD 7.640 Km to RD 9.074 Km & left service embankment from 9.074 Km to RD 10,350 Km of Sukapaika North Channel in Taladanda Canal System | | OCCL - CGP/14/24-25 | Rs. 2.30 Crore | Rs. 2,30,000/- | | |
| 9 | Improvement to right bank service road from RD 11600 M to 15400 M of Disty. No.12 Main of Taladanda Main Canal | | OCCL - CGP/15/24-25 | Rs. 1.58 Crore | Rs. 1,58,000/- | | |
| 10 | Improvement to right bank service road of Disty. No.12 (G1) from RD 3200 M to 6700 M" | | OCCL - CGP/16/24-25 | Rs. 1.42 Crore | Rs. 1,42,000/- | | |
| 11 | Improvement to Paika left embankment from RD 8.40 Km to 11.40 Km | | OCCL - CGP/17/24-25 | Rs. 2.28 Crore | Rs. 2,28,000/- | | |
| 12 | Improvement to road on CE No. 78 (A) on Mahanadi right embankment from RD 69.500 Km to RD 73.500 Km | | OCCL - CGP/18/ 2024-25 | Rs. 2.30 Crore | Rs. 2,30,000/- | | |
| 13 | Re-sectioning & Cement Concrete Lining of Left main Canal; from RD 3715 M to 4800 M under Salki Irrigation Proiect | Boudh Irrigation Division | OCCL - LSSP/01/ 2024-25 | Rs. 2.30 Crore | Rs. 2,30,000/- | | |
| 14 | Re-sectioning & Cement Concrete Lining of Left main Canal from RD 728 M to 1700 M under Bagh Irrigation Proiect | | OCCL - LSSP/02/ 2024-25 | Rs. 2.30 Crore | Rs. 2,30,000/- | | |
| 15 | Re-sectioning & Cement Concrete Lining of Right main Canal from RD 19073 M to 20500 M under Salki Irrigation Project | | OCCL- LSSP/03/ 2024-25 | Rs. 2.30 Crore | Rs. 2,23,000/- | | |

Procurement Officer : Managing Director, OCCL
Date of Opening of the Tender : **16.07.2024, 12.00 Noon onwards**
Further details can be seen from the e-procurement portal : https://www.tendersodisha.gov.in

OIPR-34120/11/0009/2425

**Sd./- Managing Director**

Your classified advertisement published in Dharitri will be listed free in Dharitri online edition : **www.dharitri.com**

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଅଧିସୂଚନା**

ନଥି ସଂ–IX(C)–10/2024–237 ତା.13.06.2024

**No.V-10:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.–ଆର.ବି.କେ.୬୦) ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ବଡବିଲ ୟୁ ନଂ.୭, ଥାନା–ବଡବିଲ, ତହସିଲ–ବଡବିଲ, ଜିଲ୍ଲା–କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୨୩୯ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.–ଆର.ବି.କେ ୬୦) ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, (ଆର ଏଣ୍ଡ ବି) ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି. ନଂ.–ଆର.ବି.କେ.୬୦) ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡିକ ନକାରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏ) | ଅଧିସୂଚିତ ଜମିର ରକବା (ଏ) | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡବିଲ | ବଡବିଲ ୟୁ.ନଂ.୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨.୮୬୫ | ୧.୨୩୯ | ସଂଲଗ୍ନ |
| | | | | | ମୋଟ | **୨.୮୬୫** | **୧.୨୩୯** | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା./– ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ:– ବଡଜାମଦା–ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.– ଆର.ବି.କେ.୬୦) ନିର୍ମାଣ**
**ମୌଜା–ବଡବିଲ ୟୁ.ନଂ.୭, ଥାନା–ବଡବିଲ, ତହସିଲ–ବଡବିଲ, ଜିଲ୍ଲା–କେନ୍ଦୁଝର**

| କ୍ରମିକ ନଂ. | ଖତିୟାନ ନଂ. | ପ୍ରକାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୬୪ | ଦୁର୍ଗା ଦାସ କର୍ମକାର, ପି:ପରେଶ କର୍ମକାର, ସୁଭାସ କର୍ମକାର, ପି:ରହିପଦ କର୍ମକାର, ଜା:ଲୋହାର, ବା:ନିଜଗାଁ | ୨୮୫ | ଘରବାରି ଏକ | ୦.୧୦୦ | ୦.୦୩୯ |
| ୨ | ୨୦୦ | ପରମଜିତ ସିଂହ, ପି:କୁନ୍ଦର ସିଂହ, ଜା:ଶିଖ୍, ବା:ନିଜଗାଁ | ୨୮୫/୧୪୩୦ | ଘରବାରି ଏକ | ୦.୦୮୦ | ୦.୦୦୩ |
| | | | ୨୯୧/୧୪୩୪ | ଘରବାରି ଏକ | ୦.୦୮୦ | ୦.୦୧୬ |
| | | | ୨୯୧/୧୪୩୫ | ଘରବାରି ଏକ | ୦.୧୦୦ | ୦.୦୧୫ |
| | | | ୨୯୧/୧୪୩୬ | ଘରବାରି ଏକ | ୦.୧୦୦ | ୦.୦୧୭ |
| | | | ୨୯୧/୧୪୩୮ | ଘରବାରି ଏକ | ୦.୦୬୦ | ୦.୦୧୯ |
| ୩ | ୨୦୮ | ବିମଳା ଦେବୀ ବିଗ, ସ୍ୱା: ପ୍ରକାଶ ନାଥ ବିଗ, ରେନୁ ମାକିନ, ଅନିତା ବିଗ, ମୀନା ସାହୁ, ନରେଶ ପ୍ରତାପ ବିଗ, ପି:ପ୍ରକାଶ ନାଥ ବିଗ, ଜା:ଛତ୍ରୀ, ବା:ନିଜଗାଁ | ୨୭୯/୧୪୨୪ | ଘରବାରି ଏକ | ୦.୧୩୦ | ୦.୧୨୪ |
| ୪ | ୩୩୯ | ରାଜ କୁମାର କଲରା, ପି:ତପନ ଦାସ କଲରା, ଜା:କ୍ଷତ୍ରିୟ, ବା:ନିଜଗାଁ | ୨୯୧/୧୪୩୭ | ଘରବାରି ଏକ | ୦.୧୦ | ୦.୦୨୪ |
| ୫ | ୩୭ | ଏରିଆନ ମାଇନିଂ ଏଣ୍ଡ ଟ୍ରେଡିଂ କର୍ପୋରେସନ ପ୍ରାଇଭେଟ ଲିମିଟେଡ, ବଡବିଲ | ୨୮୦ | ଘରବାରି ଏକ | ୦.୩୨୫ | ୦.୨୪୩ |
| ୬ | ୪୦ | ଓଁକାର ଦାସ ୟୁଗ, ପି:ବିଶୁନ୍ ଦାସ ୟୁଗ, ବିମଳା ଦେବୀ ୟୁଗ, ସ୍ୱା: ପ୍ରକାଶ ନାଥ ୟୁଗ, ରେଣୁ ମାକିନ, ଅନିତା ୟୁଗ, ମିନା ସାହୁ, ନରେଶ ପ୍ରସାଦ ୟୁଗ, ପି:ପ୍ରକାଶ ନାଥ ୟୁଗ, ଜା:ଛତ୍ରୀ, ବା:ନିଜଗାଁ | ୨୭୯ | ଘରବାରି ଏକ | ୦.୨୬୫ | ୦.୨୧୨ |
| ୭ | ୪୧ | ଓଁମ ପ୍ରକାଶ କାନୋଡିଆ, ରତନ ଲାଲ କାନୋଡିଆ, ପି:ଶ୍ରୀଲାଲ କାନୋଡିଆ, ଜା:ମାରବାଡି, ବା:ନିଜଗାଁ | ୨୮୩ | ଘରବାରି ଏକ | ୦.୧୧ | ୦.୦୩୧ |
| | | | ୨୮୩/୧୪୨୯ | କାରଖାନା | ୦.୦୨ | ୦.୦୧୯ |
| | | | ୨୮୪ | ଘରବାରି ଏକ | ୦.୫୦୦ | ୦.୧୦୭ |
| ୮ | ୪୩୬ | ସୁଶିଲ କୁମାର କେଷ୍ଟା, ପି:ସୋହନ ଲାଲ କେଷ୍ଟା, ଜା:ଛତ୍ରୀ, ବା:ନିଜଗାଁ | ୨୮୧ | ଘରବାରି ଏକ | ୦.୩୯ | ୦.୨୧୭ |
| ୯ | ୪୪୬ | ହରଦୟାଲ ସିଂହ, ପି:କୁନ୍ଦନ ସିଂହ, ଜା:ଶିଖ୍ ବା:ନିଜଗାଁ | ୨୯୧ | ଘରବାରି ଏକ | ୦.୧୦୦ | ୦.୦୨୪ |
| ୧୦ | ୪୫୮/ ୧୫୨ | ଶ୍ରୀ ହରଜିତ ସିଂହ, ପି:କୁନ୍ଦନ ସିଂହ, ବା: ନିଜଗାଁ, ଥାନା–ବଡବିଲ, ଜିଲ୍ଲା–କେନ୍ଦୁଝର | ୨୯୧/୨୨୦୨ | ଘରବାରି ଏକ | ୦.୧୦୦ | ୦.୦୨୩ |
| ୧୧ | ୪୫୮/ ୨୩୨ | ଚନ୍ଦ୍ର ପ୍ରକାଶ କୋହଲି, ପି:ଜାଗରୀ ଲାଲ କୋହଲି, ବା:ବଡବିଲ | ୨୭୯/୨୨୭୨ | ଘରବାରି ଏକ | ୦.୧୩୦ | ୦.୦୮୧ |
| ୧୨ | ୭୫ | ମେସର୍ସ ଖଟାଉ ନର୍ଭେରାମ ବଡବିଲ | ୧୭୧ | ଘରବାରି ଏକ | ୦.୨୩୫ | ୦.୦୨୫ |
| | | | | ମୋଟ | ୨.୮୬୫ | ୧.୨୩୯ |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen.) Section
Collectorate, Keonjhar

Sd./-
Land Acquisition
Officer, Keonjhar

OIPR-24045/14/0010/2425


ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ କର୍ଫ୍ୟୁ ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକରେ ଏମ୍‌ପି, ଜିଲାପାଳ ଓ ପୋଲିସ ଅଧିକାରୀମାନେ।

## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ସୋର, ୧୯।୬(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ସବିରା ପଞ୍ଚାୟତ କାର୍ଯ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଅଫିସ ଗେଟ ଭାଙ୍ଗି କାର୍ଯ୍ୟାଳୟ ମଧ୍ୟରେ ପଶି ନୂତନ ଭାବେ ଲାଗିଥିବା ଏସି, ଷ୍ଟାବିଲାଇଜର, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ସକାଳେ ପଞ୍ଚାୟତ କାର୍ଯ୍ୟାଳୟ ଖୋଲାଯିବା ପରେ କାଗଜପତ୍ର ସବୁ ଏଣେତେଣେ ପଡ଼ିଥିବା ଦେଖାଯିବା ସହିତ ଉପରୋକ୍ତ ଜିନିଷ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସୋର ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ସରପଞ୍ଚ ରାଜୀବ ରାଉତ ସୋର ଥାନାରେ ଅଭିଯୋଗ କରିଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ବୈଠକ

**ବାଲେଶ୍ୱର, ୧୯।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଅଧିକାରୀଙ୍କ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପରିଚାଳନା କରିଥିଲେ। ବୈଠକରେ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଓଡ୍ରାଫର ଅଧିକାରୀ ଉପସ୍ଥିତ ରହି ବନ୍ୟା ଏବଂ ବାତ୍ୟା ସମୟର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଏହାସହିତ ଅତିରିକ୍ତ ଜିଲାପାଳ ବେହେରା ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

**ସୋର, ୧୯।୬(ଜନ୍ମେଜୟ ମିଶ୍ର)**

ସୋର ଥାନା ସୋର ଅନନ୍ତପୁର ରାସ୍ତା ପାଖର ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଷ୍ଣୁପୁର ଗ୍ରାମର ରଞ୍ଜନ ବେଜ(୩୦) ଓ ତାଙ୍କ ଭାଇ ସାଗର ବେଜ (୨୮) ବୁଧବାର ମଧ୍ୟାହ୍ନରେ ସୋର ଅଭିମୁଖେ ବାଇକରେ ଆସୁଥିବା ବେଳେ ବିପରୀତ ଦିଗରୁ ବେଲପୁର ଗ୍ରାମର ଶେଖ ଅରିଫ ବାଇକ ଯୋଗେ ଅନନ୍ତପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ପାଖର ଛକ ନିକଟରେ ଉଭୟ ବାଇକ ମଧ୍ୟରେ ଧକ୍କା ଦେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି।

# ବିଳମ୍ବରେ ସ୍କୁଲ ଖୋଲିବାରୁ ଉତ୍ତେଜନା

**ରୂପସା, ୧୯।୬(ବାଞ୍ଛାନିଧି ଦେ)**


ସ୍କୁଲ ଫାଟକ ଆଗରେ ଅପେକ୍ଷାରତ ଛାତ୍ରୀଛାତ୍ର।

**ରାମଚନ୍ଦ୍ରପୁର ୟୁଜିୟୁପି ସ୍କୁଲ**
- ଗେଟ୍ ବାହାରେ ଅଟକିଲେ ଛାତ୍ରୀଛାତ୍ର, ଶିକ୍ଷକ
- ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଗ୍ରୀଷ୍ମ ଛୁଟି ପରେ ବୁଧବାର ବାଲେଶ୍ୱର ଜିଲାରେ ଆରମ୍ଭ ହୋଇଛି ସକାଳୁଆ ସ୍କୁଲ। ସ୍କୁଲ ଖୋଲିବାର ପ୍ରଥମ ଦିନରେ ବସ୍ତା ବ୍ଲକ ଅଞ୍ଚଳର ଏକ ସ୍କୁଲ ବିଳମ୍ବରେ ଖୋଲିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍କୁଲ ମ୍ୟାନେଜମେଣ୍ଟ କମିଟି ଓ ଅଭିଭାବକ ଏହାକୁ ବିରୋଧ କରି ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଭିତରକୁ ପଶିବାକୁ ନ ଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗ ମୁତାବକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବନ କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ବାଲେଶ୍ୱର ଜିଲାର ସମସ୍ତ ବିଦ୍ୟାଳୟ ୧୯ତାରିଖରେ ଖୋଲିବାକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ଜିଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ୟୁଜିୟୁପିରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ର ସକାଳ ୬.୧୫ ସୁଦ୍ଧା ସ୍କୁଲରେ ପହଞ୍ଚିଥିଲେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ବିଳମ୍ବରେ ଆସିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଜେନା ଜଣେ ପିଲା ହାତରେ ସ୍କୁଲ ଗେଟରେ ପଡ଼ିଥିବା ତାଲା ଚାବି ପଠାଇ ସ୍କୁଲରେ ୭ଟାରେ ପହଞ୍ଚିଥିଲେ। ଫଳରେ ଉତ୍ତେଜନା ଦେଖାଦେଇଥିଲା। ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ କମିଟି ସଭ୍ୟ ଅସନ୍ତୋଷ ପ୍ରକାଶ କରି କାହିଁକି ବିଳମ୍ବରେ ସ୍କୁଲ ଖୋଲାଯିବ ବୋଲି ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମ ଛୁଟି ଖୋଲିବା ପୂର୍ବରୁ ସ୍କୁଲ ପରିସର ସଫାସୁତୁରା କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ଏହାକୁ ବେଖାତିର କରିଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୂର୍ବରୁ ମଧ୍ୟ ଅଧିକାଂଶ ସମୟରେ ସେ ସ୍କୁଲକୁ ବିଳମ୍ବରେ ଆସିବା ଓ ମ୍ୟାନେଜମେଣ୍ଟ କମିଟି ସଭ୍ୟଙ୍କୁ ଦୁର୍ବ୍ୟବହାର କରିଥିବା ଏସଏମ୍‌ସି ଚେୟାରମ୍ୟାନ ରବୀନ୍ଦ୍ର ଗିରି କହିଛନ୍ତି। ଅଭିଯୋଗ ପାଇ ଏବିଇଓ ସୋମନାଥ ଦାସ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ସହ ଆଲୋଚନାପୂର୍ବକ ଦାୟିତ୍ୱରେ ଅବହେଳା ଯୋଗୁ ବିଇଓଙ୍କ କାର୍ଯ୍ୟାଳୟ ଚିଠି ନଂ ୧୫୧୦/୧୯.୬.୨୪ରେ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଜେନାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଜେନାଙ୍କୁ ପଚରାଯିବାରୁ ମଙ୍ଗଳବାର ରାତିରୁ ତାଙ୍କ ଦେହ ଅସୁସ୍ଥ ଥିବାରୁ ବିଦ୍ୟାଳୟକୁ ଆସିବାରେ ବିଳମ୍ବ ହୋଇଥିବା କହିଛନ୍ତି।

# ଓଦା, ଶୁଖିଲା ପଦ୍ଧତିରେ ଧାନ ଚାଷ ପାଇଁ ପରାମର୍ଶ ଶିବିର



ପରାମର୍ଶ ଶିବିରରେ ଉପସ୍ଥିତ କୃଷି ଅଧିକାରୀ।

**ଜଳେଶ୍ୱର,୧୯।୬(ନବୀନ ସାହୁ)**

ଓଦା ଓ ଶୁଖିଲା ପଦ୍ଧତିରେ ଧାନ ଚାଷ ପାଇଁ ଚାଷୀଙ୍କ ପରାମର୍ଶ ଶିବିର ମିଟିଲାବ ସଙ୍ଗଠନ ପକ୍ଷରୁ ବାଲେଶ୍ୱର ଜିଲା ଜଳେଶ୍ୱର ଖୁସି ପ୍ଲାଜାଠାରେ ଅନୁଷ୍ଠିତ ହୋଇଛି। ପୀୟୁଷ ମିଶ୍ର ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ ଦାସ ମହାପାତ୍ର, ମୁଖ୍ୟବକ୍ତା ଭାବେ କୃଷି ଜିଲା ଅଧିକାରୀ ରାଜୀବଲୋଚନ ବେହେରା ଓ ଅତିଥି ଭାବେ ସରକାରୀ ଯନ୍ତ୍ରୀ ଉଠାଜଳସେଚନ ଅଧିକାରୀ ସନ୍ତୋଷ କୁମାର ଦାସ, ନିର୍ଦ୍ଦେଶକ ସାମାଜିକ ସଙ୍ଗଠନ 'ବିଶ୍ୱାସ' ର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପରିଡା ଉପସ୍ଥିତ ଥିଲେ। ବୈଠକରେ ଜଳବାୟୁ ପରିବର୍ତ୍ତନରେ ଜଳର ବ୍ୟବହାର, ଭୂଜଳ ସଂରକ୍ଷଣ, ଚାଷ ପଦ୍ଧତିର ପରିବର୍ତ୍ତନ ମାଧ୍ୟମରେ ଦୀର୍ଘସ୍ଥାୟୀ ଧାନ ଚାଷ ଉପରେ ଆଲୋଚନା ହୋଇଥିଲା। ୪ଜଣ ଚାଷୀ ଜଳବାୟୁ ପରିବର୍ତ୍ତନ ଚାଷର କୁପ୍ରଭାବ ଉପରେ ଆଲୋଚନା ହୋଇଥିଲା। ତେଣୁ କିପରି ଭାବରେ କମ୍ ପାଣି ଓ କମ୍ ଖର୍ଚ୍ଚରେ ଧାନ ଅମଳ କରିହେବ ସେନେଇ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମିଟିଲାବ ସଙ୍ଗଠନ ପକ୍ଷରୁ ସୁୟଶ ମିଶ୍ର, ବେୱାଇନ ମାଥ୍ୟୁ, ଆଶୁତୋଷ ପ୍ରହରାଜ ଓ ବିବେକ କୁମାର୍ ଉପସ୍ଥିତ ଥିଲେ। ଏହି ଚାଷୀ ପରାମର୍ଶ ଶିବିରରେ ୨ଶହ ଚାଷୀ ସହିତ ବହୁ ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ।

# ବିଶ୍ୱ ସିକଲ ସେଲ୍ ସଚେତନତା ଶିବିର

**ବାହାନଗା,୧୯।୬(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ସିକିଲସେଲ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଧୀରେଶ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୋର ବିଧାୟକଙ୍କ ପ୍ରତିନିଧି ବେଣୁଧର ଜେନା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ସ୍ୱଚ୍ଛ ଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର ,ସିଡିପିଓ ପ୍ରୀତି ପାଢୀ, ପିଏଚ୍‌ଇଓ ମଧୁସୂଦନ ବିଶ୍ୱାଳ, ବିପିଏମ୍ ସୁଜାତା ବିଶ୍ୱାଳ, ବିଡିଏମ ସତ୍ୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ହେମୋଫିଲିଆ ରୋଗ ଓ ରକ୍ତହୀନତା ହେବାର କାରଣ ସମ୍ପର୍କରେ ଉପସ୍ଥିତ ମହିଳା ପୁରଷମାନଙ୍କୁ ବୁଝାଇଥିଲେ। ସିକିଲସେଲ୍ ସମସ୍ତ ମହିଳା ପୁରଷଙ୍କ ଦେହରେ ଦେଖାଯାଇଥାଏ। ସିକଲସେଲ୍ ଫଳରେ ହିମୋଗ୍ଲୋବିନ୍ ଦେହରେ କମିବା ଓ ବିଭିନ୍ନ ରୋଗ ଦେଖାଦେବା ବାବଦରେ ଲୋକମାନଙ୍କୁ ସଚେତନତା କରାଇ ଥିଲେ।


ବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା ଶିବିର।

# ସିକଲ ସେଲ୍ ରୋଗ ସଚେତନତା ଉପରେ ଗୁରୁତ୍ୱ



ସଚେତନତା ଅଭିଯାନ ଆରମ୍ଭ ଅବସରରେ ଉପସ୍ଥିତ ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ।

**ବାଲେଶ୍ୱର, ୧୯।୬(ମାନସ ବିଶ୍ୱାଳ)**

ବିଶ୍ୱ ସିକଲ ସେଲ୍‌ଦିବସ ଉପଲକ୍ଷେ ବୁଧବାର ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ସଭାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ରେମୁଣା ଏନ୍ଏସି ଅଧ୍ୟକ୍ଷା ତନୁଜା ଗିରି, ରେମୁଣା ଏନ୍ଏସି ଉପାଧ୍ୟକ୍ଷ ଏହସାନ ଖାଁ, ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି ଧୀରଜ କୁମାର ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ଦୁଲାଲସେନ ଜଗଦେବ, ଡିପିଏଚଓ ଡ଼. ମୃତ୍ୟୁଞ୍ଜୟ ମିଶ୍ର, ଡିଡବ୍ଲ୍ୟୁଓ ବିଦ୍ୟୁତଲତା ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଅନ୍ୟାନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ। ସିଡିଏମ୍‌ଓ ଡ଼ ଜଗଦେବ ଏହି ବଂଶାନୁକ୍ରମିକ ରକ୍ତ ବିକୃତି ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା, ରୋଗୀମାନଙ୍କ ପାଇଁ ଶୀଘ୍ର ନିଦାନ ଏବଂ ବ୍ୟାପକ ଯତ୍ନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଷଡ଼ଙ୍ଗୀ ସମଗ୍ର ଜିଲାରେ ସିକଲସେଲ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସିକଲସେଲ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ବିକଳ୍ପ ସମ୍ପର୍କରେ ସୂଚନାତ୍ମକ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏଥିସହିତ ସିକେଲସେଲ ପରୀକ୍ଷାରେ ନେଗେଟିଭ ରିପୋର୍ଟ ହାସଲ କରିଥିବା ୧୦ ଜଣ ହିତାଧିକାରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

ରାଜ୍ୟର ୨୧ ଜିଲାରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସିକଲସେଲ ରୋଗ ଏବଂ ଏହାର ନିରାକରଣ ଉପରେ ସ୍କ୍ରିନିଂ, ଟେଷ୍ଟିଂ ଏବଂ ଶିକ୍ଷା ପ୍ରଦାନ କରାଯିବ। ଡିପିଏମ୍ ଅନିଲ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର

**ଜଳେଶ୍ୱର, ୧୯।୬(ରବିନାରାୟଣ ପାତ୍ର)**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ସରକାରଙ୍କ ପକ୍ଷରୁ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ଶିବିର ହୋଇଆସୁଛି। ଜଳେଶ୍ୱର ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଟେବୁଲଟପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅପରାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ବିଡିଓ ପୁନମ ରାଉତ ଅଧ୍ୟକ୍ଷତା କରିଥିଲେ। ସମସ୍ତ ବିଭାଗର ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଶେଷକରି ସ୍ୱାସ୍ଥ୍ୟ, ଦମକଳ, ପୋଲିସ୍, ସ୍ୱେଚ୍ଛାସେବୀ ସଙ୍ଗଠନ, ଯୋଗାଣ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଜଳ ନିଷ୍କାସନ, ଶିଶୁ ଓ ମହିଳା ବିଭାଗ ଆଦି ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସିଡିପିଓ ଚମ୍ପାମଣି ମୁର୍ମୁ, ଜିପିଓ ମନୀଷା ଚକ୍ରବର୍ତ୍ତୀ, ଏବିଡିଓ ମାୟାଧର ମଲ୍ଲିକ, ଅତିରିକ୍ତ ତହସିଲଦାର ଅମ୍ଳାନ ନାୟକ, ଡା. ମୋହନଲାଲ ମହାନ୍ତି, ପୋଲିସ୍ ଏସ୍ଆଇ ଚିରଞ୍ଜୀବୀ ରାଉତ, ଦମକଳ ଅଫିସର ସବରଙ୍ଗ ସିଂ, ଲାଇଫ୍ ସଙ୍ଗଠନର ମୁଖ୍ୟ ତ୍ରିଲୋଚନ ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଚୂଡା, ଗୁଡ, ଚାଉଳ, ମହମବତୀ ମହଜୁଦ ସହିତ କେତେକ ଟିମ୍ ଗଠନର ସୂଚନା ଦିଆଯାଇଥିଲା।


ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ହୋଇଥିବା ମକ୍‌ଡ୍ରିଲ।

# ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଧାରଣା

**କାଳିପଦା, ୧୯।୬(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ପରିସରରେ ଥିବା ମିଶନ ଶକ୍ତି ଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତାଲା ପକାଇ ଧାରଣାରେ ବସିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଏମବିକେ, ସିଆରପିମାନଙ୍କୁ ନେଇ ଏସ୍‌ଏଚ୍‌ଜି ମହିଳାମାନେ ସମସ୍ତ କାର୍ଯ୍ୟ କରିବାକୁ ଥିବା ବେଳେ ବାଲିଆପାଳ ବ୍ଲକରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଏମବିକେ ଏବଂ ସିଆରପିମାନେ ମିଶନଶକ୍ତି ଗୃହକୁ ଆସୁନାହାନ୍ତି। ଯେକୌଣସି ଋଣ ସଂକ୍ରାନ୍ତରେ ହେଉ ବା ଗ୍ରୁପମାନଙ୍କରେ ଯେକୌଣସି ସମସ୍ୟା ହେଲେ ମିଶନ ଶକ୍ତି ପକ୍ଷରୁ କୌଣସି ସହଯୋଗ ମିଳୁନଥିବାରୁ ବୁଧବାର କୁମ୍ଭାରୀ ପଞ୍ଚାୟତର ଶତାଧିକ ମହିଳା ମିଶନ ଶକ୍ତି ଗୃହରେ ତାଲା ପକାଇ ଦେଇଛନ୍ତି।

ତେବେ ସରକାରୀ ନିୟମ ଅନୁସାରେ ସରକାରୀ ସମୟ ଦିନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଫିସ ଖୋଲା ରହିବାକୁ ନିର୍ଦ୍ଦେଶ ଥିବା ବେଳେ ମିଶନଶକ୍ତି ଗୃହ ଖୋଲାଯାଉନାହିଁ। ଫୋନରେ ଏମବିକେ, ସିଆରପିଙ୍କୁ ଯୋଗାଯୋଗ କଲେ ମଧ କେହି ଗ୍ରାମକୁ ଯାଉନାହାନ୍ତି କିମ୍ବା ଗ୍ରୁପମାନଙ୍କର ସମସ୍ୟା ଦୂରୀଭୂତ ହେଉନାହିଁ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ କୁମ୍ଭାରୀ ପଞ୍ଚାୟତ ଏସଏଚଜି ମହିଳାମାନେ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିବାରୁ ମିଶନ ଶକ୍ତି ଗୃହରେ ତାଲା ପକାଇ ଧାରଣାରେ ବସିଥିଲେ।


ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଧାରଣାରେ ବସିଛନ୍ତି।

# ବେଆଇନ ଭାବେ ଚାଲିଛି ମାଙ୍କଡ଼ା, ମୋରମ ଖଣି

**ଖଇରା, ୧୯।୬(ଉତ୍କଳବନ୍ଧୁ ପଣ୍ଡା)**

**ଶ୍ମଶାନ ପାଲଟିଲାଣି କୁପାରୀ, ବର୍ତ୍ତନା ରାଜସ୍ୱ ଅଞ୍ଚଳ**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରର ସରକାରୀ ଜମିରେ ବ୍ୟାପକ ଧରଣର ବେଆଇନ ମାଙ୍କଡା ଓ ମୋରମ ଚାଲାଣ କରାଯାଉଛି। ବିଶେଷ କରି ନିର୍ବାଚନ ଆଚରଣ ବିଧି ଆରମ୍ଭ ଦିନଠାରୁ ଅଧିକାରୀମାନଙ୍କ ବ୍ୟସ୍ତତାର ସୁଯୋଗ ନେଇ ଖଣି ମାଫିଆମାନେ ପାଖାପାଖି ୧୫ଦିନ ମଧ୍ୟରେ ୫୦ଏକରରୁ ଊର୍ଦ୍ଧ୍ୱ ଜମିରୁ ମାଙ୍କଡା ଓ ମୋରମ ଚାଲାଣ କରି ରାଜସ୍ୱ ଲୁଟ୍ କରି ଚାଲିଛନ୍ତି। ତୁରନ୍ତ ଏହା ଉପରେ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଭୌଗୋଳିକ ମାନଚିତ୍ରରେ କୁପାରୀ କିଛି ଶ୍ମଶାନ ଭୂମି ସ୍ଥାନିତ ହେବ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଇଛନ୍ତି।

କୁପାରୀ ଜୋନର ବିଭିନ୍ନ ସରକାରୀ ଜମିରେ ମାଙ୍କଡା ଓ ମୋରମ ଗଚ୍ଛିତ ଥିବା ବେଳେ ଏବେ ଗତ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଲାମ ବନ୍ଦ ରହିଛି। ହେଲେ ମାଫିଆମାନେ କିଛି ପ୍ରଶାସନିକ କର୍ମଚାରୀଙ୍କୁ ହାତବାରିଶି କରି ସରକାରୀ ଜମିଗୁଡିକୁ ମନଇଚ୍ଛା ବ୍ୟବହାର କରି ଦୈନିକ ଶହ ଶହ ଟ୍ରିପ ମାଙ୍କଡା ଓ ମୋରମ ଚାଲାଣ କରୁଛନ୍ତି। ମାଫିଆମାନେ ଖଇରା ତହସିଲ ଓ ଥାନାର କିଛି କର୍ମଚାରୀଙ୍କୁ ନିଜ ଅଧୀନରେ ରଖି ଅଧିକାରୀମାନଙ୍କ ଯାତାୟାତ ବିଷୟରେ ମାଫିଆମାନେ ସୂଚନା ନେଉଥିବା ଅଭିଯୋଗ ହୋଇଛି। ଫଳରେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ମାଫିଆମାନେ ପାୱାର ଟିଲର ଓ ଟ୍ରାକ୍ଟର ଧରି ଲୁଚି ଯାଉଥିବା ଅଭିଯୋଗ ହୋଇଛି। କୁପାରୀ ଜୋନର ବରପଦା, କୁପାରୀ କଲେଜ ପଛପଟ, ଧାନଘରପଦା, ଗଡପୋଖରୀ, ହରିପୁର ଆଦି ଗ୍ରାମ ନିକଟସ୍ଥ ସରକାରୀ ଜମିରୁ ମାଙ୍କଡା ମୋରମ ଖୋଳି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ କରୁଛନ୍ତି। ଏ ସମ୍ପର୍କରେ ଖଇରା ତହସିଲଦାର ସବ୍ୟସାଚୀ ଜେନାଙ୍କୁ ଯୋଗାଯୋଗ କରିବାରେ ସେ ଚଢାଉ ପାଇଁ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଲୁଟେରାମାନେ ଖସି ପଳାଉଥିବାରୁ ଧରିବା ସମ୍ଭବ ହେଉନାହିଁ। ନିର୍ବାଚନ ପରେ ଏବେ ସମୟ ଦେଖି ଚଢାଉ କରାଯିବା ପାଇଁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି।


କୁପାରୀ ରାଜସ୍ୱ କ୍ଷେତ୍ରର ସରକାରୀ ଜମିରେ ଖନନ ହୋଇଥିବା ମାଙ୍କଡା ପଥର।


ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳ ବେହେରା ସ୍ଥାନୀୟ ଅଞ୍ଚଳର ମାଟି ନେଇ ବିଧାନସଭାକୁ ପ୍ରବେଶ କରୁଛନ୍ତି।


ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ୍ ତିର୍କୀ ବିଧାନସଭାକୁ ପ୍ରବେଶ ପୂର୍ବରୁ ଆଣ୍ଠୁମାଡ଼ି ପ୍ରଣାମ କରୁଛନ୍ତି।


ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ପରିବାର ସହ ବିଧାନସଭାକୁ ପ୍ରବେଶ କରୁଛନ୍ତି।


ଯାଜପୁରର ନବନିର୍ବାଚିତ ବିଧାୟିକା ସୁଜାତା ସାହୁ ଗୃହକୁ ପ୍ରବେଶ କରୁଛନ୍ତି।

# ଶେଷ ହେଲା ବିଧାୟକଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର,୧୯।୬
(ଅନିଲ ଦାସ)

ବିଧାନସଭା ଅଧିବେଶନର ଦ୍ୱିତୀୟ ଦିବସରେ ୪୫ ଜଣ ବିଧାୟକ ଶପଥ ନେଇଛନ୍ତି। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶପଥ ନେଇଥିବା ବିଧାୟକମାନେ ହେଲେ ସୁରେଶ ପାଣି, ଅଶୋକ ଦାସ, ଦାଶରଥି ଗମାଙ୍ଗ, ଗୋକୁଳାନନ୍ଦ ମଲ୍ଲିକ, ଚକ୍ରମଣି କହଁର, କୃଷ୍ଣଚନ୍ଦ୍ର ପାତ୍ର, ସୁଜାତା ସାହୁ, ନବ କିଶୋର ମଲ୍ଲିକ, ଭାଦବ ହାଁସଦା, ପ୍ରଦ୍ୟୁମ୍ନ କୁମାର ନାୟକ, ରଘୁରାମ ମାଛ, ସାରଦା ପ୍ରସନ୍ନ ପ୍ରଧାନ, ପ୍ରଶାନ୍ତ ବେହେରା, ଲକ୍ଷ୍ମଣ ମୁଣ୍ଡା, କୃଷ୍ଣଚନ୍ଦ୍ର ମହାପାତ୍ର, ମାନସ ଦତ୍ତ, ଟଙ୍କଧର ତ୍ରିପାଠୀ, ଅଶ୍ୱିନୀ ଷଡ଼ଙ୍ଗୀ, ନୀହାର ମହାନନ୍ଦ, ଛବି ମଲ୍ଲିକ, ସୁଶାନ୍ତ ରାଉତ, ବିଜୟ ଦଳବେହେରା, ସତ୍ୟଜିତ ଗମାଙ୍ଗ, ଇରାଶିଷ ଆଚାର୍ଯ୍ୟ, ସି.ଏସ. ରାଜନ ଏକ୍କା, ଅନନ୍ତ ନାରାୟଣ ଜେନା ପ୍ରମୁଖ । ଦୁଇଦିନ ଧରି ଚାଲିଥିବା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଶେଷ ହୋଇଛି। ମଙ୍ଗଳବାର ୧୦୧ ବିଧାୟକ ଶପଥ ନେଇଥିବା ବେଳେ ଅବଶିଷ୍ଟ ବୁଧବାର ଶପଥ ନେଇଛନ୍ତି।

**ମହାନଦୀ ଜଳ ବିବାଦ**

# ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର,୧୯।୬(ଅନିଲ ଦାସ)

ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ମହାନଦୀ ଜଳ ବିବାଦକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ୨୪ ବର୍ଷ କ୍ଷମତାରେ ଥିବା ବିଜେଡି ଏବେ ମହାନଦୀ ଜଳ ବିବାଦକୁ ପ୍ରସଙ୍ଗ କରି ନୂଆ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମହାନଦୀ ଶୁଖିଯାଉଛି। ଯେତିକି ପାଣି ମିଳିବା କଥା ଓଡ଼ିଶାକୁ ସେତିକି ମିଳୁନାହିଁ। ଏବେ ଓଡ଼ିଶାରେ ଓ ଛତିଶଗଡ଼ରେ ଭାଜପା ସରକାର ଅଛନ୍ତି। କେନ୍ଦ୍ରରେ ମଧ ଭାଜପା ସରକାର ରହିଛି। ମହାନଦୀ ବିବାଦ ସମାଧାନ ସହଜ ହେବ ବୋଲି ସେ ରାଜ୍ୟ ସରକାରଙ୍କୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି। ବିଜେଡିର ଏଭଳି ମନ୍ତବ୍ୟକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ବିଜେଡି ୨୪ ବର୍ଷ ସରକାରରେ ରହିବା ପରେ ମହାନଦୀ ଶୁଖିଗଲା ବୋଲି ଏବେ ଜାଣିଲେ କି? ମହାନଦୀ ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେ ବି ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇନାହାନ୍ତି। ପ୍ରଧାନମନ୍ତ୍ରୀ କିମ୍ବା କେନ୍ଦ୍ର ସରକାରଙ୍କୁ କେବେ ଏନେଇ ଅବଗତ କରାଇଥିଲେ କି ? ଛତିଶଗଡ଼ରେ ପୂର୍ବରୁ ଭାଜପା ଓ କଂଗ୍ରେସ ସରକାର ରହିଥିଲେ। ସେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କ'ଣ କରିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ମହାନଦୀକୁ ନେଇ ଏବେ ବହୁତ ବିଳମ୍ବ ହୋଇସାରିଛି। ଓଡ଼ିଶା ବହୁତ କ୍ଷତି ସହିଛି। ତଥାପି ଭାଜପା ସରକାର ଓଡ଼ିଶାବାସୀଙ୍କୁ ନ୍ୟାୟ ଦେବ ବୋଲି ପୂଜାରୀ କହିଛନ୍ତ।

## ଟ୍ରିପଲ୍ ଇଞ୍ଜିନ କାମ ନ କଲେ କଂଗ୍ରେସ ଆନ୍ଦୋଳନ କରିବ: ତାରା

ଅନ୍ୟପଟେ କଂଗ୍ରେସର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଏବେ କେନ୍ଦ୍ରରେ, ଓଡ଼ିଶାରେ ଓ ଛତିଶଗଡ଼ରେ ଭାଜପା ସରକାର ରହିଛି। ଟ୍ରିପଲ୍ ଇଞ୍ଜିନ ସରକାରରେ ଯଦି ମହାନଦୀ ଜଳ ବିବାଦ ସମାଧାନ ନ ହେବ, ତା' ହେଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରେ ବୁଧବାର ପ୍ରଥମଥର ପାଇଁ ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଯାଇଛନ୍ତି।

# ଦାଦନ ସମସ୍ୟା ରାଜ୍ୟର ଏକ ପ୍ରମୁଖ ବିଷୟ: ମନ୍ତ୍ରୀ


ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ମନ୍ତ୍ରୀ ରବିନାରାୟଣ ନାୟକ ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ମୁଖ୍ୟତଃ ଗରିବ ଜନସାଧାରଣଙ୍କ କଲ୍ୟାଣ ପାଇଁ ନୂତନ ସରକାର ସଂକଳ୍ପବଦ୍ଧ । ଗରିବ ଲୋକଙ୍କ ସମସ୍ୟା ଦୂରକରି ସେମାନଙ୍କ ମୁହଁରେ ହସ ଫୁଟାଇବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରଧାନ ଆଭିମୁଖ୍ୟ ହେବା ଉଚିତ। ବିତ୍ତ ଆବଣ୍ଟନ ଓ ଦାରିଦ୍ର୍ୟ ଦୂରୀକରଣ ଦୃଷ୍ଟିକୋଣରୁ ଏହି ବିଭାଗ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ନୂତନ ସରକାରଙ୍କ ସଂକଳ୍ପ ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ମୁଖ୍ୟତଃ କ୍ଷେତ୍ର ଅଧିକାରୀ ସରକାରଙ୍କ ନ୍ୟସ୍ତ ଦାୟିତ୍ୱକୁ ଠିକ୍ ରୂପେ ନିର୍ବାହ କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ନାୟକ କହିଛନ୍ତି, ଦାଦନ ସମସ୍ୟା ରାଜ୍ୟର ଏକ ପ୍ରମୁଖ ବିଷୟ। ଏହି ସମସ୍ୟାକୁ ନୂତନ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଦାଦନପ୍ରବଣ ଅଞ୍ଚଳରେ ପହଞ୍ଚାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପଡ଼ା ଗସ୍ତ ସମୟରେ ସ୍ଥାନୀୟ ଲୋକେ ତାଙ୍କୁ ପାନୀୟ ଜଳ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସେ ଅଞ୍ଚଳକୁ ଯାଇ ଲୋକଙ୍କ ସହ ଆଲୋଚନାକରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟର କେତେକ ଅଞ୍ଚଳରେ ଲୋକେ ପାନୀୟ ଜଳର ଅପବ୍ୟବହାର କରୁଛନ୍ତି। ଫଳରେ ଅନେକ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ପାନୀୟ ଜଳ ଅପବ୍ୟବହାର ରୋକିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି । ପୂର୍ବାହ୍ନରେ ମନ୍ତ୍ରୀ ବିଭାଗରେ ପହଞ୍ଚିବା ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭାଗ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ, ନିଯୁକ୍ତି ସୃଷ୍ଟି, ମୌଳିକ ସେବା, ଭିତ୍ତିଭୂମି ବିକାଶ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି।

# ମୁଖ୍ୟ ବିରୋଧୀ ଦଳ ଭୂମିକା ନେବ କଂଗ୍ରେସ: ଶରତ

**କଂଗ୍ରେସ ବିଧାୟକ ଦଳ ବୈଠକ**

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

କଂଗ୍ରେସ ବିଧାୟକମାନଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ଦଳର ଅନ୍ୟ କିଛି ବରିଷ୍ଠ ନେତାଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟତଃ ଆଗାମୀ ଦିନରେ କଂଗ୍ରେସର ଆଭିମୁଖ୍ୟ ରାଜ୍ୟରେ କିପରି ରହିବ ସେନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିଜେଡି ସବୁବେଳେ ଭାଜପା ସହିତ ସୁସମ୍ପର୍କରେ ରଖିଆସୁଥିବା କାରଣରୁ କଂଗ୍ରେସ ହିଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇବ ବୋଲି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ବିଜେଡିର ବର୍ତ୍ତମାନ ସୁଦ୍ଧା ୯ ଜଣ ରାଜ୍ୟସଭା ଏମ୍‌ପି ଥିବା କାରଣରୁ ଚିଟ୍‌ଫଣ୍ଡ, ଖଣି ଆଦି ଦୁର୍ନୀତି ଉପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେବେ ନାହିଁ ବୋଲି ପିସିସି ସଭାପତି ଅଭିଯୋଗ କରିଛନ୍ତି। ଶରତ କହିଛନ୍ତି, ବିଜେଡି-ଭାଜପା ଭିତରେ ସବୁବେଳେ ଉତ୍ତମ ସମ୍ପର୍କ ରହିଆସିଛି। ଏବେ ମଧ ଉଭୟ ନିଜ ନିଜର ଆବଶ୍ୟକତା ପାଇଁ ପରସ୍ପର ସହିତ ସୁସମ୍ପର୍କ ରଖିବେ। ତେଣୁ ବିଧାନସଭା ଭିତରେ ଏବଂ ବିଧାନସଭା ବାହାରେ କଂଗ୍ରେସ ମୁଖ୍ୟ ବିରୋଧୀ ଦଳର କାର୍ଯ୍ୟ ଜାରି ରଖିବ ବୋଲି ସେ କହିଛନ୍ତି। ବୈଠକ ଶେଷରେ ସବୁ ଉପସ୍ଥିତ ନେତାମାନେ ଏକାସଙ୍ଗେ ରାତ୍ରୀଭୋଜନ କରିଛନ୍ତି।

## ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନର କାରଣ ଖୋଜିବେ ୨ କେନ୍ଦ୍ରୀୟ ନେତା

୨୦୨୪ ନିର୍ବାଚନରେ ବିଭିନ୍ନ ରାଜ୍ୟରେ କଂଗ୍ରେସର ଖରାପ ପ୍ରଦର୍ଶନ ନେଇ ଦଳ ପକ୍ଷରୁ ଗୁରୁତର ସହ ନିଆଯାଇଛି। ଯେଉଁ ରାଜ୍ୟରେ ଦଳର ପ୍ରଦର୍ଶନ ଖରାପ ରହିଛି ତା'ର ତର୍ଜମା କରିବା ଲାଗି ଦଳର ଶୀର୍ଷ ନେତୃତ୍ୱ ବର୍ତ୍ତମାନ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି। ୮ଟି ରାଜ୍ୟରେ ଖରାପ ପ୍ରଦର୍ଶନ ଲାଗି ଏହି କମିଟି ଗଠନ କରାଯାଇଛି। ସେହି କ୍ରମରେ ଓଡ଼ିଶା ପାଇଁ ମଧ ଟିମ୍ ଗଠନ ହୋଇଛି। ଦଳର ବରିଷ୍ଠ ନେତା ଅଜୟ ମାକେନ ଏବଂ ତାରିକ ଅନୱରଙ୍କୁ ନିର୍ବାଚନରେ ଓଡ଼ିଶାର ଖରାପ ପ୍ରଦର୍ଶନର କାରଣ କ'ଣ ସେନେଇ ତର୍ଜମା କରିବାକୁ କୁହାଯାଇଛି। ଏନେଇ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବୁଧବାର କେ.ସି.ବେଣୁଗୋପାଳଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# ନିର୍ବାଚନ ପରବର୍ତ୍ତୀ ସମୀକ୍ଷାକଲା ଭାଜପା

ଭୁବନେଶ୍ୱର, ୧୯।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ରାଜ୍ୟରେ ପ୍ରଥମକରି ବିଜେଡିକୁ ଶାସନ ଗାଦିରୁ ହଟାଇ ଭାଜପା ସରକାର ଗଢ଼ିଛି। ନିର୍ବାଚନରେ ଦଳ ମୋଟ ୭୮ଟି ବିଧାନସଭା ଆସନରେ ବିଜୟ ଲାଭ କରିଛି। ତେବେ ନିର୍ବାଚନ ପୂର୍ବରୁ ଦଳ କେତୋଟି ଆସନରେ ଜିତିବାର ଲକ୍ଷ୍ୟ ରଖିଥିଲା, ଫଳାଫଳ କ'ଣ ହୋଇଛି, ଆଗକୁ ସରକାର ଏବଂ ଦଳ ମଧ କିପରି ସମନ୍ୱୟ ରଖାଯାଇପାରିବ ସେନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ବୈଠକରେ ଆଲୋଚନା କରାଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଓଡ଼ିଶା ପାଇଁ ଗଠିତ ନିର୍ବାଚନ ପରିଚାଳନା କମିଟି ସହ ବୈଠକ ବସିଥିଲା। ନିର୍ବାଚନ ପରିଚାଳନା ଲାଗି ପ୍ରାୟ ୩୫ କମିଟି ଗଠନ ହୋଇଥିଲା। ତା'ର ମୁଖ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ଏହି ଅବସରରେ ବଂଶଲ ଦଳର ପ୍ରଦର୍ଶନ ସମ୍ପର୍କରେ ସମସ୍ତଙ୍କଠାରୁ ପଚାରି ବୁଝିଛନ୍ତି। ଏହା ସହ ଆଉ କ'ଣ କରାଯାଇଥିଲେ ଦଳ ଆହୁରି ଭଲ ପ୍ରଦର୍ଶନ କରିପାରିଥାଆନ୍ତା ସେକଥା ମଧ ପଚାରିଥିଲେ। ଏହାପରେ ଅଫିସ ବିୟରରମାନଙ୍କ ସହ ବୈଠକ ହୋଇଥିଲା। ସେମାନଙ୍କ ସହ ଆଲୋଚନା ପରେ ମନ୍ତ୍ରୀ ଓ ବିଧାୟକଙ୍କ ସହ ମଧ ଆଲୋଚନା ହୋଇଥିଲା। ଏହାପରେ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଆଗକୁ ଦଳର ଆଭିମୁଖ୍ୟ କିପରି ରହିବା ଆବଶ୍ୟକ ସେନେଇ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ବୈଠକରେ ସାମିଲ ହୋଇଥିଲେ। ଦଳର ଜଣେ ବରିଷ୍ଠ ନେତା କହିଛନ୍ତି, ବୈଠକରେ ଆଗକୁ ଦଳର ଆଭିମୁଖ୍ୟ କିପରି ରହିବ ସେନେଇ ଆଲୋଚନା ହୋଇଛି।

# ନଗର ଉନ୍ନୟନ ବିଭାଗ ପରିଦର୍ଶନକଲେ ମନ୍ତ୍ରୀ

**ସହରାଞ୍ଚଳ ବିକାଶକୁ ପ୍ରାଥମିକତା ଦେବାକୁ ପରାମର୍ଶ**

ଭୁବନେଶ୍ୱର,୧୯।୬(ଅନିଲ ଦାସ)

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ବୁଧବାର ଖାରବେଳଭବନ ସ୍ଥିତ ନଗର ଉନ୍ନୟନ ବିଭାଗ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ ଓ ଅନ୍ୟ କର୍ମଚାରୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସହରାଞ୍ଚଳର ବିଭିନ୍ନ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସମସ୍ତ ସହରାଞ୍ଚଳରେ ଲୋକମାନଙ୍କର ଆଶାନୁରୂପ ଡ୍ରେନ ସମସ୍ୟା, ପାନୀୟ ଜଳ, ପରିବହନ ଇତ୍ୟାଦିକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଅଧିକାରକୁ ଗୁରୁତ୍ୱ ଦେବା ଆମ ସରକାରଙ୍କ ପ୍ରାଥମିକତା। ରାଜ୍ୟର ବିକାଶରେ ସହରାଞ୍ଚଳର ବିକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମନ୍ତ୍ରୀ କହିଛନ୍ତି। ବୁଧବାର ସକାଳୁ ମନ୍ତ୍ରୀ ଡ୍ରେନ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଥିଲେ।


ଖାରବେଳଭବନ ସ୍ଥିତ ନଗର ଉନ୍ନୟନ ବିଭାଗ ପରିଦର୍ଶନ କରୁଛନ୍ତି ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର।

# ଅଧିକାରୀଙ୍କ ସହଯୋଗ କାମନାକଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୧୯।୬
(ଅସମାପିକା ସାହୁ)

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ଅଧିକାରୀମାନେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ବିଭାଗର ବିଶ୍ରାମଗୃହଠାରେ ବିଭାଗ ପକ୍ଷରୁ ସେମାନେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଜଙ୍ଗଲ ବିଭାଗ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ତେଣୁ ଅଧିକାରୀଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ ମନ୍ତ୍ରୀ ସିଂ। ଏହି ସୌଜନ୍ୟ ସାକ୍ଷାତ୍ ସମୟରେ ପିସିସିଏଫ୍ ତଥା ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ, ପିସିସିଏଫ୍(ପ୍ରକଳ୍ପ) ଡ. ମିତା ବିଶ୍ୱାଳ, ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଡ. କେ. ମୁରୁଗେଶନ, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ନାୟର, ଅତିରିକ୍ତ ଶାସନ ସଚିବ ଦେବେନ୍ ପ୍ରଧାନ, ଧରମ ହାଁସଦା, ଉଷାରାଣୀ ଦାସ, ଏ.କେ. ପଟ୍ଟନାୟକ, ବିତ୍ତ ପରାମର୍ଶଦାତା କଲ୍ୟାଣୀ ମଲ୍ଲୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଅନ୍ୟ ଅଧିକାରୀମାନେ ସାକ୍ଷାତ କରୁଛନ୍ତି।

# ୧୦୦ଦିନର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା**

ଭୁବନେଶ୍ୱର, ୧୯।୬(ଅସମାପିକା ସାହୁ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୁଧବାର ବିଭାଗ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକ ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ରମାକାନ୍ତ ନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ନୂତନ ଶିକ୍ଷାନୀତିକୁ ଆପଣାଇ ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିସହ ମେଧାବୀ ଓ ଗରିବ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ବୃତ୍ତି ରାଶି ବୃଦ୍ଧି, ବୈଷୟିକ ଜ୍ଞାନକୌଶଳ ଜରିଆରେ ଶୈକ୍ଷିକ ବ୍ୟବସ୍ଥାର ପରିଚାଳନା ଓ ପ୍ରୋତ୍ସାହନ ଯୋଗାଇଦେବାକୁ ଓଡ଼ିଶା ସରକାର ସଙ୍କଳ୍ପବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ଏଥିସହ ରାଜ୍ୟର ବିଭିନ୍ନ ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ ତଥା ବ୍ଲକ୍‌ଗ୍ରାଣ୍ଟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟାବଳୀ ଓ ସମସ୍ୟା ବିଷୟରେ ଅବଗତ ହୋଇ ଏହାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ୧୦୦ଦିନର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟରେ ରୂପାନ୍ତର କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର କୌଣସି ବି କଲେଜରେ ମୌଳିକ ଭିତ୍ତିଭୂମିର ଅଭାବ ରହିବ ନାହିଁ ଓ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଣୀତ ସମସ୍ତ ଯୋଜନାର ସୁଫଳ ଛାତ୍ରୀଛାତ୍ର ବିଶେଷ କରି ଗରିବ ମେଧାବୀ ଛାତ୍ରୀଛାତ୍ର କିପରି ପାଇପାରିବେ ସେଥିପାଇଁ ଯତ୍ନବାନ ହେବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜ୍ୟର ବିଭିନ୍ନ କଲେଜରେ ଯୋଗ ଶିବିରର ଆୟୋଜନ କରାଯାଉଥିବା ବୈଠକରୁ ଜଣାପଡ଼ିଛି।


ସମୀକ୍ଷା ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ବିଭାଗୀୟ ଅଧିକାରୀମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଏସ୍‌ଆଇସିରେ ୧୬.୪୭ଲକ୍ଷ ନୂଆ ସଦସ୍ୟ

ଭୁବନେଶ୍ୱର,୧୯।୬ (ଅନୁରାଧା ମହାରଣା)

ଚଳିତବର୍ଷ ଏପ୍ରିଲରେ ୧୬.୪୭ ଲକ୍ଷ ନୂତନ ସଦସ୍ୟ କର୍ମଚାରୀଙ୍କ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)ରେ ଯୋଡ଼ିହୋଇଛନ୍ତି। ବୁଧବାର ପ୍ରକାଶିତ ନିୟମିତ ବେତନ ସ୍କେଲ୍‌ରେ ରଖାଯାଇଥିବା କର୍ମଚାରୀଙ୍କ ତଥ୍ୟରେ ଏହି ସୂଚନା ଦିଆଯାଇଛି। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ତଥ୍ୟକୁ ଆଧାରକରି ଦେଶର ଯୁବକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏପ୍ରିଲରେ ଯୋଡ଼ିହୋଇଥିବା ମୋଟ ୧୬.୪୭ ଲକ୍ଷ କର୍ମଚାରୀଙ୍କ ମଧ୍ୟରୁ ୭.୮୪ ଲକ୍ଷ କର୍ମଚାରୀ ଅର୍ଥାତ୍ ମୋଟ ନାମଲେଖାର ପ୍ରାୟ ୪୭.୬୦ ପ୍ରତିଶତ ୨୫ ବର୍ଷ ବୟସ ବର୍ଗରେ ଅଛନ୍ତି। ବିବୃତି ଅନୁଯାୟୀ, ଇଏସ୍‌ଆଇସିର ଅସ୍ଥାୟୀ ବେତନ ତଥ୍ୟ ଦର୍ଶାଉଛି ଯେ ଏପ୍ରିଲ ୨୦୨୪ ରେ ୧୬.୪୭ ଲକ୍ଷ ନୂତନ କର୍ମଚାରୀ ଯୋଗ କରାଯାଇଛି। ଏଥିସହ ତଥ୍ୟର ଲିଙ୍ଗଗତ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଏପ୍ରିଲରେ ମହିଳା ସଦସ୍ୟଙ୍କ ନିଟ୍ ସଂଯୋଗୀକରଣ ୩.୩୮ ଲକ୍ଷ ଥିଲା। ଏପ୍ରିଲରେ ଇଏସ୍‌ଆଇ ଯୋଜନାର ସାମାଜିକ ସୁରକ୍ଷା ଆଭିମୁଖ୍ୟରେ ପ୍ରାୟ ୧୮,୪୯୦ ନୂତନ ପ୍ରତିଷ୍ଠାନ ଯୋଡ଼ାଯାଇଛି। ଏହାଦ୍ୱାରା ଅଧିକ ସଂଖ୍ୟାରେ ଶ୍ରମିକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ।

# ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)




୧୯୯୯ ମହାବାତ୍ୟାରୁ ଶିକ୍ଷାଲାଭକରି ଓଡ଼ିଶା ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି ମହାବାତ୍ୟା ପରଠାରୁ ବିଦ୍ୟୁତ୍ ଭିତ୍ତିଭୂମିକୁ ବିପର୍ଯ୍ୟୟ ପ୍ରତିରୋଧୀ କରାଯିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ବିଦ୍ୟୁତ୍ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ବଜେଟରେ ଅର୍ଥବ୍ୟବସ୍ଥା କରାଯାଉଛି। ବାତ୍ୟା ଓ ଅନ୍ୟ ବିପର୍ଯ୍ୟୟରେ ଆଦୌ କ୍ଷତିଗ୍ରସ୍ତ ନ ହେବା କିମ୍ବା ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ନିର୍ମାଣ ଉପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ 'ଓଡ଼ିଶା ପାଇଁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି' ଶୀର୍ଷକ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଶାସନ ସଚିବ ଏପରି ମତ ରଖିଛନ୍ତି। ରାଜ୍ୟ ସରକାର, କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ, ଓସ୍‌ଡମା, ଗ୍ରୀଡ୍‌କୋ ଓ କୋଆଲିସନ ଫର୍ ଡିଜାଷ୍ଟର ରେଜିଲିଏଣ୍ଟ ଇନ୍‌ଫ୍ରାଷ୍ଟ୍ରକଚର (ସିଡିଆର୍‌ଆଇ)ର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଶାରେ ବିପର୍ଯ୍ୟୟ ପ୍ରତିରୋଧ ସମ୍ପର୍କିତ ଆଲୋଚନା କରାଯାଇଥିଲା । ଏହି ଅବସରରେ ଓଡ଼ିଶା ସରକାର ଓସିଡିଆର୍‌ଆଇଙ୍କ ଦ୍ୱାରା ଓଡ଼ିଶାର ବିଦ୍ୟୁତ୍ ସଞ୍ଚାରଣ ଓ ବିତରଣ ଭିତ୍ତିଭୂମି ଆଧାରିତ ରିପୋର୍ଟ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ବାତ୍ୟା ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ କେବଳ ଗୋଟିଏ ବିଭାଗରେ ସୀମିତ ନ ରହି ସମସ୍ତ ବିଭାଗର ନୀତିରେ ଏହା ସ୍ଥାନ ପାଇବା ଜରୁରୀ ବୋଲି କହିଥିଲେ । ଅର୍ଥ ତଥା ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ବାରମ୍ବାର ଜଳବାୟୁ ପରିବର୍ତ୍ତନ ଓ ଏହାଦ୍ୱାରା ଭିତ୍ତିଭୂମି ପ୍ରଭାବିତ ହେବାର ଆଶଙ୍କା ଥିବାରୁ ସେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣର ଗୁରୁତ୍ୱ ସମ୍ପର୍କରେ ସମ୍ପର୍କରେ ଆଲୋଚନା କରିଥିଲେ । ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏହି ବିପର୍ଯ୍ୟୟ ପ୍ରତିରୋଧୀ ବ୍ୟବସ୍ଥା ଏକ ବୈଶ୍ୱିକ ପ୍ରସଙ୍ଗ ବୋଲି କହିଥିଲେ। ଉପକୂଳ ଅଞ୍ଚଳରେ ବାତ୍ୟା, ପ୍ରବଳ ବର୍ଷା, ବନ୍ୟା ଓ ଜଳବନ୍ଦୀ ଯୋଗୁ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ଭିତ୍ତିଭୂମି ପ୍ରଭାବିତ ହେଉଛି। ଏହାର ପୁନଃ ନିର୍ମାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେବା ସହ, ଅନେକ ସମ୍ପତ୍ତି ନଷ୍ଟ ହେଉଛି। ବିଦ୍ୟୁତ୍ ଭିତ୍ତିଭୂମି ଉପରେ ନିର୍ଭରଶୀଳ ଅର୍ଥନୈତିକ, ଶିଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ନୀତି ପ୍ରସ୍ତୁତି, ତାଲିମ ଓ ଦକ୍ଷତା ବୃଦ୍ଧି ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ରିପୋର୍ଟ ପ୍ରକାଶ କରିଥିବାରୁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶଶାଙ୍କ ଶେଖର ମିଶ୍ର ସିଡିଆର୍‌ଆଇକୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବିଭିନ୍ନ ସ୍ତରରେ ଆଲୋଚନା କରିବ ବୋଲି ସେ କହିଥିଲେ।

# ନିବେଶକ ନିରୁତ୍ସାହିତ

ନୂଆଦିଲ୍ଲୀ,୧୯।୬

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ବଜାର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬ (୩୬.୪୫) ପଏଣ୍ଟ ବୃଦ୍ଧି ଘଟି ୭୭,୩୩୮ (୭୭,୩୩୭.୫୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୨ (୪୧.୯୦) ପଏଣ୍ଟ ହ୍ରାସ ଘଟି ୨୩,୫୧୬ (୨୩,୫୧୬.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏନ୍‌ଭିସିଏଲ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୯।୬

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍) ର ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ (ୟୁନିକ୍ କ୍ୟାମ୍ପେନିଂ) ୨୦୨୪ ଜୁଲାଇ ଶେଷ ପର୍ଯ୍ୟନ୍ତ ଜାରି ରହିବ। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ପଶ୍ଚିମ ଓଡ଼ିଶା ବଜାରରେ ବ୍ରାଣ୍ଡର ଡ୍ୟୁରାଗାର୍ଡ ମାଇକ୍ରୋଫାଇବର କଞ୍ଜ୍ୟୁମର ଅଫରର ଶୁଭାରମ୍ଭ କରାଯାଇଛି। ଏହି କଞ୍ଜ୍ୟୁମର ଅଫର ଉପଭୋକ୍ତାଙ୍କୁ ଆକର୍ଷଣୀୟ ଲାଭ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ୧୦୦ ବ୍ୟାଗ୍ ଡ୍ୟୁରାଗାର୍ଡ ମାଇକ୍ରୋଫାଇବର କ୍ରୟ କରୁଥିବା ପ୍ରତ୍ୟେକ ଉପଭୋକ୍ତା ମାଗଣା ୫ କେଜିର ଏକ ବ୍ରାଣ୍ଡେଡ୍ ଅଟା ପ୍ୟାକ ପାଇବେ। ଏହି ସ୍ୱତନ୍ତ୍ର କ୍ୟାମ୍ପେନିଂ ଆସନ୍ତା ୨ ମାସ ପର୍ଯ୍ୟନ୍ତ ଚାଲିବ।

ଉଲ୍ଲେଖଯୋଗ୍ୟ, ବଲାଙ୍ଗୀରର ଏମ୍‌ଏସ୍ ସିଦ୍ଧ ଶଙ୍କର ଆଇରନ ଡିଲର କାଉଣ୍ଟର ପରିସରରେ ଏହି ଅଫରର ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀର ପଶ୍ଚିମ ଓଡ଼ିଶା ରିଜିଓନାଲ ସେଲ୍‌ସ ମ୍ୟାନେଜର (ଏଏସ୍‌ଏମ୍) ଅଶୋକ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ ଏନ୍‌ଭିସିଏଲ୍‌ର ସେଲ୍‌ସ ଓ ବିଜ୍‌ନେସ ଡେଭ୍‌ଲପମେଣ୍ଟ (ପୂର୍ବ) ବିଭାଗର ମୁଖ୍ୟ ସୁନୀଲ ମହାଜନ କହିଛନ୍ତି, ଡ୍ୟୁରାଗାର୍ଡ ମାଇକ୍ରୋଫାଇବର କଞ୍ଜ୍ୟୁମର ଅଫରର ଶୁଭାରମ୍ଭ କରିବା ଉତ୍କୃଷ୍ଟ ନିର୍ମାଣ ସମାଧାନ ସହିତ ସ୍ୱାଧୀନ ଘର କ୍ରେତା (ଆଇଏଚ୍‌ବି) ମାନଙ୍କୁ ସଶକ୍ତ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି।

# ଚନ୍ଦୁ ଚାମ୍ପିୟନ ସହ ଡା. ଅର୍ଥୋର ସହଭାଗିତା

ଭୁବନେଶ୍ୱର,୧୯।୬ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅଗ୍ରଣୀ ବ୍ରାଣ୍ଡ୍ ଡା. ଅର୍ଥୋ ନିକଟରେ ବଲିଉଡ୍ ଚଳଚ୍ଚିତ୍ର ଚନ୍ଦୁ ଚାମ୍ପିୟନ ସହ ସହଭାଗିତା ସ୍ଥାପନ କରିଛି। ଏପରିକି ବ୍ରାଣ୍ଡ୍ ଓ ଚଳଚ୍ଚିତ୍ରର ପ୍ରଚାର ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଉଲ୍ଲେଖଯୋଗ୍ୟ, କବୀର ଖାନ ନିର୍ଦ୍ଦେଶିତ ହିନ୍ଦୀ ଚଳଚ୍ଚିତ୍ର ଚନ୍ଦୁ ଚାମ୍ପିୟନ ଏକ ଭିନ୍ନ ବିଷୟବସ୍ତୁକୁ ନେଇ ନିର୍ମାଣ ହୋଇଥିବା ବେଳେ ଏହି ଚଳଚ୍ଚିତ୍ରରେ ମୁରଲୀକାନ୍ତ ପେଟକରଙ୍କ ସଂଘର୍ଷ ଓ ଇଚ୍ଛାଶକ୍ତିର ବିସ୍ତୃତ ଯାତ୍ରାକୁ ସୁନ୍ଦର ଭାବେ ପରିବେଷଣ କରାଯାଇଛି। ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଡା. ସଞ୍ଜୀବ ଜୁନେଜା କହିଥିଲେ, ପାଶନ ଆଣ୍ଡ




ୱାର୍କ କେବେ ବି ସଫଳତା ଦେଇ ନ ଥାଏ,ଯେତେବେଳ ପର୍ଯ୍ୟନ୍ତ ସେ କାର୍ଯ୍ୟରେ ଏକ ସ୍ଥିରିଟି ଆସି ନ ଥାଏ। ଇଚ୍ଛାଶକ୍ତି ଓ ଉଦ୍ୟମ ବଳରେ ସଫଳତା ସହ ଚାମ୍ପିୟନ ମଧ୍ୟ ହୋଇପାରିବା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ପରିଶ୍ରମ ଓ କଷ୍ଟ କାର୍ଯ୍ୟ ପାଇଁ ଡା. ଅର୍ଥୋ ଭଳି ଲୋକପ୍ରିୟ ଆୟୁର୍ବେଦ ଅଏଲର ବ୍ୟବହାର ଉପଶମ ଦେଇଥାଏ।

ସେହିଭଳି କାର୍ତ୍ତିକ ଆର୍ଯ୍ୟନ କହିଥିଲେ, ଡା. ଅର୍ଥୋ ଭଳି ଗୁଣାତ୍ମକ ଆୟୁର୍ବେଦ ଅଏଲର ବ୍ୟବହାର ଫଳରେ ଶରୀର ଭିନ୍ନ ଭିନ୍ନ ସ୍ଥାନର ଯନ୍ତ୍ରଣା ଦୂର ହୋଇପାରିଛି। ଏହାଦ୍ୱାରା ଉଚ୍ଚ ଆକାଂକ୍ଷା ଓ ଉଦ୍ୟମ ବଳରେ ଆମେ ଚାମ୍ପିୟନରେ ବେଶ୍ ଉତ୍ସାହଜନକ ପ୍ରଦର୍ଶନ କରୁଛି।

# ଆଜିଠୁ ଗଡ଼ିବ ମୁରୁଗାନ କୋଏଲ ଯାଥ୍ରାଇ ଟ୍ରେନ୍

ଭୁବନେଶ୍ୱର,୧୯।୬(ଅନୁରାଧା ମହାରଣା)

ଉତ୍ତରାଖଣ୍ଡରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ତରପ୍ରଦେଶ ପର୍ଯ୍ୟଟନ ବିକାଶ ବୋର୍ଡ ଆଇଆର୍‌ସିଟିସି ସହଯୋଗରେ କେଦାର ବଦ୍ରି କାର୍ତ୍ତିକ (ମୁରୁଗାନ) କୋଏଲ ଯାଥ୍ରାଇ ନାମକ ଏକ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ କରିବାକୁ ଯାଉଛି। ଏହି ଏକ୍ସପ୍ରେସ୍ ଗଡ଼ୱାଲ ଅଞ୍ଚଳରେ ଯାତ୍ରା କରିବାକୁ ଯାଉଥିବାବେଳେ ଗୁରୁବାର ୧୬୫ ଯାତ୍ରୀଙ୍କ ଚଳାଚଳ ଆରମ୍ଭ କରିବ। ଏହି ଟ୍ରେନ୍ ମଦୁରାଇରୁ ଚେନ୍ନାଇ, ବିଜୟୱାଡା, ୱାରାଙ୍ଗଲ, ନାଗପୁର, ଭୋପାଳ, ଝାନ୍ସୀ, ଗ୍ୱାଲିଅର, ଆଗ୍ରା ଆଦି ଦେଇ ୨୩ ତାରିଖରେ ଉତ୍ତରପ୍ରଦେଶର ଯୋଗନଗରୀ ଋଷିକେଶ ରେଳ ଷ୍ଟେଶନରେ ପହଞ୍ଚିବ । ୧୨ ରାତି ଓ ୧୩ ଦିନର ଏହି ଯାତ୍ରାରେ ସମସ୍ତ ଯାତ୍ରୀଙ୍କୁ କେଦାରନାଥ ଧାମ, ବଦ୍ରିନାଥ ଧାମ ଏବଂ କାର୍ତ୍ତିକ ସ୍ୱାମୀ ମନ୍ଦିର ଆଦି ପରିଦର୍ଶନ ସୁବିଧା ପାଇବେ। ଏହା ବ୍ୟତୀତ ଟ୍ରେନ୍‌ରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କୁ ପହରୀ ଭୋଜନ ମଧ୍ୟ ପ୍ରଦାନ କରାଯିବ। ଅନ୍ୟପଟେ ଉତ୍ତରପ୍ରଦେଶର ବିଭିନ୍ନ ପ୍ରତିଷ୍ଠିତ ତଥା ଅଳ୍ପ ଜଣାଶୁଣା ସ୍ଥାନରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ତରପ୍ରଦେଶ ପର୍ଯ୍ୟଟନ ବିକାଶ ବୋର୍ଡ ଏବଂ ଆଇଆର୍‌ସିଟିସି ମିଳିତ ଭାବେ ମାନସଖଣ୍ଡ ଏକ୍ସପ୍ରେସ ନାମକ ଏହି ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ ଆରମ୍ଭ କରିଛନ୍ତି। ଯାହାର ପ୍ରଥମ ଯାତ୍ରା ଏପ୍ରିଲ ଏବଂ ଦ୍ୱିତୀୟ ଯାତ୍ରା ମେ ମାସରେ ଆରମ୍ଭ ହୋଇଥିଲା। ଉତ୍ତରପ୍ରଦେଶ ପର୍ଯ୍ୟଟନ ବିକାଶ ବୋର୍ଡ ସଚିବ ସଚିନ କୁର୍ଭେ କହିଛନ୍ତି, କୁମାଓନ ବିଭାଗର ବିଭିନ୍ନ ପର୍ଯ୍ୟଟନ ସ୍ଥାନ ପରିଦର୍ଶନ କରିବା ପାଇଁ ଟ୍ରେନର ପ୍ରଥମ ଏବଂ ଦ୍ୱିତୀୟ ଯାତ୍ରାର ସଫଳତା ପରେ ବର୍ତ୍ତମାନ କେଦାର ବଦ୍ରି କାର୍ତ୍ତିକ (ମୁରୁଗାନ) ପର୍ଯ୍ୟଟନ ଟ୍ରେନ ଚାଲିଛି। ଗଡ଼୍‌ୱାଲ ଅଞ୍ଚଳ ପାଇଁ ଲଞ୍ଚ କରାଯାଇଛି ।


# Classified Everyday

0674-2580101, 2549949




REAL ESTATE

SALE

**3BHK flat for sale at Jharpada 80 feet road side. Contact- 9437307086, 7008789347.** D-504

**Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347.** D-505




Monalisa massage Club:All types Body massage with hiprofile smart lady rooms service available. 9708545108. D-518

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Relax, refresh your body, mind by expert therapist. Contact- 9938843929. D-76127

Newly open health benefits spa special offer @999, Bapujinagar. 8018429809. D-76128

**Relax, Refresh your body, Mind at Saikrupa SPA with best therapies. 8984068077.** D-527

AFFIDAVIT

By the virtue of an affidavit before the Executive Magistrate, Bhanjanagar, I Rajib Kumar Jena of Semiliguda to state that in Matriculation Certificate of my son Subham Jena, my name and my wife name is wrongly mentioned as RajivJena instead of Rajib Kumar Jena and Jhunu Jena instead of Jhunurani Jena. That Rajib Kumar Jena and Rajiv Jena, Jhunurani Jena and Jhunu Jena are the same persons. D-530

LOST

By virtue of an affidavit sworn before Executive Magistrate, Cuttack on 18 June 2024, I Saurav Bose, Ranihat, Cuttack, P.O.- Buxi Bazar, P.S.- Mangalabag. I have lost my original B.Tech. Certificate Reg. No. 1601335010 on 17 June 2024. Any kindhearted person found this please inform to me on 6372546269. D-529

ମୁଁ ଭଗବାନ ବକ୍ସ ଜାଙ୍ଗିଡ଼, ପିତା- ନାରାୟଣ ଲାଲ ଜାଙ୍ଗିଡ଼ ଗୋବିନ୍ଦପ୍ରସାଦ ମୌଜାରେ ଗୋଟିଏ Property କିଣିଛି। କିଣି ସାରିଲା ପରେ ମୋ ନାମରେ ପଟ୍ଟା କରିଛି। ଯାହାର ଖାତା ନଂ. 1057/2685, Plot No. 796 ଏବଂ Plot No.795/2329. ଏହି ପଟ୍ଟା କେଉଁଠାରେ ହଜିଯାଇଛି। ମୁଁ ଖୋଜାଖୋଜି କଲାପରେ ନ ମିଳିବାରୁ, ମୁଁ ଲକ୍ଷ୍ମୀସାଗର ପୋଲିସ ଥାନାରେ FIR କରିଛି। ଯଦି କାହାକୁ ଏହି documentଟି ମିଳେ SBI, RACPCରେ ହସ୍ତାନ୍ତର କରିବାକୁ ଅନୁରୋଧ। କାରଣ ଏହି Property ଉପରେ ମୁଁ ଗୋଟିଏ Housing Loan ନେବା ପାଇଁ ଯାଉଛି। ମୁଁ ଏହି ପଟ୍ଟାକୁ କୌଣସି ବ୍ୟାଙ୍କରେ କିମ୍ବା ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। Contact No. 8270027000. D-531

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୧ରେ ୯ମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ଭୁବନେଶ୍ୱର,୧୯।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏକ ୧୧ଦିନିଆ ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର (ବିଆଇଟିଏଫ୍)ର ଆୟୋଜନ କରାଯାଉଛି। ଏହି ମେଳା ୨୦୨୪ ଜୁନ୍ ୨୧ରୁ ଜୁଲାଇ ୧ ପର୍ଯ୍ୟନ୍ତ ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ଜନତା ମଇଦାନଠାରେ ଆୟୋଜନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ୍ ୨୧ରେ ୯ମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (୯ମ ବିଆଇଟିଏଫ୍)ର ଆୟୋଜନ ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ଜନତା ମଇଦାନଠାରେ ହେବାକୁ ଯାଉଛି।

ଏହି ପରିପ୍ରେକ୍ଷୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରର ରୋଟାରି ଭବନଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ସମେତ ଦୀପକ କୁମାର ମହାନ୍ତି, ଡ. ନିବେଦିତା ମହାନ୍ତି ଓ କାଜଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମେଳା ଆଭିମୁଖ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ।




ଅପରପକ୍ଷରେ ଏହି ୧୧ ଦିନିଆ ବାଣିଜ୍ୟ ମେଳାରେ ୨୨ ରାଜ୍ୟ ଓ ୧୦ ଦେଶର ବ୍ୟବସାୟୀ ଓ ବ୍ୟବସାୟିକ ସଂସ୍ଥା ଅଂଶ ଗ୍ରହଣ କରୁଥିଲାବେଳେ ପ୍ରତିଦିନ ସନ୍ଧ୍ୟାରେ ଉଭୟ କ୍ରେତା ଓ ବିକ୍ରେତାଙ୍କ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ସେହିଭଳି ଏହି ମେଳା ବିଭିନ୍ନ ଜୋନ୍ ଯଥା ଫର୍ନିଚର, ଇଣ୍ଟେରିଅର ଆଣ୍ଡ ଇଲେକ୍ଟ୍ରୋନିକ, ରିଅଲ ଇଷ୍ଟେଟ, ହେଲ୍‌ଥ ଆଣ୍ଡ ବିୟୁଟି ପ୍ରଡକ୍ଟସ, କଞ୍ଜ୍ୟୁମର, ଇଣ୍ଟରନ୍ୟାଶନାଲ ଆଣ୍ଡ ଲାଇଫ ଷ୍ଟାଇଲ, ଅଟୋମୋବାଇଲ, ଶିକ୍ଷା, ହ୍ୟାଣ୍ଡଲୁମ ଆଣ୍ଡ ହ୍ୟାଣ୍ଡିକ୍ରାଫ୍ଟ, ମାନ୍ୟୁଫାକଚର, ଖାଦ୍ୟ ଏବଂ ସ୍ମଲ ସ୍କେଲ୍ ଇଣ୍ଡଷ୍ଟ୍ରି ଭଳି ଜୋନ୍ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଏହି ମେଳା ଏମ୍‌ଏସ୍‌ଏମ୍‌ଇ ଆଣ୍ଡ ଟ୍ରାଇବସ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜନ କରାଯାଉଛି। ଏହି ମେଳା ପ୍ରତିଦିନ ଅପରାହ୍ନ ୨ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଇଁ ଖୋଲା ରହିବ।

# ଗୋବରରୁ ପ୍ରସ୍ତୁତ ହେଉଛି ପ୍ରାକୃତିକ ରଙ୍ଗ

## ମହିଳା ଉଦ୍ୟୋଗୀଙ୍କ ସଫଳତା

ଯାଜପୁର,୧୯।୬(ହର୍ଷବର୍ଦ୍ଧନ ବେହେରା)

ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଜଣେ ବ୍ୟକ୍ତିର ସଫଳତା କ୍ଷେତ୍ରରେ ମାର୍ଗଦର୍ଶକ ସାଜିଥାଏ। ଅନବରତ ଉଦ୍ୟମ ଦ୍ୱାରା ଆଜିର ମଣିଷ ଅସମ୍ଭବକୁ ସମ୍ଭବ କରିପାରିଛି, ଯାହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ଜଣେ ଉଚ୍ଚଶିକ୍ଷିତା ମହିଳା ଉଦ୍ୟୋଗୀ ବବିତା ତ୍ରିପାଠୀ। କଟକ ମହାନଦୀ ବିହାରର ବାସିନ୍ଦା ବବିତାଙ୍କ ଉଦ୍ୟମରେ ଯାଜପୁର ଜିଲା ଛତିଆସ୍ଥିତ ସୋଲାରଠାରେ ସିଙ୍କୋ ପେଣ୍ଟ୍‌ସ କାରଖାନା ଗଢ଼ିଉଠିଛି। ପ୍ରାକୃତିକ ରଙ୍ଗ ପ୍ରସ୍ତୁତ ପାଇଁ ଓଡ଼ିଶାରେ ଏଭଳି ଏକ କାରଖାନା ପ୍ରତିଷ୍ଠା ଲାଗି ଭାରତ ସରକାରଙ୍କ ଖଦି ଓ ଗ୍ରାମ୍ୟ ଶିଳ୍ପ କମିଶନରଙ୍କ ନିକଟରେ ଆବେଦନ କରାଯାଇଥିଲା । ୨୦୨୨ ଅକ୍ଟୋବର ୧୨ରେ ତାଙ୍କୁ ଏହି ସ୍ୱୀକୃତି ମିଳିଥିଲା। ଏତଦ୍‌ବ୍ୟତୀତ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ସୁପାରିସ କ୍ରମେ ମହିଳା ଉଦ୍ୟୋଗୀ ବବିତା ରାଜସ୍ଥାନର ଜୟପୁରସ୍ଥିତ କେଭିଆଇସି କୁମାରପ୍ପା ଜାତୀୟ ହାତତିଆରି କାଗଜ ପ୍ରତିଷ୍ଠାନରେ ତାଲିମ ଗ୍ରହଣ କରି ସାର୍ଟିଫିକେଟ ହାସଲ କରିଥିଲେ। ବିଶେଷ କରି ଗୋବରରୁ ଡିଷ୍ଟେମ୍ପର,ଏମୁଲେଶନ ଓ ପ୍ରାଇମର ଭଳି ପ୍ରାକୃତିକ ରଙ୍ଗ ତିଆରି ହୋଇ ଘରର ଭିତର ଓ ବାହାର କାନ୍ଥରେ ବ୍ୟବହାର ହୋଇପାରିବ । ଏହା ଜୀବାଣୁ ଓ ଫିମ୍ପିର ହିତ, ଗନ୍ଧଶୂନ୍ୟ, ପରିବେଶ ପାଇଁ ଅନୁକୂଳ ଓ ପ୍ରାକୃତିକ ତାପ ପ୍ରତିରୋଧକ ବୋଲି ବବିତା ପ୍ରକାଶ କରିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ରାମୀଣ ଅର୍ଥନୀତିରେ ମହିଳାମାନଙ୍କ ଅର୍ଥନୈତିକ ଉନ୍ନତି ଓ ପରିବେଶ ସନ୍ତୁଳିତ କ୍ଷେତ୍ରରେ ଭାଗୀଦାରି ଉଦ୍ୟମ ସ୍ୱରୂପ ଓଡ଼ିଶାର ସର୍ବପ୍ରଥମ ପ୍ରାକୃତିକ ରଙ୍ଗ କାରଖାନା ସ୍ଥାପନ ହେବା ପ୍ରଶଂସନୀୟ ବୋଲି ପରିଦର୍ଶନ ବେଳେ ଭାଜପାର ପୂର୍ବତନ ରାଜ୍ୟ ସଙ୍ଗଠନ ସମ୍ପାଦକ ପଞ୍ଚାନନ ରାଉତ ମତ ରଖିଛନ୍ତି। କାରଖାନା ପରିଦର୍ଶନ ସମୟରେ କାରଖାନାର ସହ



ପରିଚାଳକ କେଦାର ମିଶ୍ର, କୁଲୁ ଜେନା, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୁଣବତ୍ତାରେ ପରିପୂର୍ଣ୍ଣ ଏହି ରଙ୍ଗକୁ ସାରା ଓଡ଼ିଶାରେ ଉପଲବ୍ଧ କରାଇବା, ଏହି ରଙ୍ଗର ବିଶେଷତ୍ୱ ଓ ଉପକାରିତା କିଭଳି ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ କ୍ଷେତ୍ରରେ ଉଦ୍ୟମ କରାଯିବ ବୋଲି ବିତରକ ନିର୍ଦ୍ଦେଶକ ଅଶୋକ କୁମାର ଗିରି ପ୍ରକାଶ କରିଛନ୍ତି। କାରଖାନା ପରିଦର୍ଶନ ପରେ ଓଡ଼ିଶାର ପ୍ରଥମ କରି ଜଣେ ଓଡ଼ିଆ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଂସ୍ଥା ଆଗାମୀ ଦିନରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ରଙ୍ଗ ପରିବେଶ ସନ୍ତୁଳନ କ୍ଷେତ୍ରରେ ପ୍ରେରଣାଦାୟକ ହେବ ବୋଲି ପରିଦର୍ଶନରେ ଆସିଥିବା ରାଉତ ପ୍ରକାଶ କରିଥିଲେ।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଗିବା ଠାରୁ ହୀନ ନାହିଁ
ଦେବା ଠାରୁ ପୁଣ୍ୟ ନାହିଁ**

ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଯାଚି କରି ଦେବାରେ ଆନନ୍ଦ ଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବା ଠାରୁ ବଳି ହୀନକାର୍ଯ୍ୟ କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ଖାଇବ ଶେଉଳ
ଫୁଲ ନାଇବ ବଉଳ**

ଶେଉଳ ମାଛ ଖାଇବାକୁ ବେଶ୍ ରୁଚିକର ଲାଗିଥାଏ। ଠିକ୍ ସେହିପରି ବଉଳ ଫୁଲଟି ବାସ୍ନାଯୁକ୍ତ ସୁନ୍ଦର ଫୁଲ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଉଦ୍ଧାର ପରେ ସିଲିଗୁଡ଼ିରେ ପହଞ୍ଚିଲେ ଓଡ଼ିଆ ପର୍ଯ୍ୟଟକ

■ ସିକିମ୍‌ରେ ଭୂସ୍ଖଳନ ଯୋଗୁ ଫସି ରହିଥିଲେ
■ ଧରିତ୍ରୀକୁ ଧନ୍ୟବାଦ ଜଣାଇଲେ ପର୍ଯ୍ୟଟକ

ସୋନପୁର,୧୯।୬ (ମୃତ୍ୟୁଞ୍ଜୟ ଶତପଥୀ)

ଉତ୍ତର ପୂର୍ବ ସିକିମ୍ ରାଜ୍ୟକୁ ବୁଲିବାକୁ ଯାଇ ଭୂସ୍ଖଳନ ଯୋଗୁ ଫସି ରହିଥିବା ଓଡ଼ିଶା ସମେତ ଅନ୍ୟ ରାଜ୍ୟର ପର୍ଯ୍ୟଟକମାନେ ଉଦ୍ଧାର ହୋଇଛନ୍ତି। ସେନାବାହିନୀ, ସିକିମ୍ ପୋଲିସ ଓ ବିଜ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ୧୨୦୦ ପର୍ଯ୍ୟଟକଙ୍କୁ ନିରାପଦଭାବେ ଉଦ୍ଧାର କରାଯାଇଛି। ଦୀର୍ଘ ୧୪କିଲୋମିଟର ପାହାଡ଼ିଆ ରାସ୍ତା ସଫା କରି ସେମାନଙ୍କୁ ମୁଖ୍ୟ ରାସ୍ତାକୁ ଆଣାଯାଇଛି। ପର୍ଯ୍ୟଟକମାନେ ଗାଡିରେ ଆସି ସନ୍ଧ୍ୟାରେ ପଶ୍ଚିମବଙ୍ଗର ସିଲିଗୁଡ଼ିରେ ପହଞ୍ଚିଛନ୍ତି। ଖରାଛୁଟିରେ ପରିବାର ସହ ସିକିମ୍ ବୁଲି ଯାଇଥିବା ସୁବର୍ଣ୍ଣପୁର ଜିଲାର ଗୋଟିଏ ପରିବାର ସହ ମୟୂରଭଞ୍ଜ ଓ ଦେଶର ଅନ୍ୟ ସ୍ଥାନର ପର୍ଯ୍ୟଟକମାନେ ୬ ଦିନ ହେଲା ରାସ୍ତା ଅବରୋଧ ପାଇଁ ଗ୍ୟାଙ୍ଗଟକ୍-ଲାଚୁଙ୍ଗ ରାସ୍ତାର ଲାଞ୍ଜିକୁଲାରେ ଫସି ରହିଥିଲେ। ସିକିମ୍‌ର ରାଜଧାନୀ ଗ୍ୟାଙ୍ଗଟକରୁ ଚାଇନା ସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇ ରାସ୍ତା ଓ ପୋଲ ଭାଙ୍ଗିଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। ପର୍ଯ୍ୟଟକମାନେ ସରକାରଙ୍କ ସହାୟତା ଲୋଡ଼ିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଗୀୟ ଅଧିକାରୀ ଓ ସିକିମ୍ ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କ ହସ୍ତକ୍ଷେପ ପରେ ଓଡ଼ିଶା ସରକାର ମଧ୍ୟ ଏ ଦିଗରେ ତତ୍ପରତା ପ୍ରକାଶ କରିବା ସହ ସିକିମ୍ ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ପରେ ପ୍ରତିକୂଳ ପାଗ ଓ ପାହାଡ଼ିଆ ଅଞ୍ଚଳ ସତ୍ତ୍ୱେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଥିଲା।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଭଙ୍ଗବହଲପୁର ଗାଁର ରାମନାରାୟଣ ମିଶ୍ର, ସ୍ତ୍ରୀ ମାନସି, ଝିଅ ଶ୍ରୀ ଓ ପୁଅ ବ୍ରିସ୍କଙ୍କ ସହିତ ଗତ ୯ ତାରିଖରେ ଭୁବନେଶ୍ୱରରୁ କୋଲକତା ଯାଇଥିଲେ। ସେଠାରୁ ଗ୍ୟାଙ୍ଗଟକକୁ ଫ୍ଲାଇଟରେ ଯିବା ପରେ ପୁଣି ଚାଇନା ସୀମାକୁ ଲାଗିଥିବା ଲାଚୁଙ୍ଗକୁ ପରିବାର ସହିତ ସଡକ ପଥରେ ବୁଲିବାକୁ ଯାଇଥଲେ। ଲାଚୁଙ୍ଗରୁ ୧୩ ତାରିଖରେ ଗ୍ୟାଙ୍ଗଟକକୁ ଫେରିବାର ଥିଲା। ତେବେ ୧୨ ତାରିଖ ରାତିରେ ପ୍ରବଳ ବର୍ଷା ଓ ପାଗ ଖରାପ ହେବାରୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଥିଲା। ପର୍ଯ୍ୟଟକମାନେ ଫେରି ନପାରି ଲାଞ୍ଜିକୁଲାଠାରେ ଫସି ରହିଥିଲେ। ଦୀର୍ଘ ୬ଦିନ ଧରି ରାସ୍ତା ବନ୍ଦ ଯୋଗୁ ଖାଇବା ପିଇବାରେ ଅସୁବିଧା ଭୋଗିଥିଲେ। ପ୍ରବଳ ଶୀତ ତଥା ପାହାଡିଆ ରାସ୍ତା ଓ ପୋଲ ସଫା ହୋଇ ନଥିବାରୁ ସେମାନେ ଆସିପାରୁ ନ ଥିଲେ। ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ବୀରମହାରାଜପୁର ଅଞ୍ଚଳର ସମାଜସେବୀ କୁଶ କୁମାର ସାହୁ ଓ ରାମନାରାୟଣଙ୍କ ବଡ ଭାଇ ସିଦ୍ଧେଶ୍ୱର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କୁ ଟୁଇଟ୍ କରି ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ରାମନାରାୟଣ ସୁବର୍ଣ୍ଣପୁର ଧରିତ୍ରୀ ପ୍ରତିନିଧିଙ୍କୁ ଫୋନ କରି କୃତଜ୍ଞତା ଜଣାଇବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଗୁରୁବାର ସକାଳ ୮ଟା ୪୫ରେ ବାଗଡୋଗରା ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଓଡ଼ିଶା ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ମିଶ୍ର ସୂଚନା ଦେଇଛନ୍ତି।


ଉଦ୍ଧାର ହୋଇଥିବା ରାମନାରାୟଣ ମିଶ୍ରଙ୍କ ପରିବାର।

# ଦନ୍ତାହାତୀ ମୃତଦେହ ଜବତ


ମୃତ ଦନ୍ତାହାତୀ

**କରେଣ୍ଟ ଲାଗିଥିବା ସନ୍ଦେହ**

ହାଟଡିହି(ଶୁଭକାନ୍ତ ନାୟକ)/ ସୋସୋ (ସତ୍ୟବ୍ରତ ଜେନା), ୧୯।୬

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଅଧୀନ ନିଜଗାଁ ଅଞ୍ଚଳର ଆଶ୍ରମ ସ୍କୁଲ ନିକଟରୁ ଏକ ଦନ୍ତାହାତୀର ମୃତଦେହ ବନ ବିଭାଗ ଜବତ କରିଛି। ହାତୀର ବୟସ ପ୍ରାୟ ୨୫ବର୍ଷ ହେବ। ବିଦ୍ୟୁତ୍ ତାର ଲାଗି ହାତୀର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆନନ୍ଦପୁର ଡିଏଫ୍‌ଓ କହିଛନ୍ତି। ସୂଚନା ଅନୁଯାୟୀ, ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ହାତୀ ମରିଥିବା ସ୍ଥାନର ଦୂରତା ପ୍ରାୟ ୫ କି.ମି. ହେବ। କିଛି ମାସ ହେବ ହାତୀ ଅଭୟାରଣ୍ୟରୁ ବାହାରି ଗ୍ରାମାଞ୍ଚଳରେ ବୁଲି ଆମ୍ବ, ସପୁରି, ପଣସ, କଦଳୀ ଖାଇବା ସହ ଚଳପ୍ରଚଳ କରୁଥିଲା। ରାତି ସମୟରେ ତୋଟା, ବାଡ଼ି ବଗିଚାରେ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଲୋକେ ବୁଧବାର ସକାଳେ ହାତୀର ମୃତଦେହ ନିଜଗାଁ ଅଞ୍ଚଳର ଆଶ୍ରମ ସ୍କୁଲ ନିକଟରେ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସୋସୋ ପୋଲିସ ଓ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଡାକ୍ତରୀ ଟିମ୍ ପହଞ୍ଚି ହାତୀର ବ୍ୟବଚ୍ଛେଦ କରିବା ପରେ ଗାତ ଖୋଳି ପୋତି ଦିଆଯାଇଛି। ଦାନ୍ତକୁ ବନ ବିଭାଗ ତରଫରୁ ସଂଗ୍ରହ କରି ରଖାଯାଇଥିବା ରେଞ୍ଜର ମାର୍ଶାଲ କିସ୍ପୁ ସୂଚନା ଦେଇଛନ୍ତି। ମୃତଦେହ ପଡ଼ିଥିବା ସ୍ଥାନରେ ଏକ ଇଟାଭାଟି ରହିଛି। ସେଠାକୁ ଯାଇଥିବା ବିଦ୍ୟୁତ୍ ତାର ଲାଗି ହାତୀର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି ଆନନ୍ଦପୁର ଡିଏଫ୍‌ଓ ଅଭୟ ଦଳେଇ କହିଛନ୍ତି। ହାତୀ ମୃତ୍ୟୁ ଘଟଣାର ତଦନ୍ତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ବାଘଛାଲ ଜବତ, ୨ ଗିରଫ

ଛେଣ୍ଡିପଦା,୧୯।୬(ଅଜିତ ଧଳ)

ଛେଣ୍ଡିପଦା ବନବିଭାଗ ପକ୍ଷରୁ ବାଲିନାଳି ଗ୍ରାମ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଚଢ଼ାଉ କରାଯାଇ ଏକ କଲରାପତରିଆ ବାଘ ଛାଲ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨ ବ୍ୟବସାୟୀ ଛେଣ୍ଡିପଦା ଥାନା ହାଣ୍ଡିଗୋଡା ଗ୍ରାମର ଟିକନ ଗୋଚ୍ଛାୟତ ଓ ଧଉରାଖମଣ ଗ୍ରାମର ସମିତି ସଭ୍ୟ ଯୁଗଳ ନାଏକଙ୍କୁ ଗିରଫ କରାଯାଇଛି।

ବନବିଭାଗ ସୂତ୍ରରୁ ପ୍ରକାଶ, ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର ଛେଣ୍ଡିପଦା ବନାଞ୍ଚଳରେ ବାଘ ଛାଲ ବିକ୍ରି ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ କଣିହାଁ ଓ ଜରପଡା ବନାଞ୍ଚଳ ଅଧିକାରୀଙ୍କ ସମେତ ୬ଟି ବନାଞ୍ଚଳ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବାଘ ଛାଲ ବ୍ୟବସାୟୀଙ୍କୁ ଧରିବାକୁ ପ୍ରସ୍ତୁତି କରାଯାଇଥିଲା। ବନବିଭାଗ କର୍ମଚାରୀମାନେ ସଦା ପୋଷାକରେ ଛପି ରହିଥିଲେ। ଅଢ଼େଇ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି କରିବା ପାଇଁ ଯୁଗଳ ଓ ଟିକନ ଜଙ୍ଗଲ ରାସ୍ତା ଦେଇ ବାଲିନାଳି ଗ୍ରାମ ନିକଟସ୍ଥ ପେଟ୍ରୋଲ ପମ୍ପ ପାଖକୁ ଯାଉଥିବାବେଳେ ସଦା ପୋଷାକରେ ଥିବା ବନ କାର୍ମଚାରୀମାନେ ଉଭୟଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଏକ କଲରା ପତରିଆ ବାଘଛାଲ ଜବତ କରିଥିଲେ। ସେମାନଙ୍କ ନିକଟକୁ ବାଘ ଛାଲ କିପରି ଆସିଲା ସେ ନେଇ ତଦନ୍ତ ପରେ ଜଣାପଡିବ ବୋଲି ବନବିଭାଗ ପ୍ରକାଶ କରିଛି। ଏହି ଚଢ଼ାଉରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭରା ଶୁଚିସ୍ମିତା ମହାପାତ୍ର, ଜରପଡା ବନାଞ୍ଚଳ ଅଧିକାରୀ ମାଧବାନନ୍ଦ ନାଏକ, ଫରେଷ୍ଟର ଶ୍ରୀନିବାସ ସାହୁଙ୍କ ସମେତ ୬ଟି ବନାଞ୍ଚଳର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ।


ଜବତ ହୋଇଥିବା କଲରାପତରିଆ ବାଘଛାଲ।

# ସମୁଦ୍ରରେ ବୁଡ଼ି ଯୁବକ ନିଖୋଜ

ଛତ୍ରପୁର,୧୯।୬(ଦିଲୀପ ସାମଲ)

ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଛନ୍ତି। ସେ ହେଲେ କେ. ଆର୍ଯ୍ୟପଲ୍ଲୀ ଗ୍ରାମର ହେମନସେନ ବେହେରା। ଅଗ୍ନିଶମ ବିଭାଗ, ଓଡ୍ରାଫ ଓ ପୋଲିସ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବୁଧବାର ଅପରାହ୍ନରେ ହେମନ ତାଙ୍କର ୪/୫ ଜଣ ସାଙ୍ଗଙ୍କ ସହ ସମୁଦ୍ରକୁ ଗାଧୋଇବାକୁ ଆସିଥିଲେ। ଗାଧୋଇବା ବେଳେ ହେମନ ଭାସି ଯାଇ ନିଖୋଜ ଅଛନ୍ତି। ଛତ୍ରପୁର ଏସଡ଼ିପିଓ ଗୌରହରି ସାହୁ, ଆର୍ଯ୍ୟପଲ୍ଲୀ ଥାନାଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ବହୁ ପୋଲିସ, ଅଗ୍ନିଶମ ଓ ଓଡ୍ରାଫର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ହେମନଙ୍କ ପତ୍ତା ମିଳିନି।

# ଶଙ୍ଖ ନଦୀରେ ବୁଡ଼ି ୨ ମୃତ

ରାଉରକେଲା/ବେଦବ୍ୟାସ, ୧୯।୬ (ସଙ୍ଗୀତା ଜେନା/ ଆଲୋକ ସ୍ୱାଇଁ)

ରାଉରକେଲା ବେଦବ୍ୟାସଠାରେ ପ୍ରବାହିତ ଶଙ୍ଖ ନଦୀରେ ବୁଡ଼ି ବୁଧବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଏକ ଟ୍ରକ୍‌ର ଚାଳକ ଓ ହେଲ୍‌ପର। ହେଲେ ସେମାନଙ୍କ ପ୍ରକୃତ ପରିଚୟ ମିଳିପାରିନାହିଁ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ପୋଲିସ ପୃଥକ ଅପମୃତ୍ୟୁ ମାମଲା ନଂ.୯୧/୨୪ ଓ ୯୨/୨୪ ରୁଜୁ କରିଛି। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ ୨ ଜଣ ଉତ୍ତରପ୍ରଦେଶରୁ ଟ୍ରକରେ ସାମଗ୍ରୀ ଆଣି ରାଉରକେଲା ବେଦବ୍ୟାସଠାରେ ଏକ ଟ୍ରାନ୍ସପୋର୍ଟରେ ପହଞ୍ଚିଥିଲେ। ଗୋପାପଲି ବସ୍ତି ନିକଟ ପାର୍କିଂରେ ଗାଡି ରଖି ଶଙ୍ଖ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଉଭୟେ ହଠାତ୍ ବୁଡ଼ିଯାଇଥିଲେ। ସ୍ଥାନୀୟ ମହିଳା ଏହା ଦେଖି ନିକଟସ୍ଥ ବସ୍ତିରେ କହିଥିଲେ। ଦମକଳ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍ ଆଣିଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷିତ କରିଥିଲେ।

# ଜବାବ ଦାଖଲ ନ କରିବାରୁ ଶ୍ରୀମନ୍ଦିର ପ୍ରଶାସନକୁ ଜରିମାନା

କଟକ,୧୯।୬ (କାର୍ତ୍ତିକ ସାହୁ)

ହାଇକୋର୍ଟରେ ଜବାବ ଦାଖଲ ନ କରିବାରୁ ଶ୍ରୀମନ୍ଦିର ପ୍ରଶାସନ ଉପରେ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଶ୍ରୀମନ୍ଦିର ଜମି ଖରିଦ୍ ଓ ବିକ୍ରି ସଂକ୍ରାନ୍ତୀୟ ଅଧାଦେଶକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁସାରେ, ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିଗୁଡ଼ିକର ଖରିଦ ଓ ବିକ୍ରି ନିମନ୍ତେ ୨୦୨୨ରେ ଏକ ଅଧାଦେଶ ଅଣାଯାଇଥିଲା। ଉକ୍ତ ଅଧାଦେଶକୁ ଚ୍ୟାଲେଞ୍ଜ କରି ସାମାଜିକ କର୍ମୀ ଦିଲୀପ ବରାଳ ହାଇକୋର୍ଟରେ ଏକ ଜନହିତ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ପକ୍ଷରୁ ଜବାବ ଦାଖଲ ପାଇଁ ବାରମ୍ବାର ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ କୌଣସି ଜବାବ ଦାଖଲ କରି ନ ଥିଲା। ଏହାକୁ ନେଇ ବୁଧବାର ଶୁଣାଣିବେଳେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।


## ODISHA JOINT ENTRANCE EXAMINATION - 2024 (OJEE - 2024)
### PUBLIC NOTICE REGARDING OJEE WEB COUNSELLING FOR 2024-25

**No.: OJEE/246** **Date: 18.06.2024**

No. h-01: This is for the information of all concerned that OJEE Web-Based Counselling Process for **Lateral Entry Courses for B.Tech (LE. Tech for Diploma Candidates) and B. Pharm (LE. Pharm for D. Pharm Candidates)** is going to start from **19th June, 2024**.

Interested candidates having valid OJEE 2024 Rank (OJEE conducted during May, 2024) are advised to visit OJEE websites **(www.ojee.nic.in / www.odishajee.com)** and see the detailed **Counselling Schedule** for these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process.

**Sd./- CHAIRMAN, OJEE, Odisha**
OIPR-44026/11/0002/2425



## ODISHA CONSTRUCTION CORPORATION LIMITED
BHUBANESWAR, ODISHA, PIN-751012, Tel.No.(0674) 2562020,
e-Mail:theoccltd@odishaconstruction.com
GSTIN-21AAACO2571K2ZM
**"e'-Procurement Notice No.-08/OCCL/2024-25 (Online)**
**No.CAD-244:Online percentage rate tenders are invited for the following works:**

| Sl. No. | Name of Work | Name of Division | Bid Identification No. | Approx. Value of work | Bid Security (through on-line transfer / as per DTCN) (In Rs.) | Period of Completion | Availability and Submission of Tender (Online) |
|---|---|---|---|---|---|---|---|
| 1 | Renovation of Budhanga Distributary from RD 0.00 Km to 7.00 Km of Sakhigopal Branch Canal System | Puri Irrigation Division | OCCL-HQP/40/24-25 | Rs.7.32 Crore | Rs.7,32,000/- | 9 (Nine Calendar Months) | From 06/07/2024, 03.30 PM to 20/07/2024, 5.30 PM |
| 2 | Renovation of Sukal Distributary from RD 0.00 Km to 5.00 Km of Sakhigopal Branch Canal System | | OCCL-HQP/41/24-25 | Rs.7.32 Crore | Rs.7,32,000/- | | |
| 3 | Renovation of Sukal Distributary from RD 15.80 Km to 24.00 Km of Sakhigopal Branch Canal System | | OCCL-HQP/42/24-25 | Rs.7.32 Crore | Rs.7,32,000/- | | |
| 4 | Renovation of Delang Distributary from RD 18.640 Km to 24.395 Km of Sakhigopal Branch Canal System | | OCCL-HQP/43/24-25 | Rs.3.78 Crore | Rs.3,78,000/- | | |
| 5 | Renovation of Madhipur Minor from RD 0.00 Km to RD 5.30 Km & Anantapur Minor from RD 0.00 Km to RD 2.704 Km under Kanas Branch Canal System | | OCCL-HQP/44/24-25 | Rs.7.16 Crore | Rs.7,16,000/- | | |
| 6 | Improvement to road on Daya Left embankment 24.500 Km to 27.00 Km. | | OCCL-HQP/45/24-25 | Rs.2.26 Crore | Rs.2,26,000/- | 9 (Nine Calendar Months) | |
| 7 | Improvement to road on Bhargavi Right embankment from village Biranarasinghpur to Dobandha from RD 48.00 Km to 48.600 Km & RD 51.100 Km to 55.500 Km. | | OCCL-HQP/46/24-25 | Rs.2.28 Crore | Rs.2,28,000/- | | |
| 8 | Improvement to road on Bhargavi left Embankment from RD 58.20 Km to 62.700 Km. | | OCCL-HQP/47/24-25 | Rs.2.25 Crore | Rs.2,25,000/- | | |
| 9 | Improvement to Road on right bank service road of Sakhigopal Branch Canal from RD 28900 M to 30910 M & from 3330 M to 35180 M | | OCCL-HQP/48/24-25 | Rs.2.30 Crore | Rs.2,30,000/- | | |
| 10 | Re-sectioning & Cement Concrete Lining of Sirol Main Canal of Titilagarh Irrigation Project Stage-I from RD 700 M to 2537 M | Balangir Irrigation Division | OCCL-LSSP/04/24-25 | Rs.2.29 Crore | Rs.2,29,000/- | | |
| 11 | Re-sectioning & Cement Concrete Lining of Titilagarh Main Canal of Titilagarh Irrigation Project Stage-II from RD 1390.00 M to 4230.00 M | | OCCL-LSSP/05/24-25 | Rs.2.30 Crore | Rs.2,30,000/- | | |
| 12 | Re-sectioning & Cement Concrete Lining from RD 57.00 Km to 58.246 Km of Ong Main Canal of Ong Irrigation Project, Sonepur | Tel Irrigation Division | OCCL-LSSP/06/24-25 | Rs.2.30 Crore | Rs.2,30,000/- | | |

**Procurement Officer : Managing Director, OCCL**
**Date of Opening of the Tender : 22.07.2024, 12.00 Noon onwards**
**Further details can be seen from the e-Procurement Portal: https://www.tendersodisha.gov.in.**
**OIPR-34120/11/0012/2425** **Sd./- Managing Director**



## ROURKELA DEVELOPMENT AUTHORITY
RDA
**UDITNAGAR, ROURKELA-769012**
**No.478/RDA, Dated 13.6.24**
**PROCLAMATION**

**No. CAD-260:**It is hereby informed to the General Public that, Santosh Kumar Matagajsingh, S/o- Late Uchhaba Matagajsingh has applied for mutation of House No.M/83, under CHP-I, Chhend Rourkela-15, in his favour consequent upon death of his father Late Uchhaba Matagajsingh. Anybody has got objection to the proposed mutation, he/she may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary, Rourkela Development Authority**
**OIPR-13250/11/0009/2425**



**GOVERNMENT OF ODISHA**
**DEPARTMENT OF WATER RESOURCES**
## Office of the Superintending Engineer Barpali Irrigation Division, Barpali
E-mail Id: ee.barpali.canal@gmail.com
**'e' Procurement Notice No.01/2024-25**
**BID IDENTIFICATION NO. BID 01 (01 TO 10)/ 2024-25 (ONLINE) DATED 13.06.2024**
**No.A-45:**

| | | |
|---|---|---|
| 1. | Type of the Work | : Improvement to Canal Service Road & Canal Structures. |
| 2. | No. of Works | : 10 (Ten) Nos. |
| 3. | Class of Contractor | : "D" & "C" |
| 4. | Bid Identification No. | : BID 01 (01 to 10)/ 2024-25 |
| 5. | Estimate Cost | : 6.30 Lakhs to 19.94 Lakhs |
| 6. | Period of Completion | : As per DTCN |
| 7. | Date and Time of availability of bid documents in the Portal | : Dt.20.06.2024 at 11.00 AM to Dt.29.06.2024 upto 5.00 P.M. |
| 8. | Last date/time for receipt of bids in the Portal | : Dt.29.06.2024 upto 5.00 PM |
| 9. | Date of Opening of Bid | : Dt.01.07.2024 at 11.00 AM |
| 10. | Date of Lottery | : 06.07.2024 at 11.00 A.M. |

1. Any addendum/ Corrigendum/Cancellation of tender can also be seen in the said website.
2. Further details can be seen from Government Website http://tenderodisha.gov.in.

**Sd./- Superintending Engineer**
**Barpali Irrigation Division, Barpali**
**OIPR-32413/11/0001/2425**



## OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL, CHIEF ELECTRICAL INSPECTOR (ODISHA)
**POWER HOUSE SQUARE, UNIT-V, BHUBANESWAR**
**TEL. NO. 0674-2394873, Fax: 2391255/ 2391024**
**Email: sdaorissa@nic.in/eic-epcei@nic.in**

**Engagement of Consultant on temporary basis in Energy Conservation wing of Engineer in Chief (Electricity)–cum–Principal Chief Electrical Inspector, Odisha, Bhubaneswar Office**

No. AA-03: Engineer-in-Chief cum Principal Chief Electrical Inspector under the Department of Energy, Govt. of Odisha, as the State Designated Agency (SDA), Odisha for Energy Conservation activities invites applications from eligible candidates for engagement as Consultant in Energy Conservation wing of the undersigned. One Consultant is required in general awareness under Energy Conservation activities. The last date of receipt of completed applications is 04.07.2024.

For further details and to download the application forms, please visit the website: **eicelectricityodisha.nic.in**, Email-: **sdaorissa@nic.in**.

The authority reserves the right to accept / reject any application without assigning any reason thereof.

**Sd./- EIC (E)-cum-PCEI & SDA (Odisha)**
**OIPR-04066/11/0002/2425**



**[GOVERNMENT OF ODISHA]** No. B-23
## OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH
E-mail – eepwdbgh@gmail.com Phone/Fax-06646–234819
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-SE PWD BGH No.01 OF 2024-25**
**No. 2933, Dated: 13.06.2024**

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Double Cover** System in **ONLINE MODE** for the **Civil Works (Civil+El+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building work: – **08 Nos.**
3) Cost of Tender Paper: – **Rs.10,000/- & Rs.6,000/-**
4) Class of contractor:– **"B", "C" & "D" Class Contractor**
5) Date & Time of available in website & receipt of Bids: – **11.00 Hrs. of 20.06.2024 to 17.00Hrs. of 01.07.2024**
6) Date of opening of Technical Bid: – **02.07.2024 at 11.30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

**Sd./- Executive Engineer,**
**Bargarh (R&B) Division**
OIPR-34039/11/0001/2425



## Office of the Principal
## Model Degree College, Sonepur
Letter No. 625/MDCS; Date: 18.06.24
**Advertisement for Walk in Interview**

No. N-22:- Walk in Interview for the engagement of Guest Faculty in Anthropology, Economics, Education, Political Science, Sociology, Botany, Chemistry, Mathematics and Physics will be held in the college premises as per the schedule given below.

| Date | Time | Subject |
|---|---|---|
| 25.06.2024 | 10 AM onwards | Anthropology, Economics, Education |
| 27.06.2024 | 10 AM onwards | Political Science, Sociology, Botany |
| 29.06.2024 | 10 AM onwards | Chemistry, Mathematics, Physics |

Candidates with minimum 55% Marks in Master's Degree are required to come with their Bio-data. Original certificates, Mark sheets, Experience certificate & Certificates of higher qualification if any along with photocopies of the certificates and 2 passport size photographs.

No TA/DA will be allowed for attending the interview.

**Sd./- Principal**
OIPR-11042/11/0001/2425 **Model Degree College, Sonepur**



**GOVT. OF ODISHA**
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI
**AT/PO: PARALAKHEMUNDI, DIST: GAJAPATI**
**PHONE NO.: 06815-222365, e-mail: eemi_gajapati@yahoo.co.in**
**e-Procurement Notice No. 1154 Date: 07.06.2024**
**BID IDENTIFICATION NO. MIDGJP-01/2024-2025**

No. A-50:- The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single** Cover System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N.)** from the eligible class of contractors.

1. Name of the work: **Improvement to MIPs under "RR&R Scheme-2024-2025".**
2. No. of works: **6 Nos. (Six)**
3. Estimated cost: Varies approximately from **Rs.27.90 Lakhs to 49.10 Lakhs**
4. Period of completion: **06 (Six) Calendar months.** (Including Rain Season)
5. Date and time of availabiity of bid documents in the portal: From **10.00 Hours of 28.06.2024 to 17.00 Hours of 06.07.2024.**
6. Last date/time for receipt of bids in the portal: **17.00 Hours of 06.07.2024.**
7. Date of opening of bid: **11.00 Hours on 08.07.2024.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/PO- Paralakhemundi, Dist-Gajapati. PIN-761200

Further details can be seen from the e-procurement portal **https://tendersodisha.gov.in**

**Sd./- 07.06.2024, Er. P. Jagannath,**
**Superintending Engineer**
OIPR-32013/11/0003/2425 **MI Division, Gajapati, Paralakhemundi**



# ଦୋଛକିରେ ମୃଣାଳ

ମୃଣାଳ ଠାକୁର ଏବେ ଲଣ୍ଡନରେ ଡେରା ପକାଇଛନ୍ତି। ହେଲେ ସେ ସେଠାକୁ କାହିଁକି ଯାଇଛନ୍ତି ଜାଣନ୍ତି ? ଯେହେତୁ ଶୁଟିଂରୁ ଏବେ ଟିକେ ଫୁରସତ ମିଳିଛି ତେଣୁ ମାଇଣ୍ଡ ଫ୍ରେଶ୍ କରିବାକୁ ସେ ସେଠାକୁ ଯାଇଛନ୍ତି। କିନ୍ତୁ ଏପଟେ ଟେନ୍‌ସନ ସତେଯେମିତି ତାଙ୍କର ପିଛା ଛାଡ଼ିବାକୁ ନାରାଜ। ତାହାର କାରଣ ହେଲା ବିକିନି। କଥା କ'ଣ କି ଲଣ୍ଡନରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ମଧ୍ୟ ଅପ୍‌ଲୋଡ୍ କରିଛନ୍ତି। ଆଉ ତା'ପରେ ଏଭଳି ଫଟୋ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଶେଷରେ ଏ ନେଇ ବାଧ୍ୟ ହୋଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ସେ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି ବୋଲି କେହି କେହି କହୁଛନ୍ତି। ହେଲେ ସତ କଥା ହେଲା କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ।' ମୃଣାଳଙ୍କ ହାତରେ ଏବେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଅଫର ରହିଛି। ଯେହେତୁ ଏ ନେଇ ଆଲୋଚନା ଚାଲିଛି, ତେଣୁ ଏ ନେଇ ବିସ୍ତୃତ ସୂଚନା ଦେବାକୁ ଉଚିତ ମଣିନାହାନ୍ତି ସେ।

# ଯାହା ଭାବୁଥିଲେ ସମ୍ବିତ

କଥାରେ ଅଛି- ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। କଥା କ'ଣ କି ସମ୍ବିତ ଏବେ ରିଲିଜ୍ ଅପେକ୍ଷାରେ ଥିବା ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଫିଲ୍ମ 'ହେ ରାମ : କର୍ମ ହିଁ ଭଗବାନ'ରେ ଏକ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍‌ନାକୁ ଆସୁଛନ୍ତି। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଡିଫରେଣ୍ଟ।' ଉକ୍ତ ଚିତ୍ରରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆର୍ଲିନ ଅଙ୍କିତା।


ସମ୍ବିତ

## ରିଲିଜ୍ ଅପେକ୍ଷାରେ..

# ସୀତା

ନୂଆ ଓଡ଼ିଆ ସିନେମା 'ସୀତା' ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାହାଣୀ ରଚନା କରିଛନ୍ତି ଅଭିନେତାରୁ ନିର୍ଦ୍ଦେଶକ ସାଜିଥିବା ଅଶ୍ୱିନୀ ତ୍ରିପାଠୀ। କେବଳ ସେତିକି ନୁହେଁ, ଏହି ଫିଲ୍ମର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଚିତ୍ରଟିର ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ଅଶ୍ୱିନୀ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ସମାଜରେ ଅନେକ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ସେଭଳି ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି। ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଏଥିରେ ଦେବଯାନୀଙ୍କ ବ୍ୟତୀତ ସମରେଶ ରାଉତରାୟ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଏବଂ ପିଙ୍କି ପ୍ରଧାନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


'ସୀତା' ଫିଲ୍ମର ଏକ ଦୃଶ୍ୟ


# ଦିଶାଙ୍କୁ ବୋରିଂ ଲାଗିଲେ...

ଦିଶା ପଟାନି ଯେତେବେଳେ ବାହାରକୁ ଯାଆନ୍ତି, ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନଥାଏ, ତେବେ ମାର୍କେଟ୍‌ରୁ କିଣିନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି? ଚା' ପ୍ୟାକେଟ୍। ଅସଲ କଥା ହେଲା ଦିଶା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଚା' ପ୍ୟାକେଟ ନେଇଯାଆନ୍ତି। ବୋରିଂ ଲାଗିଲେ ତାଙ୍କୁ ଲୋଡ଼ା କେବଳ ଚା' କପେ। ଏ ନେଇ ଦିଶା କହନ୍ତି, 'ମୋ ଭ୍ୟାନିଟ୍‌ରେ ସବୁବେଳେ ୩-୪ ପ୍ୟାକେଟ ଚା' ଥାଏ। ପୁଣି ଚା' ପ୍ରସ୍ତୁତ କରିବାକୁ ସରଞ୍ଜାମ ସାଙ୍ଗରେ ନେବାକୁ ଭୁଲି ନ ଥାଏ। ଏପରି କି ଶୁଟିଂ ସେଟ୍‌ରେ ନିଜେ ଚା' ପ୍ରସ୍ତୁତ କରି ପିଇଥାଏ। ସତରେ ବୋରିଂ ଲାଗୁଥିଲେ ସେସମୟରେ ମୋତେ କପେ ଚା' ହିଁ ଫୁଲ୍ ରିଫ୍ରେଶମେଣ୍ଟ ଦେଇଥାଏ। ତେଲୁଗୁ ଫିଲ୍ମ 'ଲୋଫର'ରୁ (୨୦୧୫) ଦିଶାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇ ଥିଲା। ଠିକ୍ ଏହାର ବର୍ଷକ ପରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଧୋନୀ : ଦ ଅନଟୋଲ୍ଡ ଷ୍ଟୋରି'। ତା'ପରେ ସେ 'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ-୨, 'ଏକ ଭିଲେନ୍ ରିଟର୍ନ୍ସ' ଏବଂ 'ୟୋଦ୍ଧା' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ତେଲୁଗୁ-ହିନ୍ଦୀ ଭାଷାରେ ନିର୍ମିତ ତଥା ଚଳିତ ମାସ ୨୭ରେ ରିଲିଜ ହେଉଥିବା 'କଲ୍‌କି ୨୮୯୮ ଏଡି'ରେ ଦିଶାଙ୍କୁ ଦେଖିବାକୁ ମିଳିବ।


ଦିଶା

# ସତ ହେଲା ଆକଳନ

ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଯାହା ଆକଳନ କରିଥିଲେ, ତାହା ସତରେ ପରିଣତ ହୋଇଛି। କଥା କ'ଣ କି ତାଙ୍କ ଅଭିନୀତ, ହିମାଦ୍ରି ତନୟ ଦାସଙ୍କ ପ୍ରଯୋଜିତ ଏବଂ ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର 'କୁହୁଡ଼ି' ଚଳିତବର୍ଷ ରଜରେ ମୁକ୍ତିଲାଭ କରିଛି। ଏକ ପାରିବାରିକ କଥାବସ୍ତୁକୁ ନେଇ କାହାଣୀ ଗତିଶୀଳ। ଇତିମଧ୍ୟରେ ସିନେମାଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବା ସହ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ହଁ, ଯେତେବେଳେ ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲିଥିଲା ସେତେବେଳେ ଅନୁଭବ ଏପରି ଆକଳନ କରିଥିଲେ, ଯାହା ଏବେ ସତରେ ପରିଣତ ହୋଇଛି। ପ୍ରଥମ ଥର ପାଇଁ ଅନୁଭବ ବଡ଼ ପରଦାରେ ଓକିଲ ଭୂମିକାରେ ଅଭିନୟ କରିବା ସହ ନିଜ ଅଭିନୟ ଦକ୍ଷତାର ପରିଚୟ ମଧ୍ୟ ଦେଇଛନ୍ତି। ଏହି ଫିଲ୍ମରେ ତାଙ୍କ ବ୍ୟତୀତ ଦ୍ୱିପନ୍ୱିତ ଦାସମହାପାତ୍ର, ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର, କୁନା ତ୍ରିପାଠୀ, ଶକ୍ତି ବରାଳ ଓ ସୁକୁମାର ଟୁଡୁ, ସୁଶୀଲ ମିଶ୍ର ଏବଂ ଶିଶୁ କଳାକାର ପିହୁ ଓ ଦୀକ୍ଷା ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଚାର, ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।


'କୁହୁଡ଼ି' ଫିଲ୍ମରେ ଅନୁଭବ

# ଅପେକ୍ଷା ଶୁଭ ଦିନକୁ

ଚନ୍ଦନ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟ୍‌ଲର'। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଚଳିତବର୍ଷ ଜୁନ୍‌ରେ ରିଲିଜ୍ ହେବାକୁ ଥିବା 'ହିଟଲର' ଫିଲ୍ମଟି ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଏହାର ପ୍ରଯୋଜକ। ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ହିଟଲର' ଫିଲ୍ମରେ ଦୀପକ-ଅର୍ଲିନ ଅଙ୍କିତା

## ଅପେରା ହାଲ୍‌ଚାଲ୍‌କ

# ଚ୍ୟାଲେଞ୍ଜ ଦେବ ଯାତ୍ରା ଯାଜ୍ଞସେନୀ

ଆସନ୍ତା ଯାତ୍ରା ସିଜନରେ ଏକ ବିଗ୍‌ବଜେଟ ତଥା ଷ୍ଟାର ଷ୍ଟଡେଡ୍ ନୂଆ ଅପେରା ପାର୍ଟି ଆତ୍ମପ୍ରକାଶ କରିଛି। 'ଯାତ୍ରା ଯାଜ୍ଞସେନୀ' ନାମରେ ନାମିତ ଏହି ପାର୍ଟିରେ ଜଲିଉଡ୍‌ର ନାମୀ କଳାକାରଙ୍କୁ ଦେଖିବାକୁ ମିଳିବ। ତା' ସହ ଯାତ୍ରା ଦର୍ଶକଙ୍କୁ ଶତ ପ୍ରତିଶତ ହାଇଭୋଲ୍‌ଟେଜ ମନୋରଞ୍ଜନ ଦେବାକୁ ଏହି ପାର୍ଟି ଦୃଢ଼ ପ୍ରତିଶ୍ରୁତି ଦେଉଛି ବୋଲି କହନ୍ତି ଏହାର ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ପଣ୍ଡା। ୨୦୨୪-୨୫ ପାଇଁ ଏହାର ଆଖଡ଼ା ପୂଜା ଚଳିତ ମାସ ୨୧ରେ ଯାଜପୁରସ୍ଥ ଷଠିପୁର ଲିଙ୍ଗେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପାର୍ଟି ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ନୂଆ ନାଟକଗୁଡ଼ିକ ହେଲା- 'ତୁ ଥା ମୁଁ ଯାଉଛି ରୁଷି' (ରଚନା- ଡ. ଦୀପକ ଜେନା, ନିର୍ଦ୍ଦେଶନା- ମହେଶ ହାଜରା), 'ଆଖିର ଦୋଷ ନା ଲୁହର ଦୋଷ' (ରଚନା-ସୁଧାଂଶୁ ନାୟକ, ନିର୍ଦ୍ଦେଶନା : ଅଶ୍ରୁମୋଚନ ମହାନ୍ତି), 'ପାଞ୍ଚ ପତିରେ ମୁଁ କାହିଁକି ସତୀ' (ରଚନା-ଜୀବନ ଜେନା, ନିର୍ଦ୍ଦେଶନା- ତାପସ ସ୍ୱାଇଁ) ଏବଂ ହର ବାରିକଙ୍କର 'କାହାର କ'ଣ ହଜିଛି'। ମା' ହିଙ୍ଗୁଳା ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ନିବେଦିତ ତଥା ଆଡ୍‌ଭୋକେଟ ସୁଦୀପ୍ତା ସିଂହଙ୍କ ପ୍ରଯୋଜିତ ଏହି ପାର୍ଟିରେ ଏଥର ଧନଶର୍ଙ୍ଖାଳି, ଉତ୍ତମ, ମିନୁ ମହାପାତ୍ର, ଅଭିନ୍ନ ପାଢ଼ୀ, ଗୁଲ୍ଲୁ, ନୀଲ୍, କେପି, ତାପସ କୁମାରୀ, ବର୍ଷା (ସିରିଏଲ୍), ରୂପା, ଲିଲି, ଗଗନ ପଣ୍ଡା, ରମାକାନ୍ତ, ଆଦିକନ୍ଦ, କେଞ୍ଝୁଆ, ଲିଜା ଏବଂ ଟିକିଙ୍କୁ ଦେଖିବାକୁ ମିଳିବ। ଉପସ୍ଥାପନା ଦାୟିତ୍ୱ ତୁଲାଇବେ ମିଳନ ଏବଂ ସୁମି।


ପ୍ରଭାତ କୁମାର ପଣ୍ଡା

# ମନ ବଳାଇଛନ୍ତି କିଆରା

କିଆରା ଆଡ୍‌ଭାନୀଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ସହ ସେ ସମାଜସେବା ମଧ୍ୟ କରିବେ। ଏଥିପାଇଁ ସେ ଏକ ଗ୍ରୁପ୍ ଗଠନ କରିଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, 'ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ସମାଜସେବା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। ତା'ସହ କେତେ ଜଣ ନାମୀ ସମାଜସେବୀଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ଏବେ ନିଜକୁ ମୁଁ ଏ କାମରେ ସାମିଲ କରିବି ବୋଲି ମାଇଣ୍ଡ ମେକ୍‌ଅପ କରିସାରିଛି। ମୋର କେତେ ଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଆମେ ଏକାଠି ହୋଇ ସମାଜସେବା କରିବା ସହ ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବୁ। ତା'ସହ ସମାଜ ସେବା ବିଷୟବସ୍ତୁକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।' ତେବେ ଏ କ୍ଷେତ୍ରରେ କିଆରା କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


କିଆରା




# କୋହଲି, କୁଲଦୀପଙ୍କ ଉପରେ ନଜର

## ଆଜି ଆଫଗାନିସ୍ତାନକୁ ଭେଟିବ ଭାରତ

ବାର୍ବାଡୋସ୍,୧୯।୬(ପି.ଟି.)

ଟି୨୦ ବିଶ୍ୱକପ୍‌ର ସୁପର୍‌-୮ରେ ଗ୍ରୁପ୍ ଏ'ରେ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଗୁରୁବାର ଆଫଗାନିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ସୁପରଷ୍ଟାର ବିରାଟ କୋହଲି ଓ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ବଡ ମ୍ୟାଚ୍‌ର ଖେଳାଳି ବିରାଟ କୋହଲିଙ୍କ ବ୍ୟାଟ ଚଳିତ ଟୁର୍ନାମେଣ୍ଟରେ ଅଦ୍ୟାବଧି ନୀରବ ରହିଛି। ଆମେରିକୀୟ ପରିବେଶରୁ ଆସି ୱେଷ୍ଟଇଣ୍ଡିଜରେ ପହଞ୍ଚିଥିବା କୋହଲିଙ୍କ ଫର୍ମରେ ପରିବର୍ତ୍ତନ ନେଇ ଭାରତୀୟ ଫ୍ୟାନ୍‌ମାନେ ଆଶାବାଦୀ ରହିଛନ୍ତି। ତେବେ ବାର୍ବାଡୋସରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଭାରତର ଚୂଡାନ୍ତ ଏକାଦଶ କ'ଣ ରହିବ ତାକୁ ନେଇ ଦ୍ୱନ୍ଦ୍ୱରେ ଭାରତୀୟ ମ୍ୟାନେଜମେଣ୍ଟ। ଟୁର୍ନାମେଣ୍ଟ ଆରମ୍ଭରୁ ଭାରତ ଏହାର ସମସ୍ତ ମ୍ୟାଚ୍ ନ୍ୟୁୟର୍କରେ ଖେଳିଥିଲା। ୱେଷ୍ଟଇଣ୍ଡିଜରେ ଭାରତକୁ ଅତିରିକ୍ତ ସ୍ପିନର ଖେଳାଇବାକୁ ପଡିବ। ଏପରି ସ୍ଥିତିରେ ଭାରତ କାହାକୁ ବାଦ ଦେଇ କୁଲଦୀପ ଯାଦବଙ୍କୁ ସାମିଲ କରିବ ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ହେଲେ ଭାରତ ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦେଇପାରେ। ସିରାଜ ବାହାରେ ବସିବାର ସମ୍ଭାବନା ଅଧିକ। ଭାରତୀୟ ଦଳର ଅଭ୍ୟାସ ସେସନ୍ ଉପରେ ନଜର ପକାଇଲେ କୁଲଦୀପ ଯାଦବଙ୍କ ଖେଳିବା ସମ୍ଭାବନା ଅଧିକ। ସେହିପରି କେନସିଙ୍ଗଟନ୍ ଓଭାଲ ପିଚ୍‌ରେ ସ୍ପିନରଙ୍କୁ ସହାୟତା ମିଳିଥାଏ। ଅନ୍ୟ ପକ୍ଷରେ ପ୍ରାରମ୍ଭିକ ଓଭର ବା ପାୱାର ପ୍ଲେରେ ଦ୍ରୁତ ବୋଲରଙ୍କୁ ମଧ୍ୟ ସହାୟତା ମିଳିବାର ସମ୍ଭାବନା ରହିଛି।



ବାର୍ବାଡୋସ୍‌ରେ ବୁଧବାର ଅଭ୍ୟାସ ଅବସରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ଅନ୍ୟ ଖେଳାଳିମାନେ।

ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଚଳିତ ଟୁର୍ନାମେଣ୍ଟରେ ଥରେ ମଧ୍ୟ ଦୁଇ ଅଙ୍କ ସ୍କୋରରେ ପହଞ୍ଚି ନାହାନ୍ତି। ଆମେରିକାର ଡ୍ରପ୍ ଇନ୍ ପିଚ୍ ଓ କଷ୍ଟସାଧ୍ୟ ପରିସ୍ଥିତିରେ କୋହଲି ରନ୍ ସ୍କୋର କରିପାରି ନ ଥିଲେ। ତେବେ କାରିବିୟାନ୍ ପରିବେଶରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଫ୍ୟାନମାନେ ଆଶା ରଖିଛନ୍ତି। ଟି୨୦ରେ ଏକ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟରୁ ମଧ୍ୟ ବେଶି ରନ୍ ଆସି ନାହିଁ। ତେବେ ଆମେରିକା ବିପକ୍ଷ ମ୍ୟାଚ୍‌ରେ ଖେଳିଥିବା ଇନିଂସ ତାଙ୍କୁ ନିଶ୍ଚୟ ଆତ୍ମବିଶ୍ୱାସ ପ୍ରଦାନ କରିବ। ସେହିପରି ଅଧିନାୟକ ରୋହିତ ଶର୍ମା ଓ ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟରୁ ମଧ୍ୟ ଏଯାଏ ରନ୍ ଆସିନାହିଁ। ଯଶପ୍ରୀତ୍ ବୁମ୍‌ରା ଚଳିତ ଟୁର୍ନାମେଣ୍ଟରେ ଭାରତର ଗୋ ଟୁ ବୋଲର ରହିଛନ୍ତି। ଅର୍ଶଦୀପ ସିଂ ଉଭୟ ପାୱାର ପ୍ଲେ ଓ ଡେଥ୍ ଓଭରରେ ବୁମ୍‌ରାଙ୍କ ଡେପୁଟି ରହିଛନ୍ତି। ସେହିପରି ସ୍ଲୋ ଟ୍ରାକ୍‌ରେ ଉଭୟ ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରିବ ଭାରତ।

ଆଫଗାନିସ୍ତାନର ବୋଲିଂ ଚଳିତ ଟୁର୍ନାମେଣ୍ଟରେ ସବୁଠାରୁ ପ୍ରଭାବୀ ରହି ଆସିଛି। ତେବେ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଆନ ବ୍ୟାଟର ଯେଉଁଭଳି ଆକ୍ରମଣାତ୍ମକ ବ୍ୟାଟିଂ କଲେ ତାହା ଅଧିନାୟକ ରଶିଦ ଖାନଙ୍କ ପାଇଁ ସାମାନ୍ୟ ଚିନ୍ତାର ବିଷୟ ହେବ। ଫଜଲ୍ଲକ ଫାରୁକି ଦଳ ପକ୍ଷରୁ ୧୨ ଉଇକେଟ ନେଇ ଟୁର୍ନାମେଣ୍ଟର ହାଇଏଷ୍ଟ ଉଇକେଟ ଟେକର ରହିଛନ୍ତି।

# ଡିକକ୍‌ଙ୍କ ପ୍ରଭାବୀ ବ୍ୟାଟିଂ

ଆଣ୍ଟିଗୁଆ, ୧୯।୬

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସୁପର-୮ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ଆମେରିକା ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକା କ୍ୱିଣ୍ଟନ ଡିକକ୍‌ଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ୨୦ ଓଭରରେ ୪ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ଆମେରିକା ୬ ଓଭରରେ ୨ ଉଇକେଟ ହରାଇ ୫୩ ରନ କରିଛି।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ**
ସ୍ଥାନ: ସେଣ୍ଟ ଲୁସିଆ
ସମୟ: ସକାଳ ୬ଟା

**ଭାରତ ବନାମ ଆଫଗାନିସ୍ତାନ**
ସ୍ଥାନ: ବାର୍ବାଡୋସ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ମାତ୍ର ୧୬ ରନରେ ରିଜା ହେଣ୍ଡ୍ରିକ୍ସଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର କ୍ୱିଣ୍ଟନ ଡିକକ୍ ଓ ଅଧିନାୟକ ଏଡେନ ମାରକ୍ରମ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। କେବଳ ସେତିକି ନୁହେଁ ଦୁହେଁ ମାତ୍ର ୬୦ ବଲ୍‌ରୁ ୧୧୦ ରନ ଯୋଡ଼ି ଦଳର ବୃହତ୍ ସ୍କୋରପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରି ଦେଇଥିଲେ। ୧୩ତମ ଓଭରରେ ହରମିତ ସିଂଙ୍କ ବଲ୍‌ରେ ଡିକକ୍ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଡିକକ୍ ୪୦ ବଲ୍‌ରୁ ୭ ଚୌକା ଓ ୫ ଛକା ସହାୟତାରେ ସର୍ବାଧିକ ୭୪ ରନ ସ୍କୋର କରିଥିଲେ। ଡେଭିଡ ମିଲର ଖାତା ଖୋଲି ନ ପାରି ଡକ୍ (୦)ରେ ପ୍ୟାଭିଲିୟନ ଫେରିଥିବାବେଳେ ମାରକ୍ରମ ୩୨ ବଲ୍‌ରୁ ୪୬ ରନର ଅଧିନାୟକ ଇନିଂସ ଖେଳିଥିଲେ। ଶେଷଭାଗରେ ହେନରିଚ୍ କ୍ଲାସେନ ୨୨ ବଲ୍‌ରୁ ୩୬ ଓ ଟ୍ରିଷ୍ଟନ ଷ୍ଟବ୍ସ ୨୦ ରନରେ ଅପରାଜିତ ରହିବାରୁ ଦକ୍ଷିଣ ଆଫ୍ରିକା ସ୍କୋର ୧୯୪ରେ ପହଞ୍ଚି ଯାଇଥିଲା। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୩୦ ବଲ୍‌ରୁ ୫୩ ରନର ଭାଗୀଦାରି ଗଢ଼ିଥିଲେ। ଆମେରକା ପକ୍ଷରୁ ସୌରଭ ନେତ୍ରାଭଲ୍କର ଓ ହରମିତ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ୫ ଜଣଯାକ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୯୪/୪ (କ୍ୱିଣ୍ଟନ ଡିକକ୍-୭୪, ଏଡେନ ମାରକ୍ରମ-୪୬, ହେନରିଚ୍ କ୍ଲାସେନ-୩୬*, ଟ୍ରିଷ୍ଟନ ଷ୍ଟବ୍ସ-୨୦*, ସୌରଭ ନେତ୍ରାଭଲ୍କର-୨/୨୧, ହରମିତ ସିଂ-୨/୨୪)।


ଶଟ୍ ଖେଳିବା ଅବସରରେ କ୍ୱିଣ୍ଟନ ଡିକକ୍।

# କୋହଲିଙ୍କୁ ଭେଟିଲେ ୱେସ୍‌ଲୀ ହଲ୍



ବିରାଟ କୋହଲିଙ୍କୁ ପୁସ୍ତକ ପ୍ରଦାନ ଅବସରରେ ୱେସ୍‌ଲୀ ହଲ୍।

ବ୍ରିଜ୍‌ଟାଉନ୍,୧୯।୬(ପି.ଟି.)

କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ୍ ପେସ୍ ବୋଲର ୱେସ୍‌ଲୀ ହଲ୍ ମଙ୍ଗଳବାର ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କୁ ଭେଟିଥିଲେ। ୬୦ ଦଶକର ଏହି ଦୁର୍ଦ୍ଧର୍ଷ ବୋଲର ଜଣଙ୍କ କୋହଲିଙ୍କୁ ଭେଟିବା ସହ ତାଙ୍କୁ ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବରେ ବର୍ଣ୍ଣନା କରିଛନ୍ତି। ନିଜ ଜୀବନରେ ଏକାଧିକ କିମ୍ବଦନ୍ତୀଙ୍କୁ ଦେଖିଥିବା ହଲ୍ କୋହଲିଙ୍କୁ ଶ୍ରେଷ୍ଠ ବୋଲି କହିଛନ୍ତି। ମଙ୍ଗଳବାର ଭାରତୀୟ ଦଳ କେନସିଙ୍ଗଟନ୍ ଓଭାଲରେ ଅଭ୍ୟାସ କରିଥିବା ବେଳେ ହଲ୍ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ୍ ଓ ବିରାଟ କୋହଲିଙ୍କୁ ସେ ନିଜର ଆତ୍ମଜୀବନୀ ପ୍ରଦାନ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ୪୮ ଟେଷ୍ଟ ମ୍ୟାଚ୍ ଖେଳିଥିବା ହଲ୍ ବର୍ତ୍ତମାନ ସମୟର ୱେଷ୍ଟଇଣ୍ଡିଜ କ୍ରିକେଟକୁ ନେଇ ଆଶଙ୍କା ଜାହିର କରିଥିଲେ। ମିଲିୟନ୍ ଡଲାର କଣ୍ଟ୍ରାକ୍ଟ ଛାଡି ଦେଶ ପାଇଁ ଖେଳିବାକୁ ପ୍ରାଥମିକତା ଦେବା ବର୍ତ୍ତମାନର କ୍ରିକେଟରଙ୍କ ପାଇଁ ଅସମ୍ଭବ। ତେବେ ଏହା ଟେଷ୍ଟ କ୍ରିକେଟ ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ବାର୍ବାଡୋସର କ୍ରୀଡାମନ୍ତ୍ରୀ ରହି ସାରିଥିବା ହଲ୍ ଅଭ୍ୟାସ ପରେ ବିରାଟ କୋହଲିଙ୍କ ସହିତ ବେଶ୍ କିଛି ସମୟ ଆଲୋଚନା କରିଥିଲେ। ହଲ୍ କହିଥିଲେ ଅନେକ କିମ୍ବଦନ୍ତୀ କ୍ରିକେଟରଙ୍କ ଜୀବନୀକୁ ମୁଁ ଅନୁସରଣ କରିଛି, ଯାହା ମଧ୍ୟରୁ ତୁମେ ଅନ୍ୟତମ। ତୁମେ ଭାରତ ପାଇଁ ଆହୁରି ଅନେକ ବର୍ଷ ଖେଳ ବୋଲି କହିଥିଲେ ୱେସ୍‌ଲୀ ହଲ୍।

# ଅଧିନାୟକ ପଦରୁ ୱିଲିୟମସନ୍‌ଙ୍କ ଇସ୍ତଫା

**କ୍ରିଷ୍ଟଚର୍ଚ୍ଚ, ୧୯।୬ (ପି.ଟି.):** ଟି୨୦ ବିଶ୍ୱକପରେ ବିଫଳତା ପରେ ବୁଧବାର ନ୍ୟୁଜିଲାଣ୍ଡ ଅଧିନାୟକ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି କେନ୍ ୱିଲିୟମସନ୍। ଏପରିକି ସେ ୨୦୨୪-୨୫ ବର୍ଷ ପାଇଁ କେନ୍ଦ୍ରୀୟ ଚୁକ୍ତିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଶ୍ୱକପ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବାରେ ନ୍ୟୁଜିଲାଣ୍ଡ ବିଫଳ ହେବାର ୨ ଦିନ ମଧ୍ୟରେ ୱିଲିୟମସନ୍ ଏହି ନିଷ୍ପତ୍ତି ନେଇଛନ୍ତି। ଦଳକୁ ଆଗକୁ ନେବାକୁ ମୁଁ ସର୍ବଦା ପ୍ରାଥମିକତା ଦେଇଥାଏ। ସେହି ଦିଗରେ ଅଧିକ ଅବଦାନ ଦେବା ଲାଗି ମୁଁ ଅଧିନାୟକ ପଦ ଛାଡୁଛି ବୋଲି କହିଛନ୍ତି ୱିଲିୟମସନ୍। ବର୍ତ୍ତମାନ ପରିବାରକୁ ଅଧିକ ସମୟ ଦେବା ଲାଗି ଆଗ୍ରହୀ ଥିବା କାରଣରୁ ସେ କେନ୍ଦ୍ରୀୟ ଚୁକ୍ତିରେ ନିଜକୁ ସାମିଲ କରି ନ ଥିବା କହିଛନ୍ତି। ଡିସେମ୍ବର ୨୦୨୨ରେ ଟେଷ୍ଟ ଅଧିନାୟକ ପଦ ଛାଡିଥିବା ୱିଲିୟମସନ୍ କହିଛନ୍ତି ବର୍ତ୍ତମାନ କ୍ରିକେଟ ବାହାରର ଦୁନିଆ ତାଙ୍କ ପାଇଁ ବଦଳି ଯାଇଛି। ନ୍ୟୁଜିଲାଣ୍ଡ ପାଇଁ ଖେଳିବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି କହିଛନ୍ତି ୱିଲିୟମସନ୍। ନଭେମ୍ବର-ଡିସେମ୍ବର ମଧ୍ୟରେ ନ୍ୟୁଜିଲାଣ୍ଡ ୮ ଟେଷ୍ଟ ଖେଳିବ। କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ଖେଳାଳିଙ୍କ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ସହିତ ନ୍ୟୁଜିଲାଣ୍ଡର ଘରୋଇ ଟି୨୦ ସିରିଜ୍ ଖେଳିବା ବାଧ୍ୟତାମୂଳକ। ଏହି ସମୟ ମଧ୍ୟରେ ବିଭିନ୍ନ ଅନ୍ତର୍ଜାତୀୟ ଟି୨୦ ଲିଗ୍‌ରେ ଖେଳିବା ପାଇଁ ଚୁକ୍ତିବଦ୍ଧ ଥିବାରୁ ସେ କେନ୍ଦ୍ରୀୟ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି କହିଛନ୍ତି ୱିଲିୟମସନ୍।

# ଭାରତର ରୋମାଞ୍ଚକ ବିଜୟ

ବେଙ୍ଗାଲୁରୁ,୧୯।୬

ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ମହିଳା ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚରେ ରୋମାଞ୍ଚକ ବିଜୟ ହାସଲ କରିଛି ଭାରତ। ୪ ରନ୍‌ରେ ଜିତିବା ସହ ଆଗୁଆ ସିରିଜ୍ ଜିତିବାରେ ସମର୍ଥ ହୋଇଛି ଭାରତ। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୩ ଉଇକେଟରେ ୩୨୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଚମତ୍କାର ବ୍ୟାଟିଂ କରିଥିଲେ ହେଁ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୩୨୧ ରନ୍ କରିଥିଲା। ଭାରତ ପକ୍ଷରୁ ସ୍ମୃତି ମନ୍ଧାନା ୧୩୬ ରନ୍ କରିଥିବା ବେଳେ ହରମନ୍‌ପ୍ରୀତ ଅପରାଜିତ ୧୦୩ ରନ୍ କରିଥିଲେ। ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟରେ ସପ୍ତମ ଦିନିକିଆ ଶତକ ହାସଲ କରି ମିଥାଲି ରାଜଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ମିଥାଲି ୨୩୨ ଦିନିକିଆରୁ ୭ ଶତକ ମାରିଥିବା ବେଳେ ୮୪ ତମ ଦିନିକିଆ ମ୍ୟାଚ୍‌ରୁ ଏହି ସଫଳତା ହାସଲ କରିଛନ୍ତି। ଅନ୍ତିମ ଓଭରରେ ଦକ୍ଷିଣ ଆଫ୍ରିକାକୁ ବିଜୟ ପାଇଁ ୧୧ ରନ୍ ଆବଶ୍ୟକ ଥିବା ବେଳେ ପୂଜା ବସ୍ତ୍ରକାରଙ୍କ ପ୍ରଥମ ୨ ବଲ୍‌ରୁ ୫ ରନ୍ ଆସିଥିଲା। ପରବର୍ତ୍ତୀ ୨ ବଲ୍‌ରେ ସେ ଦୁଇଟି ଉଇକେଟ ନେଇଥିଲେ। ୫ ନମ୍ବର ବଲ୍‌ରୁ ବାଇରେ ୧ ରନ୍ ଆସିଥିବା ବେଳେ ଅନ୍ତିମ ବଲ୍ ଡଟ୍ ହୋଇଥିଲା। ଫଳରେ ଭାରତ ୪ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୌରା ଓଲ୍ଭାର୍ଡ୍ଟ ୧୩୫ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟ ପକ୍ଷରେ ଅଭିଜ୍ଞ ମାରିଜେନ୍ କାପ୍ ୧୧୪ ରନ୍ କରିଥିଲେ। ଦିନିକିଆ ଅନ୍ତର୍ଜାତୀୟରେ ଗୋଟିଏ ମ୍ୟାଚ୍‌ରେ ୪ ଶତକ ପ୍ରଥମ ଥର ଦେଖିବାକୁ ମିଳିଛି। ପୂର୍ବରୁ ୨୦୧୮ରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ୩ଟି ଶତକ ସ୍କୋର ହୋଇଥିଲା।

ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ମନ୍ଧାନା(୧୩୬) ଓ ଶେଫାଳି ବର୍ମା (୨୦) ପ୍ରଥମ ଉଇକେଟରେ ୩୮ ରନ୍ ଯୋଡିଥିଲେ। ପରେ ଚିନ୍ନାସ୍ୱାମୀରେ ହରମନ୍‌ପ୍ରୀତ ଓ ସ୍ମୃତି ମନ୍ଧାନାଙ୍କ ଶୋ ଦେଖିବାକୁ ମିଳିଥିଲା। ଉଭୟ ତୃତୀୟ ଉଇକେଟରେ ୧୭୧ ରନ୍ ଯୋଡିଥିଲେ। ମନ୍ଧାନା ୧୨୦ ବଲ୍ ଖେଳି ୧୮ ଚୌକା ଓ ୨ ଛକା ସହାୟତାରେ କ୍ୟାରିୟର ଶ୍ରେଷ୍ଠ ୧୩୬ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଶେଷ ଯାଏ ଅପରାଜିତ ରହିଥିବା ହରମନ୍‌ପ୍ରୀତ ୮୮ ବଲ୍ ଖେଳି ୧୦୩ ରନ୍ କରିଥିଲେ। ଏହି ଇନିଂସରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ନୋନ୍‌କୁଲୁଲେକୋ ମାଲବା ୨, ମାସାବାତା କ୍ଲାସ୍ ଗୋଟିଏ ଉଇକେଟ ନେଇଥିଲେ।


ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭ କରି ୬୭ ରନ୍‌ରେ ୩ ଉଇକେଟ ହରାଇଥିଲା। ଏହାପରେ ଚତୁର୍ଥ ଉଇକେଟରେ ୧୮୪ ରନ୍‌ର ପାର୍ଟନରଶିପ୍ କରିଥିଲେ ଲୌରା ଓଲ୍ଭାର୍ଡ୍ଟ ଓ ମାରିଜେନ୍ କାପ୍। କାପ୍ ୯୪ ବଲ୍ ଖେଳି ୧୧ ଚୌକା ଓ ୩ ଛକା ସହ ୧୧୪ ରନ୍ କରିଥିଲେ। କାପ୍ ଆଉଟ ହେବା ପରେ ଲୌରା ଓଲ୍ଭାର୍ଡ୍ଟ ଗିୟର ବଦଳାଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ୭ ଓଭରରୁ ୭୭ ରନ୍ ଦରକାର ଥିବା ବେଳେ ଓଲ୍ଭାର୍ଟ ଓ ନାଡିନ୍ ଡି କ୍ଲର୍କ ୬୯ ରନ୍ ଯୋଡିଥିଲେ। ଲୌରା ଓଲ୍ଭାର୍ଡ୍ଟ ୧୩୫ ବଲ୍ ଖେଳି ୧୨ ଚୌକା ଓ ୩ ଛକା ମାରିଥିଲେ। ଭାରତ ପକ୍ଷରୁ ପୂଜା ବସ୍ତ୍ରକାର, ଦୀପ୍ତି ଶର୍ମା ୨ଟି ଲେଖାଏ, ସ୍ମୃତି ମନ୍ଧାନା, ଅରୁନ୍ଧତୀ ରେଡ୍ଡୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହରମନ୍‌ପ୍ରୀତ୍ କୌରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୨୫/୩(ସ୍ମୃତି ମନ୍ଧାନା-୧୩୬, ହରମନପ୍ରୀତ୍ କୌର-୧୦୩*, ରିଚା ଘୋଷ-୨୫, ନୋନ୍‌କୁଲୁଲେକୋ ମାଲବା-୨/୫୧, ମାସାବାତା କ୍ଲାସ୍-୧/୬୭)। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୨୧/୬( ଲୌରା ଓଲ୍ଭାର୍ଡ୍ଟ-୧୩୫*, ମାରିଜେନ୍ କାପ୍-୧୧୪, ନାଡିନ୍ ଡି କ୍ଲର୍କ-୨୮, ପୂଜା ବସ୍ତ୍ରକାର-୨/୫୪, ଦୀପ୍ତି ଶର୍ମା-୨/୫୬, ସ୍ମୃତି ମନ୍ଧାନା-୧/୧୩)।

## ମନ୍ଧାନା, ହରମନପ୍ରୀତଙ୍କ ଶତକ




ଶତକ ହାସଲ ପରେ ଭାରତର ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନା।

# ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ମିଥ୍‌ଙ୍କ ବିଶ୍ୱରେକର୍ଡ

ଇଣ୍ଡିଆନାପଲିସ, ୧୯।୬ (ଏପି)

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅନୁଷ୍ଠିତ ୟୁଏସ୍ ସୁଇମିଂ ଟ୍ରାଏଲ୍ସର ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି ରୋଗାନ ସ୍ମିଥ। ୨୨ ବର୍ଷୀୟ ମିନେସୋଟା ବାସିନ୍ଦା ସ୍ମିଥ ୫୭.୧୩ ସେକେଣ୍ଡ ସମୟ ନେଇ ବିଶ୍ୱ ରେକର୍ଡ କରିଥିଲେ। ପୂର୍ବରୁ ଅଷ୍ଟ୍ରେଲିଆର କେଲି ମ୍ୟାକକ୍ୟୋନ



ଗୋଟିଏ ବର୍ଷ ପୂର୍ବରୁ ୫୭.୩୩ ସେକେଣ୍ଡ ନେଇ ରେକର୍ଡର ଅଧିକାରୀ ଥିଲେ। ଦୀର୍ଘ ୫ ବର୍ଷ ବ୍ୟବଧାନରେ ସ୍ମିଥ ଏହି ଇଭେଣ୍ଟରେ ବିଶ୍ୱ ରେକର୍ଡକୁ ପୁଣି ନିଜ ନାମରେ କରିବାକୁ ସମର୍ଥ ହୋଇଛନ୍ତି। ୨୦୧୯ରେ ସେ ଯେତେବେଳେ ମାତ୍ର ୧୭ ବର୍ଷର ଥିଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ବିଶ୍ୱ ରେକର୍ଡ କରିଥିଲେ। ମାତ୍ର ପରେ ମ୍ୟାକକ୍ୟୋନ ଏହାକୁ ଭାଙ୍ଗିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୦/୨୦୨୪ Bhubaneswar, Thursday, June 20/ 2024

# ଷ୍ଟପେଜ୍ ଟାଇମ୍ ଗୋଲ୍‌ରେ ଜିତିଲା ପର୍ତ୍ତୁଗାଲ

**ଲିପଜିଗ୍, ୧୯।୬(ପି.ଟି.)**

ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ଫ୍ରାନସିସ୍କୋ କୋନ୍ସେଇକାଓଙ୍କ ଷ୍ଟପେଜ୍ ଟାଇମ୍ ଗୋଲ୍ ବଳରେ ୟୁରୋ କପ୍ ୨୦୨୪ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ପର୍ତ୍ତୁଗାଲ। ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ପର୍ତ୍ତୁଗାଲ ୨-୧ ଗୋଲରେ ଚେକ୍ ରିପବ୍ଲିକ୍‌କୁ ପରାସ୍ତ କରିଥିଲା। ଚେକ୍ ରିପବ୍ଲିକ୍ ପକ୍ଷରୁ ଲୁକାସ୍ ପ୍ରୋଭୋଡ୍ ୬୨ ମିନିଟରେ ଗୋଟିଏ ଗୋଲ୍ ଦେଇଥିଲେ। ଫ୍ରାନସିସ୍କୋ କୋନ୍ସେଇକାଓ

## ୟୁରୋ କପ୍ ଫୁଟ୍‌ବଲ

୯୦+୨ ମିନିଟରେ ବିଜୟ ସୂଚକ ଗୋଲ ଦେଇଥିବା ବେଳେ ୬୯ ତମ ମିନିଟରେ ରବିନ୍ ହାର୍ନାକ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ୯୦ ମିନିଟ ଯାଏ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ପୋର୍ଟୋ ଖ୍ରିଙ୍ଗର ଫ୍ରାନସିସ୍କୋ କୋନ୍ସେଇକାଓ ସବ୍‌ଷ୍ଟିଚ୍ୟୁଟ ଭାବରେ ଆସିଥିଲେ। ପଡିଆକୁ ଆସିବାର ୨ ମିନିଟ ମଧ୍ୟରେ ସ୍କୋର କରି ସେ ଦଳକୁ ବିଜୟୀ କରିଥିଲେ। ଏହି ବିଜୟ ପରେ ଦଳର ବେଞ୍ଚ ଷ୍ଟ୍ରେନ୍ଥକୁ ପ୍ରଶଂସା କରିଛନ୍ତି ପର୍ତ୍ତୁଗାଲ କୋଚ୍ ରବର୍ଟୋ ମାର୍ଟିନେଜ। ୨୦୦୦ ମସିହାର ସମାନ ଦିନରେ ଫ୍ରାନସିସ୍କୋ କୋନ୍ସେଇକାଓଙ୍କ ପିତା ସର୍ଗିଓ ଜର୍ମାନୀ ବିପକ୍ଷରେ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଡିଫେଣ୍ଡିଂ ଚାମ୍ପିୟନ ଦଳକୁ ବିଦା କରିଥିଲେ।

ରେକର୍ଡ ଷଷ୍ଠ ଥର ପାଇଁ ୟୁରୋ କପ୍ ଖେଳୁଥିବା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଏକାଧିକ ପ୍ରୟାସକୁ ଚେକ୍ ରିପବ୍ଲିକ୍ ଗୋଲ୍‌କିପର ଜିନଡ୍ରିଚ୍ ଷ୍ଟାନେକ୍ ନିଷ୍ଫଳ କରି ଦେଇଥିଲେ। ଅନ୍ୟପକ୍ଷରେ ୪୧ ବର୍ଷୀୟ ଡିଫେଣ୍ଡର ପେପେ ୟୁରୋ କପ୍ ଖେଳିବାର ସବୁଠାରୁ ବୟସ୍କ ଖେଳାଳିର ମାନ୍ୟତା ହାସଲ କରିଥିଲେ। ୬୨ତମ ମିନିଟରେ ପ୍ରଥମେ ଗୋଲ ବରଣ କରିବା ପରେ ପର୍ତ୍ତୁଗାଲ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ୬୯ ତମ ମିନିଟରେ ନୁନୋ ମେଣ୍ଡେସ୍ ଏକ ହେଡର କରିଥିଲେ। ଏହାକୁ ରିପବ୍ଲିକ୍ ଗୋଲ୍ କିପର ଜିନଡ୍ରିଚ୍ ଷ୍ଟାନେକ୍ ଡିଫ୍ଲେକ୍ଟ କରିଥିବା ବେଳେ ଡିଫେଣ୍ଡର ରବିନ୍ ହାର୍ନାକଙ୍କ ସିନ୍ ପ୍ୟାଡରେ ବାଜି ଏହା ଗୋଲ ପୋଷ୍ଟକୁ ପ୍ରବେଶ କରିଥିଲା। ମ୍ୟାଚ୍ ୧-୧ ସ୍ଥିତିକୁ ଆସିବା ପରେ ମଧ୍ୟ ପର୍ତ୍ତୁଗାଲକୁ ସଂଘର୍ଷ କରିବାକୁ ପଡିଥିଲା। ୮୭ ତମ ମିନିଟରେ ରୋନାଲ୍ଡୋଙ୍କ ଏକ ଗୋଲ ଅଫ୍‌ସାଇଡ ହୋଇଯାଇଥିଲା। ୯୦ ତମ ମିନିଟରେ ଫ୍ରାନସିସ୍କୋ କୋନ୍ସେଇକାଓଙ୍କୁ ସବ୍‌ଷ୍ଟିଚ୍ୟୁଟ ଭାବରେ ଓହ୍ଲାଇଥିଲେ ରବର୍ଟୋ। ପେଡ୍ରୋ ନେଟୋଙ୍କ ପାସ୍‌କୁ ଅଟକାଇବାରେ ରବିନ୍ ହାର୍ନାକ ବିଫଳ ହୋଇଥିବା ବେଳେ ଏହା ଫ୍ରାନସିସ୍କୋ କୋନ୍ସେଇକାଓଙ୍କ ପାଇଁ ଉପହାର ଭାବରେ ରହିଥିଲା। ଗୋଲ ପୋଷ୍ଟର ବାମ ପଟକୁ ମାରିବା ସହ ସେ ପର୍ତ୍ତୁଗାଲ ପାଇଁ ୨ ପଏଣ୍ଟ ଅର୍ଜନ କରିଥିଲେ। ମଙ୍ଗଳବାର ଅନ୍ୟ ଏକ ମ୍ୟାଚ୍‌ରେ ତୁର୍କୀ ୩-୧ ଗୋଲରେ ଜର୍ଜିଆକୁ ପରାସ୍ତ କରିଛି। ତୁର୍କୀ ପକ୍ଷରୁ ମେଟ ମୁଲ୍ଡୁର (୨୫), ଆର୍ଦା ଗୁଲର(୬୫) ଓ ମହମ୍ମଦ କେରେମ(୯୦+୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ପଦାର୍ପଣକାରୀ ଜର୍ଜିଆ ପକ୍ଷରୁ ଜର୍ଜେସ୍ ମିକାଉଟାଡଜେ ୩୨ ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ।

ବୁଧବାର ଖେଳା ଯାଇଥିବା ମ୍ୟାଚ୍‌ରେ କ୍ରୋଏସିଆ ସହିତ ୨-୨ରେ ମ୍ୟାଚ୍ ଡ୍ର ରଖିଛି ଆଲବାନିଆ। ଆଲବାନିଆ ପକ୍ଷରୁ କାଜିମ୍ ଲାକି (୧୧) ଓ କ୍ଲାଉସ୍ ଗଜାସୁଲା(୯୦+୫) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କ୍ରୋଏସିଆ ପକ୍ଷରୁ ଆନ୍ଦ୍ରେଜ କ୍ରାମରିକ୍ (୭୪) ମିନିଟରେ ଗୋଟିଏ ଗୋଲ୍ ଦେଇଥିଲେ। ୭୬ ମିନିଟରେ କ୍ଲାଉସ୍ ଗଜାସୁଲା ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ।


ଚେକ୍ ରିପବ୍ଲିକର ରବିନ୍ ହାର୍ନାକ (ବାମରୁ ଦ୍ୱିତୀୟ)ଙ୍କ ଆତ୍ମଘାତୀ ଗୋଲ ଅବସରରେ ଚାହିଁ ରହିଛନ୍ତି ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ।


ଚେକ୍ ରିପବ୍ଲିକ ବିପକ୍ଷରେ ଗୋଲ ଦେବାପରେ ଉଲ୍ଲସିତ ପର୍ତ୍ତୁଗାଲର ଫ୍ରାନ୍‌ସିସ୍କୋ କୋନ୍ସେଇକାଓ।



ରାଜ୍ୟ ୧୭ ବର୍ଷରୁ କମ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ ।

# ଭାରତରେ ଫୁଟ୍‌ବଲ ଏକାଡେମୀ ବନ୍ଦ କଲା ବାର୍ସିଲୋନା

**ନୂଆଦିଲ୍ଲୀ, ୧୯।୬(ପି.ଟି.):** ଭାରତରେ ଥିବା ଏହାର ସମସ୍ତ ଫୁଟ୍‌ବଲ ଏକାଡେମୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ଏଫ୍‌ସି ବାର୍ସିଲୋନା। ଲା ମାସିଆ ପ୍ରୋଗ୍ରାମ ଅଧୀନରେ ୧୪ ବର୍ଷ ତଳେ ଭାରତରେ ଏହି ଏକାଡେମୀ ଖୋଲା ଯାଇଥିଲା। ଦିଲ୍ଲୀ ଏନ୍‌ସିଆର, ମୁମ୍ବାଇ, ବେଙ୍ଗାଲୁରୁ ଓ ପୁଣେରେ ଏହି ଏକାଡେମୀଗୁଡିକ ଜୁଲାଇ ୧ ତାରିଖରୁ ବନ୍ଦ କରାଯିବ। ୨୦୧୦ରୁ ବାର୍ସିଲୋନା ଭାରତରେ ଏକାଡେମୀ ଖୋଲିଥିବା ବେଳେ ହଜାର ହଜାର ଶିଶୁ ଏଠାରେ ପ୍ରଶିକ୍ଷିତ ହେଉଥିଲେ। କ୍ଲବ ୱେବ୍‌ସାଇଟରେ ଏହା ବନ୍ଦ ହେଉଥିବା କୁହାଯାଇଥିବା ବେଳେ କୌଣସି ସ୍ପଷ୍ଟ କାରଣ ଦିଆଯାଇନାହିଁ। ଦୀର୍ଘଦିନ ଧରି କ୍ଲବରେ ପ୍ରଶିକ୍ଷିତ ହେଉଥିବା ଶିଶୁମାନଙ୍କ ପରିବାରକୁ କ୍ଲବ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

# ଓସାକା, ରାଡୁକାନୁ, ଓଜନିଆକି, କର୍ବରଙ୍କୁ ୱାଇଲ୍ଡ କାର୍ଡ

**ୱିମ୍ବଲଡନ (ଇଂଲଣ୍ଡ), ୧୯।୬ (ଏପି)**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଗ୍ରାସ୍‌କୋର୍ଟ ଟେନିସ ଟୁର୍ନାମେଣ୍ଟ ଜୁଲାଇ ୧ରୁ ଆରମ୍ଭ ହେବାକୁ ଯାଉଛି। ଏହି ମର୍ଯ୍ୟାଦାସମ୍ପନ୍ନ ପ୍ରତିଯୋଗିତା ପାଇଁ ନାଓମି ଓସାକା, କାରୋଲିନ ଓଜନିଆକି, ଆଞ୍ଜେଲିକ୍ କର୍ବର ଓ ଇମା ରାଡୁକାନୁ ଆଦି ପୂର୍ବତନ ଗ୍ରାଣ୍ଡସ୍ଲାମ ଚାମ୍ପିୟନମାନଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ଓସାକା ହେଉଛନ୍ତି ୪ଥର ମେଜର ଚାମ୍ପିୟନଶିପ୍ ବିଜୟିନୀ ଏବଂ ପୂର୍ବତନ ନଂ-୧। ସେହିପରି ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ କର୍ବର ମା' ହେବା ପରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବର୍ତ୍ତମାନ ୧୧୩ତମ ର୍‍ୟାଙ୍କରେ ଥିବା ଓସାକା ଏକମାତ୍ର ଖେଳାଳିଭାବେ ଗତ

## ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ

ଫ୍ରେଞ୍ଚ୍ ଓପନରେ ଟପ୍ ର୍‍ୟାଙ୍କିଙ୍ଗପ୍ରାପ୍ତ ଇଗା ସ୍ୱିଟେକଙ୍କ ବିପକ୍ଷରେ ଏକ ସେଟ୍ ଜିତିବାରେ ସକ୍ଷମ ହୋଇଥିଲେ। ଗତ ସପ୍ତାହରେ ୱିମ୍ବଲଡନର ୱାର୍ମଅପ୍ ଇଭେଣ୍ଟ ଏସ-ହର୍ଟୋଗେନବଶ୍ଚ ଟୁର୍ନାମେଣ୍ଟରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବତନ ୟୁଏସ୍ ଓପନ ଚାମ୍ପିୟନ ରାଡୁକାନୁ ୨୦୨୧ ୱିମ୍ବଲଡନର ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ୨୦୨୩ରେ କଚଟି ଓ ଗୋଇଠିରେ ଅସ୍ତ୍ରୋପଚାର କରାଇଥିବା ରାଡୁକାନୁ ୨ ବର୍ଷ ବ୍ୟବଧାନରେ ୱିମ୍ବଲଡନରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। କର୍ବର ୨୦୧୮ରେ ୱିମ୍ବଲଡନ ଚାମ୍ପିୟନ ଏବଂ ୨୦୧୬ରେ ଅଲ୍ ଇଂଲଣ୍ଡ କ୍ଲବରେ ରନରଅପ୍ ହୋଇଥିଲେ। ସେ ଜଣେ ପୂର୍ବତନ ଟପ୍ ର୍‍ୟାଙ୍କପ୍ରାପ୍ତ ଖେଳାଳି। ସେହିପରି ଓଜନିଆକି ମାତୃତ୍ୱଲାଭ ପରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ପୂର୍ବରୁ ସେ କେବେହେଲେ ୱିମ୍ବଲଡନରେ ୪ର୍ଥ ରାଉଣ୍ଡ ଅତିକ୍ରମ କରିନାହାନ୍ତି। ୨୦୧୯ ପରେ ପ୍ରଥମଥର ପାଇଁ ସେ ଏଠାରେ ଖେଳିବେ। ବ୍ରିଟିଶ୍ ଖେଳାଳି ଫ୍ରାନ୍ସେସ୍କା ଜୋନ୍ସ, ହିଥର ୱାଟସନ ଓ ୟୁରିକୋ ମିୟାଜାକିଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ମୁଖ୍ୟ ଡ୍ର'ରେ ଆଉ ଗୋଟିଏ ୱାଇଲ୍ଡ କାର୍ଡ ସ୍ଥାନ ପୂରଣ ହେବାକୁ ଅଛି।

# ୧୭ ବର୍ଷରୁ କମ୍ ଚେସ୍: କୌସ୍ତୁଭ, ପ୍ରତ୍ୟାଶା ଚାମ୍ପିୟନ

**କଟକ, ୧୯।୬(କାର୍ତ୍ତିକ ସାହୁ)**

ନିଖିଳ ଓଡ଼ିଶା ଚେସ୍ ସଂଘ ଏବଂ ଆଇଏସ୍ ଚେସ୍ ସେଣ୍ଟର ମିଳିତ ଆନୁକୂଲ୍ୟରେ ମହାନଦୀ ବିହାରସ୍ଥିତ ଋଦ୍ଧିସିଦ୍ଧି ସିଡିଏ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ୧୭ ବର୍ଷରୁ କମ ଚେସ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଓପନ ବର୍ଗର କୌସ୍ତୁଭ ଦାସ, ସ୍ଥିତପ୍ରଜ୍ଞ ସାହୁ, ବାଳିକା ବର୍ଗର ପ୍ରତ୍ୟାଶା ଜେନା, ୟାସିତା ରାଉତ ଯଥାକ୍ରମେ ଚାମ୍ପିୟନ ଓ ରନରଅନ୍ ହୋଇଛନ୍ତି। ଏହି ୪ ଖେଳାଳି ଜୁଲାଇରେ ଚଣ୍ଡିଗଡ଼ରେ ହେବାକୁ ଥିବା ଜାତୀୟ ୧୭ ବର୍ଷରୁ କମ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏଥିସହ ବିକାଶ କୁମାର ଲେଙ୍କା, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ଆର୍ଯ୍ୟାନ ବେହେରା, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଜ୍ୟୋତ୍ସ୍ନା ତାଲୁକଦାର, ପ୍ରତ୍ୟୁଷ ନାୟକ, ମନୀଷ ମିଶ୍ର ଓ ଶିୟମ ସତ୍ୟାଂଶ କ୍ରମାନ୍ୱୟରେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରି ଟ୍ରଫି, ମାନପତ୍ର ସହ ଅର୍ଥ ରାଶି ପାଇ ପୁରସ୍କୃତ ହୋଇଛନ୍ତି। ସେହିପରି ବାଳିକା ବର୍ଗରେ ଜୟଲକ୍ଷ୍ମୀ ସାହୁ, ଦ୍ରିଷ୍ଟି ପ୍ରଧାନ, ଇଶାନି ଦାସ, ପ୍ରୀତିଶା ମିତ୍ର, ଜ୍ୟୋତିକା ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଋତୁଶ୍ରୀ ଋତୁପ୍ରଭା ସାହୁ ଓ ନୈନିକା ସାହୁ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରି ଟ୍ରଫି ମାନପତ୍ର ଓ ଅର୍ଥ ରାଶି ପାଇ ପୁରସ୍କୃତ ହୋଇଛନ୍ତି। ଆଇଏସ୍ ଚେସ୍ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜ୍ୟ ଚେସ୍ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ, ସାମାଜିକ କର୍ମୀ ସଞ୍ଜୟ ଜେନା, କର୍ପୋରେଟର ସୁବ୍ରତ ଘଡ଼େଇ, ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, ଅମର ମହାନ୍ତି, ଅନ୍ତର୍ଜାତୀୟ ଆର୍ବିଟର୍ ଭବେଶ ମହାନ୍ତି, ସନ୍ତୋଷ ମହାପାତ୍ର, ପ୍ରଶାନ୍ତ ବିହାରୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଏବଂ ତାଙ୍କ ଝିଅ ଆଂଶିକା ରାଉତରାୟ।

# ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ରେ ମାର୍କୁସ ଷ୍ଟୋଇନିସ ନଂ.୧

**ଦୁବାଇ, ୧୯।୬ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଆଫଗାନିସ୍ତାନର ମହମ୍ମଦ ନବିଙ୍କୁ ହଟାଇ ଅଷ୍ଟ୍ରେଲିଆର ମାର୍କୁସ ଷ୍ଟୋଇନିସ ନଂ.୧ ସ୍ଥାନ ଅଧିକାର କରିଛନ୍ତି। ଚଳିତ ଟି୨୦ ବିଶ୍ୱକପ୍‌ରେ ଷ୍ଟୋଇନିସ ୬ ଉଇକେଟ ନେବାସହ ବ୍ୟାଟିଂରେ ମଧ୍ୟ ଭଲ ପ୍ରଦର୍ଶନ କରି ଅଷ୍ଟ୍ରେଲିଆକୁ ସୁପର-୮କୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଷ୍ଟୋଇନିସ ଗୋଟିଏ ସ୍ଥାନ ଉପରକୁ ଉଠିଥିବାବେଳେ ନବି ୩ଟି ସ୍ଥାନ ତଳକୁ ଖସି ୪ର୍ଥରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହସରଙ୍ଗା ଓ ବାଂଲାଦେଶର ଶକିବ ଅଲ୍ ହାସନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ର୍‍ୟାଙ୍କିଙ୍ଗ୍‌ରେ ପ୍ରତିଫଳିତ ହୋଇଛି। ବାମହାତୀ ସ୍ପିନର ଅକିଲ ହୋସେନ ୬ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛନ୍ତି। ଇଂଲଣ୍ଡ ସ୍ପିନର ଆଦିଲ ରଶିଦ ଶୀର୍ଷରେ ରହିଛନ୍ତି। ଆଲଜାରି ଜୋସେଫ ୬ ସ୍ଥାନ ଉଠି ୧୧ ଏବଂ ଗୁଡାକେଶ ମୋତି ୧୬ ସ୍ଥାନ ଉପରକୁ ଆସି ୧୩ଶରେ ସ୍ଥାନ ପାଇଛନ୍ତି। ବ୍ୟାଟର ତାଲିକାରେ ଭାରତର ସୂର୍ଯ୍ୟ କୁମାର ଯାଦବ ଶୀର୍ଷରେ ରହିଛନ୍ତି।

# ଖେଳାଳିଙ୍କ ଦକ୍ଷତା ବଢ଼ାଇବ ଇନ୍‌ଡୋର ହଲ୍



ଏମଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଇନ୍‌ଡୋର ହଲ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୯।୬ (ତପନ ସ୍ୱାଇଁ)**

କଟକ ଗୁରୁଡ଼ିଝାଟିଆସ୍ଥିତ କପୁରସିଂଠାରେ ଥିବା ଏମ୍‌ଜିଏମ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଭିତ୍ତିଭୂମି ପରିବର୍ଦ୍ଧିତ ହୋଇଛି। ଏଠାରେ ଏକ ଅତ୍ୟାଧୁନିକ କ୍ରିକେଟ ଇନ୍‌ଡୋର ହଲ୍ ବୁଧବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଟିମ୍ ଇଣ୍ଡିଆ ବୋଲିଂ କୋଚ୍ ଭରତ ଅରୁଣ ଏହି ଇନ୍‌ଡୋର ହଲ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭେଙ୍କଟପତି ରାଜୁ, ପୂର୍ବତନ ଭାରତୀୟ ଫିଲ୍ଡିଂ କୋଚ୍ ଆର. ଶ୍ରୀଧର, ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି ଏବଂ ଓସିଏ ଓ ଏମ୍‌ଜିଏମ୍‌ର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ଷମ ହୋଇଥିବା ନୂଆ ଇନ୍‌ଡୋର ହଲ୍‌ର ପ୍ଲେଇଂ ସର୍ଫେସ ୧୨୦x୮୦ ଫୁଟ ଏବଂ ଉଚ୍ଚତା ୨୫ ଫୁଟ। ଏହି ହଲ୍‌ରେ ୬ ଲେନ୍ କୃତ୍ରିମ ଟର୍ଫର ନେଟ୍ ପ୍ରାକ୍ଟିସ ବକ୍ସ ରହିଛି। ଏଥିରୁ ୪ଟି ପେସ୍ ବୋଲର ଓ ୨ଟି ସ୍ପିନରଙ୍କ ପାଇଁ ଉଦ୍ଦିଷ୍ଟ। ପ୍ଲେଇଂ ସର୍ଫେସ ବ୍ୟତୀତ ଏଠାରେ ଖେଳାଳିଙ୍କ ଏକ୍ସରସାଇଜ୍ ପାଇଁ ଅତ୍ୟାଧୁନିକ ଜିମ୍ ମଧ୍ୟ ରହିଛି। ଏହାଛଡ଼ା ଖେଳାଳିଙ୍କ ଆହତ ସମସ୍ୟାର ମୁକାବିଲା ପାଇଁ ଏକ ରିହାବ ସେଣ୍ଟର ମଧ୍ୟ ଉପଲବ୍ଧ। ଏହା ଅଭିଜ୍ଞ ଫିଜିଓଙ୍କ ଦ୍ୱାରା ପରିଚାଳିତ ହେଉଛି। ଗ୍ରାଉଣ୍ଡ ଫ୍ଲୋରରେ ଷ୍ଟୋର ସହିତ ଅଭିଭାବକଙ୍କ ବସିବା ପାଇଁ ସ୍ଥାନ, କାଫେଟେରିଆ

## ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଭିତ୍ତିଭୂମି ପରିବର୍ଦ୍ଧିତ

ଏବଂ ଟେବୁଲ ଟେନିସ କୋର୍ଟ ରହିଛି। ପ୍ରଥମ ମହଲାରେ ମୋଟିଭେଶନ ହଲ୍, ଭିଡିଓ ଆନାଲିସିସ ରୁମ୍, କୋଚ୍‌ଙ୍କ ରୁମ୍ ଆଦି ଉପଲବ୍ଧ ଅଛି। ୩.୫ କୋଟି ଟଙ୍କାରେ ନିର୍ମିତ ନୂଆ ଇନ୍‌ଡୋର ହଲ୍ ପିଲାମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଉଚ୍ଚ ମାନର କୋଚିଂ ପାଇଁ ଗତ ମାର୍ଚ୍ଚ ୧୯ରେ 'କୋଚିଂ ବିୟଣ୍ଡ' ଓ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କୋଚିଂ ବିୟଣ୍ଡ ହେଉଛି ପୂର୍ବତନ ଟିମ୍ ଇଣ୍ଡିଆ କୋଚ୍ ରବି ଶାସ୍ତ୍ରୀ, ବି. ଅରୁଣ ଓ ଆର. ଶ୍ରୀଧରଙ୍କଦ୍ୱାରା ପ୍ରତିଷ୍ଠିତ ଭାରତର ଅନ୍ୟତମ ପ୍ରିମିୟର କ୍ରିକେଟ କୋଚିଂ ଅନୁଷ୍ଠାନ। ଏହି ଅନୁଷ୍ଠାନ ବିଶେଷ କରି ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସର ବୌଦ୍ଧିକ ଓ ବୈଷୟିକ ପାର୍ଟନରଭାବେ କାର୍ଯ୍ୟ କରୁଛି। ଏଠାରେ ଉଚ୍ଚ ମାନର କୋଚିଂ ପ୍ରୋଗ୍ରାମର ଲକ୍ଷ୍ୟ ରଖାଯାଇଛି। କୋଚିଂ ବିୟଣ୍ଡର ପ୍ରତିଷ୍ଠିତ କୋଚ୍‌ଙ୍କ ବ୍ୟତୀତ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ପୂର୍ବତନ ଭାରତୀୟ ଟେଷ୍ଟ କ୍ରିକେଟର ଭେଙ୍କଟପତି ରାଜୁଙ୍କୁ ଜଣେ ପରାମର୍ଶଦାତା କୋଚ୍‌ଭାବେ ଅନୁବନ୍ଧିତ ଅଛନ୍ତି। ଚେନ୍ନାଇ ଓ ହାଇଦ୍ରାବାଦ ପରେ କୋଚିଂ ବିୟଣ୍ଡ ଓଡ଼ିଶାରେ ଏମ୍‌ଜିଏମ ସହ ପାର୍ଟନରଶିପ୍‌ରେ କ୍ରିକେଟ ପ୍ରତିଭାଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେଉଛି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ